R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୧୧
ତିଥି : ଏକାଦଶୀ
୨୫ ଜାନୁଆରୀ ୨୦୨୫, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 111
25 Jan 2025, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ପ୍ରାକ୍ ବଜେଟ୍ ପରାମର୍ଶ ସଭା

## ବିକାଶ, କଲ୍ୟାଣ ଉପରେ ଫୋକସ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୧ (ସବ୍ୟୁ) : ଗତ ବର୍ଷ ପରି ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟାକୁ ଲୋକାଭିମୁଖୀ କରିବା ପାଇଁ ଆମ ସରକାର ପ୍ରେସ୍ ଇସ୍ତାହାର ମାଧ୍ୟମରେ ଜନସାଧାରଣଙ୍କଠାରୁ ବହୁମୂଲ୍ୟ ମତାମତ ଆହ୍ୱାନ କରିଛନ୍ତି । ବିଭିନ୍ନ

### ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୪୦ ହଜାର ନିଯୁକ୍ତି

ମାଧ୍ୟମରେ ଆସୁଥିବା ଏହି ପରାମର୍ଶ ଗୁଡିକୁ ଅନୁଧ୍ୟାନ ଓ ତର୍ଜମା କରି ଚଳିତ ବଜେଟ୍ ରେ ସ୍ଥାନିତ କରାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ଆଜି ଲୋକସେବା ଭବନ କନଭେନସନ ସେଣ୍ଟର ଠାରେ ଆୟୋଜିତ ପ୍ରାକ୍ ବଜେଟ୍ ଆଲୋଚନା ବୈଠକରେ ମୁଖ୍ୟମନ୍ତ୍ରୀ ବିଶେଷଜ୍ଞ, ନାଗରିକ ସମାଜ ଓ ବିଭିନ୍ନ କ୍ଷେତ୍ରର ପ୍ରତିନିଧିଙ୍କ ସହିତ ପ୍ରାକ୍ ବଜେଟ୍ ପରାମର୍ଶ ଆଲୋଚନା କରିଛନ୍ତି ।

ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

ଏହି ବୈଠକରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ପଞ୍ଚାନନ କାନୁନଗୋ, ଶଶୀଭୂଷଣ ବେହେରା, ନିରଞ୍ଜନ ପୂଜାରୀ, ପୂର୍ବତନ ଅର୍ଥ ସଚିବ ରବି ନାରାୟଣ ସେନାପତି, ଉପେନ୍ଦ୍ର ନାଥ ବେହେରା, ବରିଷ୍ଠ ରାଜନେତା ସମୀର ମହାନ୍ତି, ସଜ୍ଜନ ଶର୍ମା ପ୍ରମୁଖ ବିଭିନ୍ନ କ୍ଷେତ୍ରର ପ୍ରାୟ ୨୪ ଜଣ ବିଶିଷ୍ଟ ବ୍ୟକ୍ତି ବଜେଟ୍ ସଂକ୍ରାନ୍ତୀୟ ସେମାନଙ୍କର ସୁଚିନ୍ତିତ ମତାମତ ଦେଇଥିଲେ ।

ବୈଠକ ପରେ ଗଣମାଧ୍ୟମକୁ ନିଜର ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଚଳିତ ବର୍ଷର ବଜେଟ୍ କିପରି ଲୋକାଭିମୁଖୀ ହୋଇପାରିବ ସେ ନେଇ ବୈଠକରେ ସମସ୍ତେ ନିଜର ବହୁମୂଲ୍ୟ ମତାମତ ଦେଇଛନ୍ତି । ଏ ବାବଦରେ ସାଧାରଣ ଲୋକ ଜାନୁଆରୀ ୩୧ ତାରିଖ ସୁଦ୍ଧା ଇ-ମେଲ ଓ ହ୍ୱାଟସ ଅପ୍, ୱେବ୍ ପୋର୍ଟାଲ ମାଧ୍ୟମରେ (୯ ପୃଷ୍ଠାରେ)



## ଆମେରିକାରେ ଥିବା ବେଆଇନ୍ ଭାରତୀୟଙ୍କୁ ଫେରାଇ ଅଣାଯିବ : ଏମ୍ଇଏ

ନୂଆଦିଲ୍ଲୀ, ୨୪।୧: ଭାରତ ବେଆଇନ୍ ଅନୁପ୍ରବେଶର ବିରୋଧୀ କାରଣ ଏହା ଏକ ସଂଗଠିତ ଅପରାଧ । ଯେଉଁ ଭାରତୀୟମାନେ ଆମେରିକାରେ ରହୁଛନ୍ତି ସେମାନଙ୍କ ସଠିକ କାଗଜପତ୍ର ନାହିଁ । ଆମେ ସେମାନଙ୍କୁ ଫେରାଇ ଆଣିବୁ । ଦେଖାଇବା ଜରୁରୀ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମ୍ଇଏ) ମୁଖପାତ୍ର ରଣବୀର ଜୟଶ୍ୱାଲ କହିଛନ୍ତି । ତେବେ କେତେ ସଂଖ୍ୟକ ଏଭଳି ଲୋକ ରହୁଛନ୍ତି ସେ ପ୍ରଶ୍ନର ଉତ୍ତରରେ ଜୟଶ୍ୱାଲ କହିଛନ୍ତି ଯେ, ଏବେଠୁ କହିବା ସମିଚୀନ ନୁହେଁ ।

ତେବେ ଏହି ବେଆଇନ ଅନୁପ୍ରବେଶକାରୀଙ୍କୁ ଆମେରିକାକୁ ଫେରାଇ ଆଣିବା ପରେ ଭାରତକୁ ବାଣିଜ୍ୟ ଓ ଶିଳ୍ପ ବୁଝାମଣା ଉପରେ ପ୍ରଭାବ ପଡିବ ପ୍ରଶ୍ନରରେ ଉତ୍ତରରେ ଜୟଶ୍ୱାଲ କହିଥିଲେ ଯେ ବେଆଇନ ଅନୁପ୍ରବେଶ ଓ ବାଣିଜ୍ୟ ଦୁଇଟି ପୃଥକ ପ୍ରଶ୍ନ । ଆମର ନୀତି ହେଉଛି ବେଆଇନ ଅନୁପ୍ରବେଶ ଉପରେ ଅତ୍ୟନ୍ତ ସ୍ପଷ୍ଟ । ଏହାର କାରଣ ହେଉଛି ଏହା ଏକ ସଂଗଠିତ ଅପରାଧକୁ ସଂଯୋଗ କରିଥାଏ । ବୈଦେଶିକ ସଚିବ ବିକ୍ରମ ମିସ୍ତ୍ରୀ ଚୀନ୍ ଯାଉଛନ୍ତି । ଏହି ପ୍ରସଙ୍ଗରେ ଜୟଶ୍ୱାଲ କହିଛନ୍ତି ଯେ ଜାନୁଆରୀ ୨୬, ୨୭ରେ ସେ ଯିବେ । ସେ ଚୀନ୍‌ର ବୈଦେଶିକ ସଚିବ ଓ ମନ୍ତ୍ରୀଙ୍କୁ (୯ ପୃଷ୍ଠାରେ)

### ସାଇବର ଠକଙ୍କ ଜାଲରେ ବୈଜ୍ଞାନିକ

## ୨.୫୮କୋଟି ଠକିନେଲେ, ଦୁଇ ଗିରଫ

ଭୁବନେଶ୍ୱର, ୨୪।୧ (ସବ୍ୟୁ) : ଭୁବନେଶ୍ୱରର ଜଣେ ବୈଜ୍ଞାନିକଙ୍କ ଠାରୁ ୨.୫୮ କୋଟି ଠକି ନେଇଥିବା ଦୁଇ ଆନ୍ତଃରାଜ୍ୟ ସାଇବର ଠକଙ୍କୁ ମଧ୍ୟପ୍ରଦେଶରୁ ଗିରଫ କରିଛି କ୍ରାଇମ୍‌ବ୍ରାଞ୍ଚ ସାଇବର ୟୁନିଟ୍ । ଟ୍ରାଞ୍ଜିଟ୍ ରିମାଣ୍ଡରେ ଦୁଇ ଠକଙ୍କୁ ଓଡ଼ିଶା ଆଣିଛି କ୍ରାଇମ୍‌ବ୍ରାଞ୍ଚ ।

ଭୁବନେଶ୍ୱରର ଜଣେ ବରିଷ୍ଠ ବୈଜ୍ଞାନିକଙ୍କୁ ସାଇବର ଠକ ଡିଜିଟାଲ ଆରେଷ୍ଟ କରି ଠକିବାରେ ସମର୍ଥ ହୋଇଥିଲେ । ୨୦୨୪ ମସିହାରେ ସେ ଠକେଇର ଶିକାର ହେବା ପରେ କ୍ରାଇମ୍‌ବ୍ରାଞ୍ଚରେ ଅଭିଯୋଗ କରିଥିଲେ । କ୍ରାଇମ୍‌ବ୍ରାଞ୍ଚ ସାଇବର ୟୁନିଟ୍‌ରେ ୪୬/୨୦୨୪ ନମ୍ବରରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା । ସଚିନ କୋଲାନ ଓ ସମୀର ଅଲ୍ଲୀ ନାମକ ଦୁଇ ସାଇବର ଠକଙ୍କୁ ମଧ୍ୟପ୍ରଦେଶରୁ ଗିରଫ କରାଯିବା ପରେ ଠକେଇ ରହସ୍ୟ ଉନ୍ମୋଚିତ ହୋଇଛି ।

ଏକ ଅଜଣା ନମ୍ବରରୁ ୨୦୨୪ (୯ ପୃଷ୍ଠାରେ)

## ଗୋଳା ବାରୁଦ କାରଖାନାରେ ବିସ୍ଫୋରଣ, ୮ ମୃତ

ନୂଆଦିଲ୍ଲୀ, ୨୪।୧: ମହାରାଷ୍ଟ୍ରର ଏକ ଗୁଳିଗୋଳା କାରଖାନାରେ ବିସ୍ଫୋରଣ ଘଟି ୮ ଜଣଙ୍କ ମୃତ୍ୟୁ ଘଟିଛି । ମହାରାଷ୍ଟ୍ରର ବାନ୍ଦ୍ରା ଜିଲ୍ଲାରେ ଥିବା କାରଖାନାରେ ଏଭଳି ଘଟଣା ଘଟିଛି । କେନ୍ଦ୍ରମନ୍ତ୍ରୀ ନୀତିନ ଗଡକାରୀ ୮ ଜଣଙ୍କର ମୃତ୍ୟୁ ହେବା କଥା ପ୍ରକାଶ କରିଛନ୍ତି ଓ ୭ ଜଣ ଆହତ ହୋଇଥିବା ସେ କହିଛନ୍ତି ।

ସେତେବେଳେ ମନ୍ତ୍ରୀ ମୃତ୍ୟୁସଂଖ୍ୟା ୮ କହୁଛନ୍ତି ସେଠାକାର ଜିଲ୍ଲାପାଳ ସଞ୍ଜୟ କୋଲଟେ କହିଛନ୍ତି ଯେ ୪ ଜଣଙ୍କ ମରଶରୀରକୁ ଉଦ୍ଧାର କରାଯାଇଛି ଓ ୫ ଆହତଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି । ଉଦ୍ଧାର କାର୍ଯ୍ୟ ଚାଲିଛି ୪ ଓ ୫ ବ୍ୟକ୍ତି ଫସି ରହିଥିବା ସୂଚନା ମିଳୁଛି । ଜବାହରନଗରରେ ଥିବା ଏହି କାରଖାନରେ ସକାଳ ୧୦.୩୦ ବିସ୍ଫୋରଣ ଘଟିଥିଲା । ବିସ୍ଫୋରଣ ଓ ନିଆଁ ଏଭଳି ତୀବ୍ର ଥିଲା ଯେ ସମ୍ପୃକ୍ତ କୋଠାଟି ଭାଙ୍ଗି ଯାଇଥିଲା । ଏନ୍‌ଡିଆର ଉଦ୍ଧାର କାର୍ଯ୍ୟରେ ତୁରନ୍ତ ଉଦ୍ଧାର କରାଯାଇଛି । ସ୍ୱତନ୍ତ୍ର ଯନ୍ତ୍ରାଂଶ ଜରିଆରେ ଯେଉଁମାନେ ସୁରକ୍ଷା କାର୍ଯ୍ୟରେ ଲିପ୍ତ ଅଛନ୍ତି ସେମାନଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଇଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଘଟଣା ଲାଗି ଗଭୀର (୯ ପୃଷ୍ଠାରେ)

### ୱାକ୍ଅଫ୍ ବିଲ୍ ଜେପିସି ବୈଠକରେ ହଙ୍ଗାମା

## ୧୦ ବିରୋଧୀ ସାଂସଦ ନିଲମ୍ବିତ

ନୂଆଦିଲ୍ଲୀ, ୨୪।୧: ୱାକଫ୍ ସଂଶୋଧିତ ବିଲକୁ ନେଇ ଗଠିତ ଯୁଗ୍ମ ସଂସଦୀୟ କମିଟି (ଜେପିସି) ବୈଠକରେ ଜୋରଧାର ହଙ୍ଗାମା ହୋଇଛି । ବିଜେଡି ସଂସଦ ନିଶିକାନ୍ତ ଦୁବେଙ୍କ ଆଗତ ପ୍ରସ୍ତାବ ଉପରେ ସମସ୍ତ ବିରୋଧୀ ସଦସ୍ୟଙ୍କୁ ନିଲମ୍ବିତ କରାଯାଇଛି । ବିରୋଧୀ ସଦସୀୟମାନେ ଜେପିସି ଅଧ୍ୟକ୍ଷ ଜଗଦମ୍ବିକା ପାଲଙ୍କ ବିରୋଧରେ ବିକ୍ଷୋପ କରୁଥିଲେ । ହଙ୍ଗାମା ଏଭଳି ବଢ଼ିଥିଲା ଯେ, ମାର୍ସଲମାନଙ୍କୁ ଡାକିବାକୁ ପଡିଥିଲା । ହଙ୍ଗାମା ଲାଗି ଅସଦୁଦ୍ଦିନ ଓୱେସି, କଲ୍ୟାଣ ବାନାର୍ଜୀ, ମହମ୍ମଦ ଜାଭେଦ, ନାସିର ହୁସେନ, ମହିବ ଉଲ୍ଲା, ମହମ୍ମଦ ଅବଦୁଲ୍ଲା, ଅରବୀନ ସାମନ୍ତ, ନଦିମ ଉଲ-ହକ୍, ଇମ୍ରାନ ମାସୁଦଙ୍କୁ ନିଲମ୍ବିତ କରାଯାଇଛି । ନିଲମ୍ବିତ ସାଂସଦମାନେ ବାଚସ୍ପତି ଓମ୍ ବିର୍ଲାଙ୍କୁ ଚିଠି ଲେଖିଛନ୍ତି ।

ବିଜେପି ସାଂସଦ ନିଶିକାନ୍ତ ଦୁବେ ଏହି ବିରୋଧୀ ସାଂସଦମାନଙ୍କୁ ନିଲମ୍ବିତ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ । ବିଜେପିର ଅନ୍ୟତମ ସାଂସଦ ଅପରାଜିତା ଷଡଙ୍ଗୀ ମଧ୍ୟ ବିରୋଧୀ ସଦସ୍ୟଙ୍କ ଆଚରଣ ଅତ୍ୟନ୍ତ ବଢୀସ୍ପୃହ ବୋଲି ଅଭିଯୋଗ କରିଥିଲେ । ସେ ଉଲ୍ଲେଖ କରିଥିଲେ ଯେ ସେମାନେ ସବୁ ବେଳେ ବୈଠକରେ ହଟ୍ଟଗୋଳ କରିଛନ୍ତି । ଏଭଳି ଅଭିଯୋଗ ପରେ ବିରୋଧ ୧୦ ସାଂସଦଙ୍କୁ ଗୋଟିଏ ଦିନ ପାଇଁ ନିଲମ୍ବିତ କରାଯାଇଛି । ଆରମ୍ଭ ହୋଇଥିବା ଜେପିସି ବୈଠକ ଆରମ୍ଭ ହେବା ମାତ୍ରେ ହଟ୍ଟଗୋଳ ଆରମ୍ଭ ହୋଇଯାଇଥିଲା । ବିରୋଧୀ ସଦସ୍ୟମାନେ ଅଭିଯୋଗ କରିଥିଲେ ହେଁ ସେମାନଙ୍କୁ (୯ ପୃଷ୍ଠାରେ)



## ଏଚ୍ଏଲ୍‌ସିଏରେ ୩୨,୭୩୬ କୋଟି ନିବେଶକୁ ଅନୁମୋଦନ



ଭୁବନେଶ୍ୱର, ୨୪।୧ (ସବ୍ୟୁ) : ଉଚ୍ଚସ୍ତରୀୟ ମଞ୍ଜୁରୀ କର୍ତ୍ତୃପକ୍ଷ (ଏଚ୍ଏଲ୍‌ସିଏ) ବୈଠକରେ ୮ ନିବେଶ ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଏହି ପ୍ରକଳ୍ପଗୁଡ଼ିକରେ ୩୨ ହଜାର ୭୩୬ କୋଟି ପୁଞ୍ଜି ବିନିଯୋଗ ହେବ ଓ ୧୮ ହଜାର ୬୮୮ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଲକ୍ଷ୍ୟକୁ ସାକାର କରିବାରେ ଶିଳ୍ପ କ୍ଷେତ୍ରରେ ଏହି ବିନିଯୋଗ ବେଶ୍ ଆକର୍ଷଣୀୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏଚ୍ଏଲ୍‌ସିଏ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଉତ୍କର୍ଷ ଓଡ଼ିଶା ୨୦୨୫ ପୂର୍ବରୁ ଏଭଳି ବୃହତ୍ତ ପ୍ରକଳ୍ପକୁ ଅନୁମୋଦନ ସ୍ପଷ୍ଟ ଦର୍ଶାଉଛି ଯେ ରାଜ୍ୟରେ ଏବେ ଶିଳ୍ପ ଅଭିବୃଦ୍ଧି ସୁଦୃଢ଼ୀକରଣ ହୋଇଛି । ଏହି ପୁଞ୍ଜି ବିନିଯୋଗ ହଜାର ହଜାର ନିଯୁକ୍ତି ସୃଷ୍ଟି କରିବା ସହ ଓଡ଼ିଶା (୯ ପୃଷ୍ଠାରେ)

## ମହାକୁମ୍ଭରେ ବୁଡ଼ ପକାଇଲେଣି ୧୦ କୋଟି

ନୂଆଦିଲ୍ଲୀ, ୨୪।୧ : ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭରେ ବର୍ତ୍ତମାନସୁଦ୍ଧା ୧୦ କୋଟି ଶ୍ରଦ୍ଧାଳୁ ବୁଡ ପକାଇସାରିଲେଣି । ବିଦେଶୀ ପର୍ଯ୍ୟଟକଙ୍କୁ ମଧ୍ୟ ଚାଲିଥିବା ମହାକୁମ୍ଭ ଏବେ ବେଶ୍ ଆକର୍ଷଣ କରିଛି । ଗଙ୍ଗା, ଜମୁନା ଓ ସରସ୍ୱତୀର ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଲେ ପୁଣ୍ୟ ହୁଏ ବୋଲି ଏହି ଧାରଣା ରହିଛି । ଗତ ୧୧ ତାରିଖରୁ ଏହି ମେଳା ଆରମ୍ଭ ହୋଇଛି । ଏଥିରେ ବହୁ ସଂଖ୍ୟକ ସାଧୁ, ତୀର୍ଥଯାତ୍ରୀ ବିଶ୍ୱରୁ ଆସିଛନ୍ତି । ରାଜ୍ୟ ସରକାର ଆକଳନ କରିଛନ୍ତି ଯେ ପ୍ରାୟ ୪୫ କୋଟି ଶ୍ରଦ୍ଧାଳୁ ମହାକୁମ୍ଭକୁ ଆସିବେ । ତେବେ ଯଥେଷ୍ଟ ପୂର୍ବରୁ ୧୦ କୋଟି ଶ୍ରଦ୍ଧାଳୁ ବୁଡ ପକାଇ ସାରିଲେଣି । ଗୁରୁବାର କେବଳ ୩୦ ଲକ୍ଷ ଶ୍ରଦ୍ଧାଳୁ ବୁଡ ପକାଇଛନ୍ତି । ସେଥିମଧ୍ୟରୁ ୧୦ ଲକ୍ଷ କଳ୍ପବାସୀ ଅଛନ୍ତି । ମକର ସଂକ୍ରାନ୍ତି ଦିନ ୩.୫ କୋଟି ଲୋକ ବୁଡ ପକାଇ ରେକର୍ଡ କରିଥିଲେ । ସେହିଭଳି ପୌଷ ପୂର୍ଣ୍ଣିମାରେର ୧.୭ କୋଟି ବୁଡ ପକାଇଥିଲେ । (୯ ପୃଷ୍ଠାରେ)




### ଅସହ୍ୟ ହେଲାଣି ଦାଦନ ଯନ୍ତ୍ରଣା

## ପେଟ ଲାଗି ଭିଟାମାଟି ଛାଡୁଛନ୍ତି, ଶବ ହୋଇ ଫେରୁଛନ୍ତି

ବଲାଙ୍ଗିର, ୨୪।୧ (ସବ୍ୟୁ) : ଦୁଇ ମାସ ପୂର୍ବେ ଦାଦନ ଖଟିବାକୁ ଆନ୍ଧ୍ର ପ୍ରଦେଶର ବିଜୟୱାଡା ଯାଇଥିଲେ ବଲାଙ୍ଗିର ସହର ଉପକଣ୍ଠ ଆଟଗାଁର ରଜନୀକାନ୍ତ କୁଅଁରା ଘରୁ ଗଲା ବେଳେ ପରିବାର ଲୋକଙ୍କୁ କହିଥିଲେ ଯେ ସେ ଟଙ୍କା ରୋଜଗାର କରି ପଠାଇବେ। କିନ୍ତୁ ୫ ଦିନ ତଳେ ପରିବାର ଲୋକେ ଖବର ପାଇଲେ ଯେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ବିଜୟୱାଡା ରେଳ ଷ୍ଟେସନରୁ ତାଙ୍କ ରକ୍ତ ଜୁଡୁବୁଡୁ ମୃତଦେହକୁ ଜବତ କରିଥିଲା ଜିଆରପି। ଏହି ଖବର ପାଇବା ପରେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ ଓ ପୁଇଁତଲା ଥାନାର ଦ୍ୱାରସ୍ଥ ହୋଇଥିଲେ। ସେହିପରି ରଜନୀକାନ୍ତଙ୍କ ଶବ ଆଣିବା ପାଇଁ ପ୍ରଶାସନକୁ ଅନୁରୋଧ କରିଥିଲା ଜିଲ୍ଲା ଆଦିବାସୀ ସଂଘ। ରଜନୀକାନ୍ତ(୪୦)ଙ୍କ ମୃତ୍ୟୁ ଖବର ପାଇ ଭାଙ୍ଗି ପଡ଼ିଥିବା ପରିବାର ଲୋକେ ତାଙ୍କ ମୃତଦେହ ଫେରାଇ ଆଣିବାକୁ ହଇରାଣ ହୋଇଥିଲେ। ବିଜୟୱାଡାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କ ଶବ ଆଣିବାକୁ ଆବଶ୍ୟକ ଥିଲା ୫୦ ହଜାର ଟଙ୍କା। କିନ୍ତୁ ପ୍ରଶାସନ ଦେଇଥିଲା ମାତ୍ର ୨୦ ହଜାର ଟଙ୍କା। ବାକି ୩୦ ହଜାର ଟଙ୍କା କେଉଁଠାରୁ ଆଣିବେ, ତାକୁ ନେଇ ଚିନ୍ତିତ ହୋଇପଡ଼ିଥିଲେ ରଜନୀକାନ୍ତଙ୍କ ପତ୍ନୀ ଓ ବିଧବା ମା'। ତେବେ ଏଭଳି ପରିସ୍ଥିତିରେ ସହାୟତାର ହାତ ବଢ଼ାଇଥିଲା ଜିଲ୍ଲା ଆଦିବାସୀ ସଂଘ। ସେମାନଙ୍କ (୯ ପୃଷ୍ଠାରେ)



## ସୋସିଆଲ କୋଟ୍ସ



“ମାତ୍ର ୧୮ ଦିନରେ ମୁଁ ଆଉ ସଲିମ ବାବୁ ମାତ୍ର ୧୮ ଦିନରେ ଫିଲ୍ମ ଦୀବାରର ସ୍କ୍ରିନ୍ ପ୍ଲେ ଲେଖିଥିଲୁ । ଏହାର କୌଣସି ଦ୍ୱିତୀୟ ଭର୍ସନ ନାହିଁ ଏହା ପ୍ରଥମ ଏବଂ ଶେଷ ।

**ଜାଭେଦ୍ ଅଖତର, ଫିଲ୍ମମେକର**




“ଲୋକମାନେ ଯାହା କହୁଛନ୍ତି କୁହନ୍ତୁ, ମୋତେ ସେଥିରେ କିଛି ଫରକ ପଡେନି । ସେମାନେ ତାଙ୍କ କାମ କରୁଛନ୍ତି ମୁଁ ମୋ କାମ କରିବି ।

**ଅର୍ଜ୍ଜୁନ୍ ବାଜୱା, ଅଭିନେତା**



“ଇତିହାସ ବହିରେ ପରିବର୍ତ୍ତନର ଆବଶ୍ୟକତା ରହିଛି । ଇତିହାସରେ ଆକବର ଓ ଔରଙ୍ଗଜେବ୍‌ଙ୍କ ବିଷୟରେ ପଢାହେଉଛି ହେଲେ ଯେଉଁମାନେ ଅସଲ ହିରୋ ସେମାନଙ୍କ ବିଷୟରେ ପଢା ହେଉ ନାହିଁ ।

**ଅକ୍ଷୟ କୁମାର, ଅଭିନେତା**

## ଏଆଇ ପେଟ୍




ଆଜିକାଲିର ଯୁଗକୁ ଏଆଇର ଯୁଗ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ବିଭିନ୍ନ ସ୍ଥାନରେ ଭିନ୍ନଭିନ୍ନ କାମ ପାଇଁ ବର୍ତ୍ତମାନ ଆମେମାନେ ଚାଟ୍ ଜିପିଟ ବା ଏଆଇ ଉପରେ ନିର୍ଭର କରୁଛୁ । ତେବେ ଏହି କ୍ରମରେ ସବୁଠାରୁ ଆଗରେ ରହିଛି ଚୀନ । ବର୍ତ୍ତମାନ ମିଳିଥିବା ସୂଚନା ଅନୁସାରେ ଚୀନ୍‌ରେ ଏଆଇ ପେଟ୍‌ର ବ୍ୟବହାର ବଢିଛି । ପିଲା ବା ଯୁବକମାନେ ଏହି ଏଆଇ ପେଟ୍‌କୁ ବ୍ୟବହାର କରି ସେମାନଙ୍କ ଜୀବନରେ ଚାଲୁଥିବା ବିଭିନ୍ନ ସମସ୍ୟାର ସମାଧାନ କରିବାରେ ଲାଗିଛନ୍ତି । ସେମାନେ ଏହି କଣ୍ଢେଇ ଗୁଡିଙ୍କୁ ବ୍ୟବହାର କରି ସୋସିଆଲ ଆଙ୍ଗ୍‌ଜାଇଟିକୁ ସମାଧାନ କରିବା ସହିତ ଇମୋସନାଲ ସପୋର୍ଟ ପାଇଁ ମଧ୍ୟ ବ୍ୟବହାର କରୁଛନ୍ତି । ଏହି ପେଟ୍ ଗୁଡିକ ସହିତ ସେମାନେ ଖୁବ ଭଲ ସମୟ ବିତାଉଛନ୍ତି । ଏହି ପେଟ୍ ଗୁଡିକର ବିଭିନ୍ନ ନାଁ ଥିବା ମଧ୍ୟ ଦେଖିବାକୁ ମିଳୁଛି । ସେମାନେ ନିଜର ଅଧିକ ସମୟ ଏହି ପେଟ୍ ଗୁଡିକଙ୍କ ସହିତ କାଟୁଛନ୍ତି । ଚୀନର ଏହି ପେଟ୍ ଆଇ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗୁଛି । ତେବେ ଚୀନରେ ବାପା ମା'ମାନେ ପିଲାଙ୍କୁ ସମୟ ଦେଇ ନପାରୁଥିବାରୁ ଏହି ଖେଳନାକୁ କିଣୁଛନ୍ତି । ତେବେ ଏହାକୁ ନେଇ ସୋସିଆଲ ମିଡିଆରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହା ପିଲାଙ୍କ ଉପରେ ଖରାପ ପ୍ରଭାବ ମଧ୍ୟ ପକାଇବ ବୋଲି କିଛି ୟୁଜର୍ସ ମତ ଦେଇଛନ୍ତି ।

## ମତଦାନ ଦିବସ



ପ୍ରତିବର୍ଷ ଜାନୁଆରୀ ୨୫ ତାରିଖକୁ ଜାତୀୟ ମତଦାନ ଦିବସ ରୂପେ ଭାରତରେ ପାଳନ କରାଯାଇଥାଏ । ଲୋକଙ୍କୁ ମତଦାନକୁ ନେଇ ସଚେତନ କରାଇବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ୨୦୧୧ ମସିହାରୁ ପ୍ରତିବର୍ଷ ଏହି ଦିବସକୁ ପାଳନ କରାଯାଉଛି । ଏବେ ବି ଏଭଳି ଅନେକ ଲୋକ ଅଛନ୍ତି ଯେଉଁମାନେ ନିଜର ଅଧିକାର ବିଷୟରେ ଅଜ୍ଞ ଅଟନ୍ତି । ତେଣୁ ମତଦାନକୁ ନେଇ ସେମାନଙ୍କୁ ନିଜ ମୌଳିକ ଅଧିକାର ବିଷୟରେ ସୂଚାଇବା ଲକ୍ଷ୍ୟ ନେଇ ମତଦାନ ଦିବସ ଆରମ୍ଭ କରାଯାଇଥିଲା । ଏହି ଦିବସରେ ବିଭିନ୍ନ ପ୍ରକାରର ସଚେତନତା ମୂଳକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥାଏ । ଏହା ସାହାଯ୍ୟରେ ଲୋକଙ୍କୁ ଭୋଟ ଦେଇ ନିଜ ନେତା ବାଛିବା ସେମାନଙ୍କର ମୌଳିକ ଅଧିକାର ବୋଲି ବୁଝାଇ ଦିଆଯାଏ ।

## ହାହା.. ହାହା..



ବିବାହ ପରେ ପ୍ରଥମଥର ପାଇଁ ବୋହୂ ରୋଷେଇ ବହି ଦେଖି ରୋଷେଇ କରୁଥିଲେ । କିଛି ସମୟ ପରେ

ଶାଶୁ – ବୋହୂ ଫ୍ରିଜ୍‌ରେ ମନ୍ଦିରର ଘଣ୍ଟା କ'ଣ କରୁଛି । ତାକୁ ଏଠି କିଏ ରଖିଚି ।

ବୋହୂ – ମାଆ ବହିରେ ଲେଖାଯାଇଥିଲା ସବୁ ସାମଗ୍ରୀକୁ ଗୋଳାଇବା ପରେ ଏକ ଘଣ୍ଟା ଫ୍ରିଜ୍‌ରେ ରଖନ୍ତୁ । ମୁଁ ଘଣ୍ଟା ଫ୍ରିଜ୍‌ରେ ରଖିଦେଇଛି ।

## ଇତିହାସ

୧୭୫୫ – ମସ୍କୋ ବିଶ୍ୱବିଦ୍ୟାଳୟର ସ୍ଥାପନା କରାଗଲା ।

୧୮୮୧ – ଆଲେକ୍‌ଜାଣ୍ଡାର ଗ୍ରାହମ ବେଲ୍ ଓ ଥୋମାସ ଅଲବା ଏଡିସନ୍ ଓରିଏଣ୍ଟାଲ ଟେଲିଫୋନ୍ କମ୍ପାନୀ ନିର୍ମାଣ କଲେ ।

୧୯୩୦ – ପ୍ରସିଦ୍ଧ ଭାରତୀୟ ସାହିତ୍ୟିକ ରାଜେନ୍ଦ୍ର ଅବସ୍ଥିଙ୍କ ଜନ୍ମ ।

୧୯୭୧ – ହିମାଚଳ ପ୍ରଦେଶକୁ ପୂର୍ଣ୍ଣ ରାଜ୍ୟ ରୂପେ ଘୋଷଣା ।

୧୯୮୦ – ମଦର ଟେରେସାଙ୍କୁ ଭାରତ ରତ୍ନ ସମ୍ମାନରେ ସମ୍ମାନିତ କରାଗଲା ।

୧୯୮୩ – ଆଚାର୍ଯ୍ୟ ବିନୋଭା ଭାବେଙ୍କୁ ମୃତ୍ୟୁ ପଶ୍ଚାତ ସର୍ବୋଚ୍ଚ ନାଗରିକ ସମ୍ମାନ ଭାରତ ରତ୍ନ ପ୍ରଦାନ ।

୨୦୦୨ – ଅର୍ଜୁନ ସିଂ ଭାରତୀୟ ବାୟୁସେନାର ପ୍ରଥମ ଏୟାର ମାର୍ସାଲ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ।




## ଓସ୍କାର ଦୌଡ଼ରେ ଅନୁଜା

ସର୍ଟ ଫିଲ୍ମ ଅନୁଜା ସାମିଲ ହୋଇଛି ଓସ୍କାର ଦୌଡରେ, ଯାହା ଭାରତୀୟ ସିନେମା ପାଇଁ ଗର୍ବ ଆଣିଛି । ୨୦୨୫ ଆକାଡେମୀ ଆୱାର୍ଡପାଇଁ ବେଷ୍ଟ ଲାଇଭ୍ ଆକସନ୍ ସର୍ଟ ଫିଲ୍ମ କାଟାଗୋରୀରେ ଏହି ଫିଲ୍ମଟି ନୋମିନେଟ୍ ହୋଇଥିବା ସୂଚନା ମିଳିଛି । ଏଥିରେ ଏକ ଛୋଟ ଝିଅର କାହାଣୀ ରହିଛି । ଜଣେ ୯ବର୍ଷର ଝିଅ ଅନୁଜା ଦିଲ୍ଲୀର ଗୋଟିଏ ଗାର୍ମେଣ୍ଟ ଫ୍ୟାକ୍ଟ୍ରିରେ କାମ କରୁଛି । ଯେଉଁଥିପାଇଁ ତାକୁ ସ୍କୁଲ ଯିବାକୁ ସୁଯୋଗ ମିଳୁନି । ଏହିଭଳି ଭାବେ କାହାଣୀ ଗତିଶୀଳ । କିଭଳି ସେ ତାର ଭଉଣୀ ଓ ନିଜର ଭବିଷ୍ୟତକୁ ସୁରକ୍ଷା ଦେଉଛି ତାକୁ ଏହି ଫିଲ୍ମରେ ଦେଖାଯାଇଛି । ଫିଲ୍ମର ପ୍ରଯୋଜିକା ତାଲିକାରେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ସାମିଲ ଅଛନ୍ତି । ସେହିଭଳି କଳାକାର ତାଲିକାରେ ସାଜଦ ପଠାନ୍, ଅନନ୍ୟା, ନଗେଶ ଭୋନ୍ସେଲ ଆଦି ଅଭିନୟ କରିଛନ୍ତି ।

## ମୁରାଦାବାଦ ବିରିୟାନୀ

**ସାମଗ୍ରୀ–** ଚିକେନ୍, ବିରିୟାନୀ ଚାଉଳ, ଦହି, କଞ୍ଚାଲଙ୍କା, ଗୋଟା ଗରମ ମସଲା, ଆଳୁ, ଲଙ୍କା ଆଚାର, ଆଜିନୋମୋଟ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଅଦାରସୁଣ ଛେଚା, ଘିଅ, ପିଆଜ କଟା ।

**ପ୍ରଣାଳୀ–** ପ୍ରଥମେ ଚିକେନ୍‌ରେ ଦହି, ଗୋଟା ଗରମ ମସଲା, କଞ୍ଚାଲଙ୍କା (ଟିକେ ଅଧିକ ପରିମାଣ), ଲୁଣ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଲଙ୍କା ଆଚାର, ଆଜିନୋମୋଟ, ଅଦା ରସୁଣ ଛେଚା ପକାଇ ଭଲକରି ଗୋଳାଇ ନିଅନ୍ତୁ । ଏହାକୁ ଅଧାଘଣ୍ଟା ପର୍ଯ୍ୟନ୍ତ ଘୋଡାଇ ରଖି ନିଅନ୍ତୁ । ସେହିଭଳି ବିରିୟାନୀ ଚାଉଳକୁ ମଧ୍ୟ ଅଳ୍ପ ସମୟ ପାଇଁ ବତୁରାଇ ନିଅନ୍ତୁ । ଅଧାଘଣ୍ଟା ପରେ ଏକ ମୋଟା ଯାଗାରେ ରିଫାଇନ୍ ତେଲ ଗରମ କରନ୍ତୁ ଏଥିରେ ଅଳ୍ପ ପରିମାଣରେ ଗୋଟା ଗରମ ମସଲା ପକାଇବା ପରେ ମ୍ୟାରିନେଟ୍ ଚିକେନ୍‌କୁ ପକାନ୍ତୁ । ବର୍ତ୍ତମାନ ଏଥିରେ ପାଣି ନଦେଇ ଚିକେନ୍‌କୁ କଷନ୍ତୁ । ଚିକେନ୍ କଷି ହେବା ପରେ ଏଥିରେ ଆଳୁ ପକାଇ ନିଅନ୍ତୁ । ଆଳୁ ଓ ଚିକେନ୍ ଅଧା ହୋଇ ଆସିବା ପରେ ଏଥିରେ ଚାଉଳ ପକାଇ, ଭାତ ହେବା ପାଇଁ ଯେତିକି ପାଣିର ଆବଶ୍ୟକ ତାହାକୁ ମାପି କରି ଦିଅନ୍ତୁ । ଏହାପରେ ଏହାକୁ ଘୋଡାଇ ନିଅନ୍ତୁ । ମଝିରେ ମଝିରେ ଏହାକୁ ଦେଖି ପାରିବେ । ଭାତ ହେବା ମଧ୍ୟରେ ଚିକେନ୍ ଓ ଆଳୁ ମଧ୍ୟ ହୋଇଯିବ । ଏହାପରେ ଆଞ୍ଚ ବନ୍ଦ କରି ନିଅନ୍ତୁ । ଅନ୍ୟ ଏକ ପ୍ୟାନ୍‌ରେ ଘିଅରେ ସରୁସରୁ କଟାହୋଇଥିବା ପିଆଜକୁ ଭାଜି ବିରିୟାନୀ ଉପରେ ପକାନ୍ତୁ । ଶେଷରେ ଧନିଆ ପତ୍ର ପକାଇ ପ୍ରସ୍ତୁତ କରନ୍ତୁ ମୁରାଦାବାଦ ବିରିୟାନୀ ।





## କୃତଜ୍ଞତା ଭାବ ଦେଇଥାଏ ସକାରାତ୍ମକତା

ସାମନ୍ଥା ରୁଥ୍ ପ୍ରଭୁ ବର୍ତ୍ତମାନ ଜୀବନରେ ଅନେକ ଖରାପ ପରିସ୍ଥିତି ଦେଇ ଗତି କରୁଛନ୍ତି । ମାନସିକ ଓ ଶାରିରୀକ ସ୍ତରରେ ଅଭିନେତ୍ରୀଙ୍କ ପାଇଁ ଖୁବ ଖରାପ ସମୟ ଚାଲିଛି । ପ୍ରଥମେ ଛାଡପତ୍ର ଓ ପରେ ନିଜର ଦେହ ଖରାପକୁ ନେଇ ଖୁବ ସମସ୍ୟାରେ ରହିଥିଲେ । ହେଲେ ଏଭଳି ସମୟରେ ବି ସେ ଖୁବ ସାହସ ଓ ଧୈର୍ଯ୍ୟର ସହିତ ଏହାକୁ ସାମନା କରିଛନ୍ତି । ନିକଟରେ ସୋସିଆଲ ମିଡିଆରେ ଏନେଇ ସାମନ୍ଥା ମନ ଖୋଲି କଥା ହୋଇଛନ୍ତି । ବିଗତ ଦୁଇ ବର୍ଷ ଧରି ସେ କିଭଳି ନିଜର ପରିସ୍ଥିତିକୁ ସାମନା କରିଛନ୍ତି ସେ ନେଇ ଫ୍ୟାନ୍‌ଙ୍କୁ ଜଣାଇଛନ୍ତି । ସେ ପ୍ରତିଦିନ ନିଜ ଲାଇଫ୍‌ରେ ଥିବା ଭଲ ଜିନିଷ ପାଇଁ କୃତଜ୍ଞତା ଜଣାଉଛନ୍ତି । ଏହା ଖୁବ ସାଧାରଣ ପ୍ରକ୍ରିୟା ହୋଇପାରେ କିନ୍ତୁ ଏହା ତାଙ୍କୁ ଖୁବ ସାହସ ଓ ଶକ୍ତି ଦେଇଥାଏ ବୋଲି ସାମନ୍ଥା ମତ ରଖିଛନ୍ତି । ତାଙ୍କ ଜୀବନରେ ଯାହା କିଛି ଅଛି, ସେ ଆଜି ଯେଉଁ ଭଲ ସ୍ଥାନରେ ପହଞ୍ଚିଛନ୍ତି କିମ୍ବା ତାଙ୍କ ଆଖପାଖରେ ଥିବା ଭଲ ଲୋକଙ୍କୁ ସେ ଧନ୍ୟବାଦ ଜଣାଇଥାଆନ୍ତି । ଏହି ପ୍ରକ୍ରିୟା ତାଙ୍କ ମନରେ ସକରାତ୍ମକତା ଭରି ଦେଇଥାଏ ବୋଲି ସେ ମତ ଦେଇଛନ୍ତି । ପ୍ରତିଦିନ ଏହି ପ୍ରକ୍ରିୟାକୁ କରିବା ଦ୍ୱାରା ସମସ୍ତଙ୍କୁ ସକରାତ୍ମକ ପ୍ରାପ୍ତ ହେବ ବୋଲି ସେ ଦାବି କରିଛନ୍ତି । ଏହାକୁ ଫଲୋ କରିବା ପାଇଁ ସେ ଫ୍ୟାନ୍‌ଙ୍କୁ ଅନୁରୋଧ ମଧ୍ୟ କରିଛନ୍ତି ।

## ଧୂମପାନ ଛାଡିବାକୁ ମୁଣ୍ଡ ଲକ୍

ନିଶା ଅଭ୍ୟାସ ଛାଡିବାକୁ ଖୁବ ପରିଶ୍ରମ ଲାଗିଥାଏ । ଅନେକଙ୍କ କ୍ଷେତ୍ରରେ ଏହା ସମ୍ଭବ ହୋଇପାରୁନଥିବାରୁ ସେମାନେ ପ୍ରଫେସନାଲ ବା ନିଶାନିବାରଣ କେନ୍ଦ୍ର ଗୁଡିକର ସାହାଯ୍ୟ ନେଇଥାଆନ୍ତି । ବର୍ତ୍ତମାନ ଜଣେ ବ୍ୟକ୍ତିଙ୍କର ନିଶା ଛାଡିବା ପାଇଁ ବ୍ୟବହାର କରିଥିବା ଉପାୟ ଭାଇରାଲ ହେବାରେ ଲାଗିଛି । ତୁର୍କୀର ଏହି ବ୍ୟକ୍ତି ଜଣଙ୍କ ୨୦୧୩ରେ ନିଜର ସିଗାରେଟ୍ ଟାଣିବା ନିଶା ଛାଡିବା ପାଇଁ ସେ ଏକ ୟୁନିକ୍ ଉପାୟ ବାହାର କରିଥିଲେ । ସେ ନିଜ ମୁହଁ ଚାରିପଟକୁ ଏକ ଯନ୍ତାଦେଇ ବନ୍ଦ କରିଦେଇଥିଲେ ଏବଂ ଏହି ଯନ୍ତାର ଚାବି କେବଳ ତାଙ୍କ ସ୍ତ୍ରୀଙ୍କ ପାଖରେ ଥିଲା । କେବଳ ଖାଦ୍ୟ ଖାଇବା ସମୟରେ ଏହି ତାଲା ଖୋଲାଯାଉଥିବାର ସୂଚନା ମଧ୍ୟ ରହିଛି । ତେବେ ୨୦୧୩ ମସିହାରେ ଏହା ଖୁବ ଭାଇରାଲ ହୋଇଥିଲା । ନିକଟରେ କେହିଜଣେ ଏହି ବ୍ୟକ୍ତିଙ୍କର ଫଟୋକୁ ପୁଣିଥରେ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ଏହା ପୁଣି ଭାଇରାଲ ହେବାରେ ଲାଗିଛି । ତେବେ ବର୍ତ୍ତମାନ ବ୍ୟକ୍ତିଜଣଙ୍କ କେଉଁ ପରିସ୍ଥିତିରେ ଅଛନ୍ତି ସେ ନେଇ କୌଣସି ତଥ୍ୟ ନାହିଁ ।



# ଜନତା ମଇଦାନରେ ଉତ୍କର୍ଷ ଓଡିଶା ଇନଭେଷ୍ଟର୍ସ ମିଟ୍ ପ୍ରସ୍ତୁତି ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ

## ୨୮ ତାରିଖରେ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର (ସବ୍ୟୁ): ଚଳିତମାସ ୨୮-୨୯ ଦୁଇଦିନ ଧରି ଉତ୍କର୍ଷ ଓଡିଶା-ମେକ୍ ଇନ୍ ଓଡିଶା କନକ୍ଲେଭ୍-୨୦୨୫ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ଥାନୀୟ ଜନତା ମଇଦାନରେ ଏହାର ପ୍ରସ୍ତୁତି ଅନୁଧ୍ୟାନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଏହି କାର୍ଯ୍ୟକ୍ରମ ସବୁ ଦୃଷ୍ଟିକୋଣରୁ ଐତିହାସିକ ହେବ । ରାଜ୍ୟ ପାଇଁ ଏକ ସୁଦୃଢ ଅର୍ଥନୈତିକ ଓ ଶିଳ୍ପ ଭିତ୍ତିଭୂମି ପ୍ରସ୍ତୁତ କରିବାରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ରାଜ୍ୟ ମାନଙ୍କ ମଧ୍ୟରେ ଶ୍ରେଷ୍ଠ ୫ଟି ଅର୍ଥନୀତି ମଧ୍ୟରେ ସ୍ଥାନ ପାଇବାର ଆମର ଯେଉଁ ଲକ୍ଷ୍ୟ ଅଛି, ତାହା ନିଶ୍ଚୟ ପୂରଣ ହେବ । ଏହାସହିତ ଶ୍ରମିକ, କୃଷକ ମାନଙ୍କ ପରି ସାଧାରଣ ଲୋକଙ୍କ ପାଇଁ ମଧ୍ୟ ବିପୁଳ ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଇନଭେଷ୍ଟର୍ସ ମିଟ୍ ରେ ୫ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ବିନିଯୋଗ ପ୍ରସ୍ତାବ ଆସିବାର ସମ୍ଭାବନା ରହିଛି ଏବଂ ଏହାଦ୍ୱାରା ୩.୫ ଲକ୍ଷରୁ ଅଧିକ ନିଯୁକ୍ତି ସମ୍ଭାବନା ମଧ୍ୟ ସୃଷ୍ଟି ହେବ । ୧୦୦ଟି ଅଧିକ ନିବେଶକ କ୍ଲଷ୍ଟର କରିବାର କାର୍ଯ୍ୟକ୍ରମ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ୨୮ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଏହାର ଉଦଘାଟନ କରିବେ । ଗତ ୭ ମାସ ମଧ୍ୟରେ ଓଡିଶାକୁ ଏହା ତାଙ୍କର ପଞ୍ଚମ ଗସ୍ତ ହେବ । ଓଡିଶାରେ ପୁଞ୍ଜିନିବେଶ ପ୍ରତି ତାଙ୍କର ସ୍ୱତନ୍ତ୍ର ଧ୍ୟାନ ରହିଛି ଏବଂ ଓଡିଶା ଏକ ବିପୁଳ ସମ୍ଭାବନାର ରାଜ୍ୟ ଭାବେ ଅଗ୍ରସର ହେଉଛି ବୋଲି ସେ କହିଥିଲେ । ଏହା ସହିତ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ୍ ଏବଂ ଅଶ୍ୱିନୀ ବୈଷ୍ଣବଙ୍କ ପରି କେନ୍ଦ୍ରମନ୍ତ୍ରୀ ମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ମୁଖ୍ୟମନ୍ତ୍ରୀ କହିଲେ ଯେ ମେକ ଇନ ଓଡିଶା ୱେବସାଇଟ୍ ରେ ୭୫୦୦ ରୁ ଅଧିକ ଡେଲିଗେଟ ପଞ୍ଜିକରଣ କରିଛନ୍ତି । ଏଥିରେ ୨୦ଟିରୁ ଅଧିକ ଦେଶର ୧୦୦ରୁ ଅଧିକ ଆନ୍ତର୍ଜାତିକ ଡେଲିଗେଟ୍ ଅଛନ୍ତି । ସିଙ୍ଗାପୁର, ଅଷ୍ଟ୍ରେଲିଆ ଓ ମାଲେସିଆ ପରି ଆମର ପାର୍ଟନର ଦେଶ ମାନଙ୍କରୁ ଅଧିକ ଡେଲିଗେଟ୍ ଆସିବାର ସମ୍ଭାବନା ଅଛି ।

ଏଥିରେ କେତେକ କଣ୍ଟ୍ରି ଅଫ୍ ଫୋକସ୍ ସେସନ ଅନୁଷ୍ଠିତ ହେବ, ଯେଉଁଥିରେ ପ୍ରାୟ ୨୦ଟି ଦେଶର ପ୍ରତିନିଧି ମାନେ ଆଲୋଚନା କରିବେ । ଏହା ଦ୍ୱାରା ଆନ୍ତର୍ଜାତିକ ଶିଳ୍ପ କ୍ଷେତ୍ରରେ ଓଡିଶାର ପ୍ରତିଷ୍ଠା ବୃଦ୍ଧି ପାଇବ । ଏହି କନକ୍ଲେଭରେ ଏକ 'ମେକ୍ ଇନ୍ ଓଡିଶା ଏକ୍ସପୋ' ମଧ୍ୟ ଅନୁଷ୍ଠିତ ହେବ । ପ୍ରାୟ ୧୫୦ ଜଣ ଏକ୍ଜିଭିଟର ସେମାନଙ୍କର ପ୍ରଡକ୍ଟ , ସର୍ଭିସ୍ , ଓ ଇନୋଭେସନ ଆଦି ପ୍ରଦର୍ଶନ କରିବେ । ୨୮-୨୯, ଦୁଇ ଦିନ ଧରି ଏହା କେବଳ ଡେଲିଗେଟ୍ ମାନଙ୍କ ପାଇଁ ଖୋଲା ରହିବ । ୩୦ ତାରିଖ ଦିନ ଏହାକୁ ସର୍ବସାଧାରଣଙ୍କ ପାଇଁ ଖୋଲା ରଖାଯିବ ବୋଲି ସେ କହିଥିଲେ । ଏହାସହିତ ଷ୍ଟାର୍ଟ ଅପ୍ ଓଡିଶା, ସ୍କିଲଡ୍ ଇନ୍ ଓଡିଶା ଓ ସୁଭଦ୍ରା ଜରିଆରେ ମହିଳା ଉଦ୍ୟୋଗୀକରଣ ପରି ତିନୋଟି ଥିମାଟିକ୍ ସେସନ ମଧ୍ୟ ଅନୁଷ୍ଠିତ ହେବ । ବିଭିନ୍ନ ରାଉଣ୍ଡ ଟେବୁଲ ବୈଠକ ମଧ୍ୟ ଅନୁଷ୍ଠିତ ହେବ । ଏଥିରେ 'ମହିଳାଙ୍କ ନେତୃତ୍ୱ ରାଉଣ୍ଡଟେବୁଲ', 'ସି.ଇ.ଓ ରାଉଣ୍ଡଟେବୁଲ' ଓ 'ଏଡିଟର୍ସ ରାଉଣ୍ଡଟେବୁଲ' ଆଦି ଆଲୋଚନା ଜରିଆରେ ଶିଳ୍ପଦ୍ୟୋଗୀ ଓ ବିଶେଷଜ୍ଞ ମାନଙ୍କ ମଧ୍ୟରେ ଜ୍ଞାନର ଆଦାନ ପ୍ରଦାନ ହେବ ବୋଲି ସେ କହିଥିଲେ । ଏହାସହିତ ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ବିଶିଷ୍ଟ ଓଡିଶୀ ନୃତ୍ୟ ଶିଳ୍ପୀ ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କ ନୃତ୍ୟ ପ୍ରଦର୍ଶନ, ଡ୍ରୋନ ସୋ ଆଦି ଅନ୍ୟାନ୍ୟ କାର୍ଯ୍ୟକ୍ରମର ମଧ୍ୟ ବ୍ୟବସ୍ଥା କରାଯାଇଛି । ଏହି ଅବସରରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଯୋଗ ଦେବେ ୧୦୦ ରୁ ଅଧିକ ଆନ୍ତର୍ଜାତିକ ପ୍ରତିନିଧି

## ଚଳନ୍ତା ଟ୍ରେନରୁ ଖସି ଯୁବକ ମୃତ

ବାଲୁଗାଁ ,(ସବ୍ୟୁ) :ଜଣେ ଯୁବକଙ୍କ ଚଳନ୍ତା ଟ୍ରେନରୁ ଖସି ପଡ଼ି ମୃତ୍ୟୁ ଘଟିଛି। ଏହି ଘଟଣାଟି ବାଲୁଗାଁ ରେଳ ଷ୍ଟେସନରେ ଘଟିଛି। ମୃତକ ଜଣକ ଓଡ଼ିଶାର ଖୋର୍ଦ୍ଧା ଜିଲାର ବାଣପୁର ଅଞ୍ଚଳ ଅନ୍ତର୍ଗତ ରୋପଡ଼ା ଗ୍ରାମର ୪୪ ବର୍ଷୀୟ ସତ୍ୟବାଦୀ ସ୍ୱାଇଁ (୪୪)ବୋଲି ଚିହ୍ନଟ ହୋଇଛି।ଯୁବକ ଜଣକ ପ୍ରଶାନ୍ତି ଏକ୍ସପ୍ରେସରୁ ବାଲୁଗାଁ ରେଳ ଷ୍ଟେସନରେ ସେ ଟ୍ରେନରୁ ଓହ୍ଲାଇବା ବେଳେ ନିୟନ୍ତ୍ରଣ ହରାଇ ଚଳନ୍ତା ଟ୍ରେନରୁ ତଳକୁ ଖସି ପଡ଼ିଲେ।ଫଳରେ ଯୁବକ ଜଣକ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା

## ଘର ଭାଙ୍ଗିଲେ ଧାନ ଚାଉଳ ଖାଇଲେ

ବେତନଟୀ, (ସବ୍ୟୁ): ବେତନଟୀ ରେଞ୍ଜର ବିଭିନ୍ନ ସ୍ଥାନରେ ହାତୀ ମାନଙ୍କ ଉପଦ୍ରବ ବଢିବାରେ ଲାଗିଛି । ଏକ ଘଟଣା ଦେଖିବାକୁ ମିଳିଛି ବୈଶିଙ୍ଗା ଥାନା ଅଧିନ ରଘୁପୁର ଉପକଣ୍ଠ ବେଲଡ଼ିହା ଗ୍ରାମରେ । ଏହି ଗ୍ରାମର ମେଘରାୟ ମୁର୍ମୁ ଘରେ ନଥିବା ବେଳେ ତାଙ୍କ ପତ୍ନୀ ହେପ ମୁର୍ମୁ ଦୁଇ ନାତିଙ୍କ ସହିତ ଘରେ ଥିବା ବେଳେ ଆଜି ପାଖାପାଖି ଭୋର ୪ଟା ସମୟରେ ତିନୋଟି ବଣୁଆ ହାତୀ ଆସି ତାଙ୍କ ଘର ଭାଙ୍ଗିବା ସହିତ ଗଚ୍ଛିତ ଥିବା ଧାନକୁ ଖାଇ ଦେଇଥିଲେ । ହେପ ଭୟରେ ଦୁଇ ନାତିଙ୍କୁ ଧରି ଜୀବନ ବିକଳରେ ଘର କୋଣରେ ଲୁଚି ଯାଇଥିଲେ । କିଛି ସମୟ ପରେ ହାତୀ ମାନଙ୍କ ଗତିବିଧିକୁ ଲକ୍ଷ୍ୟ କରୁଥିବା ବନ ବିଭାଗ ପହଞ୍ଚି ଯିବାରୁ ହାତୀକୁ ଘଉଡ଼ାଇ ଥିଲେ । ଏପଟେ ଅନେକ କଷ୍ଟରେ କରିଥିବା ଘରକୁ ହାତୀ ମାନେ ଭାଙ୍ଗିଦେଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରାଯାଉ ବୋଲି ଗ୍ରାମବାସୀ ମାନେ ଦାବି କରିଛନ୍ତ । ବନବିଭାଗ ହାତୀ ମାନଙ୍କୁ ଜନବସତି ଠାରୁ ଦୂରକୁ ନେବା ପାଇଁ ଅନେକ ଚେଷ୍ଟା ଜାରି ରଖୁଥିବା ବେଳେ ଅନେକ ସମୟରେ ନୀରିହ ଗ୍ରାମବାସୀ ଆକ୍ରମଣ ର ଶିକାର ହେଉଥିବାର ଦେଖାଯାଉଛି । କ୍ଷତିଗ୍ରସ୍ତଙ୍କୁ ଯଥା ଶୀଘ୍ର କ୍ଷତିପୂରଣ ଯୋଗାଇଦେବାକୁ ସର୍ବସାଧାରଣରେ ଦାବି ହେଉଛି ।

## ଯୁବତୀ ଚାଲାଣ ମାମଲା

## ରିମାଣ୍ଡରେ ଆସିବେ ଠକ ହଂସିତା-ଅନୀଲ

ଭୁବନେଶ୍ୱର, (ସବ୍ୟୁ) : ଯୁବତୀ ଚାଲାଣ ସମ୍ପର୍କରେ ଜଣାପଡିବା ପରେ ହାଇପ୍ରୋଫାଇଲ ଠକ ହଂସିତା-ଅନୀଲଙ୍କୁ ମାମଲାର ତଦନ୍ତ କରୁଥିବା ସ୍ପେଶାଲ କ୍ରାଇମ୍ ୟୁନିଟ୍ ରିମାଣ୍ଡରେ ଆଣିବ । ଯୁବତୀ ଚାଲାଣ ସମ୍ପର୍କରେ ତାଙ୍କୁ ରିମାଣ୍ଡ୍ ସମୟରେ ଜେରା କରାଯିବ ବୋଲି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି ।

ହଂସିତା-ଅନୀଲ ଗିରଫ ହେବା ପରେ ପୋଲିସ ତାଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବା ପରେ ବହୁ ତଥ୍ୟ ମିଳିଛି । ଆୟକର ବିଭାଗ ମଧ୍ୟ ସେମାନଙ୍କ ଉପରେ ତଦନ୍ତ କରି କୋଟି କୋଟି ଟଙ୍କା କାରବାର ସମ୍ପର୍କରେ ଜାଣିବାକୁ ପାଇଛି । ଏହି ବେଆଇନ ଟଙ୍କା କାରବାର ସମ୍ପର୍କରେ ଆୟକର ତଦନ୍ତ ଜାରି ରଖିଛି । ସେହିପରି ସ୍ପେଶାଲ କ୍ରାଇମ୍ ୟୁନିଟ୍ ତଦନ୍ତ କରି ସେମାନଙ୍କ ନିକଟରୁ ୭ଟି ବିଳାସପୂର୍ଣ୍ଣ କାର୍ ଓ ୫ରୁ ଉର୍ଦ୍ଧ୍ୱ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟରେ ଥିବା ଘରକୁ ସିଲ କରିଛି । ଘର ଓ ଗାଡି କିଣାବିକା ହୋଇପାରିବ ନାହିଁ ବୋଲି ସେ ସମ୍ପର୍କରେ କଟକଣା ଲାଗୁ କରାଯାଇଛି ।

ଦୁହିଁଙ୍କ ଜବତ ମୋବାଇଲ ପରୀକ୍ଷାନିରୀକ୍ଷା ହେବା ପରେ ଯୁବତୀ ଚାଲାଣ ସମ୍ପର୍କରେ ଜଣାପଡିଥିଲା । ତେଣୁ ତାଙ୍କ ବିରୋଧରେ ଇମୋରାଲ ଟ୍ରାଫିକିଂ ଆକ୍ଟରେ ମାମଲା ରୁଜୁ କରାଯାଇଛି । ସେହି ମାମଲାର ତଦନ୍ତ ଜାରି ରହିଥିବାରୁ ଦୁହିଁଙ୍କୁ ରିମାଣ୍ଡରେ ଆଣିବା ପାଇଁ ଅଦାଲତରେ ଆବେଦନ କରିଛି ତଦନ୍ତକାରୀ ପୋଲିସ ଟିମ୍ ।










# ସୋଆ କୃଷି ବିଜ୍ଞାନ କଲେଜକୁ ଚଳଚ୍ଚିତ୍ର ଜଗତ ପ୍ରତିଭା ସମ୍ମାନ



ଭୁବନେଶ୍ୱର, (ସବ୍ୟୁ): କୃଷି କ୍ଷେତ୍ରରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ପରିଚିତ ତଥା ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍) କୁ ପ୍ରମୁଖ ସିନେ ପ୍ରତ୍ରିକା 'ଚଳଚ୍ଚିତ୍ର ଜଗତ'ର ୪୯ ତମ ବାର୍ଷିକ ଉତ୍ସବରେ 'ଚଳଚ୍ଚିତ୍ର ଜଗତ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଛି। ଏହି ସମ୍ମାନ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଗ୍ରହଣ କରିଛନ୍ତି । କୃଷି ଭିତିକ ଶିକ୍ଷା, ଅଧ୍ୟାପନା, ଗବେଷଣା ତଥା ସମ୍ପ୍ରସାରଣ ଦିଗରେ ଉତ୍କର୍ଷତା ନିମନ୍ତେ ଆଇଏଏସ୍‌କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ମନୋଜରଞ୍ଜନ ନାୟକ ଏହି ସମ୍ମାନ ନିମନ୍ତେ ଆଇଏଏସ୍‌ର ସମସ୍ତ ଛାତ୍ରଛାତ୍ରୀ ଓ ଅଧ୍ୟାପକ ତଥା କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏହି ଅବସରରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ଚଳଚ୍ଚିତ୍ର ଜଗତର ସମ୍ପାଦକ ଆଦିକନ୍ଦ ରାଉତ ଓ ସଭାପତି ପ୍ରଫେସର ଶକ୍ତି ପ୍ରସାଦ ଦାଶଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଏଟିଏମ୍ ଲୁଟିନେଇ ଗଙ୍ଗୁଆ ନାଳରେ ଫୋପାଡିଲେ ଲୁଟେରା

ଭୁବନେଶ୍ୱର, (ସବ୍ୟୁ) : ଏସ୍‌ବିଆଇ ଏଟିଏମ୍‌ରୁ ଟଙ୍କା ଲୁଟ୍‌ରେ ବିଫଳ ହୋଇ ଲୁଟେରା ଏଟିଏମ୍‌କୁ କାଟି ଅଟୋରେ ଲଦି ନେଇଯିବା ପରେ ସାମନ୍ତରାପୁର ନିକଟ ଗଙ୍ଗୁଆ ନାଳ ପାଖରେ ଏଟିଏମ୍ କାଟି ଟଙ୍କା ନେଇଯିବା ପରେ ଏଟିଏମ୍ ବାକ୍ସ ଓ ଅଟୋକୁ ଛାଡି ପଳାଇଛନ୍ତି । କେତେଟଙ୍କା ଲୁଟିନେଲେ ତାହା ସ୍ପଷ୍ଟ ଜଣାପଡିନାହିଁ । ଶୁକ୍ରବାର ସକାଳେ ଅଭିଯୋଗ ହେବା ପରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଲିଙ୍ଗରାଜ ଥାନା ଅଧୀନ ଶ୍ରୀରାମନଗର ଲେନ୍-୧୦ରେ ଏସ୍‌ବିଆଇ ଏଟିଏମ୍ ଥିଲା । ଗୁରୁବାର ରାତିରେ ୪ ମୁଖା ପିନ୍ଧା ଦୁର୍ବୃତ୍ତ ଟଙ୍କା ଭରିବା ବାହାନାରେ ସେଠାରେ ପହଞ୍ଚିଥିଲେ । ଏଟିଏମ୍‌ରୁ ଟଙ୍କା କାଢି ନପାରି ଟୋଟାଲ ଏଟିଏମ୍‌କୁ କାଟି ଅଟୋରେ ଲୋଡ୍ କରି ଗଙ୍ଗୁଆ କେନାଲ ପାଖକୁ ପଳାଇଥିଲେ । ଗଙ୍ଗୁଆ ନାଳ ନିକଟରେ ଲୁଟେରାମାନେ ଛାଡିଯାଇଥିବା ଅଟୋଟି ଚୋରି ଅଟୋ ବୋଲି ପୋଲିସ କହିଛି । ସିସିଟିଭି ଫଟେଜରୁ ଜଣାପଡିଛି ଯେ, ୪ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଏଟିଏମ୍ ଅଟୋରେ ଲଦି ନେଇଯାଇଛନ୍ତି । ଡିସିପି ପିନାକ ମିଶ୍ରଙ୍କ କହିବାନୁଯାୟୀ ଅଭିଯୋଗ ହେବା ପରେ ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ ଆରମ୍ଭ ହୋଇଛି। ଲୁଟେରାଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି । ଲୁଟେରାମାନେ ରାଜ୍ୟ ବାହାରର ହୋଇଥାଇ ପାରନ୍ତି ବୋଲି ଡିସିପି ସନ୍ଦେହ କରିବା ସହ ସିସିଟିଭି ଫୁଟେଜକୁ ନେଇ ସେ ଦିଗରେ ତଦନ୍ତ କରାଯାଉଛି । ଡାଲା ଅଟୋକୁ କେଉଁଠାରୁ ଲୁଟିଛନ୍ତି ତାହା ଜାଣିବା ପାଇଁ ପୋଲିସ ତଦନ୍ତ ଜାରି ରହିଛି । ସ୍ୱତନ୍ତ୍ର ଟିମ୍ ଏହି ଘଟଣା ଉପରେ ଛାନ୍‌ଭିନ୍ କରୁଛି ଖୁବ୍‌ଶୀଘ୍ର ଲୁଟେରା ଗିରଫ ହେବେ ବୋଲି ପୋଲିସ କହିଛି ।

# ବିଶ୍ୱ ଅର୍ଥନୈତିକ ଫୋରମରେ ଶାଲୁ ଜିନ୍ଦଲଙ୍କ ଅଂଶଗ୍ରହଣ

ଭୁବନେଶ୍ୱର (ସବ୍ୟୁ): ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ତଥା ଓପି ଜିନ୍ଦଲ ବିଶ୍ୱବିଦ୍ୟାଳୟର କୁଳପତି ଶ୍ରୀମତୀ ଶାଲୁ ଜିନ୍ଦଲ ଡାଭୋସ୍ ଠାରେ ଅନୁଷ୍ଠିତ ବିଶ୍ୱ ଅର୍ଥନୈତିକ ଫୋରମରେ ଅଂଶଗ୍ରହଣ କରି ସକାରାତ୍ମକ ସାମାଜିକ ଏବଂ ଅର୍ଥନୈତିକ ବିକାଶ ପାଇଁ ଜିନ୍ଦଲ ଫାଉଣ୍ଡେସନର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ । ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହିତ ଭବିଷ୍ୟତ ପିଢ଼ିକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଫାଉଣ୍ଡେସନର ପ୍ରଭାବଶାଳୀ ପଦକ୍ଷେପ ଗୁଡିକ ଉପରେ ମଧ ସେ ଆଲୋକପାତ କରିଥିଲେ । ଏହି ଫୋରମରେ ଇନଭେଷ୍ଟ ଇଣ୍ଡିଆ ପକ୍ଷରୁ ଆୟୋଜିତ ଇଣ୍ଡିଆ ପ୍ୟାଭିଲିୟନରେ ଦକ୍ଷତା ବିକାଶ ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସେ କେନ୍ଦ୍ର ମନ୍ତ୍ରୀ (ଦକ୍ଷତା ବିକାଶ ଓ ଉଦ୍ୟୋଗ) ଜୟନ୍ତ ଚୌଧୁରୀଙ୍କ ସହ ଯୋଗ ଦେଇଥିଲେ । ଦକ୍ଷତା ଅଭାବଦୂର କରିବା ଏବଂ ନିଯୁକ୍ତିକୁ ପ୍ରୋତ୍ସାହିତ କରିବା ରେ ଜିନ୍ଦଲ ଫାଉଣ୍ଡେସନ ଏବଂ ଭାରତ ସରକାରଙ୍କ ମଧ୍ୟରେ ପ୍ରଭାବଶାଳୀ ସହଯୋଗ କୁ ସେ ଗୁରୁତ୍ୱାରୋପ କରିଛନ୍ତି । ଓ୍ୱମେନ ଇନସ୍ପେରିଂ ନେଟଓ୍ୱର୍କ ଦ୍ୱାରା ଆୟୋଜିତ 'ଜେନେରେସନଲ ଓ୍ୱେଲ୍ଥ' ଶୀର୍ଷକ ଏକ ସେସନରେ ଯୋଗଦେଇ ସେ ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ବିଭିନ୍ନ ପଦକ୍ଷେପଗୁଡିକ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଏହି ପଦକ୍ଷେପଗୁଡିକ କିପରି ଅର୍ଥନୈତିକ ଅଭିବୃଦ୍ଧିରକୁ ପ୍ରୋତ୍ସାହିତ କରିବାରେ ସକ୍ଷମ ତାହା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ନବୀନ ଜିନ୍ଦଲଙ୍କ ନେତୃତ୍ୱାଧୀନ ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାରର ସାମାଜିକ ଶାଖା ଭାବରେ କାର୍ଯ୍ୟ କରୁଥିବା ଜିନ୍ଦଲ ଫାଉଣ୍ଡେସନ୍, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଏବଂ ପରିମଳ, ମହିଳା ଏବଂ କୃଷକଙ୍କ ସଶକ୍ତିକରଣ, ଜୀବିକା ବିକାଶ, ଦକ୍ଷତା ଅଭିବୃଦ୍ଧି, ଗୁଣାତ୍ମକ ଶିକ୍ଷା, ଗ୍ରାମୀଣ ଭିତ୍ତିଭୂମି, ସାମାଜିକ ଅନ୍ତର୍ଭୁକ୍ତି ଏବଂ କ୍ରୀଡା ଭଳି ବହୁମୁଖୀ ଏବଂ ସ୍ଥାୟୀ ସାମାଜିକ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଭାରତର ୧୪.୩ ନିୟୁତ ଲୋକଙ୍କ ନିକଟରେ ପହଞ୍ଚି ପାରିଛି । ଡାଭୋସ୍ ଠାରେ ଅନୁଷ୍ଠିତ ବିଶ୍ୱ ଅର୍ଥନୈତିକ ଫୋରମରେ ଶ୍ରୀମତୀ ଶାଲୁ ଜିନ୍ଦଲଙ୍କ ଅଂଶଗ୍ରହଣ ଅର୍ଥପୂର୍ଣ୍ଣ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବା ଏବଂ ସମସ୍ତଙ୍କ ପାଇଁ ଏକ ସମୃଦ୍ଧ ଭବିଷ୍ୟତ ନିର୍ମାଣ ପାଇଁ ଜିନ୍ଦଲ ଫାଉଣ୍ଡେସନର ସମର୍ପଣକୁ ସୂଚାଉଛ ।



# ଓପିଟିସିଏଲ୍‌ର ଯନ୍ତ୍ରୀ ସଂଘର ରୌପ୍ୟଜୟନ୍ତୀ ଅବସରରେ ରକ୍ତଦାନ ଶିବିର



ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ବିଦ୍ୟୁତ ଶକ୍ତି ସଞ୍ଚାରଣ ନିଗମ(ଓପିଟିସିଏଲ୍)ର ଯନ୍ତ୍ରୀସଂଘ (ଓପିଟିଆରଏ), ଭୁବନେଶ୍ୱର ସ୍ଥିତ ମୁଖ୍ୟକାର୍ଯ୍ୟାଳୟରେ ରୌପ୍ୟଜୟନ୍ତୀ ବାର୍ଷିକୀ ପାଳନ ଅବସରରେ, ସହାୟକ ସଂସ୍ଥା ସହିତ ମିଳିତ ଭାବରେ ଜାନୁଆରୀ ୨୩, ୨୦୨୫ରେ ରକ୍ତଦାନ ଅଭିଯାନ ସଫଳଭାବରେ ଆୟୋଜନ କରାଯାଇଥିଲା । ସାମୁହିକ ମନୋଭାବ ଏବଂ ଉଦାରତାର ଏକ ଉଲ୍ଲେଖନୀୟ ପ୍ରଦର୍ଶନ ଭାବରେ, ଏହି କାର୍ଯ୍ୟକ୍ରମରେ ୫୮ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କଟକର ଏସ୍‌ସିବି ଚିକିତ୍ସାଳୟର ଟ୍ରାନ୍ସଫ୍ୟୁଜନ ମେଡିସିନ୍ ଏବଂ ରକ୍ତ ବିଭାଗର ଡାକ୍ତରମାନେ ଯୋଗଦାନ କରି ରକ୍ତଦାନର ଗୁରୁତ୍ୱ ଏବଂ ଜୀବନ ରକ୍ଷାରେ ଏହାର ଭୂମିକା ବିଷୟରେ ଦାତାମାନଙ୍କୁ ଅବଗତ କରାଇଥିଲେ । ଏହା ସହିତ, ଓପିଟିଆରଏ ସଂଗଠନର ନେତୃବୃନ୍ଦ ଉପସ୍ଥିତ ଲୋକଙ୍କୁ ରକ୍ତଦାନର ମହତ୍ତ୍ୱ ବିଷୟରେ ହୃଦୟସ୍ପର୍ଶୀ ମନ୍ତବ୍ୟ ଦେଇ ଅନୁପ୍ରାଣିତ କରିଥିଲେ ।

## କଳିଙ୍ଗ ହସ୍ପିଟାଲ ଲିମିଟେଡ୍ ପକ୍ଷରୁ

# ଅତ୍ୟାଧୁନିକ ଜରୁରୀକାଳୀନ ଓ ଟ୍ରମା ସେଣ୍ଟର ଉଦ୍‌ଘାଟିତ




ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାର ଅଗ୍ରଣୀ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ କଳିଙ୍ଗ ହସ୍ପିଟାଲ ଲିମିଟେଡ୍ (କେଏଚ୍‌ଏଲ୍) ଭୁବନେଶ୍ୱର ପକ୍ଷରୁ ଅତ୍ୟାଧୁନିକ ଜରୁରୀକାଳୀନ ଓ ଟ୍ରମା କେୟାର ସେଂଟରର ଉଦଘାଟନ କରାଯାଇଛି। ଶୁକ୍ରବାର କଳିଙ୍ଗ ହସ୍ପିଟାଲ ଲିମିଟେଡ୍‌ର ଅଧ୍ୟକ୍ଷ ଡାକ୍ତର ଶୀତକଣ୍ଠ ଦାଶ ବିଶିଷ୍ଟ ବ୍ୟକ୍ତି, ଡାକ୍ତର ଓ ଜନସାଧାରଣଙ୍କ ଉପସ୍ଥିତିରେ ଏହି ନୂତନ କେନ୍ଦ୍ରକୁ ଉଦଘାଟନ କରିଛନ୍ତି ।

ନୂତନ ଭାବେ ଆରମ୍ଭ ହୋଇଥିବା ଜରୁରୀକାଳୀନ ଏବଂ ଟ୍ରମା କେୟାର ସେଂଟରରେ ଉନ୍ନତ ଚିକିତ୍ସା ଜ୍ଞାନକୌଶଳ, ଉଚ୍ଚ ପ୍ରଶିକ୍ଷିତ ପେସାଦାର ଏବଂ ରୋଗୀମାନଙ୍କୁ ତୁରନ୍ତ ଏବଂ ସଠିକ ଯତ୍ନ ମିଳିବା ସୁନିଶ୍ଚିତ କରିବା ପାଇଁ ପ୍ରୋଟୋକଲକୁ ସୁବ୍ୟବସ୍ଥିତ କରାଯାଇଛି । ବୟସ୍କ, ଶିଶୁ ଓ ନବଜାତ ରୋଗୀଙ୍କ ପାଇଁ ସାମାନ୍ୟ ଆଘାତଠାରୁ ଆରମ୍ଭ କରି ଜୀବନ ପ୍ରତି ବିପଦଜନକ ଟ୍ରମା ମାମଲା ପର୍ଯ୍ୟନ୍ତ ସମସ୍ତ ପ୍ରକାର ଡାକ୍ତରୀ ଜରୁରୀକାଳୀନ ପରିସ୍ଥିତିକୁ ପୂରଣ କରିବା ପାଇଁ ଏହି କେନ୍ଦ୍ରକୁ ପ୍ରସ୍ତୁତ କରାଯାଇଛି। କଳିଙ୍ଗ ହସ୍ପିଟାଲ ଲିମିଟେଡର ଅଧ୍ୟକ୍ଷ ଡାକ୍ତର ଶୀତକଣ୍ଠ ଦାଶ କହିଛନ୍ତି ଯେ, 'ଏହି ପରିବର୍ତ୍ତିତ ଜରୁରୀକାଳୀନ ଓ ଟ୍ରମା କେୟାର ସେଣ୍ଟର ଓଡ଼ିଶାବାସୀଙ୍କ ପାଇଁ ଆଶାର କିରଣ। ଅଭିନବତା ସହିତ କରୁଣାର ମିଶ୍ରଣ କରୁଥିବା ଏଭଳି ସୁବିଧା ଦେଖି ଖୁସି ଲାଗୁଛି। ଉଦଘାଟନୀ ଉତ୍ସବରେ କଳିଙ୍ଗ ହସ୍ପିଟାଲ ଲିମିଟେଡର ପରିଚାଳନା ନିର୍ଦ୍ଦେଶିକା ନୀଲାଞ୍ଜନା ମୁଖାର୍ଜୀ କହିଛନ୍ତି ଯେ, 'କଳିଙ୍ଗ ହସ୍ପିଟାଲରେ ଆମେ ବୁଝିପାରୁଛୁ ଯେ ଜରୁରୀକାଳୀନ ପରିସ୍ଥିତିରେ ପ୍ରତ୍ୟେକ ସେକେଣ୍ଡ ଗୁରୁତ୍ୱପୂର୍ଣ୍ଣ । ଆମର ଅତ୍ୟାଧୁନିକ ଜରୁରୀକାଳୀନ ଏବଂ ଟ୍ରମା କେୟାର ସେଂଟର ଜୀବନ ବଞ୍ଚାଇବା ପାଇଁ ଦ୍ରୁତ, ଉଚ୍ଚ ମାନର ସେବା ପ୍ରଦାନ କରିବା ଏବଂ ସମସ୍ତ ଦେୟଦାତା ଗୋଷ୍ଠୀ ଏବଂ ଯୋଜନା ପୂରଣ କରୁଥିବା ଆମ ରୋଗୀମାନଙ୍କ ପାଇଁ ସର୍ବୋତମ ସମ୍ଭାବ୍ୟ ଫଳାଫଳ ସୁନିଶ୍ଚିତ କରିବା ପାଇଁ ପ୍ରସ୍ତୁତ କରାଯାଇଛି । ଜରୁରୀକାଳୀନ ଏବଂ ଟ୍ରମା କେୟାର ସେଂଟର ଜନସାଧାରଣଙ୍କ ପାଇଁ ସ୍ୱାସ୍ଥ୍ୟସେବା ଉପଲବ୍ଧତା ଏବଂ ଫଳାଫଳରେ ଉନ୍ନତି ଆଣିବା ପାଇଁ କଳିଙ୍ଗ ହସ୍ପିଟାଲର ସମର୍ପଣକୁ ପ୍ରତିଫଳିତ କରୁଛି । ଉଭୟ ବ୍ୟକ୍ତିଗତ ଜରୁରୀକାଳୀନ ପରିସ୍ଥିତି ଏବଂ ବଡ଼ ଧରଣର ବିପର୍ଯ୍ୟୟ ପରିସ୍ଥିତିକୁ ଦକ୍ଷତା ଏବଂ ଯତ୍ନ ସହିତ ପରିଚାଳନା କରିବା ପାଇଁ ଏହି କେନ୍ଦ୍ର ନିର୍ମାଣ କରାଯାଇଛି ।

# ମୋଟରସାଇକେଲ ବ୍ୟାଟେରୀ ଚୋରି ଘଟଣାରେ ଜଣେ ଗିରଫ

ଜଟଣୀ, (ସବ୍ୟୁ): ଘର ତାଲାଭାଙ୍ଗି ମୋଟରସାଇକେଲରୁ ବ୍ୟାଟେରୀ, ଆଗଭାଇଜର ଓ ନମ୍ବର ପ୍ଲେଟ୍ ଚୋରି କରିବା ଘଟଣାରେ ଜଟଣୀ ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତର ନାଁ କୁନା ଦାସ । ଜଟଣୀ ଶ୍ରୀବିହାର ଅଂଚଳରେ ତାର ଘର। ଅଭିଯୋଗକାରୀ ମହମ୍ମଦ ରିଜୱାନ୍‌ଙ୍କର ମୋଟରସାଇକେଲଟିକୁ ଘରେ ପାର୍କିଂ କରି ରଖିଥିଲେ । ଘଟଣାଦିନ ରାତିରେ ଅଭିଯୁକ୍ତ କୁନା ସୁଯୋଗ ଦେଖି ଗେଟ୍‌ର ତାଲା ଭାଙ୍ଗି ଘରେ ପଶିଥିଲା। ସେଠାରେ ରଖାଯାଇଥିବା ମୋଟରସାଇକେଲରୁ ବ୍ୟାଟେରୀ, ଆଗଭାଇଜର ଓ ନମ୍ବର ପ୍ଲେଟ ଚୋରିକରି ନେଇଯାଇଥିଲା । ଜଟଣୀ ଥାନା ପୁଲିସ ମାମଲାର ତଦନ୍ତ କରୁଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରାମଚନ୍ଦ୍ରପୁର ବଜାର ଇଲେକ୍ଟ୍ରିକ ଅଫିସ୍ ନିକଟରେ ଅଭିଯୁକ୍ତ ଚୋରି ସାମଗ୍ରୀ ବିକ୍ରୟ ନିମନ୍ତେ ଗ୍ରାହକ ଅପେକ୍ଷାରେ ଥିବା ସମୟରେ ପୁଲିସ କାବୁ କରିବାରେ ସକ୍ଷମ ହୋଇଥିଲା । ପୁଲିସ ଅଭିଯୁକ୍ତ ନିକଟରୁ ଚୋରି ସାମଗ୍ରୀ ଜବତ କରିଥିଲା। ଅଭିଯୁକ୍ତ କୁନା ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତା ନାମରେ ପୂର୍ବରୁ ଜିଆର୍‌ପିଏସ୍ ଓ ଜଟଣୀ ଥାନାରେ ୫ଟି ମାମଲା ରହିଥିବା ତଦନ୍ତରୁ ଜଣାପଡିଛି ।

## ବେଦାନ୍ତ ଆଲୁମିନିୟମ ପକ୍ଷରୁ ଓଡ଼ିଶାର

# ଜାମଖାନି କୋଇଲା ଖଣିରେ ଅତ୍ୟାଧୁନିକ କାର୍ଯ୍ୟକ୍ଷମ ଡାସବୋର୍ଡର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଜାମଖାନି କୋଇଲା ଖଣିରେ ଏକ ଅତ୍ୟାଧୁନିକ କାର୍ଯ୍ୟକ୍ଷମ ଡାସବୋର୍ଡର ଶୁଭାରମ୍ଭ କରିଛି । ଏହି ଅତ୍ୟାଧୁନିକ ଡିଜିଟାଲ ପ୍ଲାଟଫର୍ମ ରିଅଲ-ଟାଇମ୍ ଡାଟାକୁ ସମନ୍ୱିତ କରେ । କାର୍ଯ୍ୟଦକ୍ଷତା ମେଟ୍ରିକ୍ସକୁ ଅପ୍ଟିମାଇଜ୍ କରେ ଏବଂ ନିୟମିତ ପ୍ରକ୍ରିୟାକୁ ସ୍ୱୟଂଚାଳିତ କରେ । ଏକ ଉତ୍ସର୍ଗୀକୃତ ଟିମ୍ ଦ୍ୱାରା ବିକଶିତ ଏହି ଡାସବୋର୍ଡ ସେମାନଙ୍କର ମୌଳିକ ସ୍ତରରେ ଖଣି କାର୍ଯ୍ୟକୁ ଟ୍ରାକ୍ କରିବା ପାଇଁ ପ୍ରଥମ ନୀତି ପଦ୍ଧତିର ଉପଯୋଗ କରେ । ଏହା ଟାଇମ୍-ଇନ୍-ୟୁଜ୍ ମଡେଲ୍ (ଟିୟୁଏମ୍) ମାଧ୍ୟମରେ କାର୍ଯ୍ୟକ୍ଷମ ଉତ୍କର୍ଷତା ହାସଲ କରିବା ପାଇଁ କାର୍ଯ୍ୟକ୍ଷମ ଦୃଷ୍ଟିକୋଣ ପ୍ରଦାନ କରେ, ଯାହା ଯୋଜନାବଦ୍ଧ ଏବଂ ବାସ୍ତବ ବ୍ୟୟ ହ୍ରାସ ହାର, କୋଇଲାର ସଠିକ ଆକଳନ, ବ୍ୟାପକ ଯନ୍ତ୍ରପାତି ବ୍ୟବହାର, ପ୍ରେରଣ ଏବଂ ମହଜୁଦ ଗୁଣବତ୍ତା ବିଶ୍ଳେଷଣକୁ ମାପିଥାଏ । ଜାମଖାନି କୋଇଲା ଖଣି ହେଉଛି ବେଦାନ୍ତର ପ୍ରଥମ ଗ୍ରୀନଫିଲ୍ଡ କୋଇଲା ଖଣି ଏବଂ ଓଡ଼ିଶାର ପ୍ରଥମ ଘରୋଇ ଗ୍ରୀନଫିଲ୍ଡ ଖଣି । ଏହି ଖଣି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି ଏବଂ ବିଶ୍ୱର ସର୍ବବୃହତ ଆଲୁମିନିୟମ ସ୍ମେଲଟର ବେଦାନ୍ତର ଝାରସୁଗୁଡ଼ା କାରଖାନାର କୋଇଲା ଆବଶ୍ୟକତା ପୂରଣ କରୁଛି । ବେଦାନ୍ତ ଆଲୁମିନିୟମର ଅଭିବୃଦ୍ଧିରେ ନବସୃଜନର ଭୂମିକା ଉପରେ ଗୁରୁତ୍ୱାରୋପ କରି ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି ଆମର ଜାମଖାନି କୋଇଲା ଖଣିରେ କାର୍ଯ୍ୟକ୍ଷମ ଡାସବୋର୍ଡ ଡିଜିଟାଲାଇଜେସନ୍ ଦିଗରେ ଆମର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିକୁ ପ୍ରତିନିଧିତ୍ୱ କରୁଛି । ଏହା ଆମ ଟିମ୍ କାର୍ଯ୍ୟକୁ ଅନୁକୂଳ କରିବାକୁ ସଶକ୍ତ କରେ ଏବଂ ନିରନ୍ତର ଉନ୍ନତିର ସଂସ୍କୃତିକୁ ପ୍ରୋତ୍ସାହିତ କରେ, ଯାହା ଦ୍ୱାରା ପରିଚାଳନା ଦକ୍ଷତା ବୃଦ୍ଧି ପାଇଥାଏ ।

ବେଦାନ୍ତ ଆଲୁମିନିୟମର କୋଇଲା ଖଣିର ସିଇଓ ଡେଭିଡ ଷ୍ଟୋନ କହିଛନ୍ତି, ଜାମଖାନି କୋଇଲା ଖଣିରେ କାର୍ଯ୍ୟକ୍ଷମ ଡାସବୋର୍ଡକୁ ବିକଶିତ କରାଯାଇଛି ଏବଂ ଏହା ବେଦାନ୍ତର ଆମର ମୂଲ୍ୟ ଶୃଙ୍ଖଳାରେ ଡିଜିଟାଲ ଉପକରଣ ଗୁଡ଼ିକୁ ସମନ୍ୱିତ କରିବାର ବ୍ୟାପକ ଦୃଷ୍ଟିକୋଣ ସହିତ ସମନ୍ୱିତ ଥିଲା । ଭବିଷ୍ୟତର ଅଗ୍ରଗତି, ଯେପରିକି ଏସଏପି ଏକୀକରଣ ଏବଂ ଫ୍ଲିଟ୍ ମ୍ୟାନେଜମେଣ୍ଟ ପରିଚାଳନାର ସଠିକତା ଏବଂ ସ୍ଥାୟୀତାକୁ ଆହୁରି ଉନ୍ନତ କରିବ । ବେଦାନ୍ତର କୋଇଲା ଖଣି ବ୍ୟବସାୟ ଉନ୍ନତ ଜ୍ଞାନକୌଶଳକୁ କେନ୍ଦ୍ର କରି ଡିଜିଟାଲ-ପ୍ରଥମ ଆଭିମୁଖ୍ୟ ମାଧ୍ୟମରେ ଏହାର ଡିଜିଟାଲ ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି । ଏହି ବ୍ୟବସାୟ ପ୍ରକ୍ରିୟାଗୁଡ଼ିକୁ ସୁବ୍ୟବସ୍ଥିତ କରିବା, ସହଯୋଗ ବୃଦ୍ଧି କରିବା ଏବଂ ଶିକ୍ଷଣ ଏବଂ ଉଦ୍ଭାବନ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ଅଭିନବ ଡିଜିଟାଲ୍ ପଦକ୍ଷେପ କାର୍ଯ୍ୟକାରୀ କରିଛି ଯାହା ଡ୍ରୋନ୍ ବ୍ୟବହାର କରି ବ୍ଲାଷ୍ଟିଂ ଜୋନ୍ କ୍ଲିୟରାନ୍ସ: ବ୍ଲାଷ୍ଟିଂ ଅପରେସନ୍ ସମୟରେ କର୍ମଚାରୀ, ଯନ୍ତ୍ରପାତି ଏବଂ ପଶୁସମ୍ପଦର ନିରାପତ୍ତା ସୁନିଶ୍ଚିତ କରି ବ୍ୟାପକ ଅଞ୍ଚଳକୁ ବ୍ୟାପ୍ତ କରିବା ଏବଂ ବିପଦଜନକ ସ୍ଥାନ ଠାରୁ ଦୁରେଇ ରଖିବ ।

## ହାଇକୋର୍ଟରେ ରାଜ୍ୟସରକାରଙ୍କ ସତ୍ୟପାଠ

# ଡ୍ୟୁଟି ବେଳେ ସରକାରୀ ଡାକ୍ତର ଘରୋଇ ପ୍ରାକ୍ଟିସ୍ କରିପାରିବେନି

କଟକ,(ସବ୍ୟୁ): ସରକାରୀ ଡାକ୍ତରମାନେ ଘରୋଇ ପ୍ରାକ୍ଟିସ୍ କରିପାରିବେ । କିନ୍ତୁ ଏଥିପାଇଁ କେତେକ ସର୍ତ୍ତ ଧାର୍ଯ୍ୟ କରାଯାଇଛି । ଘରୋଇ ପ୍ରାକ୍ଟିସ୍ କଲେ ମଧ ସରକାରୀ ଡ୍ୟୁଟିରେ ଥିବାବେଳେ ସେଥିରେ କୌଣସି ପ୍ରକାର କ୍ଷତି ଘଟିବ ନାହିଁ ବା ସରକାରୀ କାର୍ଯ୍ୟ କୌଣସି ଭାବରେ ପ୍ରଭାବିତ ହେବ ନାହିଁ । ଏପରିକି ଯେଉଁ ସମୟରେ ସେମାନଙ୍କ ଡ୍ୟୁଟି ସମୟ ରହିଥିବ ସେହି ସମୟରେ ସେମାନେ ଘରୋଇ ପ୍ରାକ୍ଟିସ୍ କରିପାରିବେ ନାହିଁ । ଯଦି ସେମାନଙ୍କ ଡ୍ୟୁଟି ସମୟ ବାଦ୍ ଚିକିତ୍ସା ପାଇଁ ଜରୁରୀକାଳୀନ ଆବଶ୍ୟକ ପଡ଼େ ତାହେଲେ ସେମାନେ ଯେକୌଣସି ପରିସ୍ଥିତିରେ ଥିଲେ ମଧ ଡ୍ୟୁଟିରେ ଯୋଗ ଦେବେ । କେବଳ ନିଜ ରହୁଥିବା ଘରେ ସେମାନେ ଏହି ଘରୋଇ ପ୍ରାକ୍ଟିସ୍ କରିପାରିବେଛସରକାରୀ ଡାକ୍ତରମାନେ ଘରୋଇ ପ୍ରାକ୍ଟିସ୍ କରିପାରିବେ ନାହିଁ ବୋଲି ରୁଜୁ ଏକ ମାମଲାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହାଇକୋର୍ଟରେ ଦାଖଲ ସତ୍ୟପାଠରେ ଏହା କୁହାଯାଇଛିଛ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦାଖଲ ସତ୍ୟପାଠରୁ ସରକାରୀ ଡାକ୍ତରମାନଙ୍କ ପାଇଁ ଘରୋଇ ପ୍ରାକ୍ଟିସ୍ ପାଇଁ କୌଣସି ପ୍ରକାର ପ୍ରତିବନ୍ଧକ ନଥିବା ସ୍ପଷ୍ଟ ହୋଇଯାଇଛିଛ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦାଖଲ ସତ୍ୟପାଠରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ଘରୋଇ ପ୍ରାକ୍ଟିସ୍ ନକରିବା ଲାଗି ୧୯୮୦ ମସିହାରେ ଏକ ପ୍ରସ୍ତାବ ପାରିତ କରାଯାଇଥିଲା । ଯେଉଁଥିରେ ଘରୋଇ ପ୍ରାକ୍ଟିସ୍ ନକରିବା ଲାଗି ଏକ ଭତ୍ତାର ବ୍ୟବସ୍ଥା କରାଯାଇଥିଲା ଛ ଏହାପରେ ପ୍ରାଇଭେଟ୍ ପ୍ରାକ୍ଟିସ୍ ନକରିବା ଲାଗି ଅନେକ ଗୁଡ଼ିଏ ପ୍ରସ୍ତାବ ପାରିତ କରାଯାଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଏହି ବ୍ୟବସ୍ଥାକୁ ତର୍ଜମା କରାଯିବା ପରେ ଏହି ଭତ୍ତା ପ୍ରଚଳନର ପ୍ରକୃତ ଉଦ୍ଦେଶ୍ୟ ଚରିତାର୍ଥ ହୋଇପାରି ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସତ୍ୟପାଠରେ ସ୍ୱୀକାର କରାଯାଇଛିଛ ସେଥିପାଇଁ ଏହି ବ୍ୟବସ୍ଥାକୁ ୨୦୦୩ରେ ବନ୍ଦ କରି ଦିଆଗଲାଛ ଏହା ପରିବର୍ତ୍ତେ ସରକାରୀ ଡାକ୍ତରମାନଙ୍କ ଲାଗି କେତେକ କଠୋର ସର୍ତ୍ତ ଧାର୍ଯ୍ୟ କରାଯାଇଛି । ଏହି ମର୍ମରେ ୨୦୦୩ରେ ଯେଉଁ ଗାଇଡ୍‌ଲାଇନ୍ ଜାରି କରାଯାଇଥିଲା ସେ ସମ୍ପର୍କରେ ଡାକ୍ତରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି । ବର୍ତ୍ତମାନ ପ୍ରତ୍ୟେକ ମେଡିକାଲ କଲେଜ୍ ଏବଂ ଜିଲ୍ଲା ହସ୍ପିଟାଲ ଗୁଡ଼ିକରେ ଡାକ୍ତରମାନଙ୍କ ଲାଗି ବାୟୋ ମେଟ୍ରିକ୍ ବ୍ୟବସ୍ଥା ପ୍ରଚଳନ କରାଯାଇଛି । ଯାହା ଫଳରେ ଡାକ୍ତରମାନେ ସେମାନଙ୍କ ଡ୍ୟୁଟି ସମୟ ମଧ୍ୟରେ କାର୍ଯ୍ୟ କରିବାକୁ ବାଧ୍ୟ ହେଉଛନ୍ତି । ଅପରପକ୍ଷରେ ରାଜ୍ୟରେ ଡାକ୍ତରଙ୍କ ଘୋର ଅଭାବ ହେତୁ ସେମାନଙ୍କ ଯେକୌଣସି ପରାମର୍ଶ ରୋଗୀଙ୍କୁ ଉପଯୁକ୍ତ ସମୟରେ ଚିକିତ୍ସା ମିଳିବାରେ ସହାୟକ ହୋଇପାରିବ ବୋଲି ସତ୍ୟପାଠରେ ସ୍ପଷ୍ଟ କରାଯାଇଛି । ଯେ, ସରକାରୀ ଡାକ୍ତରମାନେ ଘରୋଇ ପ୍ରାକ୍ଟିସ୍ କରିପାରିବେ ନାହିଁ ବୋଲି ପ୍ରାର୍ଥନା କରି ହାଇକୋର୍ଟରେ ସମାଜସେବୀ ନାରାୟଣ ଚନ୍ଦ୍ର ଜେନା ଏକ ମାମଲା ରୁଜୁ କରିଥିଲେ । ତାଙ୍କର ଅଭିଯୋଗ ଥିଲା ଯେ, ଯଦି ସରକାରୀ ଡାକ୍ତରମାନଙ୍କୁ ଘରୋଇ ପ୍ରାକ୍ଟିସ୍ ପାଇଁ ଅନୁମତି ଦିଆଯାଏ ତାହେଲେ ସେମାନେ ସରକାରୀ ଅପେକ୍ଷା ଘରୋଇ ପ୍ରାକ୍ଟିସ୍ ଉପରେ ଅଧିକ ଧ୍ୟାନ ଦେବେ । ଏପରିକି ସେମାନେ ନିଜ ଚାମ୍ବରକୁ ରୋଗୀମାନଙ୍କୁ ନେଇଯିବେ । ଘରୋଇ ପ୍ରାକ୍ଟିସ୍ ପାଇଁ ସରକାରୀ ଡାକ୍ତରମାନେ ସରକାରୀ ଡାକ୍ତରଖାନାରେ ରୋଗୀଙ୍କୁ ଭଲ ଚିକିତ୍ସା ପ୍ରଦାନ କରୁନାହାନ୍ତି । କିନ୍ତୁ ଯଦି ଦେଖାଯାଏ ଏହି ଡାକ୍ତରମାନଙ୍କ ପଛରେ ଏମ୍‌ବିବିଏସ୍ କରିବା ସମୟରେ ସରକାରୀ ତହବିଲୁ ବହୁ ଅର୍ଥ ଖର୍ଚ୍ଚ କରିଯାଇଥାଏ ।

# ଭକ୍ତ ଦାସିଆ ସ୍ମୃତି କମିଟିର ମାସିକ ସମୀକ୍ଷା ବୈଠକ



ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱରସ୍ଥ ଐତିହ୍ୟ ଧଉଳି ପାହାଡ଼ର ପାଦ ଦେଶରେ ଅବସ୍ଥିତ ରବିନ୍ଦ୍ର ଫାର୍ମ ହାଉସ ପରିସରରେ ଭକ୍ତ ଦାସିଆ ସ୍ମୃତି କମିଟିର ଏକ ପ୍ରାୟୋଜିତ ବଣ ଭୋଜି ଅବସରରେ ମାସିକ ସମୀକ୍ଷା ବୈଠକ ଅନୁଷ୍ଠାନର ସଭାପତି ଡ଼ଃ. ପ୍ରତିଭା ମହାରଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଚଳିତ ମାଘ ମାସ ଶୁକ୍ଳପକ୍ଷ ବଡ଼ ଏକାଦଶୀ ତିଥିରେ ବାଲିଗାଁ ସ୍ଥିତ ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠରେ ଭକ୍ତଙ୍କ ମହାପ୍ରୟାଣ ଦିବସ ଆସନ୍ତା ଫେବୃୟାରୀ ୮ ତାରିଖ ଶନିବାର ଦିନ ପାଳିତ ହେବାକୁ ଚୁଡ଼ାନ୍ତ ନିଷ୍ପତ୍ତି ନିଆଯାଇଛି । ସମୀକ୍ଷା ବୈଠକର ଅବ୍ୟାହତପୂର୍ବର ବିଶିଷ୍ଟ ସୁନାମଧନ୍ୟ କଳାକାର ଅଜୟ ଦାସ, ଆର୍ନ୍ତଜାତିକ ବଂଶି ବାଦକ ପର୍ଶୁରାମ ଦାସ, ସଂଗୀତଜ୍ଞ ମନୋରଞ୍ଜନ ମହାନ୍ତି, ସର୍ବିତା ସାହୁଙ୍କ ସଂଗୀତ ପରିବେଷଣ ସମସ୍ତଙ୍କ ହୃଦୟସ୍ପର୍ଶୀ ହୋଇପାରିଥିଲା । ଅନୁଷ୍ଠାନର ସାଧାରଣ ସଂପାଦକ ଡ଼ଃ. ଘନଶ୍ୟାମ ସ୍ୱାଇଁ ବିଗତ ବର୍ଷର ମହାପ୍ରୟାଣ ଦିବସର ବ୍ୟୟ ଉପସ୍ଥାପନା କରିବା ସହିତ ଚଳିତ ବର୍ଷର ସମ୍ଭାବ୍ୟ ବ୍ୟୟ ଅଟକଳ ତଥା ବିଭିନ୍ନ କାର୍ଯ୍ୟକ୍ରମର ସୂଚନା ଉପସ୍ଥିତ ସଦସ୍ୟଙ୍କ ଅବଗତ କରାଇବା ସହ ସମସ୍ତ ସଦସ୍ୟ ତଥା ବୈଦାନ୍ୟ ବ୍ୟକ୍ତି ବିଶେଷଙ୍କ ଆର୍ଥିକ ସହଯୋଗ କାମନା କରିଥିଲେ । ବୈଠକର ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ତଥା ଏମସ୍ ଭୁବନେଶ୍ୱରର ପ୍ରାକ୍ତନ ନିର୍ଦ୍ଦେଶକ ଡ଼ଃ. ଅଶୋକ କୁମାର ମହାପାତ୍ର ଭକ୍ତଙ୍କ ସ୍ମୃତି ଚାରଣ କରିବା ସହିତ ସମସ୍ତଙ୍କ ଆନ୍ତରିକ ସଦିଚ୍ଛା କାମନା କରିଥିଲେ । ଏହି ଅବସରରେ ଉପ ସଭାପତି ତଥା ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରାକ୍ତନ ଯନ୍ତ୍ରୀ ମୁଖ୍ୟ ଇଂ. ଦେବ ନାରାୟଣ ପାଲ, ବିଶିଷ୍ଟ ଶିକ୍ଷାବିତ ଡ଼ଃ. ଚିତ୍ତ ରଞ୍ଜନ ମିଶ୍ର, ଇଂ. ବସନ୍ତ କୁମାର ମିଶ୍ର, ସୁରେଶ କୁମାର ମହାପାତ୍ର, ପ୍ରତାପ ଚନ୍ଦ୍ର ସିଂ ପ୍ରମୁଖ ନିଜ ନିଜର ବକ୍ତବ୍ୟରେ ଭକ୍ତଙ୍କ ମହାପ୍ରୟାଣ ଦିବସ ପ୍ରସ୍ତୁତିର ଖସଡ଼ା ଉପରେ ଗଭୀର ଆଲୋକପାତ କରିଥିଲେ । ବିଏମ୍‌ସିର ପ୍ରାକ୍ତନ ମୁଖ୍ୟ ବିତ୍ତ ଅଧିକାରୀ ଲବଣ୍ୟ ଶବର ସଭା ପରିଚାଳନା କରିବା ସହିତ ସାଂସ୍କୃତିକ ସଂପାଦକ ଆଇନଜିବୀ ସରୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ବଣଭୋଜିର ସୁସ୍ୱାଦୁ ଖାଦ୍ୟ ପରିବେଷଣ ସହିତ ସ୍ୱତନ୍ତ୍ର ଭାବେ ଆମନ୍ତ୍ରିତ ଖଣ୍ଡଗିରସ୍ଥ ଅନାଥ ଆଶ୍ରମର ଅନ୍ତେବାସୀମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ସମସ୍ତ ସଦସ୍ୟମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରିଥିଲେ ।

# ଓଡିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ବଦ୍ଧପରିକର : ପ୍ରତାପ ଷଡଙ୍ଗୀ

## ରାଜ୍ୟର ଆର୍ଥିକ ଅଭିବୃଦ୍ଧି ପାଇଁ ସହାୟକ ହେବ ଉତ୍କର୍ଷ ଓଡିଶା




ଭୁବନେଶ୍ୱର, (ସବ୍ୟୁ): ପୂର୍ବୋଦୟର ବିକାଶରେ ବିକଶିତ ଭାରତ ବର୍ଷ ଗଠନ ସମ୍ଭବ । ଓଡିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଦ୍ଧପରିକର ଏବଂ ଏଥି ପାଇଁ ଶାସନ ଦାୟୀତ୍ୱ ନେବାର ପ୍ରଥମ ଦିନରୁ କାର୍ଯ୍ୟ କରିଆସୁଛନ୍ତି । ମୋଦିଜୀଙ୍କ ତତ୍ତ୍ୱାବଧାନରେ ରାଜ୍ୟରେ ଗରୀବ, ଯୁବକ, କୃଷକ ଏବଂ ମହିଳା କଲ୍ୟାଣକାରୀ ଯୋଜନାକୁ ବାସ୍ତବ ଓ ସଫଳ ରୂପାୟନ ଦେବା ପାଇଁ ସମସ୍ତ ପ୍ରକାରର ପ୍ରୟାସ ଜାରୀ ରହିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ସାଢେ ଚାରି କୋଟି ଓଡିଆଙ୍କ ଆଶା ଓ ଆକାଂକ୍ଷାକୁ ସମ୍ମାନ ଜଣାଇ କାର୍ଯ୍ୟ କରାଯାଉଛି । ଓଡିଶାର ଐତିହ୍ୟ, ସଂସ୍କୃତି, ପରାଂପରା, କଳା, ଭାଷା, ଖାଦ୍ୟ ଆଦିକୁ ବିଶ୍ୱସ୍ତରରେ ପହଂଚାଇବାର ପ୍ରୟାସ ଜାରୀ ରହିଛି । ରାଜ୍ୟରେ ବର୍ତ୍ତମାନ ବିଜେପିର ଡବଲ ଇଂଜିନ ସରକାର । ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ପ୍ରଧାନମନ୍ତ୍ରୀ ମୋଦିଜୀ ୫ମ ଥର ପାଇଁ ଓଡିଶା ଆସୁଛନ୍ତି । ଓଡିଶାରେ ପ୍ରଥମ ଥର ପାଇଁ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ସମ୍ମିଳନୀମାନ ଆୟୋଜନ କରାଯାଉଛି । ପୋଲିସ ଡିଜି ସମ୍ମିଳନୀ, ଭାରତୀୟ ନୌସେନା ଦିବସ ପାଳନ, ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଜରିଆରେ ଓଡିଶାର ମାନ ଓ ସମ୍ମାନ ବିଶ୍ୱସ୍ତରରେ ପହଞ୍ଚି ପାରିଛି । ଶପଥ ଗ୍ରହଣ, ସୁଭଦ୍ରା ଯୋଜନାର ଶୁଭାରମ୍ଭ, ପୋଲିସ ଡିଜି ସମ୍ମିଳନୀ, ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ପରେ ଆସନ୍ତା ୨୮ ତାରିଖ ଦିନ ପୁଣି ଥରେ ଓଡିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ ମୋଦିଜୀ ବୋଲି ସାଂସଦ ତଥା ବରିଷ୍ଠ ନେତା ପ୍ରତାପ ଷଡଙ୍ଗୀ ସୂଚନା ଦେଇଛନ୍ତି । ଦିନିକିଆ ଗସ୍ତରେ ଓଡିଶା ଆସୁଥିବା ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ୨୮ ତାରିଖ ସକାଳ ୧୦ଟାରେ ଏୟାରପୋର୍ଟରୁ ଆରମ୍ଭ କରି ଜନତା ମଇଦାନ ପାର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ କାର୍ଯ୍ୟକର୍ତାମାନେ ଉପସ୍ଥିତ ରହି ସ୍ୱାଗତ ଜଣାଇବେ । ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ମୋଦିଜୀ ଉତ୍କର୍ଷ ଓଡିଶା ସମ୍ମିଳନୀରେ ଯୋଗ ଦେବେ । ଭୁବନେଶ୍ୱରର ଜନତା ମଇଦାନଠାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଦେଶ ତଥା ବିଦେଶରୁ ପ୍ରାୟ ୫ ହଜାର ପୁଞ୍ଜି ନିବେଶକାରୀ ପ୍ରତିନିଧି ଯୋଗ ଦେବେ । ଏହି ସମ୍ମିଳନୀ ଜରିଆରେ ଓଡିଶାକୁ ବୃହତ ପରିମାଣର ପୁଞ୍ଜି ନିବେଶ ସମ୍ଭବ ହେବ। ସହିତ ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ପାଇଁ ସହାୟକ ହେବ ବୋଲି ଶ୍ରୀ ଷଡଙ୍ଗୀ କହିଛନ୍ତି । ସେହିପରି ଅଟଳ ବିହାରୀ ବାଜପେୟୀ ଜନ୍ମ ଶତାବ୍ଦୀ ପାଳନ ପାଇଁ କମିଟି ଗଠିତ ହୋଇଛି । ଏହି ସାମ୍ବାଦିକ ସମ୍ମଳନୀରେ ରାଜ୍ୟ ଉପସଭାନେତ୍ରୀ ସୁଶ୍ରୀ ସୁକେଶୀ ଓରାମ, ରାଜ୍ୟ ସାଧାରଣ ସଂପାଦକ ଡ.ଯତୀନ ମହାନ୍ତି, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ମିଶନ ଶକ୍ତି ପୁନଃ ଗଠନକୁ ବିରୋଧ ଓ ସ୍ଥାୟୀ ନିଯୁକ୍ତି ଦାବିରେ ବିକ୍ଷୋଭ




ବାରିପଦା, (ସବ୍ୟୁ) : ମୋହନ ସରକାର ରାଜ୍ୟରେ ନେତୃତ୍ୱଭାର ସମ୍ଭାଳିବା ପରେ ମିଶନଶକ୍ତି ମହିଳା ମାନଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ କରିଛନ୍ତି ମିଶନଶକ୍ତି ମହିଳା ମାନେ । ଏହି ବିଭାଗକୁ ବନ୍ଦ ଅବା ପୁନର୍ଗଠନ କରିଦିଆଯିବ ବୋଲି ଅମଲାତାନ୍ତ୍ରିକ ଦପ୍ତରରେ ଜୋରଦାର ଆଲୋଚନା ହେଉଛି । ଯାହାକୁ ନେଇ ମିଶନ ଶକ୍ତି ମହିଳା ମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ମିଶନ ଶକ୍ତିକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅଣଦେଖା କରାଯାଉଥିବାର ଅଭିଯୋଗ ହୋଇଛି । ଯାହାକୁ ନେଇ ବାରିପଦାରେ ୬ହଜାରରୁ ଉର୍ଦ୍ଧ୍ୱ ମହିଳା ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ମିଶନ ଶକ୍ତିକୁ ପୁନର୍ଗଠନ କରିବାକୁ ବିରୋଧ ଓ ସ୍ଥାୟୀ ନିଯୁକ୍ତି ଦାବିରେ ୬ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ମୟୂରଭଞ୍ଜ ଜିଲ୍ଲାର ସମସ୍ତ ବ୍ଲକସ୍ତରୀୟ ୬ହଜାରରୁ ଉଦ୍ଧର୍ବ ଇସି ଗ୍ରୁପ ସଦସ୍ୟା ମାନେ କାର୍ଯ୍ୟ କରି ଆସୁଛନ୍ତି । ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ମଧ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବାରେ ମୁଖ୍ୟ କାର୍ଯ୍ୟ କରୁଛନ୍ତି । କିନ୍ତୁ ରାଜ୍ୟ ସରକାରଙ୍କ ତାଙ୍କ ପ୍ରତି ଦୃଷ୍ଟି ଦେଉନାହାନ୍ତି ।

ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ସଂଗଠିତ କରିବା, ସେମାନଙ୍କୁ ଆର୍ଥିକ ପରିଚାଳନାରେ ତାଲିମ ଦେବା, ପ୍ରୋତ୍ସାହିତ କରିବା ଆଦି କାର୍ଯ୍ୟ କରାଯାଇଥାଏ । ଏଥିସହିତ ମିଶନ ଶକ୍ତି ସିଆରପି ଓ ଏମବିକେ ମାନଙ୍କ କାର୍ଯ୍ୟ ତଦାରଖ ମଧ କରିଥାନ୍ତି । ଏହାପରେ ସ୍ୱଳ୍ପ ବେତନରେ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଛନ୍ତି । ସରକାରଙ୍କ ପ୍ରତି କାର୍ଯ୍ୟରେ ସହାୟତା କରୁଥିଲେ ସୁଦ୍ଧା ନିୟମିତ ହେଲେନାହିଁ । ବର୍ତ୍ତମାନ ପୁନର୍ଗଠନ କରିବା ଆଳରେ ରାଜ୍ୟ ସରକାର ମିଶନ ଶକ୍ତି ବନ୍ଦ କରିବା ପାଇଁ ଯୋଜନା କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି । ବରିଷ୍ଠତା, ଅଭିଜ୍ଞତାକୁ ଭିତ୍ତି କରି ପୁରସ୍କାର ଦେବା ପରିବର୍ତ୍ତେ ରାଜ୍ୟସରକାର ଅଣଦେଖା କରୁଛନ୍ତି । ଯାହାଦ୍ୱାରା ବ୍ଲକ, ପଞ୍ଚାୟତ ଓ ଗ୍ରାମସ୍ତରରେ ସ୍ୱୟଂସହାୟକ ଗୋଷ୍ଠୀ ମାନଙ୍କ ମଧ୍ୟରେ ଅସ୍ଥିରତା ସୃଷ୍ଟି କରାଯାଉଛି । ଯାହାକୁ ନେଇ ବ୍ଲକସ୍ତରୀୟ ଇସି ସଦସ୍ୟ ମାନେ ହଜାର ହଜାର ସଂଖ୍ୟାରେ ସଂଘ ବଦ୍ଧ ହୋଇ ଦାବି ଉପସ୍ଥାପନ କରିଛନ୍ତି । ମିଶନ ଶକ୍ତି ମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ, ମାସିକ ବେତନ ପ୍ରଦାନ, ମୁଣ୍ଡ ପିଛା ହାରାରେ ଭତ୍ତା ପ୍ରଦାନ, ସହରାଞ୍ଚଳ କାର୍ଯ୍ୟରତଙ୍କୁ ମାସିକ ଭତ୍ତା ସୁନିର୍ଶ୍ଚିତ କରିବା, ବରିଷ୍ଠତା ଭିତ୍ତିରେ ପଦୋନ୍ନତି, ମିଶନ ଶକ୍ତି ସଦସ୍ୟାଙ୍କୁ ସାମାଜିକ ନିରାପତ୍ତା ପ୍ରଦାନ, ବୀମା ସୁବିଧା, ୬୫ବର୍ଷ ପରେ ପେନ୍‌ସନ୍ ପ୍ରଦାନ, ଦୁର୍ଘଟଣା ବୀମା ୫ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ଓ ମିଶନ ଶକ୍ତିକୁ ଅର୍ଥନୀତି ସମୃଦ୍ଧିକୁ ତ୍ୱରାନ୍ୱିତ କରିବା ଆଦି ଦାବି ଉପସ୍ଥାପନ କରିଛନ୍ତି ।

ସୂଚନାଯୋଗ୍ୟ ମିଶନଶକ୍ତି ଯୋଜନାରେ ଆସୁଥିବା ଅନୁଦାନ ଅର୍ଥ ବିଶେଷ କରି ଜିଲ୍ଲାର ମହିଳାଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଖର୍ଚ୍ଚ ହେଉଥିଲା । ମହିଳା ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ପ୍ରଦାନ ଏବଂ ସେମାନଙ୍କ ଜୀବନ ଜୀବିକାର ବିକାଶ ନେଇ ଏହି ଟଙ୍କା ଖର୍ଚ୍ଚ ହେଉଥିଲା । ମୟୂରଭଞ୍ଜ ଜିଲ୍ଲାରେ ମୋଟ ୪୦ହଜାର ସ୍ୱୟଂସହାୟିକା ଗୋଷ୍ଠୀ ଗଠନ ହୋଇଥିବାବେଳେ ୪ଲକ୍ଷ ୪୨ହଜାର ମହିଳା ପଞ୍ଜୀକୃତ ହୋଇଛନ୍ତି । ଗ୍ରାମ୍ୟସ୍ତରରେ ସିଏଲ୍‌ଏଫ୍ (କ୍ଲଷ୍ଟରସ୍ତରୀୟ ସଂଘ), ଜିପିଏଲ୍‌ଏଫ୍ (ଗ୍ରାମ ପଞ୍ଚାୟତ ସ୍ତରୀୟ ସଂଘ), ବିଏଲ୍‌ଫ୍ (ବ୍ଲକସ୍ତରୀୟ ସଂଘ) ଏବଂ ଡିଏଲ୍‌ଏଫ୍ (ଜିଲ୍ଲାସ୍ତରୀୟ ସଂଘ) ଗଠନ କରାଯାଇ ସଦସ୍ୟାଙ୍କୁ ବିଭିନ୍ନ ପ୍ରକାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଗତ ୫ବର୍ଷରେ ଆସିଥିବା ୧୦୦ କୋଟି ଅନୁଦାନ ଟଙ୍କା ମହିଳାଙ୍କ ଜୀବନ ଜୀବିକାର ବିକାଶ ଯଥା ଛତୁ, ଫୁଲ, କୁକୁଡ଼ା, ଛେଳି, ବତକ, ମେଣ୍ଢା ଚାଷ, ଋଣ ପ୍ରଦାନ, ମହିଳାଙ୍କୁ ବ୍ଲେଜର ଓ ୟୁନିଫର୍ମ ପ୍ରଦାନ ଏବଂ ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବାବଦରେ ଖର୍ଚ୍ଚ ହୋଇଛି । ଏପରିକି ଜିଲ୍ଲାର ଅନେକ ମହିଳା ବିଦେଶ ଯାଇ ଅଭିଜ୍ଞତା ସାଉଁଟିଥିଲେ । ଏହାସହିତ ମହିଳାମାନଙ୍କୁ ବ୍ୟାଙ୍କ ଲିଙ୍କେଜ ଜରିଆରେ ଋଣପ୍ରଦାନ କରାଯାଇଛି ।

ଗତ ବର୍ଷକ ତଳେ ସ୍ୱୟଂସହାୟିକା ମହିଳାଙ୍କ ପାଇଁ ମିଶନଶକ୍ତି ସ୍କୁଟର ଯୋଜନା ଆରମ୍ଭ ହୋଇଥିଲା । ଏହି ଯୋଜନାରେ ସ୍ୱୟଂସହାୟିକା ଗୋଷ୍ଠୀର ମହିଳା, ବ୍ୟାଙ୍କମିତ୍ର, କମ୍ୟୁନିଟି ରିସୋର୍ସ ପର୍ସନ, ମାଷ୍ଟର ବୁକ କିପର, ପ୍ରାଣୀ ମିତ୍ର, କୃଷି ମିତ୍ର, ଜିପିଏଲଏଫ୍, ବିଏଲ୍‌ଏଫ୍ ଏବଂ ଡିଏଲ୍‌ଏଫର ନେତ୍ରୀମାନଙ୍କୁ ସ୍କୁଟି କିଣିବା ନିମନ୍ତେ ସରକାର ବ୍ୟାଙ୍କ୍ ଜରିଆରେ ୧ଲକ୍ଷ ଟଙ୍କା ବିନା ସୁଧରେ ଋଣ ପ୍ରଦାନ କରି ଆସୁଥିଲେ । କିନ୍ତୁ ନୂଆସରକାର ତାହାକୁ ଏବେ ବନ୍ଦ କରିଦେଇଛନ୍ତି । ଯାହାକୁ ବିରୋଧ କରି ଆଜି ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ।

## ପୋଲିସ ହାତରେ ସୁନା ଲୁଟେରା ଗ୍ୟାଙ୍ଗ୍
## ମାଷ୍ଟର ମାଇଣ୍ଡ ସମେତ ୪ ଗିରଫ

ବାରିପଦା, (ସବ୍ୟୁ) : ପୋଲିସ ହାତରେ ସୁନା ଲୁଟେରା ଗ୍ୟାଙ୍ଗ୍, ମାଷ୍ଟର ମାଇଁଣ୍ଡ ଡ୍ରାଇଭର ସମେତ ୪ଅଭିଯୁକ୍ତ ଗିରଫ । ଗତ ୨୧ତାରିଖ ବାରିପଦା ସହରର ଜଣେ ସୁନା ବ୍ୟବସାୟୀଙ୍କ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଏକ ହ୍ୟୁଣ୍ଡାଇ ଅରା କାରରେ ବାରିପଦାରୁ ବାଲେଶ୍ୱର ଦୋକାନକୁ ଯାଉଥିବାବେଳେ ପାଲବଣି ନିକଟରେ ଏକ ବାଇକ୍‌ରେ ୩ ଜଣ ସନ୍ଦିଗ୍ଧ ଆସି ସବୁ ସୁନା ଅଳଙ୍କାର ଲୁଟି ନେଇଥିଲେ । କାର ଡ୍ରାଇଭର ମେସେଜ୍‌କୁ ଆଧାର କରି ଘଟଣାର ପର୍ଦ୍ଦାଫାସ କରିଛି ସଦର ଥାନା ପୋଲିସ । ଗିରଫ ଅଭିଯୁକ୍ତ ମାନେ ବାରିପଦା ସହରର ବଡ଼ବଜାର ଅଞ୍ଚଳ ବୋଲି ଜଣାପଡିଥିବା ବେଳେ ଏମାନଙ୍କ ଘରୁ ସୁନା ଅଳଙ୍କାର ମଧ ଜବତ୍ କରିଛି ପୋଲିସ ।

## ଅତିରିକ୍ତ ଏସପିଙ୍କ ଗାଡି ଦୁର୍ଘଟଣା

ଭଞ୍ଜନଗର, (ସବ୍ୟୁ): ଭଞ୍ଜନଗର ଥାନା ଅନ୍ତର୍ଗତ ଶାଲୁଆପଲ୍ଲୀ ନିକଟୟରେ ଭାରସାମ୍ୟ ହରାଇ ରାସ୍ତାକଡ ଗଛରେ ପିଟିହୋଇ ଓଲଟି ପଡ଼ିଲା, ଭଞ୍ଜନଗର ଅତିରିକ୍ତ ଏସପିଙ୍କ କାର୍ । ଫଳରେ ଅତିରିକ୍ତ ଏସପି ରଞ୍ଜନ କୁମାର ଦେଙ୍କ ସମେତ ତାଙ୍କ ଶାଶୁ , ସ୍ତ୍ରୀ ଓ ଡ୍ରାଇଭର ଆହତ ହୋଇଛନ୍ତି ।

ଶ୍ରୀ ଦେ କୌଣସି କାମରେ ନିଜ ପୈତୃକ ଘର ବାଲେଶ୍ୱର ଯାଇ ଭଞ୍ଜନଗର ଅଭିମୁଖେ ଫେରୁଥିବା ସମୟରେ ଏଭଳି ଘଟଣା ଘଟିଥିଲା। ଗୁରୁବାର ବିଳମ୍ବିତ ରାତି ହୋଇଥିବାରୁ ଡ୍ରାଇଭର କୃଷ୍ଣ ପାତ୍ରଙ୍କ ଅଖି ପଡିଯିବାରୁ କାରଟି ଶାଲୁଆପଲ୍ଲୀ ନିକଟରେ ଏକ ଗଛକୁ ଧକ୍କା ଦେଇ ଓଲଟି ପଡିଥିଲା । ଫଳରେ ଗାଡି ଭିତରେ ଥିବା ସମସ୍ତେ ଆହତ ହୋଇଥିଲେ । ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ଭଂଜନଗର ମେଡିକାଲ ପଠାଇଥିଲେ । ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା ।

## ନୂଆବଜାର ହାଇସ୍କୁଲ୍ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

କଟକ, (ସ୍ୱପ୍ର): ନୂଆବଜାର ହାଇସ୍କୁଲ୍ ୧୯୮୨ ମାଟ୍ରିକ୍ ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀଙ୍କର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ପୁରାତନ ବିଦ୍ୟାର୍ଥୀ ଅଜୟ ସୂତାର, ନିରଞ୍ଜନ ମଲ୍ଲିକ, ଉମେଶ ସାହୁ, ଲକ୍ଷ୍ମୀଧର ସାହୁ, ଭରତ ମହାରଣା, ଶଶାଙ୍କ ଚୌଧୁରୀ, ରଞ୍ଜନ ମହାରଣା, ଶିବପ୍ରସାଦ ସାହୁ, ସଂଗ୍ରାମ ଜଗଦେବ ସୁଜ୍ଞାନ ସ୍ୱାଇଁ, ଭାସ୍କର ମହାପାତ୍ର, ଧନଞ୍ଜୟ ସାହୁ, ପ୍ରଦୀପ କୁମାର ଓଝା, ସରୋଜ କୁମାର ପଣ୍ଡା, ସତ୍ୟପ୍ରିୟ ନାୟକ, ଦୀପ୍ତି ମହାପାତ୍ର, ବିଦ୍ୟୁଲତା ଲେଙ୍କା, ନମିତା ପଟ୍ଟନାୟକ, ଅଞ୍ଜଳି ସ୍ୱାଇଁ, ଶ୍ୟାମଳୀ ଲେଙ୍କା, ନିବେଦିତାଙ୍କ ସମେତ ୪୦ରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଏହି ଅବସରରେ ଦିବଙ୍ଗତ ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

## ଲୋକାଲ ଟ୍ରକ ମାଲିକ ସଂଘର ସାଙ୍ଗଠନିକ ବୈଠକ
## ନୂତନ କର୍ମକର୍ତ୍ତା ନାମ ଘୋଷଣା

ବାରିପଦା, (ସବ୍ୟୁ) : ସ୍ଥାନୀୟ ମଧୁବନ ଠାରେ ଲୋକାଲ ଟ୍ରକ ମାଲିକ ସଂଘର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ସଭାପତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ଯୋଗ ଦେଇଥିବା ସମସ୍ତ କର୍ମକର୍ତ୍ତାଙ୍କ ସହମତିରେ ଜିଲ୍ଲା କମିଟିକୁ ନୂତନ ଭାବେ ପୁନର୍ଗଠିତ କରି କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଜିଲ୍ଲା ସଭାପତି ଭାବେ କମଳେନ୍ଦୁ ଦାସ, ଉପସଭାପତି ଭାବେ ରବୀନ୍ଦ୍ର ଜେନା ଓ ସତ୍ୟକାମ ପଣ୍ଡା, ସମ୍ପାଦକ ଭାବେ ପ୍ରକାଶ କରମହାପାତ୍ର, ସହସମ୍ପାଦକ ଭାବେ ଅଭିଷେକ ମହାପାତ୍ର, ରାକେଶ ମହାନ୍ତି ଓ ଅମିତ ରାମ ଓ କୋଷାଧ୍ୟକ୍ଷ ଭାବେ ଜଗତ ଜୀବନ ରାମ ଏବଂ ସହ କୋଷାଧ୍ୟକ୍ଷ ଭାବେ ରଞ୍ଜିତ ସାହୁଙ୍କ ନାମ ଘୋଷଣା କରାଯାଇଛି। ସର୍ବସମ୍ମତି କ୍ରମେ ନୂତନ କର୍ମକର୍ତ୍ତା ଚୟନ ହୋଇଥିବାବେଳେ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି। ଆଗାମୀ ଦିନରେ ସଂଘର ସ୍ୱାର୍ଥକୁ ଦୃଷ୍ଟିରେ ରଖି କମିଟି କାର୍ଯ୍ୟ କରିବ ବୋଲି ନୂତନ କର୍ମକର୍ତ୍ତା କହିଛନ୍ତି।

## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ପ୍ୟାରେଡ୍ ଅଭ୍ୟାସ

ବୁଗୁଡା, (ସବ୍ୟୁ) : ଚଳିତ ବର୍ଷ ବୁଗୁଡ଼ା ଏନଏସି ଏବଂ ଶ୍ରୀକର ଭଞ୍ଜ ଓପନ୍ କ୍ରିୟୁର ମିଳିତ ଆନୁକୂଲ୍ୟରେ ୭୬ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳନ ହେବାକୁ ଯାଉଥିବା ବେଳେ ସେହି ଉପଲକ୍ଷେ ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ପ୍ୟାରେଡ୍ ଅଭ୍ୟାସ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାଯାଇଛି। ସ୍ଥାନୀୟ ପିପୁଲ୍ଲି ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଏନସିସି , ସ୍କାଉଟ୍, ଛାତ୍ର ଓ ଛାତ୍ରୀଙ୍କ ଭିନ୍ନ ଭିନ୍ନ ଦଳ ପିପୁଲ୍ଲି କଲେଜ ପିଇଟି କ୍ରିଷ୍ଣାରାଓ ପାତ୍ରଙ୍କ ତତ୍ତ୍ୱାବଧାନରେ ମିଳିତ ପ୍ୟାରେଡ୍ ଅଭ୍ୟାସ କରୁଥିବା ବେଳେ ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଅନ୍ୟାନ୍ୟ କ୍ରୀଡା ଶିକ୍ଷକଙ୍କ ସହଯୋଗ ଦେଖିବାକୁ ମିଳିଛି।

## ହିଞ୍ଜିଳିରେ କମେଡି ଇନ୍ ଖାକି ପୁସ୍ତକକୁ ତୀବ୍ର ବିରୋଧ




ହିଞ୍ଜିଳିକାଟୁ, (ସବ୍ୟୁ): ଅବସରପ୍ରାପ୍ତ ଆଇପିଏସ ଅଧିକାରୀ ପ୍ରକାଶ ମିଶ୍ରଙ୍କ ଦ୍ୱାରା ଲିଖିତକମେଡି ଇନ୍ ଖାକିପୁସ୍ତକକୁ ହିଞ୍ଜିଳିରେ ତୀବ୍ର ବିରୋଧ କରଯାଇଛି । ଏହି ପୁସ୍ତକରେ ବିରୋଧୀ ଦଳର ନେତା ତଥା ହିଞ୍ଜିଳି ବିଧାୟକ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତିରେ ଆଞ୍ଚ ଆଣିବା ଉଦ୍ଦେଶ୍ୟରେ କିଛି ମିଛ ଓ କପୋଳକଳ୍ପିତ କାହାଣୀ ବର୍ଣ୍ଣିତ ହୋଇଥିବା ଦାବି କରି ହିଞ୍ଜିଳି ଅଞ୍ଚଳର ଶତାଧିକ ବିଜେଡ଼ି ନେତା ଓ କର୍ମୀ ଏକତ୍ରିତ ହୋଇ ଏହାକୁ ନାପସନ୍ଦ କରିବା ସହିତ ଲେଖକ ଶ୍ରୀ ମିଶ୍ରଙ୍କ ବିରୋଧରେ ନାରାବାଜି କରିଛନ୍ତି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବିଜୁ ପଟ୍ଟନାୟକ କଲ୍ୟାଣମଣ୍ଡପ ଠାରୁ ଏକ ଶୋଭାଯାତ୍ରା ବାହାରି ବିଜୁ ପଟ୍ଟନାୟକ ଛକ ଠାରେ ପହଞ୍ଚିଥିଲା । ସେଠାରେ ବିଜେଡ଼ି ନେତା ଓ କର୍ମୀ ମାନେ ନାରାବାଜି କରିବା ସହିତ ପ୍ରକାଶ ମିଶ୍ରଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ହିଞ୍ଜିଳି ବିଧାୟକଙ୍କ ଜିଲା ପରିଷଦ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ପୌର ପରିଷଦ ଅଧକ୍ଷ ସୁବାଷ ଚନ୍ଦ୍ର ପଲେଇ, ନଗର ସଭାପତି ହୃଦୟାନନ୍ଦ ମହାପାତ୍ର, ପୌର ପରିଷଦ ପ୍ରତିନିଧି ପ୍ୟାରୀ ମୋହନ ପାଢ଼ୀ, ଜିଲା ପରିଷଦ ସଭ୍ୟ ଓ ସଭ୍ୟା , ବ୍ଲକ ଛାତ୍ର ବିଜେଡ଼ି ସଭାପତି ଅନିଲ କୁମାର ସ୍ୱାଇଁ, ବିଜେଡ଼ି ନେତା ଅଜୟ କୁମାର ମହାରଣା, ନୀଳମଣି ପଟ୍ଟନାୟକ, ରୋହିତ ବିଷୋୟୀ, ସଞ୍ଜୟ ସ୍ୱାଇଁ, କାଉନସିଲର ବିଭୁ ପ୍ରସାଦ ପଣ୍ଡା, ବସନ୍ତ ବେହେରାଙ୍କ ସମେତ ବହୁ ସମର୍ଥକ ଉପସ୍ଥିତ ଥିଲେ । ପୁସ୍ତକର ଲେଖକ ନିଃସର୍ତ୍ତ କ୍ଷମା ମାଗିବା ସହିତ ସରକାର ଏହି ପୁସ୍ତକକୁ ବ୍ୟାନ୍ କରନ୍ତୁ ବୋଲି ଦାବି କରିଛନ୍ତି । ଏଥିରେ ଖିଲାପ ହେଲେ ଆଗାମୀ ଦିନରେ ବ୍ୟାପକ ଜନ ଆନ୍ଦୋଳନ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।

## ୭୫ ବର୍ଷ ଅବସରରେ ଦିବ୍ୟ ଜୀବନ ସଂଘର ଅମୃତ ମହୋତ୍ସବ

ଭଞ୍ଜନଗର, (ସବ୍ୟୁ): ଭଂଜନଗରରେ ସ୍ଥିତ ଦିବ୍ୟ ଜୀବନ ସଂଘ ଶାଖା ପ୍ରତିଷ୍ଠାର ୭୫ ବର୍ଷ ପୂର୍ତ୍ତି ଅବସରରେ, ୩ଦିନିଆ ଅମୃତ ମହୋତ୍ସବ ଆୟୋଜିତ ହୋଇଯାଇଛି । ସ୍ଥାନୀୟ ଟାଉନ୍ ହଲ୍ ଠାରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଦିନରେ, ବହୁ ସାଧୁ-ସନ୍ଥ ଙ୍କ ସମେତ ଭଂଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଏବଂ ନଗରପାଳ ଗୋପବନ୍ଧୁ ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ଦିନ ତମାମ ଆୟୋଜିତ କାର୍ଯ୍ୟକ୍ରମର ଅପରାହ୍ନରେ ସ୍ୱାମୀ ଶିବ ଚିଦାନନ୍ଦ ସରସ୍ୱତୀ ଯୋଗଦେଇ ଆଧ୍ୟାତ୍ମିକ ଚେତନା ଏବଂ ଯୋଗ ଓ ଧ୍ୟାନ ବଳରେ ମନୁଷ୍ୟ ଜୀବନର ମୁକ୍ତି ସଂକ୍ରାନ୍ତରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିଭଳି ଦ୍ୱିତୀୟ ଦିନରେ ମଧ ଆୟୋଜିତ କାର୍ଯ୍ୟକ୍ରମରେ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ଏହି ମହୋତ୍ସବରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଆଧ୍ୟାତ୍ମିକ ପ୍ରେମୀ ପୁରୁଷ ଓ ମହିଳା ଏବଂ ଦିବ୍ୟ ଜୀବନ ସଂଘର ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ ।

## ୟୁରୋ ସ୍କୁଲ ଆନୁକୂଲ୍ୟରେ ଜାତୀୟ ବାଳିକା ଦିବସ

ଛତ୍ରପୁର, (ସବ୍ୟୁ): ବାଳିକା ଭ୍ରୁଣହତ୍ୟା ରୋକିବା ନିମନ୍ତେ ତଥା ନାରୀ ସଶକ୍ତିକରଣ କରିବା ନିମନ୍ତେ ୨୦୦୮ ମସିହାରୁ ପ୍ରତ୍ୟେକ ବର୍ଷ ଜାନୁଆରୀ ମାସ ୨୪ ତାରିଖରେ ଜାତୀୟ ବାଳିକା ଦିବସ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ପାଳିତ ହେଇଆସୁଛି । ସେହି କ୍ରମରେ ଆଜି ଛତ୍ରପୁର ସ୍ଥିତ ୟୁରୋ ସ୍କୁଲର ମୁଖ୍ୟ ରଞ୍ଜନ କୁମାର ମହାପାତ୍ରଙ୍କ ସହଯୋଗରେ ତଥା ଛତ୍ରପୁର ଓକିଲ ସଂଘର ସଭାପତି ପ୍ରଦୀପ କୁମାର ପାତ୍ରଙ୍କ ସଭାପତିତ୍ୱରେ ସ୍ଥାନୀୟ ୟୁରୋ ସ୍କୁଲ ବିଦ୍ୟାଳୟରେ ଆଜି ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି । ଏହି କ୍ରମରେ ଆଜି ସର୍ବ ପ୍ରଥମେ ବିଦ୍ୟାଳୟର ଏକାଡେମୀ ନିର୍ଦ୍ଦେଶକ ପ୍ରମୋଦ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ପ୍ରିନ୍ସପାଲ ତପସ୍ୱିନୀ ସାହୁ ସମସ୍ତ ଅତିଥିଙ୍କୁ ଉପଢୌକନ ଦେଇସ୍ୱାଗତ କରିଥିଲେ । ପରେ ଶ୍ରୀ ପାଢ଼ୀ ନିଜର ଅଭିଭାଷଣରେ ରାଷ୍ଟ୍ର ନିର୍ମାଣରେ ନାରୀର ଭୂମିକା କଥା କହିଥିବା ବେଳେ, ଅନ୍ୟତମ ଅତିଥି ତଥା ଶଙ୍କର ଚକ୍ଷୁ ଚିକିତ୍ସାଳୟର ଲୋକ ସମ୍ପର୍କ ଅଧିକାରୀ ତଥା ବରିଷ୍ଠ ଓକିଲ ବି. ଶ୍ରୀନିବାସ, ଛତ୍ରପୁର ଏସଡ଼ିଜେଏମ୍ କୋର୍ଟର କ୍ୟାଡ଼ର ଏପିପି ରାଜେଶ କୁମାର ମିଶ୍ର, ସମାଜସେବୀ ରତ୍ନ କୁମାରୀ ସେଠୀ, ମନୋଜ ମିଶ୍ର ଓ ୯ ନମ୍ବର ୱାର୍ଡର କାଉନସିଲର ପ୍ରୀତିଛନ୍ଦା ସାମଲ ପିଲାମାନଙ୍କୁ ଭବିଷ୍ୟତରେ ଭଲ ନାଗରିକ ହେବା ନିମନ୍ତେ ଉପଦେଶ ଦେବା ସହିତ ଅଲମ୍ପିୟାନ ମନୁ ଭାକରଙ୍କ ଭଳି ନିଜର ପରିଚୟ ସୃଷ୍ଟି କରିବାକୁ କହିଥିଲେ ଓ ନାରୀ ସଶକ୍ତିକରଣ ଉପରେ ଜୋର ଦେବା ସହ ସମାଜରେ ପ୍ରତିଷ୍ଠିତ ହୋଇ ନାଁ କମେଇବାକୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜୀବନ କୁମାର ମହାରଣା, ମାଧବ ସାସମଲ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପରେ ୟୁରୋ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ବାଳିକା ଦିବସର ଉଦ୍ଦେଶ୍ୟକୁ ନେଇ ପ୍ରସ୍ତୁତ ଏକ ବିଶେଷ ନାଟକ ପରିବେଷଣ କରାଯାଇଥିଲା ।

## ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଗେଦଲପଲ୍ଲୀ, ବିପୁଲିଙ୍ଗି ଓ କରାତଳି ଶାଖା ସମ୍ମିଳନୀ

ଛତ୍ରପୁର, (ସବ୍ୟୁ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ର ଗେଦଲପଲ୍ଲୀ, ବିପୁଲିଙ୍ଗି ଓ କରାତଳି ଶାଖାର ସମ୍ମିଳନୀ ଗେଦଲପଲ୍ଲୀ ସ୍ଥିତ ସାତ ଭଉଣୀ ମନ୍ଦିର ପ୍ରାଙ୍ଗଣରେ ନରସିଂହ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀକୁ ଜିଲ୍ଲା କାର୍ଯ୍ୟକାରୀ କମିଟି ସଭ୍ୟ ରାଜୀବ ଲୋଚନ ପଣ୍ଡା ଯୋଗଦେଇ ଉଦଘାଟନ କରିବା ସହିତ ପାର୍ଟିର ଇତିହାସ ଉପରେ ବିବରଣୀ ରଖିଥିଲେ ।

ଏଥିରେ ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ, ରାଜ୍ୟ ଯୁବ ସଂଘର ସଭାପତି ପ୍ରଦୀପ ସେଠି, ଜିଲ୍ଲା ସହ – ସମ୍ପାଦକ ନୀଳ କଣ୍ଠ ଦାଶ, ଚମାଖଣ୍ଡି ଜୋନାଲ ସମ୍ପାଦକ ସିଏଚ. ଜନାର୍ଦନ ରେଡ୍ଡୀ, ଏସ. କ୍ରିଷ୍ଣା ରେଡ୍ଡୀ, ଏସ. ତ୍ରିନାଥ ରେଡ୍ଡୀ, ପ୍ରଫୁଲ୍ଲ ପାଣିଗ୍ରାହୀ, ସୁରେଶ ମହାରଣା, ଦଣ୍ଡ ନାହାକ, ଯୋଗେନ୍ଦ୍ର ଗୌଡ଼, ଏନ. ସୁକାନ୍ତ ଆଚାରୀ, ଆର. ହରିଶ ରେଡ୍ଡୀ, ପୂର୍ଣ୍ଣ ଚନ୍ଦ୍ର ଗୌଡ଼, ଏସ. ରାମୁଡୁଙ୍କ ସମେତ ବହୁ ଜିଲ୍ଲା ଏବଂ ରାଜ୍ୟନେତାମାନେ ଯୋଗଦେଇ ଦେଶର ତଥା ବର୍ତ୍ତମାନ ରାଜନୈତିକ ପରିସ୍ଥିତି ଉପରେ ଆଲୋକପାତ କରିଥିଲେ। ଏହା ସହିତ କରାତଳି ତାମ୍ପରାର ପୁନଃଉଦ୍ଧାର ଏବଂ ସୁଚାରୁ ଭାବେ ଜଳସେଚନକୁ ଆଗେଇ ନେବା ପାଇଁ ସମ୍ମିଳନୀରେ ଗୁରୁତ୍ୱ ଦିଆଯାଇଥିଲା। ଚାଷୀଙ୍କ ସମସ୍ତ ଧାନ ମଣ୍ଡିରେ କ୍ରୟ କରିବା ନେଇ ତାହା ଉପରେ ମଧ ମୁଖ୍ୟ ଆଲୋଚନା ହୋଇଥିଲା। ଏହି ଅବସର ରେ ନୂତନ ଭାବେ ସର୍ବ ସମ୍ମତି କ୍ରମେ ଗେଦଲପଲ୍ଲୀ ଶାଖାର ସମ୍ପାଦକ ଭାବେ ଏସ. ରାମୁଡୁ ଓ ବିପୁଲିଙ୍ଗି ଶାଖାର ସମ୍ପାଦକ ଭାବେ ପୂର୍ଣ୍ଣ ଚନ୍ଦ୍ର ଗୌଡ଼ଙ୍କୁ ମନୋନୀତ କରାଯାଇଥିଲା, ପ୍ରାରମ୍ଭରେ ବୈଜିଷ୍ଠ କମ୍ୟୁନିଷ୍ଟ ନେତା ଏସ. କ୍ରିଷ୍ଣା ରେଡ୍ଡୀ ଦଳୀୟ ପତାକା ଉତ୍ତୋଳନ କରିଥିଲେ ।

## ସ୍ୱଳ୍ପ ଦୃଷ୍ଟିବାଧିତ ଶିକ୍ଷାର୍ଥୀଙ୍କ ନିମନ୍ତେ ସହାୟକ ଉପକରଣ ବଣ୍ଟନ

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ସମଗ୍ର ଶିକ୍ଷା ଅନ୍ତର୍ନିବେଶୀ ଶିକ୍ଷା ଓ ସାଇଟସେଭର୍ସ ଇଣ୍ଡିଆ ମିଳିତ ଆନୁକୂଲ୍ୟରେ ଛତ୍ରପୁର ସ୍ଥିତ ଗଣେଶ ବିଦ୍ୟାପୀଠ ଠାରେ ଜିଲ୍ଲାର ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ସ୍ୱଳ୍ପ ଦୃଷ୍ଟିବାଧିତ ଶିକ୍ଷାର୍ଥୀମାନଙ୍କୁ ସହାୟକ ଉପକରଣ ବଂଟନ ସହିତ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱଳ୍ପ ଦୃଷ୍ଟିବାଧିତ ଶିକ୍ଷାର୍ଥୀମାନଙ୍କୁ ସହାୟକ ଉପକରଣ ବଂଟନ କରିଥିଲେ। ଜିଲ୍ଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ତପନ କୁମାର ସାହୁ, ଛତ୍ରପୁର ବିଇଓ ଦ୍ୱାରିକା ବେହେରା, ଜିଲ୍ଲା ଯୋଜନା ସଂଯୋଜିକା ସାବିତ୍ରିବାଳା ଦାସ, ସାଇଟସେଭର୍ସ ଇଫିଆର ପ୍ରକଳ୍ପ ଅଧିକାରୀ ସୁମିତ ସୁମନ କର ଓ ରାଜ୍ୟ ଅନ୍ତର୍ନିବେଶୀ ଶିକ୍ଷା ପରାମର୍ଶଦାତା ଲିପିକା ମହାପାତ୍ର ଯୋଗଦେଇ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ । ଶଙ୍କର ନେତ୍ରାଳୟର ଶୁଭମ ପାଣିଗ୍ରାହୀ ସହାୟକ ଉପକରଣ ବିଷୟରେ ଶିକ୍ଷାର୍ଥୀ ଓ ଅଭିଭାବକମାନଙ୍କୁ ବିସ୍ତୃତ ଭାବରେ ତାର ଉପକାରିତା ଓ ଯତ୍ନ ଉପରେ ଗୁରୁତ୍ୱାରୋପ କରିଥିଲେ । ଗଞ୍ଜାମ ଜିଲ୍ଲାର ସମସ୍ତ ବ୍ଲକରୁ ୫୨ ଜଣ ଶିକ୍ଷାର୍ଥୀ ଓ ଅଭିଭାବକମାନେ ଉକ୍ତ ବଂଟନ ତଥା ତାଲିମ ଶିବିରରେ ଯୋଗଦେଇଥିଲେ । ୨୦୨୪ ସେପ୍ଟେମ୍ବର ମାସରେ ସମସ୍ତ ବ୍ଲକ ସ୍ତରରେ ଚିହ୍ନଟକରଣ ଶିବିରରେ ପ୍ରାୟ ୧୯୩ ଜଣ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ ଓ ତନ୍ମଧ୍ୟରୁ ୫୨ ଜଣ ସ୍ୱଳ୍ପ ଦୃଷ୍ଟି ପରୀକ୍ଷା ପରେ ସ୍ୱଳ୍ପ ଦୃଷ୍ଟିବାଧିତ ରୂପେ ଚିହ୍ନଟ ହୋଇଥିଲେ । ଉକ୍ତ ଶିବିରକୁ ସନ୍ତୋଷ କୁମାର ବେହେରା ପରିଚାଳନା କରିବା ସହ ଗୋଷ୍ଠୀ ସାଧନକର୍ମୀ ଅଶ୍ୱିନୀ ପାଇକରାୟ, ଶାନ୍ତନୁ ପୋଲେଇ, ଜନ୍ମେଜୟ ମାଝି ପ୍ରମୁଖ ସହଯୋଗ କରିଥିଲେ ।

## ଜିପିସିଡିଓ ପକ୍ଷରୁ ମେଗା ରକ୍ତଦାନ ଶିବିର

ବ୍ରହ୍ମପୁର, (ସବ୍ୟୁ): ସର୍ବଭାରତୀୟ ଔଷଧ ବ୍ୟବସାୟୀ ସଂଘ ଏଆଇଓସିଡିଓର ଗୋଲ୍ଡେନ ଯୁବୁଲି ଓ ଜାତୀୟ ସଭାପତି ଜଗନ୍ନାଥ ସିନ୍ଦେଜିଙ୍କ ୭୫ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ଔଷଧ ବ୍ୟବସାୟୀ ସଂଘ ୟୁସିଡିଏର ଆହ୍ୱାନ କ୍ରମେ ଗଂଜାମ ଔଷଧ ବ୍ୟବସାୟୀ ସଂଘ ଜିପିସିଡିଏ ତରଫରୁ ଶୁକ୍ରବାର ସକାଳ ୯ଟା ଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପ୍ରେମ ନଗର ମୁଖ୍ୟ ରାସ୍ତା ପାର୍ଶ୍ୱ ରୋଟାରୀ ହଲ ଠାରେ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଜିପିସିଡିଏ ସମ୍ପାଦକ ତଥା ୟୁସିଡିଏ ସଭାପତି ପି ସତ୍ୟନାରାୟଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ରକ୍ତଦାନ ଶିବିରକୁ ଜିପିସିଡିଏ ଉପଦେଷ୍ଟା ତଥା ଏଆଇଓସିଡି ଯୁଗ୍ମ ସମ୍ପାଦକ ଭି ଜଗନ୍ନାଥ ରାଓ ଓ ଜିପିସିଡିଏ ସଭାପତି ବିଷ୍ଣୁ ପ୍ରସାଦ ପଣ୍ଡା ଉଦଘାଟନ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ କର୍ମକର୍ତ୍ତା ପ୍ରଦୀପ ପଣ୍ଡା, ମନୁ ସେନାପତି, ବଲ୍ଲଭ ପାଣିଗ୍ରାହୀ, ଇପାରି କ୍ରିଷ୍ଣା ପ୍ରସାଦ ରାଓ, ସତ୍ୟକାମ ପାତ୍ର, ଭି ଚନ୍ଦ୍ରଶେଖର, ଜିତେନ୍, ସୁଜିତ ଭୂୟାଁ, କେଦାରନାଥ ଜେନା, ସିମଞ୍ଚଳ ପାଣିଗ୍ରାହୀ, ଅବନୀ ସାହୁ, ଆନନ୍ଦ ରାଓ, ଗିରିଶ ପ୍ରଧାନ, ଧର୍ମା ରାଓ, ଲକ୍ଷ୍ମୀ ପାତ୍ର, ନାଗେଶ୍ୱର ପୃଷ୍ଟିଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ପରିଚାଳନା କରିଥିଲେ। ବ୍ରହ୍ମପୁର ବ୍ଲଡ ବ୍ୟାଙ୍କର ଡ଼ାକ୍ତର ଓ କର୍ମଚାରୀ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ । ଆଜି ଭାରତର ସମସ୍ତ ଔଷଧ ବ୍ୟବସାୟୀ ସଂଘ ଓ ଓଡ଼ିଶାର ସମସ୍ତ ଔଷଧ ବ୍ୟବସାୟୀ ସଂଘ ତରଫରୁ ରକ୍ତଦାନ ଶିବିର ଆୟୋଜିତ ହୋଇଛି । ଏଥି ଦ୍ୱାରା ଭାରତ ବର୍ଷରେ ଗିନିଜ୍ ବୁକ୍ ଅଫ୍ ୱର୍ଲଡ ରେକର୍ଡ କରିବାକୁ ଲକ୍ଷ୍ୟ ରଖାଯାଇଛି । ଜନସାଧାରଣ ସୁବିଧାରେ ରକ୍ତ ପାଇବା ଲକ୍ଷ୍ୟରେ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା ବୋଲି ସଂଘ ପକ୍ଷରୁ କୁହାଯାଇଛି।




## ବାରିପଦା ନାଟକ ଉତ୍ସବ-୨୦୨୫ ଦର୍ଶକଙ୍କ ମନ ଜିଣିଲା

ବାରିପଦା, (ସବ୍ୟୁ) : ବାରିପଦାରେ ୨୦୨୫ ବର୍ଷ ପ୍ରାରମ୍ଭରେ ଶହୀଦ ସ୍ମୃତି ଭବନ ଠାରେ ଜାନୁଆରୀ ମାସ ୨୧ ଓ ୨୨ତାରିଖ ରେ ପୁରବୀ ଓ ନୁପୁର ନାଟ୍ୟ ସଂସ୍ଥା ତରଫରୁ ଦୁଇ ଦିନିଆ ନାଟକ ଉତ୍ସବ ଆୟୋଜନ କରାଯାଇଛି । ପୁରବୀ ନାଟ୍ୟ ସଂସ୍ଥା ତରଫରୁ ନାଟକ କ୍ରାନ୍ତି ମଞ୍ଚସ୍ଥ ହୋଇଥିଲା । ନାଟକ ଟିକୁ ଉପସ୍ଥିତ ଦର୍ଶକ ମାନେ ଭରପୁର ଉପଭୋଗ କରିଥିଲେ । ନାଟକ କ୍ରାନ୍ତି ର ମଞ୍ଚ ସଜ୍ଜା, ଆଲୋକ ସଜ୍ଜା ଠିକ ଥିଲା । ନାଟକରେ ଅଂଶଗ୍ରହଣ କରିଥିବା କଳାକାର ମାନେ ଉଚ୍ଚ କୋଟିର ଅଭିନୟ କରିଥିଲେ । ନାଟକରେ ହିରୋରେ ବାପା ସନାତନ ଭୂମିକାରେ ଅଭିନୟ କରିଥିବା କୁନ୍ଦନ ଭଞ୍ଜ ଦେଓ ଅଭିନୟ ଚିତାକର୍ଷକ ଥିଲା । ଅତି ଉଚ୍ଚ କୋଟିର ଅଭିନୟ କରି ଦର୍ଶକଙ୍କ ହୃଦୟକୁ ଜିଣି ନେଇଥିଲେ । ସମସ୍ତ ଦର୍ଶକଙ୍କ ଆଖିରେ ଧାର ଧାର ଲୁହ ବୋହି ଯାଉଥିଲା । ଜଣେ ବିପ୍ଳବୀ ସନ୍ତାନର ବାପା ହୋଇ ପୁତ୍ରର ମାର୍ଗଦର୍ଶକ ସାଜି ଓ ତାର ସମାଜ ପ୍ରତି ଥିବା ନିଷ୍ଠା ଓ କାର୍ଯ୍ୟ ପ୍ରତି ବେଶ ସଚେତନ ଥିଲେ ବାପା ସନାତନ । ଅଭିନୟ ଅତି ସାବଲୀଳ, ସୁନ୍ଦର ଥିଲା । ସ୍ତ୍ରୀ ଭୂମିକାରେ ଶୁଭଶ୍ରୀ ଦାସ ମଧ ବହୁତ ଭଲ ଅଭିନୟ କରି ଦର୍ଶକଙ୍କ ଠାରୁ ପ୍ରଶଂସା ପାଇ ଥିଲେ । ବିପ୍ଳବର ରାସ୍ତାରେ ଓ ସମାଜରେ ପରିବର୍ତ୍ତନର ଝଡ଼ ସାଜିଥିବା ସନାତନଙ୍କ ବିପ୍ଳବୀ ପୁତ୍ର ଜେପି ତା ନିଜ ରାସ୍ତା ରୁ ହଟି ଯାଇନି, ତା ଆଦର୍ଶ କୁ ସେ ବଳି ପକେଇ ଦେଇନି, ଜେଲରେ ୩୦୨ ନମ୍ବର କୋଠରୀରେ ରହି ସେ ତାବିପ୍ଳବ ର ମଶାଲ କୁ ଟେକି ଧରିଛି, ସେ ଫାଶୀ ଖୁଣ୍ଟରେ ଝୁଲି ଜୀବନ ତ୍ୟାଗ କରିବା ପର୍ଯ୍ୟନ୍ତ । ଜେଲରେ ଜେଲର ତାର ଆଦର୍ଶ ଆଗରେ ନତ ମସ୍ତକ କରିଛନ୍ତି । ତାଙ୍କର



ରୁକ୍ଷତା ମରୁଭୂମି ଜଳ ଶୋଷି ନେବା ଭଳି ବିପ୍ଳବ ଜେପି ସବୁକିଛି ଶୋଷି ନେଇଛି । ବିପ୍ଳବ ଜେପି ଦୁଇଟି ଚକ୍ଷୁ ଜେଲରଙ୍କ ପୁତ୍ର କ୍ରାନ୍ତିକୁ ଦାନ କରିଛି । ଆତ୍ମା ଅମର, ତାର ମୃତ୍ୟୁ ନାହିଁ, ଏହି ବାଣୀ ପ୍ରଚାର କରିଛି ବିପ୍ଳବୀ ଜେପି ସମାଜକୁ, ନାଟକ ଭାବପ୍ରବଣତା ଭିତରେ ଗତି କରିଛି ଅତି ସୁନ୍ଦର ଭାବରେ । ଜେଲର ଭୂମିକାରେ ପ୍ରକାଶ ଦାଶ ସୁନ୍ଦର ଅଭିନୟ କରିଥିଲେ । ଜେଲର ହାବିଲଦାର ଅସିତ ଗିରି, ଅନ୍ୟ ପୋଲିସ କର୍ମଚାରୀ ପ୍ରଦ୍ୟୁମ୍ନ ଦାସ, ଶିଶୁ କଳାକାର ସାଇ ନନ୍ଦ, ନାରୀ କଳାକାର ନିକିତା ମହାନ୍ତି, ପୋଲିସ ଇନିସ୍ପେକ୍ଟର ଅଶୋକ ପଟ୍ଟନାୟକ, ସମସ୍ତ କଳାକାରଙ୍କ ଅଭିନୟ ଅତ୍ୟନ୍ତ ଭଲ ହୋଇଥିଲା । ନାଟକରେ ସମସ୍ତେ ଭଲ ଅଭିନୟ କରିଥିବା ହେତୁ ନାଟକ ଗୋଟିଏ ସରଳ ରେଖାରେ ଗତି କରିଥିଲା ଓ ଦର୍ଶକଙ୍କ ପ୍ରଶଂସା ସାଉଁଟି ପରିବାରେ ସକ୍ଷମ ହୋଇଥିଲା । ବିପ୍ଳବୀର ପିତା ଭୂମିକାରେ କୁନ୍ଦନ ଭଞ୍ଜ ଓ ବିପ୍ଳବୀ ଭୂମିକାରେ ରତିକାନ୍ତ ବେହେରା ଦର୍ଶକଙ୍କ ହୃଦୟରେ ସବୁଦିନ ପାଇଁ ସ୍ଥାନ ପାଇ ଯାଇଥିଲେ ଅଭିନୟର ଚାତୁରୀ ଦେଖାଇ କ୍ରାନ୍ତି ନାଟକର ରଚୟିତା ଡଃ ପ୍ରଫେସର ନାରାୟଣ ସାହୁ ଥିଲେ । ନାଟକକୁ ସଠିକ ନିର୍ଦ୍ଦେଶନା ଦେଇଥିଲେ ରତିକାନ୍ତ ବେହେରା, ସହନିର୍ଦ୍ଦେଶନା ପ୍ରକାଶ ଦାଶ, ସଂଗୀତାଂଶରେ ଥିଲେ ସୁଶାନ୍ତ କୁମାର ଦାସ, ମଞ୍ଚ ସଜ୍ଜାରେ ଥିଲେ ନୃସିଂହ ବାରିକ, ସୁବ୍ରତ ବସା । ଯଦିଓ ମଞ୍ଚରେ ପ୍ରତ୍ୟେକ ଦୃଶ୍ୟର ପରି ସମାପ୍ତିରେ ଆଲୋକକୁ ନିର୍ବାପିତ କରିବାରେ କିଛିଟା ବିଳମ୍ବ ଘଟୁଥିଲା, ଏପରିକି ଶେଷ ଦୃଶ୍ୟରେ ବିପ୍ଳବୀ ଫାଶୀ ଦଉଡି ବେକରେ ଲଗାଇବାର ଦୃଶ୍ୟ ସମାପନ ପୂର୍ବରୁ ଆଲୋକ ନିର୍ଗତ ଦୃଶ୍ୟ ଉପରକୁ ହୋଇଯାଇଥିଲା, ତାହା ଦର୍ଶକ କ୍ଷମା କରିଦେବା ପରି ମନେ ଏଇଥିପାଇଁ ହୋଇଥିଲା ଯେ, ସମସ୍ତ କଳାକାର ଭଲ ଅଭିନୟ ପ୍ରଦର୍ଶନ କରି ଦର୍ଶକଙ୍କ ହୃଦୟକୁ ଜିତି ଯାଇଥିଲେ । ନାଟକ ରେ ପରିସମାପ୍ତି ପରେ ନାଟ୍ୟକାର, ନିର୍ଦ୍ଦେଶକ, ଅଭିନେତା, ଚଳଚ୍ଚିତ୍ର ନିର୍ଦ୍ଦେଶକ, କଥାକାର, ମଞ୍ଚ ଓ ରେଡ଼ିଓ ଅଭିନେତା ଚିନ୍ମୟ କୁମାର ଦାସ ପଟ୍ଟନାୟକ କଳାକାର, ନିର୍ଦ୍ଦେଶକ ଓ ପୁରବୀ ଅନୁଷ୍ଠାନ ର ସମସ୍ତଙ୍କୁ ଭୂୟାୟସୀ ପ୍ରଶଂସା କରିଥିଲେ । ନିର୍ଦ୍ଦେଶକ ରତିକାନ୍ତ ବେହେରା ଓ ଉଦୀୟମାନ କଳାକାର କୁନ୍ଦନ ଭଞ୍ଜଙ୍କୁ ଅନେକ ପ୍ରଶଂସା କରିଥିଲେ ଓ ଦର୍ଶକ ମାନଙ୍କ ସମର୍ଥନ ମିଳିଲେ ଏଭଳି ନାଟକ ଆଗକୁ ଆହୁରି ଦେଖିବାକୁ ମିଳିବ ବୋଲି ଦର୍ଶକଙ୍କୁ ଆଶ୍ୱାସନା ଓ ପ୍ରତିଶ୍ରୁତି ଦେଇଥିଲେ । ପରିଶେଷରେ ଆଲେଖ୍ୟ ପ୍ରାଧ୍ୟାପକ ଶ୍ରୀନିବାସ ଭଞ୍ଜ ନାଟକ, ମଞ୍ଚ, ମଞ୍ଚ କଳାକାର ଓ ପ୍ରଚ୍ଛଦ ପଟର ସମସ୍ତ ସହଯୋଗୀ ବଞ୍ଚି ରୁହନ୍ତୁ ଏହି ମଞ୍ଚ ମାଧ୍ୟମରେ ବୋଲି କହିଛନ୍ତି ।

# ଜାଗା ବିବାଦ ନେଇ ଅସହାୟ ଦମ୍ପତିଙ୍କ ଘର ଭାଙ୍ଗିଲେ ଯୁବକ

## ଥାନାର ଦ୍ୱାରସ୍ଥ ହେଲେ ଦମ୍ପତି



ତାଳଚେର, (ସବ୍ୟୁ): ତାଳଚେର ବ୍ଲକ ବଡଯୋରଡା ଗ୍ରାମର ଚେମୁଟୁ ସାହୁ ଓ ତାଙ୍କ ପରିବାର କଳିଙ୍ଗ କଲୋନୀ ସ୍ଥିତ ଉପର ମାର୍କେଟ୍ ଠାରେ ଦୀର୍ଘ ବର୍ଷ ହେଲା ରହିଆସୁଛନ୍ତି । ଗ୍ରାମର ଚରଣ ପ୍ରଧାନଙ୍କ ପୁତ୍ର ରଞ୍ଜନ ପ୍ରଧାନ ଓ ତାଙ୍କ ମାଆ ଶୁକ୍ରବାର ସକାଳେ ଚେମୁଟୁ ସାହୁ ଘରେ ନଥିବା ବେଳେ ଘରର ଟିଭି, ଫ୍ୟାନ୍ ଭାଙ୍ଗି ଦେଇଥିବା ଚେମୁଟୁ ସାହୁଙ୍କ ସ୍ତ୍ରୀ ପାର୍ବତୀ ସାହୁ ବିକ୍ରମପୁର ଥାନାରେ ଲିଖିତ ଭାବେ ଜଣାଇଛନ୍ତି । ସେ ଲେଖିଛନ୍ତି ଯେ, ଝିଅ ବିବାହ ପାଇଁ ଘରେ ରଖିଥିବା ଦେଢ଼ ଭରି ସୁନାର ଚେନ୍ ଓ କାନଫୁଲ ସହିତ ନଗଦ ୫୦ ହଜାର ଟଙ୍କା ରଞ୍ଜନ ପ୍ରଧାନ ଜୋର ଜବରଦସ୍ତ ଘରେ ପଶି ନେଇଯାଇଛନ୍ତି । ଏହା ସହିତ ଅଭଦ୍ର ଭାଷାରେ ଗାଳି ଗୁଲଜ କରିବା ସହିତ ଜୀବନରେ ମାରି ଦେବା ପାଇଁ ଧମକ୍ ଦେଇଥିବା ଜଣାଇଛନ୍ତି ।

ସୂଚାନାଯୋଗ୍ୟ, ଗତ କିଛି ମାସ ପୂର୍ବରୁ ସେ ରହୁଥିବା କଳିଙ୍ଗ କଲୋନୀ ସ୍ଥିତ ଜାଗାକୁ ନେଇ ରଞ୍ଜନ ପ୍ରଧାନଙ୍କର ଚେମୁଟୁ ସାହୁଙ୍କ ସହିତ ତିକ୍ତତା ଲାଗି ରହିଥିଲା । ତେବେ ସେ ବସବାସ କରୁଥିବା ଜାଗାରେ ବଡଯୋରଡା ଗ୍ରାମର ରଂଜନ ପ୍ରଧାନ ନାମକ ଯୁବକ ସେହି ଜାଗାକୁ ହାତେଇବା ପାଇଁ ଜୋରଜବରଦସ୍ତ କରୁଥିଲେ । ଏନେଇ ମଧ୍ୟ ପୂର୍ବରୁ ତାଙ୍କର କଥା କଟାକଟି ଏପରିକି ମାଡପିଟ୍ ଯାଏ କଥା ଯାଇଥିଲା । କିଛି ଉପାୟ ନପାଇ ଚେମୁଟୁ ସାହୁ ଓ ତାଙ୍କ ପତ୍ନୀ ପାର୍ବତୀ ସାହୁ ଭୟଭିତ ହୋଇ ବିକ୍ରମପୁର ଥାନାରେ ଗତ ତା୧୧/୧୧/୨୦୨୪ ଓ ତା୧୮/୧୨/୨୦୨୪ ରିଖରେ ଲିଖିତ ଭାବେ ଦୁଇ ଦୁଇ ଥର ଜଣାଇଥିଲେ ।

ତେବେ ଏନେଇ ଥାନା ଅଧିକାରିଣୀ ଉଭୟଙ୍କୁ ସେହି ଜାଗାକୁ ନଯିବା ପାଇଁ ବାରଣ କରିଥିଲେ । ତେବେ କିଛି ଦିନର ବ୍ୟବଧାନ ପରେ ଆଜି ସକାଳ ସମୟରେ ରଂଜନ ପ୍ରଧାନ ଉତ୍କ୍ଷିପ୍ତ ହୋଇ ଚେମୁଟୁ ସାହୁ ଓ ପାର୍ବତୀ ସାହୁ ବସବାସ କରୁଥିବା ଘରକୁ ଆସି ମାରପିଟ୍ କରିବା ସହିତ ଜୀବନରେ ମାରିଦେବାର ଧମକ୍ ଦେଇଛି । ତେବେ ରଂଜନ ପ୍ରଧାନ ତାଙ୍କ ଘର ଓ ଘରର ବିଭିନ୍ନ ଆସବାବ ପତ୍ରକୁ ଭାଙ୍ଗିବା ସହିତ ଦେଢ଼ ଭରି ସୁନାର ଚେନ୍ ଓ କାନଫୁଲ ଏବଂ ନଗଦ ୫୦ ହଜାର ଟଙ୍କା ନେଇ ଯାଇଥିବାର ସେ ଲିଖିତ ଭାବେ ଜଣାଇଅଛନ୍ତି । ରଂଜନ ପ୍ରଧାନ ତାଙ୍କ ଘର ଭାଙ୍ଗିବାର ପ୍ରମାଣ ମଧ୍ୟ ପାର୍ବତୀ ସାହୁ ପୋଲିସ୍ ପାଖରେ ଭିଡିଓ କ୍ଲିପ୍ ପ୍ରଦାନ କରିଛନ୍ତି । ତେବେ ଦେଖିବାକୁ ବାକି ରହିଲା ଅସହାୟ ଦମ୍ପତିଙ୍କୁ ନ୍ୟାୟ ପ୍ରଦାନ କରିବାରେ ବିକ୍ରମପୁର ପୋଲିସ୍ କେତେ ସଫଳ ହେଉଛି ।

## ଢେଙ୍କାନାଳ ସଦର ବ୍ଲକରେ ଘୋଟାଲା

# ତତ୍କାଳୀନ ବିଡିଓ, କ୍ୟାସିଅର ଓ ସିନିୟର କ୍ଲର୍କଙ୍କୁ ହୋଇଥିଲା ନୋଟିସ୍

## ୬ବର୍ଷ ହେଲା ପଡିରହିଛି ୧୦ ଲକ୍ଷରୁ ଅଧିକ ଟଙ୍କା

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ସଦର ବ୍ଲକରେ ହୋଇଥିବା ଘୋଟାଲାକୁ ଲୋକାଲ ଫଣ୍ଡ ଅଡିଟ ଧରିବାରେ ସଫଳ ହୋଇଛି । ତତ୍କାଳିନ ବିଡିଓ,କ୍ୟାସିଅର ଏବଂ ସିନିୟର କ୍ଲର୍କ ଏହି ଘୋଟାଲାରେ ସାମିଲ ହୋଇଥିବା ବେଳେ ସେମାନଙ୍କ ଠାରୁ ଟଙ୍କା ଆଦାୟ ନହୋଇ ଦିର୍ଘବର୍ଷ ହେବ ଘଟଣାକୁ ଚାପି ଦିଆଯାଇଥିବାର ଜଣାପଡିଛି । ସଦର ବ୍ଲକରେ ଗତ ୨୦୧୭-୧୮ ମସିହାରେ ବିଭିନ୍ନ କାର୍ଯ୍ୟରେ ଘୋଟାଲା ହୋଇଥିବାର ଲୋକାଲ ଫଣ୍ଡ ଅଡିଟ ନିଜ ଅଡିଟ ସମୟରେ ଜାଣିବାକୁ ପାଇଥିଲା । ଏହାକୁ ନେଇ ଲୋକାଲ ଫଣ୍ଡ ଅଡିଟ ୯(୨(ବି)ରେ ବ୍ଲକରେ ୧୦ଲକ୍ଷ୪୮ ହଜାର ଟଙ୍କାର ଅନିୟମିତତା ହୋଇଥିବାର ଦର୍ଶାଇଥିଲା । ଏହି ଟଙ୍କାକୁ ସଦର ବ୍ଲକ ଖାତାରୁ ଅନ୍ୟ ଖାତାକୁ ଟ୍ରାନ୍ସଫର ହୋଇଥିବା ବେଳେ ଅଡିଟ ସମୟରେ କୌଣସି ଭାଉଚର ନଥିବାର ଜଣାପଡିଥିଲା । ପ୍ରାୟ ୧୦ଲକ୍ଷ୪୮ ହଜାର ୫ଟଙ୍କା। ତତ୍କାଳୀନ ବିଡିଓ ସରୋଜ କୁମାର ଦତ୍ତଙ୍କ ଠାରୁ ୫ଲକ୍ଷ ୨୪ ହଜାର ୩ଟଙ୍କା ଆଦାୟ କରାଯିବା ପାଇଁ ନୋଟିସ ଜାରି କରାଯାଇଥିବା ବେଳେ ପୂର୍ବତନ ବରିଷ୍ଠ କିରାଣୀ ନିରଞ୍ଜନ ପୃଷ୍ଟିଙ୍କ ଠାରୁ ୪ଲକ୍ଷ ୨୪ ହଜାର ୩ଟଙ୍କା, କ୍ୟାସିୟର ପ୍ରଦିପ କୁମାର ଦାସଙ୍କ ଠାରୁ ୧ଲକ୍ଷ ଟଙ୍କା ମଧ୍ୟ ଆଦାୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

ପୁନଶ୍ଚ ଅଡିଟ ସମୟରେ ୨୦୧୬-୧୭ ମସିହାରେ ୮ଟି ଭୋଲଟାଜର ଏସି କିଣାଯାଇଥିବା ବେଳେ ତାହା ଗୋଟିଏ ବର୍ଷରେ କାମ କରୁନଥିବାର ଜଣାପଡିଥିଲା ।ସଦର ବିଡିଓ ସରୋଜ କୁମାରଦତ୍ତଙ୍କ ଠାରୁ ଗତ ୨୦୧୯ ମସିହା ଡିସେମ୍ବର ୩୧ ତାରିଖରେ ପତ୍ରସଂଖ୍ୟା ୨୧୦୦ରେ ଏହି ଟଙ୍କା ଆଦାୟ କରାଯିବା ପାଇଁ ଲୋକାଲ ଫଣ୍ଡ ଅଡିଟର ସ୍ମୃତିରଞ୍ଜନ ଷଡଙ୍ଗୀ କାରଣ ଦର୍ଶାଅ ନୋଟିସ ଜାରିକରିଥିଲେ । ଏହି ଘଟଣାକୁ ୬ବର୍ଷ ପୁରି ଯାଇଥିଲେ ମଧ୍ୟ ସେମାନଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । କେବଳ ଲୋକାଲ ଫଣ୍ଡ ଅଡିଟ ଦ୍ୱାରା କାରଣ ଦର୍ଶାଅ ନୋଟିସ ପରେ ୯(୨ବି) ରେ ସିମୀତ ରଖାଯାଇଛି । ଏହା ଭିତରେ ୬ ବର୍ଷ ବିତି ଯାଇଥିଲେ ଲୋକାଲ ଫଣ୍ଡ ଅଡିଟ୍ ର ଗାଇଡ୍ ଲାଇନ୍ ୧୯୪୮ ଅନୁଯାୟୀ ଅଦ୍ୟାବିଧି ୯(୩ବି) ଏବଂ ଜିଲ୍ଲାପାଳ ୧୦(୨) ଜାରି କରିବାର କଥା କିନ୍ତୁ ତାହା ଏପର୍ଯ୍ୟନ୍ତ କରାଯାଇ ନାହିଁ । ବର୍ତ୍ତମାନ ତତ୍କାଳୀନ ବିଡିଓ ଏବଂ କର୍ମଚାରୀ ମାନେ ଅନ୍ୟତ୍ର ଚାଲିଯାଇଥିଲେ ମଧ୍ୟ ସେମାନଙ୍କ ଠାରୁ ଟଙ୍କା ଆଦାୟ ନହେବା ସରକାରଙ୍କ ପାଇଁ କଠିନ ସମସ୍ୟା ବୋଲି ଆଲୋଚନା ହେଉଛି ।ତେବେ ଏତେ ବର୍ଷପରେ ମଧ୍ୟ କାହିଁକି ତୃତୀୟ ନୋଟିସ ଜାରିକରାଯାଇନାହିଁ ଏବଂ କାହା ଚାପରେ ପଡିରହିବା ସହ ଟଙ୍କା ରିକଭରି ହୋଇନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ଜାତୀୟ ତାଇକୋଣ୍ଡୋରେ ଅନୁଗୁଳରୁ ଦୁଇ

ସାଉଥବଲଣ୍ଡା, (ସବ୍ୟୁ): ଚଳିତ ମାସ ୨୮ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି କୋଟଲା ସ୍ଥିତ ବିଜୟ ଭାସ୍କର ରେଡ୍ଡୀ ଇନ୍‌ଡୋର୍ ଷ୍ଟାଡିୟମ୍‌ରେ ପ୍ରଥମ ଜାତୀୟ ତାଇକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଅନୁଗୁଳ ଜିଲ୍ଲାରୁ ଦୁଇ ଜଣ ପ୍ରତିଯୋଗୀ କରନଜୀତ୍ ମଲ୍ଲିକ ଓ ମାତୃ ପ୍ରସାଦ ମନୋନୀତ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ମନୋନୀତ ହୋଇଥିବା ଦୁଇ ପ୍ରତିଯୋଗୀ ଭଲ ପ୍ରଦର୍ଶନ କରି ଜିଲ୍ଲାର ଗୌରବ ବୃଦ୍ଧି କରିବେ ବୋଲି ଅନୁଗୋଳ ଜିଲ୍ଲା ତାଇକୋଣ୍ଡୋ ସଙ୍ଘ ସମ୍ପାଦକ ପ୍ରମୋଦ କୁମାର ପ୍ରଧାନ ଓ ସହ ସମ୍ପାଦକ ଶୁଶାନ୍ତ କୁମାର ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି ।

# ଏବେବି ବଞ୍ଚିରହିଛି ପରଜଙ୍ଗର ବୀର ପାଇକଙ୍କ ପରମ୍ପରା



ପରଜଙ୍ଗ, (ସବ୍ୟୁ): ଗଡଜାତ ମଧ୍ୟରେ ଓଡିଶାର ମୁଖ୍ୟ ଗଡଜାତ ଢେଙ୍କାନାଳ ଥିଲା । ଯୁଦ୍ଧ କ୍ଷେତ୍ରରେ ଢେଙ୍କାନାଳ ପାଇକ ବାହିନୀ ବିରତ୍ୱ ପ୍ରଦର୍ଶନ କରି ଖ୍ୟାତି ଅର୍ଜନ କରିଥିଲେ । ଉବିଂଶ ଶତାବ୍ଦରେ ବର୍ଗୀମାନଙ୍କ ଆକ୍ରମଣର ମୁକାବିଲା କରିଥିଲେ । ଢେଙ୍କାନାଳ ରାଜାଙ୍କର ଦୁର୍ଦ୍ଦଶ ବୀର ପାଇକ ଯୋଦ୍ଧା ଶ୍ରୀ ଜଗନ୍ନାଥ ମହାରଥା ତାଙ୍କର କନିଷ୍ଠ ପୁତ୍ର କ୍ଷେତ୍ରୀ ବଳବନ୍ତ ରାୟ ଧନୁର୍ଦ୍ଧର ଘୋଡା ସବାରୀ ଥିଲା । ତାଙ୍କର ଜ୍ୟେଷ୍ଠ ପୁତ୍ର ଶ୍ରୀ କର ମହାରଥା ଥିଲେ ରାଜା ଭାଗିରଥ ମହେନ୍ଦ୍ର ବାହାଦୁରଙ୍କ ଚରମ ଶତ୍ରୁ ବର୍ଗୀମାନଙ୍କୁ ଯୁଦ୍ଧରେ ନିର୍ମମ ବାବେ ହତ୍ୟା କରି ପରାଜିତ କରିଥିଲେ । ସେମାନଙ୍କର ସେନା ନାୟକ ଥିଲେ ଅଗସ୍ତି ଚମ୍ପେଇତି ସିଂହ । ଏଇସବୁ ବୀର ପାଇକ ଯୋଦ୍ଧାମାନେ ଥିଲେ । ବୀରଗଡ ପରଜଙ୍ଗ ଗ୍ରାମର ଏବେ ସେହି ବୀର ପାଇକମାନେ ନାହାନ୍ତି କିମ୍ବା ସେମାନଙ୍କର ବୀରତ୍ୱର ଗାରିମା ତାଙ୍କର ବର୍ତ୍ତମାନର ବଂଶଦ ଯେଉଁମାନେ ପରଜଙ୍ଗରେ ବସବାରସ କରୁଛନ୍ତି ପୂର୍ବରୁ ସେହି ବିରତ୍ୱ ସେମାନଙ୍କ ପାଖରେ ନାହିଁ ।

କର୍ପୂର ଉଡି ଯାଇଛି କନା ପଡି ରହିଛି ମାତ୍ର ପୂର୍ବ ପୁରୁଷର ବୀରତ୍ୱର ଗାରିମାକୁ ଏମାନେ କେବଳ ଦୋହରାଉଛନ୍ତି । ପାଇକମାନେ ମା ଦୁର୍ଗାଙ୍କୁ ଠିକ୍ ଭାବେ ପୂଜା ଅର୍ଚ୍ଚନା କରିଥାନ୍ତି । ମା ଦୁର୍ଗା ହିଁ ସେମାନଙ୍କର ଇଷ୍ଟ ଦେବୀ ଅଟନ୍ତି । ଆଶ୍ୱିନ ଦ୍ୱିତୀୟା ଠାରୁ ଗ୍ରାମ ଦେବୀ ସିଦ୍ଧ ମହାପାଟଙ୍କୁ ପୂଜା ଅର୍ଚ୍ଚନା କରି ଆଖଡା ଶାଳରେ ଆଖଡା ଖେଳ ଆରମ୍ଭ କରିଥାନ୍ତି । ଶ୍ରୀ କର ମହାରଥାଙ୍କର ନାତି ଅଣ ନାତିମାନେ ମା ଦୁର୍ଗାଙ୍କ ଓ ଗ୍ରାମ ଦେବୀଙ୍କୁ ଆବାହନ କରି ଖଣ୍ଡା ପୂଜା କରିଥାନ୍ତି । ଏବେ ମଧ୍ୟ ସେହି ପରମ୍ପରା ରହିଛି । ହେଲେ ବୀର ପାଇକମାନଙ୍କର ବ୍ୟବହୃତ ଖଣ୍ଡା ସବୁ କଳଙ୍କି ଲାଗି ଘର କଣରେ ଆଗାମୀ ଦିନରେ ରହି ଯିବ ବୋଲି ଆଶା କରାଯାଉଛି ।

# ସାତକୋଶିଆ ପକ୍ଷୀ ଗଣନା ଶେଷ : ଏଥର ୫୩ ପ୍ରଜାତିର ୩୮୪୨ ପକ୍ଷୀ

ଅନୁଗୁଳ, (ସବ୍ୟୁ): ସାତକୋଶିଆ ଗଣ୍ଡରେ ସରିଲା ପକ୍ଷୀ ଗଣନା। ଗତ ୧୭ ଓ ୧୮ ତାରିଖ ଦୁଇଦିନ ଧରି ପକ୍ଷୀ ଗଣନା କରାଯାଇଥିଲା । ବିଗତ ବର୍ଷ ମାନଙ୍କ ଅପେକ୍ଷା ଚଳିତ ବର୍ଷ ବିଦେଶାଗତ ପକ୍ଷୀ ସଂଖ୍ୟା ଖୁବ କମ୍ ବୋଲି ଜଣାପଡ଼ିଛି। ରିପୋର୍ଟ ଅନୁସାରେ, କେବଳ ସାତକୋଶିଆ ଗଣ୍ଡରେ ୫୩ଟି ପ୍ରଜାତିର ୩୮୪୨ଟି ପକ୍ଷୀ ଥିବା ଆକଳନ କରାଯାଇଛି। ସେଥି ମଧ୍ୟରୁ ଅଧିକାଂଶ ପକ୍ଷୀ ସ୍ଥାନୀୟ ଓ ଦେଶୀୟ ପକ୍ଷୀ। ଚଳିତ ବର୍ଷ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ଖୁବ ନଗଣ୍ୟ । ପୂର୍ବ ବର୍ଷ ମାନଙ୍କରେ ଏଠାକୁ ବହୁ ସଂଖ୍ୟାରେ ବିଦେଶାଗତ ପକ୍ଷୀ ଆସୁଥିଲେ। ଏଠାକାର ପରିବେଶ ସେମାନଙ୍କ ପାଇଁ ବେଶ୍ ଅନୁକୂଳ ଏବଂ ପର୍ଯ୍ୟାପ୍ତ ଖାଦ୍ୟ ମିଳେ। ଏହାଛଡା ସେମାନେ ଏଠାରେ ସୁରକ୍ଷିତ ମନେ କରନ୍ତି। ସୂଚନା ମୁତାବକ, ଟିକରପଡା ଠାରୁ ଗଣ୍ଡର ଉପର ମୁଣ୍ଡ ଓ ତଳ ମୁଣ୍ଡ ମୁଣ୍ଡ ଉଭୟ ପାର୍ଶ୍ୱରେ ପକ୍ଷୀ ଗଣନା କରାଯାଇଥିଲା। ଏଥିପାଇଁ ପ୍ରାୟ ୮ଟି ଟିମ ଗଠନ କରାଯାଇଥିଲା। ପ୍ରତ୍ୟକ ଟିମରେ ଜଣେ ଫରେଷ୍ଟରଙ୍କ ସମେତ ୪ଜଣ ଲେଖାଏଁ କର୍ମଚାରୀ ନିୟୋଜିତ ଥିଲେ। ଦେଶୀ ଡଙ୍ଗା ସହାୟତାରେ ଦୂରବୀକ୍ଷଣ ଯୋଗେ ପକ୍ଷୀମାନଙ୍କ ସ୍ଥିତି ଦେଖି ଆକଳନ କରାଯାଇଥିଲା ।



## ଅଙ୍ଗାରବନ୍ଧ ପଞ୍ଚାୟତର ପ୍ରଥମ ମହିଳା ସରପଞ୍ଚଙ୍କ ସ୍ମୃତିସଭା

ଅନୁଗୋଳ, (ସବ୍ୟୁ): ଯୁବ ସଚେତନ କମିଟି, ଅଙ୍ଗାରବନ୍ଧ ଆନୁକୁଲ୍ୟରେ ଆଜି ଗୁରୁବାର ଦିନ ୧୧.୩୦ ମି ସମୟରେ ଅଙ୍ଗାରବନ୍ଧ ପାର୍ଲ୍ୟାମେଣ୍ଟ ଛକଠାରେ ଅଙ୍ଗାରବନ୍ଧ ଗ୍ରାମ ପଞ୍ଚାୟତର ପୂର୍ବତନ ଏବଂ ପ୍ରଥମ ମହିଳା ସରପଞ୍ଚ ମାଳତୀ ସାହୁଙ୍କ ଦ୍ୱାଦଶ କର୍ମରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମାଳତୀ ସାହୁ ୧୯୯୨ -୯୭ ପଞ୍ଚାୟତ ନାଏବ ସରପଂଚ ଏବଂ ୧୯୯୭ ଠାରୁ ୨୦୦୨ ପର୍ଯ୍ୟନ୍ତ ସରପଞ୍ଚ ଭାବେ କାର୍ଯ୍ୟ ତୁଲାଇଥିଲେ। ଗୃହିଣୀରୁ ରାଜନୈତିକ ଜୀବନ ଆରମ୍ଭ କରି ନୂତନ ଗ୍ରାମ ପଞ୍ଚାୟତ ସମୟରେ ପ୍ରଥମ ମହିଳା ସରପଞ୍ଚ ଭାବରେ ବହୁତ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇ ଥିବାରୁ ତାଙ୍କ କାର୍ଯ୍ୟ ଦକ୍ଷତା ଚୀର ସ୍ମରଣୀୟ ହୋଇ ରହିବ। ସେ ଜଣେ ମେଳାପି, ମିଷ୍ଟଭାଷୀ, ସ୍ନେହୀ ମହିଳା ଭାବରେ ଖୁବ୍ ଲୋକପ୍ରିୟ ହୋଇପାରିଥିଲେ। ଆଜିର ସ୍ମୃତି ଚାରଣ ସଭାରେ ଗ୍ରାମ ପଞ୍ଚାୟତର ସରପଞ୍ଚ ସୁଜାତା ସାହୁ, ସଭାପତି ସୁଧିର ବେହେରା, ଅନିଲ ସାହୁ, କ୍ଷୀରୋଦ ଦାସ, ଅଲେଖ ଚନ୍ଦ୍ର ବେହେରା, ଯୁଧିଷ୍ଠିର ପ୍ରଧାନ, ଜମ୍ନେଶ୍ୱର ବେହେରା, ଜାନକୀ ସାହୁ ପ୍ରମୁଖ ସ୍ମୃତି ଚାରଣ କରିଥିଲେ ।

## କନ୍ୟା ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜାତୀୟ କନ୍ୟା ସନ୍ତାନ ଦିବସ ନିମନ୍ତେ ଏକ ସଚେତନତା ରଥକୁ ସୁପରିଟେଣ୍ଡେଟ ଡାକ୍ତର ନିରଞ୍ଜନ ସାମଲ ଉଦଘାଟନ କରିଛନ୍ତି । ସମାଜରୁ ଲିଙ୍ଗଗତ ବୈଷମ୍ୟକୁ ଦ୍ଵର କରିବା ସହ କନ୍ୟା ସନ୍ତାନଙ୍କ ସୁରକ୍ଷା ନିମନ୍ତେ ପ୍ରତିବର୍ଷ ଜାନୁୟାରୀ ମାସ ୨୪ ତାରିଖ ଦିନ ଜାତୀୟ କନ୍ୟା ଦିବସ ପାଳନ କରାଯାଇଥାଏ। ଉକ୍ତ ରଥଟି ସମସ୍ତ ଆଠ ଗୋଟି ବ୍ଲକର ବିଭିନ୍ନ ଗାଁ ବୁଲି କନ୍ୟା ସନ୍ତାନ ସୁରକ୍ଷାର ବାର୍ତ୍ତା ବାଣ୍ଟିବ। ଅଧୁନା କନ୍ୟା ସନ୍ତାନ ମାନଙ୍କର ଆନୁପାତିକ ହାର ଦିନକୁ ଦିନ ଉଦବେଗ ଜନକ ଭାବେ କମ ଯୋଇ ଯାଉଥିବାରୁ ଏହା ସମାଜ ପାଇଁ ଚିନ୍ତାର କାରଣ ପାଲଟିଛି। ଡା.ସାମଲ ଉଦବୋଧନ ଦେଇ କହିଥିଲେ ଯେ, ସମାଜରୁ ଲିଙ୍ଗଗତ ବୈଷମ୍ୟତା ଦୂରୀକରଣ ନିମନ୍ତେ ସମସ୍ତଙ୍କର ସହଯୋଗ ଅପରିହାର୍ଯ୍ୟ।

ଏହି ଅବସରରେ ସ୍ଥାନୀୟ ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟଠାରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବକ୍ତୃତା ଓ କୁଇଜ ପ୍ରତିଯୋଗିତାରେ ଭାଗନେବା ସହିତ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଦେବୀ ପ୍ରସାଦ ମିଶ୍ର, ଅନୁପମା ମିଶ୍ର, ଦିପ୍ତିଶ କୁମାର ଶତପଥୀ ପରିଚାଳନା କରିଥିଲେ। ଏହି ଉତ୍ସବରେ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କର୍ମକର୍ତ୍ତାଙ୍କ ସହିତ ଜିଲ୍ଲା ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଭାରତୀ ପଟ୍ଟନାୟକ, ସହକାରୀ ପରିଚାଳକ ନରୋଦ କୁମାର ପ୍ରଧାନ ଉପସ୍ଥିତ ଥିଲେ।

# ପାଉଁଶ ବନ୍ଧ ବନ୍ଦ ଦାବି: ଡେରଙ୍ଗବାସୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



କଣିହାଁ, (ସବ୍ୟୁ): ବିସ୍ଥାପନ କର ନଚେତ ଏନଟିପିସି ପାଉଁଶ ବନ୍ଧ ବନ୍ଦ କର ଦାବିରେ ଡେରଙ୍ଗ ଗ୍ରାମବାସୀ ଗ୍ରାମର ବାରଘରିଆ ତଇଲା ପାଖରେ ଧାରଣାରେ ବସି ଏନଟିପିସିର ଷ୍ଟେଜ -୨ ପାଉଁଶ ବନ୍ଧ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସକାଳେ ଗ୍ରାମ ସଭାପତି ପ୍ରସନ୍ନ ନାୟକ, ସଂପାଦକ ସୁଜିତ ସାହୁ ଓ କୋଷାଧ୍ୟକ୍ଷ ଦିପକ ବେହେରାଙ୍କ ନେତୃତ୍ୱରେ ଗ୍ରାମର ହଜାର ହଜାର ପୁରୁଷ ମହିଳା ଏକ ଶୋଭଯାତ୍ରାରେ ଗ୍ରାମରୁ ଆସି ଧାରଣା ସ୍ଥଳରେ ପହଞ୍ଚିଥିଲେ। ଗ୍ରାମବାସୀଙ୍କ ଠାରୁ ପ୍ରକାଶଯେ, ଗ୍ରାମର ସମସ୍ୟା ସମ୍ପର୍କରେ ୧୩/୭/୨୦୧୮ ରିଖ ଦିନ ଅନୁଷ୍ଠିତ ହୋଇଥିବା ଆରପିଡିଏସି ବୈଠକରେ ୨୦୨୨ ମସିହା ସୁଧା ଷ୍ଟେଜ -୨ ପାଉଁଶ ପୋଖରୀ ବନ୍ଦ ହେବ ନଚେତ ଗ୍ରାମବାସୀଙ୍କୁ ବିସ୍ଥାପିତ କରାଯିବା ପାଇଁ ନିଷ୍ପତି ହୋଇଥିଲା । କିନ୍ତୁ ୨୦୨୫ ମସିହା ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପାଉଁଶ ପୋଖରୀ ବନ୍ଦ କରାଯାଇ ନାହିଁ । ଯଦ୍ଦ୍ୱାରା ଗ୍ରାମବାସୀ ଏନଟିପିସି ପାଉଁଶରେ ଅତିଷ୍ଠ ହେଉଛନ୍ତି । ଏଥିନେଇ ଗ୍ରାମବାସୀ ପକ୍ଷରୁ ଗତ ୩/୧/୨୦୨୫ ରିଖ ଦିନ ପ୍ରଶାସନକୁ ଲିଖିତ ଜଣାଯାଇଥିଲା । ପରେ ଏନଟିପିସି ପକ୍ଷରୁ ଗତ ୯/୧/୨୦୨୫ ରିଖ ଦିନ ଏକ ଗ୍ରାମବାସୀଙ୍କୁ ନେଇ ଏକ ଆଲୋଚନା ହୋଇଥିଲା। ଆଲୋଚନାରେ କୌଣସି ସୁଫଳ ନମିଳିବାରୁ ଅନ୍ୟ ଏକ ବୈଠକ କରି ସମାଧାନ କରାଯିବ ବୋଲି ନିଷ୍ପତ୍ତି ହୋଇଥଲା । ଯାହା କରାଗଲା ନାହିଁ । ମାତ୍ର ଏନଟିପିସି କର୍ତ୍ତୃପକ୍ଷ ସମସ୍ୟାର କୌଣସି ସମାଧାନ କରୁନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କୌଣସି ସମାଧାନ ହୋଇନଥିବା ବେଳେ ଆନ୍ଦୋଳନ ଚାଲୁ ରହିଛି ।

## ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ମାତୃ ବିୟୋଗ

ଆଠମଲ୍ଲିକ, (ସବ୍ୟୁ): ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟରେ ଆଠମଲ୍ଲିକ ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ଚିତ୍ତରଞ୍ଜନ କର୍ଣ୍ଣଙ୍କ ମାତା ଦୁତି କର୍ଣ୍ଣଙ୍କ ପରଲୋକ ହେଇଯାଇଛ। ଏହି ସମୟରେ ତାଙ୍କ ସୁପୁତ୍ର ଚିତ୍ତରଞ୍ଜନ କର୍ଣ୍ଣ, ପୁତ୍ରବଧୂ ବବିତା କର୍ଣ୍ଣ ଉପସ୍ଥିତ ଥିଲେ। ତାଙ୍କ ମରଶରୀର ଅଏଡ଼ା ସ୍ଥିତ ବାସଭବନରେ ପହଁଚିଲା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କ ବାସଭବନରେ ଆଠମଲ୍ଲିକର ବରିଷ୍ଠ ଆଇନଜୀବୀ ଅସିତ ରଞ୍ଜନ ଦେଓ, ସଚ୍ଚିଦାନନ୍ଦ ପାଣିଗ୍ରାହୀ, ପୀତବାସ ସାହୁ, ସୁଧାଂଶୁ ଶେଖର ବେହେରା ଓ ବିଜ୍ଞାପିତ ଅଂଚଳ ପରିଷଦର ଅଧକ୍ଷ୍ୟା ଆଶା କୁମାରୀ ସାହୁ ପହଂଚି ଶେଷ ଦର୍ଶନ କରିଥିଲେ। ଅଏଡ଼ା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ୍ୟ, ଅଧାପକ, ଅଧାପିକା ମାନେ ପହଂଚି ଶେଷ ଦର୍ଶନ କରିଥିଲେ। ଏ ଖବର ପାଇ ଆଠମଲ୍ଲିକ ର ବିଧାୟକ ନଳିନୀ କାନ୍ତ ପ୍ରଧାନ, ଅନୁଗୁଳର ପୂର୍ବତନ ବିଧାୟକ ଓ ମନ୍ତ୍ରୀ ରଜନୀକାନ୍ତ ସିଂ ଶୋକସନ୍ତପ ପରିବାରକୁ ସମବେଦନା ଜଣାଇଥିଲେ।

## ଡିଏଭି ଜଗନ୍ନାଥ କ୍ଷେତ୍ରରେ ରକ୍ତଦାନ ଶିବିର

ସାଉଥବଲଣ୍ଡା, (ସବ୍ୟୁ): ଡ଼ିଏଭି ଜଗନ୍ନାଥ କ୍ଷେତ୍ରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଏମସିଏଲ ଜଗନ୍ନାଥ କୋଇଲା କ୍ଷେତ୍ରର ପ୍ରବନ୍ଧକ ଅଶୋକ କୁମାର ଧଳ ମୁଖ୍ୟଅତିଥିଭାବେ ନିମନ୍ତ୍ରିତ ହୋଇ ଉଦ୍ଘାଟନ କରିଥିଲେ। ଜଗନ୍ନାଥ କୋଇଲା କ୍ଷେତ୍ରର ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ଶିବିରରେ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅନ୍ୟାନ୍ୟ କର୍ମଚାରୀ ତଥା ଅବିଭାବକଗଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ସମୁଦାୟ ୧୧୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବିଦ୍ୟାଳୟର ସ୍କାଉଟ ଗାଇଡ଼, ରେଡ଼କ୍ରସ, ଏନ.ସି.ସି ଛାତ୍ରଛାତ୍ରୀ ଓ ସମାଜସେବୀ କ୍ଷୀରୋଦ ସାହୁ ଏହି ଶିବିରରେ ଉପସ୍ଥିତ ରହି ରକ୍ତଦାତା ମାନଙ୍କର ସହାୟତା କରିଥିଲେ । ସମାଜସେବୀ ଯୋଗେନ୍ଦ୍ର ବେହେରା ଶିବିରଟିକୁ ସୁଚାରୁ ରୂପେ ପରିଚାଳନା କରିଥିଲେ । ରକ୍ତଦାନ ମହତ ଦାନ -ଏହି ଉକ୍ତିକୁ ପ୍ରକୃତରେ ସାର୍ଥକ କରିବା ନିମନ୍ତେ ବିଦ୍ୟାଳୟ ସ୍ତରରୁ ପିଲାମାନଙ୍କୁ ସଚେତନ କରାଇବା ଆବଶ୍ୟକତା ରହିଛି ବୋଲି ବିଦ୍ୟାଳୟର ଅଧକ୍ଷା ଶୁକ୍ଳା ଚକ୍ରବର୍ତୀ ମତବ୍ୟକ୍ତ କରିଥିଲେ। ଏହିଭଳି ମହତ କାର୍ଯ୍ୟକ୍ରମ ଆୟୋଜନ କରି ବିଦ୍ୟାଳୟରେ ଶୈକ୍ଷିକ ବାତାବରଣକୁ ବୃଦ୍ଧି କରିଥିବାରୁ ବିଦ୍ୟାଳୟର ଅଧକ୍ଷାଙ୍କୁ ଅଭିଭାବକମାନେ ପ୍ରଶଂସା କରିଛନ୍ତି ।

## ଅଚିହ୍ନା ବୃଦ୍ଧଙ୍କ ଶବ ଉଦ୍ଧାର

ତାଳଚେର, (ସବ୍ୟୁ): ତାଳଚେର ଟାଉନ ଥାନା ଅନ୍ତର୍ଗତ ପବିତ୍ରମୋହନ ଛକ ନିକଟସ୍ଥ ରେଙ୍ଗାଳୀ ଦକ୍ଷିଣକେନାଲ ରାସ୍ତାରେ ଏକ ଅଜଣା ବୃଦ୍ଧଙ୍କ ଶବ ଆଜି ପୋଲିସ୍ ଉଦ୍ଧାର କରିଛି। ଏହି ବୃଦ୍ଧଙ୍କ ବୟସ ପ୍ରାୟ (୬୫)ବର୍ଷ, ତାଙ୍କର ଉଚ୍ଚତା ୫ଫୁଟ, ରଙ୍ଗ ଶ୍ୟାମଳ, ସେ କଳାରଙ୍ଗର ଏକ ହାପପ୍ୟାଣ୍ଟ, କମଳାରଙ୍ଗର ଗଞ୍ଜି, ମୁଣ୍ଡରେ ଏକ ଶୀତନିୟନ୍ତ୍ରଣ ଟୋପି ପରିଧାନ କରିଥିଲେ। ଅନୁମାନ କରାଯାଏ କି, କେନାଲ ସାଇଟ୍ ରାସ୍ତା ନିକଟରେ ସେ ରାତ୍ରି ସମୟରେ ନିଜର ଶାଲ, କମ୍ବଳ, ଖଣ୍ଡିଏ ବ୍ୟାଗ ଓ ମୁଣ୍ଡଶାଳରେ ଛୋଟ ପାଣି ବୋତଲ ରଖି ବିଶ୍ରାମ କରୁଥିଲେ। ଶୀତକାଳୀନ ଋତୁ ହୋଇଥିବାରୁ ହୁଏତ ଥଣ୍ଡା କିମ୍ବା କୌଣସି କାରଣ ବସତଃ ତାଙ୍କର ମୃତ୍ୟୁ ଘଟିଛି ବୋଲି ଶୁଣିବାକୁ ମିଳେ। ତାଙ୍କୁ ସେଠାରୁ ଉଦ୍ଧାର କରି ତାଳଚେର ସରକାରୀ ମଣ୍ଡାପାଳ ଡ଼ାକ୍ତରଖାନାକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଥିବା ପୋଲିସ୍ ସୂତ୍ରରୁ ପ୍ରକାଶ। ତେବେ ଖବର ଲେଖାହେଲା ବେଳକୁ ଉକ୍ତ ବୃଦ୍ଧଙ୍କ ସମ୍ପୂର୍ଣ୍ଣ ଠିକଣା ମିଳିପାରି ନାହିଁ।

## ତାଳଚେର ସହରରେ ପଶିଲେ ହାତୀପଲ

ତାଳଚେର, (ସବ୍ୟୁ): ପୂର୍ବରୁ କଙ୍କିଳି ଧରମପୁର, କଣ୍ଢାଳ, ସନ୍ତପଡ଼ା ଗୁରୁଜାଙ୍ଗୁଲି ପଂଚାୟତ ଅଂଚଳରେ ହାତୀପଲ ପଶି କ୍ଷୟକ୍ଷତି କରିବା ସହିତ ସହର ମଧ୍ୟରେ ପଶି ଗୋଟଏ ଦନ୍ତାହାତୀ ୭ଜଣଙ୍କୁ ମାରିଥିବା ଘଟଣା ସେହି ସମୟରେ ଲୋକଙ୍କ ମନରେ ଏକ ଆତଙ୍କ ଖେଳାଇ ଦେଇଥିଲା। ତେବେ ଏହି ହାତୀପଲ ଗତକାଲି ବିଳମ୍ବିତ ରାତ୍ରୀରେ ତାଳଚେର ପୌରପିଷଦ ୧୬ନମ୍ବର ୱାର୍ଡ଼ ଗୋପୀନାଥପୁର ଗ୍ରାମରେ ପଶି କ୍ଷୟକ୍ଷତି କରିଥିବା ଅଭିଯୋଗ ହୋଇଛି। ଏହି ହାତୀପଲ ଢ଼େଙ୍କାନାଳ ଜିଲ୍ଲା ପର୍ଜଙ୍ଗ ଅଂଚଳରୁ ବ୍ରାହ୍ମଣୀନଦୀ ପାର ହୋଇ ଗୋପୀନାଥପୁର ପଂହଚିଥିଲେ ବୋଲି ଶୁଣାଯାଉଛି। ଅଂଚଳବାସୀ ହାତୀପଲକୁ ଦେଖି ଭୟଭିତ ହେବା ସହିତ ଗ୍ରାମରେ ଥିବା କୁକୁରମାନେ ଭୋକିବା ଏବଂ ଗାଈବାଛୁରୀ ସବୁ ଦୌଡ଼ି ପଳାଇଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ତେବେ କ୍ଷୟକ୍ଷତି ଆକଳନ ସମ୍ପୂର୍ଣ୍ଣ ତଥ୍ୟ ଜଣାପଡ଼ି ନଥିଲେ ମଧ୍ୟ ଏସମ୍ପର୍କରେ ତାଳଚେର ରେଞ୍ଜରକୁ ଫୋନ ମାଧ୍ୟମରେ ଯୋଗାଯୋଗ କରାଯାଇଥିଲେ ହେଁ ସମ୍ଭବ ହୋଇପାରିନଥିଲା। ଏହି ହାତୀପଲ ପଂଚାୟତ ଛାଡ଼ି ଏବେ ସହରମୁହାଁ ହୋଇଥିବାରୁ ଅଂଚଳବାସୀ ଏବେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଭିନ୍ନ ଭିନ୍ନ ସମୟରେ ସ୍ଥାନୀୟ ବନବିଭାଗ ପକ୍ଷରୁ ଓ ଲୋକଙ୍କ ସହାୟତାରେ ହାତୀପଲକୁ ବାରମ୍ବାର ଘୋଡ଼ାଇବାକୁ ଚେଷ୍ଟା କରୁଥିଲେ ମଧ୍ୟ ହାତୀପଲ୍ଲ ନଈପାର ହୋଇ ପର୍ଜଙ୍ଗ ବ୍ଲକକୁ ପଳାଇ ଯାଇ ପୁନଶ୍ଚ ସେହି ଅଂଚଳବାସୀ ଓ ବନବିଭାଗ ଘଉଡ଼ାଇଥିବାରୁ ସେମାନେ ରାସ୍ତାନପାଇ ଏବେ ସହର ମୁହାଁ ହେଉଛନ୍ତି। ତେବେ ହାତୀ କରିଡ଼ର କରାଯିବାନେଇ ସାଧାରଣରେ ଦାବି ହେଉଛି।

# ଏନ୍ଏସି ସାର ବସ୍ତା ଓଜନରେ ଠକେଇ, ଚାଷୀଙ୍କ ଅଭିଯୋଗ



ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନ୍ଏସିରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ଭଳି ସଂସ୍ଥା ଦ୍ୱାରା ପ୍ରସ୍ତୁତ ଭର୍ମି କମ୍ପୋଷ୍ଟ ସାର ବସ୍ତା ବିକ୍ରୟରେ ଦୁର୍ନୀତିରେ ଗନ୍ଧ ପଦାକୁ ଆସିଛି। ଏନେଇ ଆଜି ସଂପୃକ୍ତ ଚାଷୀ ଏନ୍ଏସି କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଯାଇ ଖୋଦ୍ ଅଧିକାରୀଙ୍କ ଦ୍ୱାରା ଅପମାନିତ ହୋଇଥିବା ଜଣାପଡିଛି। ଚାଷୀଙ୍କୁ କାର୍ଯ୍ୟ ନିର୍ବାହୀ ଅଧିକାରୀ କୁଆଡେ ନାଲି ଆଖି ଦେଖାଇ କାହିଁକି ଉଚ୍ଚ ସ୍ୱରରେ ପାଟି କରୁଚ ବୋଲି କହିବା ସହ ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ସରକାରଙ୍କୁ ଜଣାଇଲେ ବି କେହି ମୋର କିଛି ବିଗାଡି ପାରିବେ ନାହିଁ ବୋଲି ରୋକ୍ ଠୋକ କହିଥିବା ଚାଷୀ ଅଭିଯୋଗ କରିଛନ୍ତି ।

ପ୍ରକାଶଯେ ଆଜି ଏନ୍ଏସି ଅନ୍ତର୍ଗତ ୯ ନଂ ୱାର୍ଡ ରୁପାଳିସାହିର କୀର୍ତ୍ତନ ନାଏକ ନାମକ ଜଣେ ଭାଗ ଚାଷୀ ଯିଏ କି ସ୍ଥାନୀୟ ନୂତନ ପାଟଣା ସାହିର ସରୋଜ ଭୁତିଆ ନାମକ ଜମି ମାଲିକଙ୍କ କେନ୍ଦୁଧିପ ବୋଲି ବଗିଚାରେ ଆଳୁ, ବାଇଗଣ, ବିନ୍ , ଟମାଟୋ ଆଦି ପନିପରିବା ଚାଷ କରନ୍ତି। ସେଥି ମଧ୍ୟରୁ ଆଳୁ ଗଛ ଝାଉଁଳି ଯିବା ଯୋଗୁଁ ଉଭୟେ କଥା ବାର୍ତ୍ତା ହୋଇ ଆଜି ଏନ୍ଏସି ୯ ନଂ ୱାର୍ଡ ମାଟିଆ ସାହି ସ୍ଥିତ କଂପୋଷ୍ଟ ପ୍ରସୂତି ୟୁନିଟକୁ ଯାଇ ୫୦ କେଜି ସାର ପାଇଁ ୫୦୦ ଟଙ୍କା ପୈଠ କରିଥିଲେ। ଯାହାର କୌଣସି ରସିଦ ଚାଷୀ କୀର୍ତ୍ତନକୁ ମିଳି ନଥିଲା। ତେବେ ସାର ବସ୍ତା ହାଲୁକା ଲାଗିବା ଅନୁଭବ କରି କୀର୍ତ୍ତନ ଓ ଜମି ମାଲିକ ସରୋଜ ଏକାଠି ଆସି ଅନ୍ୟତ୍ର ଓଜନ କରିବାରୁ ସେଥିରେ ସମୁଦାୟ ୨୭ କେଜି ୫ ଶହ ୧୦ ଗ୍ରାମ ଥିବା ଜଣା ପଡିଥିଲା । ସହସା ଉଭୟେ ଏନ୍ ଏ ସି କାର୍ଯ୍ୟାଳୟକୁ ଯାଇ ଏହିଭଳି ଅନ୍ୟମିତ୍ତତା କାହିଁକି ବୋଲି ଆଲୋଚନା କରିଥିଲେ। ଏହା ଶୁଣି ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସେମାନଙ୍କ ନିକଟକୁ ଆସି ରାଗି ଯାଇ କାହିଁକି ଉଚ୍ଚ ସ୍ୱରରେ ପାଟି କରୁଚ ? ଲିଖିତ ଅଭିଯୋଗ ନେଇ ଆସ ବୁଝାଯିବ ବୋଲି କହିବା ସହ ଏନେଇ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ ସରକାରଙ୍କୁ ଜଣାଇଲେ ବି କେହି କିଛି କରି ପାରିବେ ନାହିଁ ବୋଲି ଉତାଣୀଆ କଥା ବାର୍ତ୍ତା କରିଥିଲେ। ଉକ୍ତ କଂପୋଷ୍ଟ ୟୁନିଟରୁ ପୂର୍ବରୁ କୃଷି, ଉଦ୍ୟାନ ବିଭାଗ ଓ ସମବାୟ ବିଭାଗ ଏବଂ ଏନ୍ଏସିର ବିଭିନ୍ନ ୱାର୍ଡର ଚାଷୀ ମାନେ ଅନେକ ସାର ବସ୍ତା ନେଇ ଏହିଭଳି ଠକାମୀର ଶିକାର ହୋଇଥିବା ନେଇ ଅସନ୍ତୋଷ କୁହୁଳୁ ଥିଲା। ଦୀର୍ଘ ତିନି ଚାରି ବର୍ଷ ହେବ ଏହି ଭଳି ମାପ ଓଜନରେ ଠକେଇ କରି କାମ୍ପୋଷ୍ଟ ୟୁନିଟ ଦାୟିତ୍ୱରେ ଥିବା କର୍ମଚାରୀ ଓ ଅଧିକାରୀ କେତେ ଜେ ଅର୍ଥ ହରିଲୁଟ କରି ନଥିବେ ସାଧାରଣରେ ଆଲୋଚନା ହେଉଛି। ଉଚ୍ଚ ସ୍ତରୀୟ ତଦନ୍ତ ସହ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହି ଘଟଣାରେ ଦୃଢ଼ ପଦକ୍ଷେପ ନେବାକୁ ଏହି ଅଞ୍ଚଳର ଚାଷୀ କୂଳ ଦାବି କରିଛନ୍ତି ।

# ସଡ଼କ ସୁରକ୍ଷା ସପ୍ତାହ ପାଳନ

ଠାକୁରଗଡ଼, (ସବ୍ୟୁ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ହାଇସ୍କୁଲ ପରିସରରେ ଶୁକ୍ରବାର ଦିନ ଅନୁଗୋଳ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ ହୋଇଯାଇଛି । ଏନେଇ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏକ ଶୋଭାଯାତ୍ରା ବାହାରିଥିଲା । ଏହି ଶୋଭାଯାତ୍ରାକୁ ଠାକୁରଗଡ଼ ଆଇଆଇସି ନଟବର ନନ୍ଦ ଓ ଆଞ୍ଚଳିକ ପରିବହନର ଟ୍ରାଫିକ ଇନିସପେକ୍ଟର ସୁମନ୍ତ କୁମାର ସେଠୀ ଅତିଥି ଭାବରେ ଯୋଗ ଦେଇ ପତାକା ଦେଖାଇ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ପ୍ରତିମା ଦେହୁରି, ଶିକ୍ଷକ ଚିଦାନଦ ଦେହୁରି, ସନ୍ତୋଷ ପ୍ରାଣୀଗ୍ରାହୀ, ଅନିଲ ମେହେର, ଚାରୁ ବାସିନୀ ସାହୁ, ଲୋପାମୁଦ୍ରା କଅଁର, ବର୍ଷା ସିଂ, ରଶ୍ମୀତା ପ୍ରଧାନ, ବିନତି ମାଝୀ, ନିରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀ ଛାତ୍ର ମାନେ ଠାକୁରଗଡ଼ ନଗର ପରିକ୍ରମା କରି ଅଞ୍ଚଳବାସୀ ଙ୍କୁ ସଚେତନତା କରାଇଥିଲେ । ପରେ ବିଦ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଅତିଥିମାନେ ଯୋଗ ଦେଇ କିଭଳି ଗାଡି ଚଳାଇବେ ସେ ସମ୍ପର୍କରେ କହିବା ସହ ମଦ୍ୟପାନ କରି ଗାଡି ନଚଳାଇବା ପାଇଁ ପରାମର୍ଶ ଦେଇଥିଲେ। ଯାହାକି ମଦ୍ୟ ପାନ ଯୋଗୁଁ ଅନେକ ସମୟରେ ନିରୀହ ଜୀବନ ଚାଲି ଯାଉଛି ବୋଲି ପ୍ରକାଶ କରିଥିଲେ।



# ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ପକ୍ଷରୁ ‘ଫ୍ଲାଗ ଫାଉଣ୍ଡେସନ ଡେ’ ପାଳିତ

କେନ୍ଦୁଝର ,(ରବିରାଜ) : ଶୁକ୍ରବାର ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି) ପକ୍ଷରୁ ‘ଫ୍ଲାଗ ଫାଉଣ୍ଡେସନ ଡେ’ ବଡ଼ବିଲ, କାଶିଆ ଓ ଟେନ୍ସା ୟୁନିଟରେ ବଡ଼ ଉତ୍ସାହର ସହ ପାଳିତ ହୋଇଯାଇଛି।ସର୍ବସାଧାରଣଙ୍କୁ ସମ୍ମାନର ସହ ମୁକ୍ତ ଭାବେ ଜାତୀୟ ପତାକା ଉଡ଼ାଇବାର ଅଧିକାର ଦେବା ପାଇଁ ଜେଏସପିର ଅଧ୍ୟକ୍ଷ ତଥା ଫ୍ଲାଗ ଫାଉଣ୍ଡେସନ ଅଫ୍ ଇଣ୍ଡିଆର ସଭାପତି ନବୀନ ଜିନ୍ଦଲଙ୍କ ଦ୍ୱାରା ଚାଲିଥିବା ଦଶନ୍ଧିର ନ୍ୟାୟିକ ସଂଗ୍ରାମକୁ ସମ୍ମାନ ଦେବା ଉପଲକ୍ଷେ ଏହି ‘ଫ୍ଲାଗ ଫାଉଣ୍ଡେସନ ଡେ’ ପାଳିତ ହୋଇଆସୁଛି।ବଡ଼ବିଲ ପେଲେଟ ପ୍ଲାଣ୍ଟ ପରିସରରେ ୟୁନିଟ ମୁଖ୍ୟ , ପୁରୁଷୋତ୍ତମ ଏମଡି. ଜାତୀୟ ପତାକା ଉତ୍ତୋଳନ କରିଥିଲେ।ସେହିପରି କାଶିଆ ଓ ଟେନ୍ସା ମାଇନ୍ସ ପରିସରରେ ୟୁନିଡ ମୁଖ୍ୟ ପ୍ରମୋଦ କୁମାର ପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ଓ ଅଧିକାରୀ ସାମିଲ ହୋଇଥିଲେ । ଜାନୁଆରୀ ୨୩ ଏକ ବିରାଟ ଐତିହାସିକ ମୁହୂର୍ତ୍ତକୁ ସ୍ମରଣ କରାଏ କାରଣ ୨୦୦୪



ମସିହା, ଏହି ଦିନରେ ଶ୍ରୀ ଜିନ୍ଦଲଙ୍କ ଦଶନ୍ଧିର ନ୍ୟାୟିକ ସଂଗ୍ରାମରେ ସୁପ୍ରିମକୋର୍ଟରେ ବିଜୟ ମିଳିଥିଲା।ଏହି ଐତିହାସିକ ରାୟ ସର୍ବସାଧାରଣଙ୍କ ମୁକ୍ତ ଓ ସମ୍ମାନର ସହ ଜାତୀୟ ପତାକା ଉଡ଼ାଇବାର ଅଧିକାରକୁ ସାବ୍ୟସ୍ତ କରିଥିଲା। ଏହି ରାୟ ଦ୍ୱାରା ତ୍ରିରଙ୍ଗାକୁ ଏକତା, ଗୌରବ ଓ ଦେଶ ପ୍ରତି ନିଷ୍ଠାର ପ୍ରତୀକ ଭାବେ ସ୍ୱୀକୃତି ମିଳିଥିଲା।ଶ୍ରୀ ନବୀନ ଜିନ୍ଦଲ ଓ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲଙ୍କ ଦ୍ୱାରା ପ୍ରତିଷ୍ଠିତ ଫ୍ଲାଗ୍ ଫାଉଣ୍ଡସନ ଅଫ୍ ଇଣ୍ଡିଆ ଜାତୀୟ ପତାକାର ଗୌରବର ପ୍ରସାର ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଛି। ବିଭିନ୍ନ ସମୟରେ ଆଲୋଚନାଚକ୍ରର ଆୟୋଜନ, ପୁସ୍ତକ ପ୍ରକାଶନ, ତ୍ରିରଙ୍ଗା ଦୌଡ଼ ଓ ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ସ୍ଥାପନ ଦ୍ୱାରା ଜାତୀୟ ପତାକା ପ୍ରତି ନାଗରିକଙ୍କ ସମ୍ମାନ ବୃଦ୍ଧି ପାଇଁ ଫାଉଣ୍ଡେସନ କାର୍ଯ୍ୟ କରିଆସୁଛି। ଦେଶ ବ୍ୟାପୀ ୧୬୩ ଓ ଓଡ଼ିଶାରେ ୮ଟି ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ସ୍ଥାପନ ହୋଇସାରିଥିବା ବେଳେ ଫାଉଣ୍ଡେସନ ପକ୍ଷରୁ ଏହି ଅଭିଯାନ ଜାରି ରହିଛି।ଫ୍ଲାଗ ଫାଉଣ୍ଡେସନ ଡେ ଅବସରରେ ଶ୍ରୀ ଜିନ୍ଦଲ ସବୁ ଘରେ ତ୍ରିରଙ୍ଗା, ସବୁ ଦିନ ତ୍ରିରଙ୍ଗା ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଏହା ସହିତ ଦେଶଗଠନ ପ୍ରତି ସାମଗ୍ରିକ ନିଷ୍ଠାକୁ ତ୍ରିରଙ୍ଗା ପ୍ରେରିତ କରୁ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ତ୍ରିରଙ୍ଗାର ମୂଲ୍ୟବୋଧକୁ ସମ୍ମାନ ଦେବା ପାଇଁ ଶପଥ ନେଇଥିଲେଛ ଏହି ଅବସରରେ ଅନଲାଇନ ଦସ୍ତଖତ ଓ କ୍ୱିଜ୍ ମଧ୍ୟ ଅନୁଷ୍ଠିତ ହୋଇଥିଲା ।

# କଟ୍‌ନୀ ଛଟ୍‌ନୀକୁ ନେଇ ଜିଲ୍ଲା ପରିଷଦ ବୈଠକ ସରଗରମ

ଭଦ୍ରକ,(ସବ୍ୟୁ) : ଶୁକ୍ରବାର ଧାନକିଣାରେ କଟ୍‌ନୀ ଛଟ୍‌ନୀକୁ ନେଇ ଭଦ୍ରକ ଜିଲ୍ଲା ପରିଷଦ ୭ମ ବୈଠକ ବେଶ ସରଗରମ ହୋଇଛି। ଜିଲ୍ଲାରେ ଚଳିତ ଖରିଫ୍ ଧାନ କିଣାରେ ଚାଲିଥିବା ନାନା ଅବ୍ୟବସ୍ଥା ସମ୍ପର୍କରେ ଗତ କିଛି ଦିନ ଧରି ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିବା ବେଳେ ଆଜି ଜିଲ୍ଲା ପରିଷଦ ବୈଠକରେ ଏହି ତାତି ଜୋର ଧରିଥିଲା । ଜିଲ୍ଲା ପରିଷଦ ସଭାଗୃହରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନାଙ୍କ ଅଧ୍ୟକ୍ଷତାରେ ହୋଇଥିଲା । ବୈଠକ ଆରମ୍ଭରେ ଜିଲ୍ଲାରେ ଧାନକିଣାକୁ ନେଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା ।ବିଜେଡିର କେତେକ ବ୍ଲକ ଅଧ୍ୟକ୍ଷ, ଜିଲ୍ଲା ପରିଷଦ ସଭ୍ୟ ଓ ଚାଷୀମାନେ ଡ୍ୟାସ୍‌ରେ ବସିଥିବା ଅତିଥିମାନଙ୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାନର ମାନ ନିର୍ଦ୍ଧାରଣ ନେଇ ଜିଲ୍ଲାପାଳଙ୍କ ଟେବୁଲ ଉପରେ ଧାନ ସାମ୍ପୁଲ ରଖିଥିଲେ । କଟ୍‌ନୀ ଛଟ୍‌ନୀ ଓ ମିଲରଙ୍କ ମନମାନୀ ଯୋଗୁଁ ମଣ୍ଡିରେ ଧାନ ଉଠା ଯାଉନଥିବା ଆଦି ଅଭିଯୋଗ କରିଥିଲେ । ସରକାରଙ୍କ ଚାଷୀ ମାରଣା ନୀତି ନେଇ ସଭାଗୃହରେ ସ୍ଲୋଗାନ ମାନ ଦିଆଯାଇଥିଲା । ଜିଲ୍ଲା ପରିଷଦ ସଭାପତି ଓ ଜିଲ୍ଲାପାଳଙ୍କ ଅନୁରୋଧକ୍ରମେ ସଭାଗୃହରେ ଅଶାନ୍ତ ବାତାବରଣ ଶାନ୍ତ ପଡ଼ିଥିଲା । ପରେ ସଭାଗୃହର କାର୍ଯ୍ୟ ସ୍ୱାଭାବିକ ହୋଇଥିଲା ।ସୂଚନାଯୋଗ୍ୟ, ବୈଠକ ଆରମ୍ଭ ହେବା କ୍ଷଣି ଧାନକିଣାରେ ମିଲରମାନେ ପ୍ରତି କ୍ୱିଣ୍ଟାଲ ପିଛା ୮ରୁ ୧୨କେଜି କଟିଙ୍ଗ କୁ ନେଇ ଉପସ୍ଥିତ ବହୁ ବ୍ଲକ ଅଧ୍ୟକ୍ଷା, ଜିଲ୍ଲା ପରିଷଦ ସଭ୍ୟ, ପଂଚାୟତ ପ୍ରତିନିଧିମାନେ ଦୃଷ୍ଟି ଆକର୍ଷଣ କରି ହୋ ହାଲ୍ଲା କରିଥିଲେ । ଏପରିକି ସରକାର ଓ ଜିଲ୍ଲା ପ୍ରଶାସନକୁ କଡା ଭର୍ତ୍ସନା କରିବାକୁ ପଛାଇନଥିଲେ । ଏଭଳି ପରିସ୍ଥିତିରେ ଜିଲ୍ଲାପାଳ ଦିଲ୍ଲିପ ରାଉତରାଏ କିଂକର୍ତବ୍ୟମୂଢ ହୋଇପଡିଥିବା ଦେଖିବାକୁ ମିଳିଥିଲା । ଜିଲ୍ଲାପାଳଙ୍କ ଅନୁରୋଧକୁ ଖାତିର ନକରି ପଂଚାୟତ ପ୍ରତିନିଧିମାନେ ପ୍ରତିବାଦ ଜୋରଦାର ହୋଇଥିଲା । ଏତିକିବେଳେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଓ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଧାନକିଣାରେ କଟିଂକୁ ନେଇ ଯୋଗାଣ ବିଭାଗ ଜିଲ୍ଲାପାଳଙ୍କୁ ଅନ୍ଧାରରେ ରଖି ପ୍ରାୟୋଜିତ ଢଙ୍ଗରେ ରିପୋର୍ଟ ଦେଉଥିବା କହୁଥିଲେ । ଭଣ୍ଡାରିପୋଖରୀ ବିଧାୟକ ଶ୍ରୀ ମଲ୍ଲିକ କଟନୀକୁ ନେଇ ଖୋଦ ଜିଲ୍ଲାର ମନ୍ତ୍ରୀ ୮କିଲୋ କଟିଙ୍ଗ ହେଉଥିବାର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ



ଆଣିଥିବା ସୂଚନା ଦେଇଥିଲେ । ସେହିଭଳି ଯୋଗାଣ ବିଭାଗର ସର୍ବେସର୍ବା ସାଜିଥିବା ଧାନକିଣା ଦାୟିତ୍ୱ ମୁଣ୍ଡାଇଥିବା ଏସିଏସଓ ଶରତ ବେହେରା ଚାଷୀଙ୍କୁ ଶୋଷଣ କରୁଛନ୍ତି ଓ ଚାଷୀ ଯଦି ଆତ୍ମହତ୍ୟା କଲେ ଏଥିପାଇଁ ଶ୍ରୀ ବେହେରା ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ବୈଠକରେ ମତପ୍ରକାଶ କରିଥିଲେ । ସେହିଭଳି ଚାନ୍ଦବାଲି ବିଧାୟକ ଶ୍ରୀ ରାୟ ୮ରୁ ୧୦କେଜି ଧାନ କଟ୍‌ନୀ ଛଟନୀ ଅଭିଯୋଗର ଦୃଢୋକ୍ତି ପ୍ରକାଶ କରିଥିଲେ । ବୈଠକରେ ବିଭିନ୍ନ ପଞ୍ଚାୟତ ସମିତିରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ସଂପୃକ୍ତ ବ୍ଲକ ଅଧ୍ୟକ୍ଷାମାନଙ୍କୁ ବାଦ୍ ଦେଇ କାର୍ଯ୍ୟକାରୀ ହେବାକୁ ନେଇ ମଧ୍ୟ କ୍ଷୋଭ ପ୍ରକାଶ କରିଥିଲେ । ଏତିକିବେଳେ ବୈଠକରେ ଉପସ୍ଥିତ ଥିବା ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ସହ ଚାନ୍ଦବାଲି ବିଧାୟକ ଶ୍ରୀ ରୟଙ୍କ କଥା କଟାକଟି ହୋଇଥିଲା। ଏହାବାଦ ବୈଠକରେ ଆସନ୍ତା ବର୍ଷା ଋତୁ ପୂର୍ବରୁ ରାସ୍ତାଘାଟର ମରାମତି ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ କୁହାଯାଇଥିଲା । ଅନ୍ୟପକ୍ଷରେ ଆଗରେ ଜାଗତଯାତ୍ରା ଥିବାରୁ ଭଦ୍ରକ-ଆରଡି ରାସ୍ତାର ନିର୍ମାଣ କାର୍ଯ୍ୟ ଖୁବଶିଘ୍ର ସାରିବାକୁ ନିଷ୍ପତି ହୋଇଥିଲା । ସେହିପରି ମେଗା ପାଇପ୍ ଜଳ ପ୍ରକଳ୍ପ କାର୍ଯ୍ୟରେ ପାଇପ୍ ସଂଯୋଗ ସମ୍ପୂର୍ଣ୍ଣ ନହେବା ପୁଣି ଏହି ପ୍ରକଳ୍ପ ଅନ୍ତର୍ଗତ ଅଂଚଳକୁ ନଳକୂପ ନଆସିବା କାରଣରୁ ଆଗାମୀ ଗ୍ରୀଷ୍ମଦିନରେ ପାନୀୟ ଜଳ ସଂକଟ ଦେଖାଦେବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ପଂଚାୟତ ସମିତି ରୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ସ୍ଥାନାନ୍ତରିତ ହେବାକୁ ଥିବା ରାସ୍ତା ଗୁଡିକର ତାଲିକା ଯଥାଶିଘ୍ର ପ୍ରଦାନ କରିବାକୁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ପାନୀୟ ଜଳ ବିଭାଗ, ଶିକ୍ଷା, ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ, ଜଳସମ୍ପଦ ବିଭାଗ, କୃଷି ଆଦି ବିଭାଗର କାର୍ଯ୍ୟଧାରା ଗୁଡିକର ସମୀକ୍ଷା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଆଜିର ୭ମ ବୈଠକରେ ବାସୁଦେବପୁର ବିଧାୟକ ଅଶୋକ ଦାସ, ଧାମନଗର ବିଧାୟକ ତଥା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ, ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଅବନ୍ତୀ ଦାସ ଓ ଶର୍ମିଷ୍ଠା ବେହେରାଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ଲେଙ୍କା, ପ୍ରଦୀପ ମଲ୍ଲିକ, ପ୍ରିନ୍ସ ରାକେଶ ନାୟକ, ମଳୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ଫୋର୍ସ ମଧ୍ୟ ମୁତୟନ କରାଯାଇଥିଲା।

# ବିଦ୍ୟାଳୟରେ ଏକକ ପ୍ଲାଷ୍ଟିକ ବ୍ୟବହାର ବର୍ଜନ କାର୍ଯ୍ୟକ୍ରମ

ବେତନଟୀ, (ସବ୍ୟୁ) : ବେତନଟୀ ବ୍ଲକ ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଏକକ ପ୍ଲାଷ୍ଟିକ ବ୍ୟବହାର ବର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ହୋଇ ଯାଇଛି। ଓଡ଼ିଶା ସରକାର ଙ୍କ ଜଙ୍ଗଲ, ପରିବେଶ ଓ ଜଙ୍ଗଲ ମନ୍ତ୍ରାଳୟ ଅଧୀନ ସେଣ୍ଟର୍ ଫୋର୍ ଏନଭିରନମେଣ୍ଟାଲ ଷ୍ଟଡିଜ୍ ସହଯୋଗରେ ଅନୁଷ୍ଠିତ ଏହି ଦିବସ ବ୍ୟାପୀ କାର୍ଯ୍ୟ କ୍ରମରେ ସେଣ୍ଟର୍ ଫୋର୍ ଏନଭିରନ ମେଣ୍ଟାଲ ଷ୍ଟଡିଜ୍ କାର୍ଯ୍ୟକ୍ରମ ସଂଯୋଜକ ମୋହନ କୁମାର ରାଉତ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ।ବିଦ୍ୟାଳୟର ଛାତ୍ର ଛାତ୍ରୀଓ କର୍ମଚାରୀମାନଙ୍କୁ ଏକକ ପ୍ଲାଷ୍ଟିକ ବ୍ୟବହାର ବର୍ଜନ ସମ୍ବନ୍ଧୀୟ ସବୁଜ ଶପଥ ପାଠ କରାଇଥିଲେ। ଏହି ଉପଲକ୍ଷେ ଆୟୋଜିତ ଏକ ସଚେତନତା ଶୋଭାଯାତ୍ରାକୁ ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନା ପତାକା ଦେଖାଇ ଶୁଭାରମ୍ଭ କରିଥଲେ। ବିଦ୍ୟାଳୟର ତିନି ଶହରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ପ୍ଲାଷ୍ଟିକ ବର୍ଜନ ଓ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ସ୍ଲୋଗାନ ଦେଇ , ଗ୍ରାମ୍ୟ ରାସ୍ତା ସଫେଇ କରିବା ସହିତ ଗ୍ରାମ ପରିକ୍ରମା କରି ସଚେତନ ସୃଷ୍ଟି କରିଥଲେ। ଏହାପରେ ଛାତ୍ର ଛାତ୍ରୀମାନେ ଏକକ ପ୍ଲାଷ୍ଟିକ ବ୍ୟବହାରକୁ ନା କରିବା ବିଷୟ ବସ୍ତୁ ଉପରେ ଏକ କ୍ଷୁଦ୍ର ନାଟକ ପ୍ରଦର୍ଶନ କରି ସଚେତନତା ସୃଷ୍ଟି କରିଥିଲେ। ଏହି ବିଷୟ ବସ୍ତୁ ଉପରେ ବିଦ୍ୟାଳୟର ଇକୋ କ୍ଲବ୍ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିସରରେ ମା ପାଇଁ ଗଛଟିଏ କାର୍ଯ୍ୟ କ୍ରମରେ ଅତିଥି ଗଣ ବୃକ୍ଷ ରୋପଣ କରିଥଲେ।ଉଦଯାପନୀ ଉତ୍ସବରେ ବେତନଟୀ ବନାଞ୍ଚଳ ଅଧିକାରୀ ମନୱର ଖାଁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଏକକ ପ୍ଲାଷ୍ଟିକ ବ୍ୟବହାର ର ମାରାତ୍ମକ କୁପ୍ରଭାବ ସମ୍ବନ୍ଧରେ ବୁଝାଇବା ସହିତ ଏହାର ନିରାକରଣ ରେ ସମସ୍ତେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ବେତନଟୀ ବନପାଳ ପ୍ରଶାନ୍ତ କୁମାର ସିଂ ସାମନ୍ତ ସମ୍ମାନନୀୟ ଅତିଥି ଭାବରେ ଯୋଗଦେଇ ପରିବେଶ ସୁରକ୍ଷା ସଂକ୍ରାନ୍ତ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ଗଣ ପୁରସ୍କୃତ କରିଥଲେ। ସେଣ୍ଟର୍ ଫୋର୍ ଏନଭାଇରେନମେଣ୍ଟାଲ୍ ଷ୍ଟଡିଜ୍ ତରଫରୁ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନା ଙ୍କୁ ଟ୍ରଫି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।ବରିଷ୍ଠ ଶିକ୍ଷକ ନିରଞ୍ଜନ ବାରିକ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବ୍ରାଉନସୁଗର ଜବତ, ଜଣେ ଗିରଫ

ବାଲେଶ୍ୱର,(ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅବକାରୀ ସେଟ ଲାଇଟ୍ ୟୁନିଟ ପକ୍ଷରୁ କମର୍ଦ୍ଦା ଥାନା ଅଧିନସ୍ଥ ବାରମାଇଲ ପେଟ୍ରୋଲ ପମ୍ପ ନିକଟରେ ଚଢ଼ାଉ କରି ୭୨ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଏହି ମାମଲାରେ ଜଣକୁ ଗିରଫ କରାଯାଇଛି। ଜବତ ବ୍ରାଉନସୁଗର ର ମୂଲ୍ୟ ୭.୨୦ ଲକ୍ଷ ହେବ ବୋଲି ଆକଳନ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଉଛନ୍ତି କସବା କମର୍ଦ୍ଦା ଗ୍ରାମର ଦିବାକର ନାୟକ(୩୦)।ଏନେଇ ସେଟ୍ ଲାଇଟ୍ ଥାନାରେ ୨୦୨/୨୦୨୪-୨୫ ନମ୍ବରର ଏକ ମାମଲା ରୁଜୁ ହୋଇଛି। ସେଟଲାଇଟ୍ ୟୁନିଟ୍ ଇନ୍ସପେକ୍ଟର ଲକ୍ଷ୍ୟ ସାଧବ ପ୍ରଧାନଙ୍କ ନେତୃତ୍ୱରେ ଏହି ଚଢାଉରେ ଏଏସଆଇ ସଞ୍ଜୀବ କୁମାର ମୁଣ୍ଡା, ସାଲାଇ ହେମ୍ବ୍ରମ, କନେଷ୍ଟବଳ ଜଗବନ୍ଧୁ ବାରିକ ଓ ମଧୁସ୍ମିତା ମହାନ୍ତ ପ୍ରମୁଖ ସାମିଲ ଥିଲେ।

# ଜଳିଗଲା ଟ୍ରକ

ଆଗରପଡ଼ା,(ସବ୍ୟୁ):ଗୁରୁବାର ବିଳମ୍ବିତ ରାତିରେ ଟିଲୋ ତେଲିସାହୀ ନିକଟରେ ଥିବା ରାସ୍ତାରେ ଏକ ୧୪ ଚକିଆ ଟ୍ରକ ଜଳିଯାଇଛି। ଓଡ଼ି-୦୪ଭି-୦୮୯୭ ନମ୍ବର ବିଶିଷ୍ଟ ଟ୍ରକଟି ଭଦ୍ରକ ଆଡୁ ଆସି ଏଠାରେ ଠିଆ ହୋଇଥିଲା। କୌଣସି କାରଣବଶତଃ ଏହା ଜଳୁଥିବାର ଦେଖି ଲୋକେ ଅଗ୍ନିଶମ ବାହିନୀକୁ ଡାକିବା ପରେ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ।

# ବିଶ୍ୱନାଥ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବିଜ୍ଞାନମେଳା

ସୋର,(ସବ୍ୟୁ) : ସୋର ବ୍ଲକ ମହୁମୁହାଣ ବିଶ୍ୱନାଥ ବିବେକାନନ୍ଦ ଶିକ୍ଷାକେନ୍ଦରେ ନେତାଜୀ ସୁବାଷଚନ୍ଦ୍ର ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ କରାଯିବା ସହିତ ଏକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଆଦ୍ୟାଶା କନ୍‌ଷ୍ଟ୍ରକସନ୍‌ର ନିର୍ଦ୍ଦେଶକ ବିଜୟ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ। ଶିକ୍ଷାବିତ୍ ଭାସ୍କର ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ନିରଂଜନ ରଣା, ଲକ୍ଷ୍ମୀଧର ପାତ୍ର, ଯୋଗଦେଇ ନେତାଜୀ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ସଂପର୍କରେ ବକ୍ତବ୍ୟ ଦେଇଥିଲେ। ବିଜ୍ଞାନମେଳା ବିଚାରକୁ ଭାବେ ଶ୍ରୀଧର ପ୍ରସାଦ ବେହେରା, ମୁରଲୀଧର ନାୟକ, ପର୍ଶୁରାମ ଦାସ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଗୋପୀନାଥ ଭୋଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉପଦେଷ୍ଟା ସୁରେନ୍ଦ୍ର ପ୍ରସାଦ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଦ୍ୟୁମ୍ନ କୁମାର ପାଳ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପୁରୀ-ବଡ଼ବିଲ ଏକ୍ସପ୍ରେସ୍‌ରୁ ଖସି ପଡ଼ିଲେ ଏମସିଏ ଛାତ୍ରୀ

କେନ୍ଦୁଝର , (ସ୍ୱପ୍ର) : କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଦେଇ ଯାଇଥିବା ରେଳଲାଇନରୁ ଶୁକ୍ରବାର ପୂର୍ବାହ୍ନରେ ଜଣେ ଏମସିଏ ଛାତ୍ରୀଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଛାତ୍ରୀ ହେଲେ ନମ୍ରତା ବେହେରା। କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଅଧୀନ ଖିରେଇଟାଙ୍ଗିରି ପଞ୍ଚାୟତର ଡଳଙ୍ଗ ଗାଁର ବିଜୟାନନ୍ଦ ବେହେରାଙ୍କ ଝିଅ ନମ୍ରତା ବେହେରା ଭୁବନେଶ୍ୱରର ଏକ ଘରୋଇ ମହାବିଦ୍ୟାଳୟରେ ଏମସିଏ ପଢୁଥିଲେ। ସେ ଶୁକ୍ରବାର ସକାଳୁ ଜଣେ ସାଙ୍ଗ ସହିତ ଘରକୁ ବାହାରି ଥିଲେ। ଏଥି ପାଇଁ ଟ୍ରେନ୍ ନମ୍ବର ୧୮୪୧୬ ପୁରୀ-ବଡ଼ବିଲ ଏକ୍ସପ୍ରେସ୍ରେ ବାହାରି ଥିଲେ। ସାଙ୍ଗ ସହିତ ସେ ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେସନରେ ପ୍ରାୟ ସାଢ଼େ ୮ଟାରେ ଟ୍ରେନ ଚଢ଼ିଥିଲେ। ଟ୍ରେନ ହରିଚନ୍ଦନପୁରରେ ପହଞ୍ଚିବା ପୂର୍ବରୁ ନମ୍ରତା ଟାଙ୍ଗିରିଆପାଳ-ଶଗଡ଼ପଟା ମଝିରେ ଟେନରୁ ଖସିପଡ଼ିଥିଲେ। ନମ୍ରତା ଟ୍ରେନରୁ ଖସିପଡ଼ିବା ନେଇ ତାଙ୍କର ସାଙ୍ଗଙ୍କ ସୂଚନା କ୍ରମେ ରେଳବାଇ ପୁଲିସ ମୃତଦେହ ଜବତ କରିଛି। ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇ ଜିଆରପି ଏକ ମାମଲା ରୁଜୁ କରିଛି। । ମେଧାବୀ ଛାତ୍ରୀଙ୍କ ମୃତ୍ୟୁ ନେଇ ସ୍ଥାନୀୟ ଅଞ୍ଚଳ ଓ ଡଳଙ୍ଗ ଗାଁରେ ଶୋକାକୁଳ ପରିସ୍ଥିତି ଦେଖାଯାଇଛି।

# ସ୍କୁଲ ବସରେ ଛାତ୍ରୀଙ୍କୁ ଅସଦାଚରଣ

ବାଲେଶ୍ୱର,(ସବ୍ୟୁ) : ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଧୀନ ସମଲପୁରର ଏକ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କୁ ସ୍କୁଲ ବସରେ ଅସଦାଚରଣ କରାଯାଇଛି। ବସରେ ସ୍କୁଲକୁ ଯାଉଥିବା ସମୟରେ ଉକ୍ତ ବସ କର୍ମଚାରୀ ଅସଦାଚରଣ କରିଥିବା ପରିବାର ପକ୍ଷରୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇଛି।ଗତ ୨୦ ତାରିଖରେ ଏହି ଘଟଣା ଘଟିଥିଲା। ଛାତ୍ରୀଜଣକ ବାପାମା’ଙ୍କ ନିକଟରେ ଏ ବିଷୟରେ ଜଣାଇଥିଲେ।ପରିବାରବର୍ଗ ପ୍ରଥମେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ଏବଂ ଆବଶ୍ୟକ ପଡ଼ିଲେ ଥାନାର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ସେପଟେ ବିଦ୍ୟାଳୟ କର୍ତ୍ତୃପକ୍ଷ ତୁରନ୍ତ ବସ୍ କର୍ମଚାରୀଙ୍କୁ ନିଲମ୍ବିତ କରିବା ସହ ଘଟଣା ନେଇ ତଦନ୍ତ କରାଯାଇଥିବା ସଫେଇ ଦେଇଛନ୍ତି।ତେବେ ଏହି ଘଟଣା ପରେ ଏବେ ଛାତ୍ରଛାତ୍ରୀଙ୍କ ସୁରକ୍ଷିତ ଯାତ୍ରା ନେଇ ଅଭିଭାବକ ମହଲ ଚିନ୍ତିତ ହୋଇପଡ଼ିଛନ୍ତି। ସ୍କୁଲ ବସଗୁଡ଼ିକରେ ସିସି କ୍ୟାମେରା ବ୍ୟବସ୍ଥା ସହ ଅନ୍ୟାନ୍ୟ ପଦକ୍ଷେପ ନେବାକୁ ଦାବି କରାଯାଇଛି।

# ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଦୋବଲ,(ସବ୍ୟୁ) :ଧାମନଗର ବ୍ଲକ ସୋହଡ଼ା ପଞ୍ଚାୟତ ଷେଣ୍ଢପୁର ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୫୦ ରୁ ଉର୍ଦ୍ଧ ଜଣ ଭିନ୍ନକ୍ଷମ ଅଂଶଗ୍ରହଣ କରିଥିଲେଛ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି ଶିବିରରେ ଭଦ୍ରକ ଜିଲ୍ଲା ହେଡକ୍ୱାର୍ଟର ହସ୍ପିଟାଲର ଡାକ୍ତରମାନେ ଯୋଗଦେଇ ଭିନ୍ନକ୍ଷମଙ୍କ ଅକ୍ଷମତା ଯାଞ୍ଚ କରିଥିଲେ। ଏହାପରେ ସେମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯିବାକୁ ସୁପାରିଶ କରାଯାଇଛି। ଏହାସହ କିଛି ଭିନ୍ନକ୍ଷମଙ୍କୁ ସେମାନଙ୍କ ଦକ୍ଷତା ବିକାଶ ପାଇଁ ତାଲିମ ପ୍ରଦାନ କରିବାକୁ ମଧ୍ୟ ଶିବିରରେ ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ଏହି ଭିନ୍ନକ୍ଷମମାନେ ସରକାରଙ୍କ ଦକ୍ଷତା ବିକାଶ କେନ୍ଦ୍ରରେ ସ୍ୱରୋଜଗାର ପାଇଁ ତାଲିମ ଗ୍ରହଣ କରିବେ। ସେପଟେ ଆଉ କେତେକ ଭିନ୍ନକ୍ଷମଙ୍କୁ ତିନି ଚକିଆ ସାଇକେଲ, ଆଶା ବାଡ଼ି ଭଳି ଉପକରଣ ପ୍ରଦାନ କରାଯାଇଥିଲା।

ଏହି ଶିବିରରେ ପିଡି ସରୋଜ ଦତ୍ତ, ଧାମନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ସେକ ନୁରାନୀ, ମନ୍ତ୍ରୀଙ୍କ ଏନ୍‌ଏସି ପ୍ରତିନିଧି କୈଳାଶ ମହାପାତ୍ର ଓ ବିଜେପି ନେତା ଅରବିନ୍ଦ ପତି ଯୋଗ ଦେଇଥିଲେ। ଧାମନଗର ବିଡିଓ ବନବିହାରୀ ଦିନ୍ଦା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର ଦାସ ଯେଗଦେଇ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

# କାର୍ଯ୍ୟରେ ଅବହେଳା : ବନପାଳ ନିଲମ୍ବିତ

କେନ୍ଦୁଝର,(ସ୍ୱପ୍ର): କାର୍ଯ୍ୟରେ ଅବହେଳା,ଅନିୟମିତତା,ସରକାରୀ ଅର୍ଥର ଦୁରୁପଯୋଗ ଏବଂ ପରିଚାଳନାଗତ ତ୍ରୁଟି ପାଇଁ କେନ୍ଦୁଝର ସଦର ରେଞ୍ଜ ଅନ୍ତର୍ଗତ ପଦ୍ମପୁର ମେଗା ନର୍ସରୀର ବନପାଳ ଜ୍ୟୋସ୍ନାରାଣୀ ବେହେରାଙ୍କୁ ଡିଏଫଓ ତାଙ୍କ କାର୍ଯ୍ୟାଳୟର ଚିଠି ସଂଖ୍ୟା ୨୫ ତା ୨୨/୦୧/୨୦୨୫ରେ ନିଲମ୍ବିତ କରିଛନ୍ତି। ନିଲମ୍ବନ ପରେ ତାଙ୍କୁ ବନଖଣ୍ଡ କାର୍ଯ୍ୟାଳୟରେ ଯୋଗ ଦେବାକୁ ଆଦେଶ ହୋଇଛି। ନିଲମ୍ବିତ ବନପାଳଙ୍କ ମୁଖ୍ୟ କାର୍ଯ୍ୟାଳୟ କେନ୍ଦୁଝର ଡିଭିଜନ ଅଫିସ ଧାର୍ଯ୍ୟ କରାଯାଇଛି। ପଦ୍ମପୁର ମେଗା ନର୍ସରୀରେ ଶ୍ରମିକ ନିୟୋଜନ କାର୍ଯ୍ୟରେ ସରକାରୀ ଅର୍ଥ ତୋଷାରପାତ କରିବା ସହ ନକଲି ଭାଉଚର,କାଗଜପତ୍ର ଦେଇଥିବା ଯାଂଚ ବେଳେ ଜଣାପଡିଛି।ଘଟଣାରୁ ପ୍ରକାଶଯେ, ଡିଏଫଓ ଧନରାଜ ଏଚଡି ପଦ୍ମପୁର ମେଗା ନର୍ସରୀକୁ ୧୦/୧୨/୨୦୨୪ରେ ମେଗା ନର୍ସରୀକୁ ପରିଦର୍ଶନରେ ଯିବା ସମୟରେ ଏହି ସବୁ ଅନିୟମିତତା ପରିଲକ୍ଷିତ ହୋଇଥିଲା ଏବଂ ସେହି ଅନିୟମିତତାକୁ ନେଇ ବନପାଳଙ୍କୁ ନିଲମ୍ବନ କରିଥିବା ଜଣାପଡିଛି ।

# ୧୭୭ସରକାରୀ କର୍ମଚାରୀ ହାତେଇଛନ୍ତି ରେସନକାର୍ଡ

ବାହାନଗା,(ସବ୍ୟୁ) : ବାହନଗା ବ୍ଲକର ୨୪ଟି ପଞ୍ଚାୟତରେ ୧୭୭ଜଣ ସରକାରୀ ଚାକିରୀଆ ଅସାଧୁ ଉପାୟରେ ରେସନକାର୍ଡ ହାତେଇଥିବା ଜଣାପଡ଼ିଛି । ଏହି ୧୭୭ଜଣଙ୍କ ମଧ୍ୟରେ ପୁଲିସ ସବ୍‌ଇନ୍ସପେକ୍ଟର, ଅଡ଼ିଟର, ଅବକାରୀ କର୍ମଚାରୀ, ନର୍ସିଂ ଅଫିସର ଓ ବନକର୍ମଚାରୀ ରହିଥିବା ଜଣାପଡ଼ିଛି । ସରକାରଙ୍କ ପକ୍ଷରୁ ୧୭୭ଜଣଙ୍କ ତାଲିକା ବ୍ଲକରେ ପହଞ୍ଚିବାପରେ ବ୍ଲକରେ କାର୍ଡ ଫେରାଇବା ପାଇଁ ସରକାରୀ ଚାକୀରିଆଙ୍କ ପରିବାର ଲୋକେ ଭିଡ଼ କରୁଥିବା ଦେଖିବାକୁ ମିଳିଛି । ୨୪ ଗୋଟି ପଞ୍ଚାୟତ ମଧ୍ୟରୁ ପଣପଣାରେ ୯ଜଣ, ଖନ୍ତାପଡ଼ାରେ ୫ଜଣ, ଚକଜଗନ୍ନାଥପୁରରେ ୨ଜଣ, କସବା ଜୟପୁରରେ ୧୬ଜଣ, ପଥରପେଣ୍ଠରେ ୮ଜଣ, ଦାଣ୍ଡହରିପୁରର ୭ଜଣ, ବାହାନଗାରେ ୯ଜଣ, ଗୋପାଳପୁରରେ ୧୫ଜଣ, କଲ୍ୟାଣୀରେ ୨୦ଜଣ, ଆରୁହାବାଡ଼ରେ ୪ଜଣ, ଚିତଳରେ ୭ଜଣ, କୋଟିଆକୋଇଲିରେ ୮ଜଣ, ଅଞ୍ଜିରେ ୭ଜଣ, ଅଭଣାରେ ୬ଜଣ, ବିଷ୍ଣୁପୁରରେ ୬ଜଣ, ତାଳକୁରୁଣିଆ ୫ଜଣ, ବରିପଦା ୧୪ଜଣ, ସାହସପୁରା ୩ଜଣ, ସାଉଡ଼ ୩ଜଣ, କୁରୁଡ଼ା ୪ଜଣ, ଖରାସାହାପୁର ୧୧ଜଣ ହିତାଧିକାରୀଙ୍କ ନାମରେ କାର୍ଡ ରହିଛି । ଏବାବଦରେ ବାହାନଗା ବ୍ଲକ ଯୋଗାଣ ଅଧିକାରୀ ରାକେଶ ପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ ଯେ ବିଭାଗ ପକ୍ଷରୁ ୧୭୭ଜଣ ସରକାରୀ ଚାକିରିଆଙ୍କ ନାମ ରାସନକାର୍ଡରେ ସାମିଲ ଥିବା ନେଇ ତାଲିକା ଆସିଛି । ଏହାର ତଦନ୍ତ କରାଯିବା ସହ କିଛିଲୋକମଧ୍ୟ ନିଜର କାର୍ଡକୁ ଫେରାଇ ଦେବା ଲାଗି ଆସୁଥିବା ଶ୍ରୀ ପାତ୍ର କହିଛନ୍ତି ।

# ହୋଟେଲରେ ଯୁବତୀଙ୍କୁ ଦୁଷ୍କର୍ମ

ବାଲେଶ୍ୱର,(ସବ୍ୟୁ) : ଗତ ୪ ଦିନ ତଳେ ଚାନ୍ଦିପୁରସ୍ଥିତ ଏକ ହୋଟେଲରେ ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଏଥିରେ ଦୁଇଜଣ ଯୁବକ ସମ୍ପୃକ୍ତ ଥିବାବେଳେ ଚାନ୍ଦିପୁର ଥାନା ପୁଲିସ ପକ୍ଷରୁ ଜଣେ ଯୁବକକୁ ଗିରଫ କରାଯାଇଥିବା ଜଣାପଡ଼ିଛି। ପୁଲିସ ଠାରୁ ମିଳିଥିବା ସୂଚନା ମୁତାବକ, ଉଭୟ ଅଭିଯୁକ୍ତ ଓ ପୀଡ଼ିତାଙ୍କ ଘର ବାଲେଶ୍ୱର ଟାଉନ ଥାନା ଅଧୀନ ମିର୍ଜାପୋଖରୀ ଅଞ୍ଚଳରେ । ସେମାନେ ଗତ ୨୦ ତାରିଖରେ ଚାନ୍ଦିପୁର ବେଳାଭୂମି ନିକଟରେ ଥିବା ଲାରିଜା ହୋଟେଲକୁ ଯାଇଥିଲେ। ଉଭୟ ଯୁବତୀଙ୍କ ସହ ଦୁଷ୍କର୍ମ କରିଥିବା ଚାନ୍ଦିପୁର ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରି ଉକ୍ତ ହୋଟେଲରେ ଚଢ଼ଉ କରିବା ସହ ଜଣେ ଅଭିଯୁକ୍ତକୁ ଗୁରୁବାର ଦିନ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଅନ୍ୟଜଣେ ଅଭିଯୁକ୍ତ ଫେରାର ଥିବା ଜଣାଇଛନ୍ତି।

# ଜାତୀୟ ବାଳିକା ଦିବସ ପାଳିତ

ବେତନଟୀ,(ସବ୍ୟୁ) : ବେତନଟୀ ବ୍ଲକ ଅଧୀନ କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନ ପାଟଳୀପୁରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ସବୁଜ ବାହିନୀ (ଇକୋ କ୍ଲବ) ଇକୋ କ୍ଲବ ପକ୍ଷରୁ ଅନ୍ତର୍ଜାତୀୟ ଶିକ୍ଷା ଓ ଜାତୀୟ ବାଳିକା ଦିବସ ଇକୋ କ୍ଲବର ଜିଲ୍ଲା ସଂଯୋଜକ ଡ଼କ୍ଟର ରମାକାନ୍ତ ମହାନ୍ତଙ୍କ ସଭାତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବରେ କେନ୍ଦୁଝର ଜିଲ୍ଲା ଇକୋ କ୍ଲବର ମାଷ୍ଟର ଟ୍ରେନର ତଥା ଜିଲ୍ଲା ସଂଯୋଜକ କଳାକାର ମହାନ୍ତ, ମୁଖ୍ୟ ବକ୍ତା ଭାବରେ ବେତନଟୀ ବ୍ଲକ ମାଧ୍ୟମିକ ଶିକ୍ଷକ ସଂଗଠନ (ଓଷ୍ଟା )ର ସଭାପତି ଶିଶିର କୁମାର ନାୟକ ଯୋଗଦାନ କରି ଜାତୀୟ ବାଳିକା ଏବଂ ଅନ୍ତର୍ଜାତୀୟ ଶିକ୍ଷା ଦିବସ ପାଳନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବାଳିକା ମାନଙ୍କୁ ସମାଜର ସବୁ କ୍ଷେତ୍ରରେ ସବୁ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ବୋଲି କହିଥିଲେ । ଅତିଥି ପରିଚୟ ପ୍ରଦାନ କରିଥିଲେ ସାହିତ୍ୟ ଶିକ୍ଷୟିତ୍ରୀ ରୀତା ରାଣୀ ଦାଶ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ସଂସ୍କୃତ ଶିକ୍ଷୟିତ୍ରୀ ରାଜଶ୍ରୀ ମହାନ୍ତି, ଧନ୍ୟବାଦ ଅର୍ପଣ କରିଥିଲେ କ୍ରୀଡା ଶିକ୍ଷକ ଗିରିଜା ଶଙ୍କର ମାହାର୍ଣ୍ଣା । ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ ।

# ସାଇଁକୁଳ ହିଙ୍ଗୁଳା କପ୍ : ସେମିରେ ବରଗଡ଼



ଆନନ୍ଦପୁର,(ସବ୍ୟୁ) : ଘସିପୁରା ବ୍ଲକ ଅନ୍ତର୍ଗତ ସାଇଁକୁଳ ହିଙ୍ଗୁଳା ଆଥଲେଟକ ଆସୋସେସିଏସନ୍ ୫ୟ ଦିନ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ପ୍ରଥମ କ୍ୱାର୍ଟର ଫାଇନାଲରେ ବାଦଲ ଏକାଡେମୀ ଭଦ୍ରକ କୁ ୨-୦ରେ ପରାସ୍ତ କରି ୟୁନାଇଟେଡ ସ୍ପୋର୍ଟ କ୍ଲବ ବରଗଡ଼ ସେମି ଫାଇନାଲକୁ ଉନ୍ନିତ ହୋଉଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ସାଇଁକୁଳ ଫାଣ୍ଡି ଭାରପ୍ରାପ୍ତ ଅଧିକାରୀ ସୁରେଶ ଚନ୍ଦ୍ର ମାଝୀ ଯୋଗଦେଇଥିଲେ। ପ୍ରାକ୍ତନ ଖେଳାଳି ସୁରଥ ପାଢ଼ୀ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ଗୋପିନାଥ ସ୍ୱାଇଁ , କାର୍ଯ୍ୟକାରୀ ସଭାପତି ବିପିନ୍ ବିହାରୀ ମହାନ୍ତି,ସମ୍ପାଦକ ମାର୍କଣ୍ଡ ସାମଲ, ଉପସଭାପତି ଶତ୍ରୁଘ୍ନ ବେହେରା,ଖଲଣା ସେବା ସମବାୟ ସମିତି ସଭାପତି ବିଭାଷ ନାୟକ , ଚିତ୍ତରଞ୍ଜନ ମହାପାତ୍ର, ରାମଚନ୍ଦ୍ର ଭଞ୍ଜ, ପ୍ରଭାକର ପରିଡ଼ା, ଚୈତନ୍ୟ ଦେହୁରୀପ୍ରମୁଖ ସକ୍ରିୟ ସହଯୋଗରେ କରିଥିଲେ ।ଆସନ୍ତା କାଲି ଶନିବାର ୟୁନାଇଟେଡ ସ୍ପୋର୍ଟ କ୍ଲବ ବରଗଡ଼,ବନାମ ମିଶନ ଟାଇଗର ବାଲେଶ୍ୱରମଧ୍ୟରେ ସେମିଫାଇନାଲ ଫୁଟବଲ ମ୍ୟାଚ ଅନୁଷ୍ଠିତ ହେବ ।

# ଘନ କୁହୁଡ଼ିର ଆସ୍ତରଣ

ଆଗରପଡ଼ା,(ସବ୍ୟୁ):ଗତ ୨ଦିନ ଧରି ଆଗରପଡ଼ା ଓ ଏହାର ଆଖପାଖ ଅଂଚଳରେ ସକାଳ ୯ଟା /୧୦ଟା ଯାଏଁ ଘନ କୁହୁଡ଼ିର ଆସ୍ତରଣ ଜମି ରହିଥିବାର ପରିଲକ୍ଷିତ ହୋଇଥିଲା। ଏଥିଯୋଗୁଁ ଯାନବାହନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ଦିନବେଳା ରାତି ସମୟର ଭ୍ରମ ସୃଷ୍ଟି ହୋଇଥିଲା। ସୂର୍ଯ୍ୟକିରଣ ନଆସିବାରୁ ଶୀତ ଅନୁଭୂତ ହୋଇଥିଲା। ମିଟର ଦୂରତାରେ ମଧ୍ୟ ମୁହଁକୁ ମୁହଁ ଦିଶୁ ନଥିଲା। ବଜାର ଅଂଚଳ ଜନଶୂନ୍ୟ ହୋଇପଡ଼ିଥିଲା।

# ସ୍ୱୟଂଶାସିତ କଲେଜର ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା




କରଞ୍ଜିଆ ,(ସବ୍ୟୁ) : ଜାନୁଆରୀ ୧ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ମାସ ଭାବେ ପାଳନ ଅବସରରେ ଶୁକ୍ରବାର ଦିନ ଏକ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ (କଲେଜ) ପକ୍ଷରୁ ଜାତୀୟ ସେବା ଯୋଜନା,ଯୁବ ରେଡ଼କ୍ରସ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ,ରୋଭର୍ସ ଓ ରେଞ୍ଜର୍ସ ସ୍ୱଚ୍ଛାସେବୀ ତଥା ମହାବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇ ଜନସାଧାରଣଙ୍କୁ ସଚେତନତା କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତଙ୍କ ନେତୃତ୍ୱରେ ଏଂ ଯୁବ ରେଡ଼କ୍ରସ ସଂଯୋଜକ କାଳନ୍ଦୀ ପ୍ରଧାନ, ଜାତୀୟ ସେବା ଯୋଜନା ସଂଯୋଜିକା ଗୀତାଞ୍ଜଳୀ ବିଡ଼ିଆ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଅଧ୍ୟାପକ ମେଜର ଉପେନ୍ଦ୍ର ମହାନ୍ତ, ଅଧ୍ୟାପକ ସନ୍ଦିପ ସାମଲ,କ୍ରୀଡା ଅଧ୍ୟାପକ ବିଭୁତି ମହାନ୍ତ ତଥା ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକାମାନଙ୍କ ଉପସ୍ଥିତିରେ ଏହା ଅନୁଷ୍ଠିତ ହୋଇଥିଲା। ଛାତ୍ର ଛାତ୍ରୀ ତଥା ମହାବିଦ୍ୟାଳୟ ଅଧ୍ୟାପକ ଅଧ୍ୟାପିକା ମାନଙ୍କ ଉପସ୍ଥିତିରେ ଏକ ଶୋଭାଯାତ୍ରା ବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇ ସହର ପରିକ୍ରମା କରି ପୁନର୍ବାର ମହାବିଦ୍ୟାଳୟ ପରିସରରେ ସମାପନ ହୋଇଥିଲା। ଛାତ୍ରଛାତ୍ରୀମାନେ ସଡ଼କ ସୁରକ୍ଷା ନିୟମ ସ୍ଲୋଗାନ ମାନ ଦେଇ ସଚେତନତା ବାର୍ତ୍ତା ପ୍ରେରଣ କରିଥିଲେ। ହେଲମେଟ ପିନ୍ଧି ମଟରସାଇକେଲ ଚାଳନା, ସିଟ୍ ବେଲ୍ଟ ଲଗାଇ ୪ ଚକିଆ ଯାନ ଚାଳନା, ଗାଡ଼ି ଚଳାଉଥିବା ବେଳେ ମୋବାଇଲ ବ୍ୟବହାର ବାରଣ,ବେଗ ଉପରେ ନିୟନ୍ତ୍ରଣ,ଟ୍ରାଫିକ ଆଲୁଅ ନିୟମ ମାନିବା,ମଦ ପିଇ ଗାଡ଼ି ନଚଳାଇବା ପ୍ରଭୃତି ନିୟମର ସଚେତନତା କରାଯାଇଥିଲା।ରୋଭର୍ସ ସ୍ୱଚ୍ଛାସେବୀ ଅତିଶ ଦାସ,ସୁମିତ ଦାସ,ଗଗନ କୁମାର ମହାନ୍ତ, ସୁଜିତ ଦାସ,କୁନମୁନ ବାରିକ, ଗଣେଶ ସିଂ, ରଶ୍ମି ରଞ୍ଜନ ମହାନ୍ତ, ଦିବ୍ୟ ରଞ୍ଜନ ସିଂ, ରେଞ୍ଜର୍ସ ସ୍ୱଚ୍ଛାସେବୀ ଡୋଲିସ୍ମିତା ମହାନ୍ତ, ବିଷ୍ଣୁପ୍ରିୟା ମହାନ୍ତ, ଜ୍ୟୋସ୍ନାରାଣୀ ବାରିକ, ଶୁଭଶ୍ରୀ ନାୟକ, ସ୍ନେହସ୍ମିତା ବାରିକ ଓ ଖୁସି ହାଶିନଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ।

# ସରକାର ବାବାଙ୍କ ଜୟନ୍ତୀରେ ରକ୍ତଦାନ ଶିବିର

ବାଲେଶ୍ୱର,(ସବ୍ୟୁ) : ଶୁକ୍ରବାର ଭଦ୍ରକର ଧର୍ମଗୁରୁ ସୟଦ ଓ୍ୱାସିମ ଅଖତର କାଦ୍ରି ଓରଫ ଛୋଟେ ସରକାର ବାବାଙ୍କ ଜୟନ୍ତୀ ଅବସରରେ ଅଖିଳ ଭାରତୀୟ ଦୁଖି ସମାଜ ବାଲେଶ୍ୱର ଶାଖା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ଦରଘା ମୈଦାନରେ ଅନୁଷ୍ଠିତ ହୋଇଯାଇଛି । ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ,ପୂର୍ବତନ ସାଂସଦ ରବିନ୍ଦ୍ର କୁମାର ଜେନା, ପୂର୍ବତନ ବିଧାୟକ ସ୍ୱରୂପ ଦାସ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା,ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ନାରୀ ନେତ୍ରୀ ଡକ୍ଟର ଲେଖାଶ୍ରୀ ସାମନ୍ତ ସିଂହାର,ପୌରାଧ୍ୟକ୍ଷ ସବିତା ସାହୁ, ବରିଷ୍ଠ ସାମ୍ବାଦିକ ରଂଜନ ବାଗ, ଶୁଭେନ୍ଦୁ ଦାସ ମଙ୍ଗରାଜ, ସରୋଜ ଲେଙ୍କା, ଯୁବନେତା ମାନସ ପଟ୍ଟନାୟକ, ବିକ୍ରମ ପଣ୍ଡା, ରିତ୍ୱିକ ଜୀ, ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ କୁମାର ରାଉତ, କାଉନସିଲର ମୀନା ମହାନ୍ତି, ମିତା ପଟ୍ଟନାୟକ, ମୀରାଜ ବାନୋ, ସଲିମା ବିବି, ଗୌରାଙ୍ଗ ଦାସ, ଚିତ୍ତରଂଜନ ପଣ୍ଡା, ସାକିର ଖାନ୍, ବିଶ୍ୱଜିତ ମହାପାତ୍ର, ସଂଜୟ ବେହେରା, ଧିରେନ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ରକ୍ତଦାନଭଳି ସମାଜ କଲ୍ୟାଣ କାର୍ଯ୍ୟକ୍ରମ ମାଧ୍ୟମରେ ସମାଜ ସଂସ୍କାରକ ଛୋଟେ ସରକାର



ବାବାଙ୍କ ଜନ୍ମଦିବସକୁ ପାଳନ କରିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଅତିଥିମାନେ କହିଥିଲେ । ଜିଲ୍ଲା ରକ୍ତଭଣ୍ଡାର ଅଧିକାରୀ, ବସନ୍ତ କୁମାର ଉପାଧ୍ୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରକ୍ତସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସକାଳ ସମୟରେ ସହରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଶତାଧିକ ଯୁବକ ଯୁବତୀ ସାମିଲ ଥିଲେ । ବାଲେଶ୍ୱର, ଜଳେଶ୍ୱର, ବାରିପଦାରେ ମଧ୍ୟ ରକ୍ତଦାନ ଶିବିରମାନ କରାଯାଇ ତିନୋଟି ଶିବିରରୁ ୨ହଜାରରୁ ଉର୍ଦ୍ଧ୍ୱ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ସଂଗଠନର ଜିଲ୍ଲା ସଭାପତି ସେଖ୍ ଆୟୁବ ସୂଚନା ଦେଇଛନ୍ତି । ଏହିକାର୍ଯ୍ୟକ୍ରମରେ ସଂଗଠନର ସମ୍ପାଦକ ନାତିକ ଖାନ୍, ସେକ୍ ଅନସାର, ସେକ୍ ରଜାବ ଅଲ୍ଲୀ, ସେକ୍ ମେହେମୁଦ୍, ସେକ୍ ଭାଲୁ, ସେକ୍ ଆସଲାମ, ସେକ୍ ଜାମିନ, ସେକ୍‌ପପୀ, ସେକ୍‌ହାଫିଜ, ସେକ୍ ସବିର, ସେକ୍‌ଆସିଫ, ଗୋଲାମ ମାନସୁର ଅଲ୍ଲୀ ଖାନ୍, ସେକ୍ ଏକୁନଉଦ୍ଦିନ ପ୍ରମୁଖ ଉପସ୍ଥିତ ରହି ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

(ଶ୍ରୀମଦ୍ଭଗବଦ୍ ଗୀତା ୧୨/୦୬)

–ଭକ୍ତିଯୋଗଃ–

(ଶ୍ରୀଭଗବାନୁବାଚ)

**ଯେ ତୁ ସର୍ବାଣି କର୍ମାଣି ମୟି ସଂନ୍ୟସ୍ୟ ମତ୍ପରାଃ ।**
**ଅନନ୍ୟେନୈବ ଯୋଗେନ ମାଂ ଧ୍ୟାୟନ୍ତ ଉପାସତେ ॥୦୬॥**

ହେ ପାର୍ଥ ! ଯେଉଁମାନେ ସମସ୍ତ କର୍ମ ମୋଠାରେ ସମର୍ପଣ କରି, ମତ୍ପରାୟଣ ହୋଇ, ଏକାନ୍ତ ଭକ୍ତିଯୋଗରେ ଧ୍ୟାନନିରତ ହୋଇ ମୋତେ ଆରାଧନା କରନ୍ତି, ମୋଠାରେ ସମର୍ପିତଚିତ୍ତ ସେହି ସ୍ତାବକମାନଙ୍କୁ ମୁଁ ଅବିଳମ୍ବରେ ମୃତ୍ୟୁମୟ ସଂସାରସାଗରରୁ ସମ୍ୟକ୍ ରୂପରେ ଉଦ୍ଧାର କରେ ॥୦୬॥

ସମ୍ପାଦକୀୟ

# ଅହିଂସା

ଅହିଂସା ଆତ୍ମବିକାଶର ପ୍ରଥମ ସୋପାନ ଅଟେ । ମାନବାତ୍ମାର ବିଜୟ ପଥରେ ସର୍ବପ୍ରଥମେ ଏଥିରେ ଉତ୍ତୀର୍ଣ୍ଣ ହେବା ଆବଶ୍ୟକ । ବୃକ୍ଷଲତା, ପଶୁପକ୍ଷୀଙ୍କ ମଧ୍ୟରେ ବଡ଼ ଛୋଟକୁ ଆକ୍ରମଣ କରିବାର ଦେଖାଯାଏ । ବଳବାନ୍ ଦୁର୍ବଳକୁ ଦମନ କରି ବୃଦ୍ଧି ପାଇବା ପାଇଁ ଚେଷ୍ଟା କରେ । ଆଧୁନିକ ବିଚାରକମାନେ ଏହି କ୍ରିୟାକୁ 'Struggle for Existence' କହନ୍ତି । ପ୍ରାଚୀନ ଭାରତୀୟ ସାହିତ୍ୟରେ ଏହାକୁ 'ମତ୍ସ୍ୟନ୍ୟାୟ' କୁହାଯାଇଛି । 'ମତ୍ସ୍ୟନ୍ୟାୟାଭିଭୂତଂ ଜଗତ୍'– ଜଗତରେ ମତ୍ସ୍ୟନ୍ୟାୟ ପ୍ରଚଳିତ । ବଡ଼ ମାଛ ଛୋଟ ମାଛକୁ ଗିଳିଦିଏ । ବଡ଼ ମାଛକୁ ତା'ଠାରୁ ବଡ଼ ମାଛ ଗିଳି ପକାଏ । ବର୍ତ୍ତମାନ ଯୁଗର ମହାକବି ଟେନିସନ୍ ପ୍ରକୃତିକୁ ଏକ ଦାନବ ରୂପରେ ବର୍ଣ୍ଣନା କରି ଲେଖିଛନ୍ତି 'Nature red in tooth and claw'–ପ୍ରକୃତିର ଦାନ୍ତ ଓ ନଖ ରକ୍ତରଞ୍ଜିତ । ପ୍ରକୃତିର ବିକାଶ ଅତ୍ୟନ୍ତ ନିଷ୍ଠୁର । ଭୌତିକବାଦୀଙ୍କ ମତରେ ପ୍ରକୃତିଠାରେ ଯେଉଁ ନିୟମ କାର୍ଯ୍ୟ କରେ, ତାହା ମନୁଷ୍ୟ ସମାଜ ପାଇଁ ମଧ୍ୟ ପ୍ରଯୁଜ୍ୟ । ପ୍ରକୃତି ଯେପରି ଦୁର୍ବଳକୁ ବଞ୍ଚି ରଖିବା ପାଇଁ ଯୋଗ୍ୟତା ପ୍ରଦାନ କରେ ନାହିଁ, ମନୁଷ୍ୟ ସମାଜରେ ମଧ୍ୟ ସେହି ନୀତି ଅନୁସୃତ ।

ଭୌତିକତତ୍ତ୍ୱ ଆଧ୍ୟାତ୍ମିକ ତତ୍ତ୍ୱର ପ୍ରକାଶ ନିମିତ୍ତ ସାଧନ ବା ମାଧ୍ୟମ ରୂପେ ବ୍ୟବହୃତ ହୁଏ । ପରନ୍ତୁ ଆଧ୍ୟାତ୍ମିକତାର ଯଥାର୍ଥ ଉପଲବ୍ଧି ହେବା ପର୍ଯ୍ୟନ୍ତ ମନୁଷ୍ୟ ତାହାର ଦେହକୁ ହିଁ ସର୍ବସ୍ୱ ବୋଲି ବୁଝେ, ଭୌତିକବାଦଦ୍ୱାରା ଆକୃଷ୍ଟ ହୁଏ । ସେ ଯେତେବେଳେ ଦେହର ପ୍ରଭୁ ଆତ୍ମାକୁ ଅନୁଭବ କରେ, ସେତେବେଳେ ଭୌତିକବାଦ ଦ୍ୱାରା ଶାସିତ ହେବାପାଇଁ ଘୃଣାବୋଧ କରେ । ଆତ୍ମାର ଜ୍ୟୋତିରେ ଦେହରେ ଜ୍ୟୋତି ସଞ୍ଚାରିତ ହୁଏ ବୋଲି ସ୍ୱୀକାର କରେ । ଦେହ ମଧ୍ୟରେ ଆତ୍ମାର ଗତିକୁ ଜୀବନ ବୋଲି ଅନୁଭବ କରେ । ଦେହ ଆତ୍ମାଦ୍ୱାରା ଶାସିତ ହେବା ଉଚିତ ଏବଂ ଆତ୍ମା ଦେହଦ୍ୱାରା ଶାସିତ ହେବା ଅନୁଚିତ– ଏହି ତତ୍ତ୍ୱକୁ ସେ ଅନୁଭବ କରେ । ହିଂସା ଜଡ଼ ପ୍ରକୃତିର ନିୟମ । ଅହିଂସା ଆତ୍ମିକ ତତ୍ତ୍ୱ । ହିଂସାର ସ୍ଥୂଳ ଏବଂ ସୂକ୍ଷ୍ମ ସମସ୍ତ କ୍ରିୟାକୁ ବର୍ଜନ କରିବା ଆଧ୍ୟାତ୍ମିକ ନିୟମ ଅଟେ । ହିଂସାର ଅର୍ଥ କେବଳ ଜୀବହତ୍ୟା କରି ମାଂସ ଭକ୍ଷଣ କରିବା ନୁହେଁ । ଏହା ହିଂସାର ସ୍ଥୂଳ ରୂପ ହୋଇପାରେ । ଆର୍ଯ୍ୟ ସଂସ୍କୃତିରେ ହିଂସାର ସ୍ୱରୂପକୁ ଗଭୀର ଭାବରେ ବିଶ୍ଳେଷଣ କରାଯାଇଛି । ସଂସାରରେ ବଞ୍ଚି ରହିବା ପାଇଁ କେବଳ ମୋ ନିଜର ହିଁ ଅଧିକାର ରହିଛି, ଅନ୍ୟର ନୁହେଁ– ଏଭଳି ବିଚାରିବା ହିଂସା ଅଟେ । ଭେଦବୁଦ୍ଧି ହିଂସା ଅଟେ । ନିଜେ ବଞ୍ଚିବି, ଅନ୍ୟର ସୁଖସ୍ୱାଚ୍ଛନ୍ଦ୍ୟକୁ ଗ୍ରହଣ କରି ନିଜେ ସୁଖୀ ହେବି– ଏହି ଭାବନା ହିଂସାମୂଳକ । ଅପରପକ୍ଷେ ମୁଁ ଜୀଇଁବି, ଅନ୍ୟମାନେ ମଧ୍ୟ ଜୀଇଁ ରହନ୍ତୁ, ଆବଶ୍ୟକ ହେଲେ ଅନ୍ୟର ସୁଖ ପାଇଁ ନିଜର ସୁଖକୁ ଉତ୍ସର୍ଗ କରିବି– ଏହା ଅହିଂସାସୂଚକ ନୀତି । ନିଜ ପାଇଁ ଅନ୍ୟକୁ ଧ୍ୱଂସ କରିବା ଅନ୍ଧ ପ୍ରକୃତିର ନିୟମ । ଏହା ପଶୁପକ୍ଷୀ–କୀଟ–ପତଙ୍ଗାଦିଙ୍କ ଜୀବନରେ ଘଟିଥାଏ । ଅନ୍ୟ ପାଇଁ ନିଜକୁ ଉତ୍ସର୍ଗ କରିବା ଆତ୍ମବିକାଶର ଚିହ୍ନ । ଆତ୍ମାର ଏହି ପ୍ରକାର ବିକାଶ ମନୁଷ୍ୟଠାରେ ଦେଖାଯାଏ । ଆଧ୍ୟାତ୍ମିକ ଜୀବନ ଅର୍ଥାତ୍ ମନୁଷ୍ୟତାଦ୍ୱାରା ପରୋପକାରୀରୂପୀ ଆତ୍ମବିକାଶ ସମ୍ଭବ ହୁଏ ।

ଅହିଂସାର ବୀଜ ମାନବାତ୍ମାଠାରେ ପ୍ରତିଷ୍ଠିତ । ପରୋପକାର ଭାବନାକୁ ଜୀବନରେ ଆମେ ଉପଲବ୍ଧି କରୁ, ସେଥିରେ ଆନନ୍ଦ ଅନୁଭବ କରୁ । ଦେଶ ଓ ଦଶର କଲ୍ୟାଣ ସାଧନ କରି ମୃତ୍ୟୁବରଣ କରୁଥିବା ମନୁଷ୍ୟଙ୍କୁ ଆମେ ମୃତ୍ୟୁଞ୍ଜୟ କହୁ । ଭୌତିକବାଦୀ ମଧ୍ୟ ହିଂସାଚରଣ କରିବା ସମୟରେ ବେଳେ ବେଳେ ନିଜକୁ ଘୃଣ୍ୟ ମନେକରେ । ସେ ନିଜ କାର୍ଯ୍ୟ ପାଇଁ ଲଜ୍ଜିତ ହୁଏ । ଯିଶୁଖ୍ରୀଷ୍ଟଙ୍କୁ କ୍ରୁଶବିଦ୍ଧ କରିବା ପରେ ହିଂସାଚରଣ କରିଥିବା ଲୋକେ ତାହାଙ୍କ ମତାନୁଗାମୀ ହୋଇ ତାହାଙ୍କୁ ପୂଜା କରିବା ଆରମ୍ଭ କଲେ । ବୈଜ୍ଞାନିକ ବ୍ରୁନୋଙ୍କୁ ହତ୍ୟା କରିଥିବା ଧର୍ମାନ୍ଧ ବ୍ୟକ୍ତିଗଣ ତାହାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରି ସମ୍ମାନ ପ୍ରଦର୍ଶନ କଲେ । ଅହିଂସା ଆଧ୍ୟାତ୍ମବାଦର ପ୍ରଥମ ତତ୍ତ୍ୱ । ଏଥିରେ ଅନୁପ୍ରାଣିତ ହେବାର ଅର୍ଥ ଆଧ୍ୟାତ୍ମ–ମନ୍ଦିର ମଧ୍ୟରେ ପ୍ରବେଶ କରିବା । ଅହିଂସାଚରଣ କରୁଥିବା ମନୁଷ୍ୟଙ୍କ ପକ୍ଷେ ପରବର୍ତ୍ତୀ ଆଧ୍ୟାତ୍ମିକ ତତ୍ତ୍ୱଗୁଡ଼ିକୁ ଗ୍ରହଣ କରିବା ସହଜସାଧ୍ୟ ହୁଏ । ଅହିଂସାତତ୍ତ୍ୱକୁ ଯଥାର୍ଥ ଉପଲବ୍ଧି କଲେ ଯେ କୌଣସି ପରିସ୍ଥିତିରେ ତାହାର ଆଚରଣ କରିବା କଷ୍ଟସାଧ୍ୟ ହୁଏ ନାହିଁ । ବିଷପାନ କରାଇଥିବା ବ୍ୟକ୍ତିକୁ ମଧ୍ୟ ମହର୍ଷି ଦୟାନନ୍ଦ ପ୍ରେମ ଚକ୍ଷୁରେ ଅନାଇ ଅନାଇ ମୃତ୍ୟୁବରଣ କଲେ । ଅହିଂସା ହିଂସାକୁ ପରାଜିତ କରେ । ଅହିଂସାତତ୍ତ୍ୱର ଆଶ୍ରମରେ ଗାନ୍ଧିଜୀ ଲୋକକଲ୍ୟାଣ ପାଇଁ ଅଭିନବ ବିଚାରଧାରା ପ୍ରଚାର କରିଥିଲେ । କଳହ, ଯୁଦ୍ଧ କରିବାବେଳେ ଆମ୍ଭେମାନେ ଗୋଟିଏ ବିଷୟ ବିସ୍ମରଣ କରୁ । ତାହା ହେଉଛି ଯେ ମନ୍ଦ କାର୍ଯ୍ୟକୁ ବିରୋଧ ଓ ଲୋପ କରିବା ଉଚିତ କିନ୍ତୁ ମନ୍ଦ କାର୍ଯ୍ୟ କରୁଥିବା ବ୍ୟକ୍ତି ପ୍ରତି ହିଂସାଦ୍ୱେଷ ଭାବନା ଜାଗ୍ରତ କରିବା ଅନୁଚିତ । ଉଭୟେ ଭିନ୍ନ ଭିନ୍ନ ବସ୍ତୁ । ମନ୍ଦ କାର୍ଯ୍ୟ କରୁଥିବା ବ୍ୟକ୍ତି ନିଜକୁ ସଂଶୋଧନ କରିବା ପରେ ଉତ୍ତମ ହୋଇଯାଏ । ତେଣୁ ମନ୍ଦ ବ୍ୟକ୍ତିକୁ ସ୍ନେହ ଓ ପ୍ରେମ କରି ସୁଦ୍ଧା ତାହାକୁ ସୁଧାରିବା ସମ୍ଭବ । ମନ୍ଦ ଗୁଣକୁ ବିରୋଧ କରିବା ପାଇଁ ମନ୍ଦ ଲୋକକୁ ବିରୋଧ କରିବା ଆବଶ୍ୟକ ନୁହେଁ । ଏପରି କଳହରେ ଦ୍ୱେଷ ଭାବନା ଉତ୍ପନ୍ନ ହୁଏ ନାହିଁ । ଏହି ବିଚାରକୁ ବିସ୍ମରଣ କରି କଳହ ସମୟରେ ଆମ୍ଭେମାନେ ଈର୍ଷା, ଦ୍ୱେଷର ଆଦେଶରେ ଆସିଯାଉ । ଉତ୍ତମ ଗୁଣର ପ୍ରଚାର ଓ ପ୍ରସାର ପାଇଁ ପ୍ରେମପୂର୍ବକ ବ୍ୟବହାର ବଦଳରେ ମନ୍ଦଗୁଣ ସମ୍ପନ୍ନ ବ୍ୟକ୍ତି ବା ଗୋଷ୍ଠୀ ପ୍ରତି ଘୃଣା ଓ ଦ୍ୱେଷଭାବ ପୋଷଣ କରୁ । ଆବେଶ ଏକ ସଂକ୍ରାମକ ରୋଗ । ଜଣକୁ କ୍ରୋଧୀ ହେବା ପାଇଁ ଦେଖିଲେ ନିଜର କ୍ରୋଧ ବୃଦ୍ଧି ପାଏ । ଜଣେ ଧୀର ଶାନ୍ତ ବ୍ୟବହାର କରୁଥିବାବେଳେ ତାହା ପ୍ରତି କ୍ରୋଧ ଭାବନା ସେତେଦୂର ବୃଦ୍ଧି ପାଏ ନାହିଁ । କ୍ରୋଧର ସମ୍ମୁଖୀନ ହେବା ପାଇଁ ଶାନ୍ତିର ଆଶ୍ରୟ ନେବା ଉଚିତ । ଘୃଣାକୁ ପ୍ରେମ ଦ୍ୱାରା ଜୟ କରିବା ଉଚିତ । ଭାରତରେ ଇଂରେଜ ଶାସନକୁ ଲୋପ କରିବା ପାଇଁ ଗାନ୍ଧିଜୀ ଉପଯୁକ୍ତ ପନ୍ଥା ଅନୁସରଣ କରିଥିଲେ । ତାହାଙ୍କ ନୀତି ଥିଲା–ଇଂରେଜ ଲୋକଙ୍କ ପ୍ରତି ଆମର ଘୃଣାଭାବ ନାହିଁ, ସେମାନଙ୍କ ଶୋଷଣ ନୀତି ସହିତ ଆମ୍ଭମାନଙ୍କୁ ସଂଗ୍ରାମ କରିବାକୁ ହେବ । ଅତଏବ ଇଂରେଜଙ୍କ ପ୍ରତି ପ୍ରେମଭାବ ରଖି ସୁଦ୍ଧା ସେମାନଙ୍କ ନୀତି ପ୍ରତି ବିଦ୍ରୋହ କରିପାରିବା । ଗାନ୍ଧିଜୀ ଏହିପରି ବିଦ୍ରୋହର ସୂତ୍ରପାତ କରିଥିଲେ । ଏହାର ପରିଣାମସ୍ୱରୂପ ଇଂରେଜ ଜାତି ଦୀର୍ଘ ଦେଢ଼ଶହ ବର୍ଷ ଧରି ଭାରତକୁ ଶୋଷଣ କରି ଦେଶ ତ୍ୟାଗ କରି ଚାଲିଗଲେ ସୁଦ୍ଧା ଭାରତୀୟଗଣ ଇଂରେଜ ଲୋକଙ୍କ ପ୍ରତି ଘୃଣାଭାବ ପୋଷଣ କରିନାହାନ୍ତି । ଆର୍ଯ୍ୟସଂସ୍କୃତିର ଅହିଂସାତତ୍ତ୍ୱକୁ ବ୍ୟକ୍ତିକ, ସାମାଜିକ ତଥା ରାଷ୍ଟ୍ରୀର ଜୀବନରେ କାର୍ଯ୍ୟକାରୀ କରିବା ପନ୍ଥାକୁ ଗାନ୍ଧିଜୀ ଅହିଂସାତ୍ମକ ଅସହଯୋଗ ନାମ ଦେଇଥିଲେ । ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଶେଷ ଅଧ୍ୟାୟର ନେତୃତ୍ୱ ନେବାବେଳେ ଗାନ୍ଧିଜୀ ଭାରତବାସୀ ଓ ପୃଥିବୀବାସୀଙ୍କୁ ଅହିଂସା ଦ୍ୱାରା ହିଂସାକୁ ଜୟ କରିବାର ଆଦର୍ଶ ଦେଖାଇଥିଲେ । ଆର୍ଯ୍ୟସଂସ୍କୃତିର ନୀତି ହେଉଛି–'ଅକ୍ରୋଧେନ ଜୟେତ୍ କ୍ରୋଧଂ ଅସାଧୁଂ ସାଧୁନା ଜୟେତ୍'–କ୍ରୋଧକୁ ଅକ୍ରୋଧଦ୍ୱାରା, ଅସାଧୁତାକୁ ସାଧୁତାଦ୍ୱାରା ଜୟଲାଭ କର । ଏହି ତତ୍ତ୍ୱକୁ ଅନୁଭବ କରି ସୁଦ୍ଧା ଆଧୁନିକ ଲୋକେ ଅନୁକୂଳ ଆଚରଣ କରୁନାହାନ୍ତି ।

# ଆମ ଗଣତନ୍ତ୍ର ବ୍ୟବସ୍ଥା

**ଡକ୍ଟର ଲକ୍ଷ୍ମଣ ସାହୁ**

ଆମ ଦେଶ ଆସନ୍ତା କାଲି ଅର୍ଥାତ୍ ଜାନୁଆରୀ ୨୬ରେ ଗଣତନ୍ତ୍ର ବା ସାଧାରଣ ତନ୍ତ୍ର ଦିବସ ପାଳନ କରିବାକୁ ଯାଉଛି । ୧୯୫୦ ଜାନୁୟାରୀ ୨୬ରେ ଦେଶରେ ସମ୍ବିଧାନ ଲାଗୁ ହୋଇଥିବାରୁ ଏହି ଦିନକୁ ଗଣତନ୍ତ୍ର ବା ସାଧାରଣତନ୍ତ୍ର ଦିବସ ରୂପେ ପାଳନ କରାଯାଉଛି । ଏହି ଅବସରରେ ରାଜଧାନୀ ଦିଲ୍ଲୀ ଠାରୁ ଆରମ୍ଭ କରି ପଲ୍ଲୀ ପର୍ଯ୍ୟନ୍ତ ସବୁଠି ତ୍ରିରଙ୍ଗା ଉତ୍ତୋଳନ କରାଯିବା ସହିତ ସମ୍ବିଧାନ କାର୍ଯ୍ୟକାରୀ ହେବାର ସେହି ମଧୁର ସ୍ମୃତିକୁ ଦେଶବାସୀ ସ୍ମରଣ କରିଥାନ୍ତି । ଏହା ହେଉଛି, ସାଧାରଣ ତନ୍ତ୍ର ଦିବସ ସହ ଜଡ଼ିତ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ସ୍ମରଣ କରିବାର ଶୁଭ ମୁହୂର୍ତ୍ତ, ଯାହାକି ଅବିସ୍ମରଣୀୟ । କାରଣ ଭାରତୀୟ ସମ୍ବିଧାନ ହେଉଛି ଭାରତର ସର୍ବୋଚ୍ଚ ବିଧି ବ୍ୟବସ୍ଥା ।

ଗଣତନ୍ତ୍ରର ଏହି ସମ୍ବିଧାନକୁ ବୁଝିବାକୁ ହେଲେ, ପ୍ରଥମେ ଆମକୁ ବୁଝିବାକୁ ପଡ଼ିବ ଗଣତନ୍ତ୍ର କଣ ? ଏଭଳି ପ୍ରଶ୍ନର ଉତ୍ତର ଆମେରିକା ରାଷ୍ଟ୍ରପତି ଆବ୍ରହମ ଲିଙ୍କନ ବଡ଼ ସରଳ ଭାଷାରେ ଦେଇଛନ୍ତି । ଲିଙ୍କନଙ୍କ ଭାଷାରେ ଗଣତନ୍ତ୍ର ଏପରି ଏକ ଶାସନ ବ୍ୟବସ୍ଥା, ଯାହା ଲୋକମାନଙ୍କ ଦ୍ୱାରା, ଲୋକମାନଙ୍କ ନିମିତ୍ତ ଓ ଲୋକମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଥାଏ । ତେବେ ଆଜିର ତାରିଖରେ ଭାରତକୁ ବାଦ ଦେଇ ପୃଥିବୀର ଦୁଇ ସଫଳ ଗଣତନ୍ତ୍ର କହିଲେ, ଲିଖିତ ସମ୍ବିଧାନ ଶୂନ୍ୟ ବ୍ରିଟେନ ଓ ସବୁଠାରୁ ସଂକ୍ଷିପ୍ତ ଲଖିତ ସମ୍ବିଧାନ ଗ୍ରହଣ କରିଥିବା ଯୁକ୍ତରାଷ୍ଟ୍ର ଆମେରିକାକୁ ବୁଝାଇଥାଏ । ବ୍ରିଟେନରେ ସଂସଦ ଦୁଇଟି ଗୃହରେ ବିଭକ୍ତ ଓ ଯୁକ୍ତରାଷ୍ଟ୍ର ଆମେରିକାରେ ମଧ୍ୟ ଅନୁରୂପ ବ୍ୟବସ୍ଥାରେ ପ୍ରଚଳିତ । ବ୍ରିଟେନରେ ପ୍ରଧାନମନ୍ତ୍ରୀ ଓ ଆମେରିକାରେ ରାଷ୍ଟ୍ରପତି ଶାସନମୁଖ୍ୟ ଅଟନ୍ତି । କିନ୍ତୁ ଆମ ଦେଶରେ ପ୍ରଥମ ନାଗରିକ ମହାମହିମ ରାଷ୍ଟ୍ରପତି ଲୋକମାନଙ୍କ ଦ୍ୱାରା ପରୋକ୍ଷ ପଦ୍ଧତିରେ ନିର୍ବାଚିତ ହୋଇଥାନ୍ତି ।

ଗଣତନ୍ତ୍ର ହେଉଛି ଇଂରାଜୀ ଶବ୍ଦ ଡେମୋକ୍ରାସ । ଡେମୋକ୍ରାସି ଶବ୍ଦଟି ଗ୍ରୀକ ଶବ୍ଦରୁ ଆସିଅଛି । 'ଡେମୋସ'ର ଅର୍ଥ ଲୋକ ବା ଜନସାଧାରଣ ଓ 'କ୍ରାଟୋସ'ର ଅର୍ଥ ଶାସନ ବ୍ୟବସ୍ଥା । ତେଣୁ ଡେମୋକ୍ରାସିର ଅର୍ଥ 'ଲୋକମାନଙ୍କର ଶାସନ ବା ସରକାର'କୁ ବୁଝାଇଥାଏ । ଗଣତନ୍ତ୍ର ଏକ ଲୋକପ୍ରିୟ ଶାସନ ବ୍ୟବସ୍ଥା ବୋଲି ଧରାଯାଏ ।

୧୯୪୭ ଅଗଷ୍ଟ ୧୫ ଭାରତ ସ୍ୱାଧୀନତା ପ୍ରାପ୍ତି ପରେ ୧୯୪୯ ନଭେମ୍ବର ୨୬ରେ ସମ୍ବିଧାନ ପ୍ରଣୟନ ସଭା ଦ୍ୱାରା ଗୃହୀତ ହୋଇଥିଲା । ୧୯୫୦ ଜାନୁଆରୀ ୨୬ ତାରିଖରେ ବ୍ରିଟିଶ ସାମ୍ବିଧାନିକ ବ୍ୟବସ୍ଥାର ଅପସାରଣ ହୋଇ ଭାରତ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ ହେବା ସହ ଦେଶରେ ଏକ ଲିଖିତ ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା । ତେଣୁ ଏହି ଦିନଟିକୁ ସାଧାରଣତନ୍ତ୍ର ଦିବସ ରୂପେ ପାଳନ କରାଯାଉଛି ।

ସମ୍ବିଧାନର ଅତୀତର ଇତିହାସ ଓ ମହତ୍ତ୍ୱ କଥା ଯଦି କହିବା, ତା'ହେଲେ ଅଥାତ୍ ୧୯୪୭ ମସିହାରେ ଭାରତର ପ୍ରଥମ ଆଇନ ମନ୍ତ୍ରୀ ଭାବେ ଭୀମରାଓ ରାମଜୀ ଆମ୍ବେଦକର ସମ୍ବିଧାନ ଡ୍ରାଫ୍ଟ କମିଟିର ସଭାପତି ଭାବରେ ନିଯୁକ୍ତି ହୋଇଥିଲେ । ସେତେବେଳେ ତାଙ୍କୁ ଭାରତର ସମ୍ବିଧାନ ଲେଖିବାର ଦାୟିତ୍ୱ ଦିଆଯାଇଥିଲା । ସମ୍ବିଧାନ ତିଆରି ବେଳେ ସର୍ବମୋଟ ୩୯୫ ଧାରା ଓ ୮ ତାଲିକା ଥିବା ବେଳେ ବର୍ତ୍ତମାନ ଏହା ୪୪୮ ଧାରାରେ ପହଞ୍ଚିଛି । ତେଣୁ ଆମେରିକା ଇତିହାସକାର ଗ୍ରୀନବିଲେ ସେଓ୍ୱାର୍ଡ ଅଷ୍ଟିନ ଆମ୍ବେଦକରଙ୍କ ଦ୍ୱାରା ଲିଖିତ ସମ୍ବିଧାନକୁ ସର୍ବ ପ୍ରଥମେ ଏକ ସାମ୍ବିଧାନିକ ଡକ୍ୟୁମେଣ୍ଟ କହିଥିଲେ । ଏହା ସବୁଠାରୁ ସର୍ବ ବୃହତ୍ ସମ୍ବିଧାନ, ଯାହା ବିଶ୍ୱର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳେନାହିଁ । ଭାରତର ସମ୍ବିଧାନ ଏକ ଲିଖିତ ସମ୍ବିଧାନ । ଏହାର କେତେକ ଅଂଶ ନମନୀୟ ବା ପରିବର୍ତ୍ତନୀୟ ଓ ଆଉ କେତେ ଅଂଶ ଅନମନୀୟ । କହିବାର ଅର୍ଥ ସଂଘଶାସନ ସମ୍ବନ୍ଧୀୟ ଧାରାମାନ, କେନ୍ଦ୍ର ଓ ରାଜ୍ୟ ସରକାର, ବିଧାନମଣ୍ଡଳ ଓ ବିଚାର ସଂସ୍ଥା, କ୍ଷମତା ବିତରଣ ତାଲିକା ଏବଂ ସମ୍ବିଧାନ ସଂଶୋଧନ ପ୍ରଣାଳୀ ଇତ୍ୟାଦି ଅନମନୀୟ । ଏହାକୁ ସଂଶୋଧନ କରିବାକୁ ହେଲେ ୩୬୮ ଧାରା ଅନୁସାରେ ଏକ କଷ୍ଟକର ବିସ୍ତୃତ ପ୍ରଣାଳୀର ଆଶ୍ରୟ ନେବାକୁ ହୁଏ । ନାଗରିକତା ବିଷୟରେ ୧୯୫୬ ମସିହାରେ ଆଇନ ପ୍ରଣୀତ ହୋଇଥିଲା । ମିସା ଆଇନ, ଅସ୍ପୃଶ୍ୟତା ନିବାରଣ ଆଇନ, ରାଷ୍ଟ୍ରପତି ନିର୍ବାଚନ, ଲୋକପ୍ରତିନିଧି ଆଇନଦ୍ୱାରା ସମ୍ବିଧାନର କେତେକ ବ୍ୟବସ୍ଥା କାର୍ଯ୍ୟକାରୀ ହୁଏ ।

ଅନ୍ୟ ପକ୍ଷରେ ଭାରତର ସମ୍ବିଧାନରେ ଉଭୟ କେନ୍ଦ୍ର ଓ ରାଜ୍ୟକୁ କ୍ଷମତା ପ୍ରଦାନ କରାଯାଇଛି । କ୍ଷମତାକୁ ଏପରି ଆବଣ୍ଟନ କରାଯାଇଛି ଯେ, ଉଭୟ କେନ୍ଦ୍ର ଓ ରାଜ୍ୟ ପରସ୍ପର ଉପରେ ନିର୍ଭର କରିବାକୁ ବାଧ ହେବେ । କହିବାର ଅର୍ଥ କିଛି କ୍ଷମତା ଉପରେ କେନ୍ଦ୍ରର ଅଧିକାର ଥିବାବେଳେ ସେଭଳି ଅନ୍ୟ କିଛି କ୍ଷମତା ଉପରେ ରାଜ୍ୟର ମଧ୍ୟ ଅଧିକାର ରହିଛି । ଏତଦ୍ ବ୍ୟତୀତ ସମ୍ବିଧାନର ଅନ୍ୟ ଏକ ସ୍ୱତନ୍ତ୍ର ପ୍ରକ୍ରିୟା ହେଉଛି ଭାରତର ନ୍ୟାୟ ପାଳିକା । ସେ କେନ୍ଦ୍ର ହେଉ କିମ୍ବା ରାଜ୍ୟ ହେଉ, ଯେକୌଣସି ସରକାର କିଛି ଭୁଲ୍ ନିଷ୍ପତ୍ତି ନେଲେ, ସର୍ବୋଚ୍ଚ ନ୍ୟାୟାଳୟର ତା' ଉପରେ କଟକଣା ଲଗାଇ ପାରିବେ । ଏଥିପାଇଁ ସର୍ବୋଚ୍ଚ ନ୍ୟାୟାଳୟକୁ ସ୍ୱାଧୀନ ତଥା ନିରପେକ୍ଷ ରଖାଯାଇଛି । ଏପରିକି ଭାରତ ସମ୍ବିଧାନରେ ସଂଘ ଶାସନ ପ୍ରବର୍ତ୍ତିତ ହୋଇଛି । ଏପରିକି ଭାରତ ସମ୍ବିଧାନରେ ସଂଘ ଶାସନରେ ଯେଉଁ ସବୁ ଉପାଦାନ ଆବଶ୍ୟକ, ସେସବୁ ଉଲ୍ଲେଖ ରହିଛି ।

ସମ୍ବିଧାନରେ ଭାରତକୁ ଏକ ଧର୍ମନିରପେକ୍ଷ ରାଷ୍ଟ୍ର କୁହାଯାଇଛି । ସମ୍ବିଧାନର ୨୫ ଧାରାରେ ସମସ୍ତ ନାଗରିକଙ୍କୁ 'ଧର୍ମ' ସ୍ୱାଧୀନତା ଦିଆଯାଇଛି । ରାଷ୍ଟ୍ରର କୌଣସି ସରକାରୀ ଧର୍ମ ନାହିଁ । ପ୍ରତ୍ୟେକ ବ୍ୟକ୍ତିର ନିଜ ଧର୍ମ, ଧର୍ମାନୁଷ୍ଠାନ, ଶିକ୍ଷାନୁଷ୍ଠାନ, ଧର୍ମପ୍ରଚାର ଓ ପ୍ରସାର ପାଇଁ ମୌଳିକ ଅଧିକାର ରହିଛି । ଏପରି ମଧ୍ୟ ସମ୍ବିଧାନର ୩୨୬ ଧାରା ଅନୁସାରେ ଧନ, ଶିକ୍ଷା, ଲିଙ୍ଗ, ଧର୍ମ, ଜନ୍ମସ୍ଥାନ, ଜାତି ନିର୍ବିଶେଷରେ ପ୍ରତ୍ୟେକ ସାବାଳକ ଭୋଟ କ୍ଷମତା ପାଇଛନ୍ତି । ସେଭଳି ମଧ୍ୟ ସମ୍ବିଧାନର ୪୨ ତମ ସଂଶୋଧନଦ୍ୱାରା ମୌଳିକ କର୍ତ୍ତବ୍ୟ'' ଲାଗି ଏକ ସ୍ୱତନ୍ତ୍ର ଅଧ୍ୟାୟ ଯୋଗ ହୋଇଛି । ପ୍ରଥମେ ୪୨ ତମ ସଂଶୋଧନ ଦ୍ୱାରା ୧୦ ଟି ମୌଳିକ କର୍ତ୍ତବ୍ୟ ଥିବାବେଳେ ୨୦୦୨ ମସିହାରେ ହୋଇଥିବା ୮୬ ତମ ସଂଶୋଧନଦ୍ୱାରା ଆଉ ଏକ କର୍ତ୍ତବ୍ୟ ଯୋଗ କରାଯାଇଛି ।

ବିଶେଷ କରି ସମ୍ବିଧାନର ଅନ୍ୟାନ୍ୟ ବୈଶିଷ୍ଟ୍ୟଗୁଡିକ ପ୍ରତି ଯଦି ଧ୍ୟାନ ଦିଆଯାଏ, ସେଥିରେ ଅନେକ କିଛି ଛୋଟ ଛୋଟ ଉପାଦାନ ମଧ୍ୟ ରହିଛି । ସେସବୁ ମଧ୍ୟରେ ଏକ ନାଗରିକତା, ଦ୍ୱିସଦନତା, ଜରୁରୀକାଳୀନ ବ୍ୟବସ୍ଥା, ସର୍ବଭାରତୀୟ ସେବା ସଂସ୍ଥା, କ୍ଷମତା ସ୍ୱତନ୍ତ୍ରୀକରଣ, ସଂଖ୍ୟାଲଘୁ ଗୋଷ୍ଠୀର ଭାଷା ଓ ସଂସ୍କୃତିର ସଂରକ୍ଷଣ, ଜାତୀୟ ଭାଷା ନିର୍ଦ୍ଧାରଣ, ସାମ୍ବିଧାନିକ ଆଚରଣ ପଦ୍ଧତି, ବୈଦେଶିକ ନୀତି ନିର୍ଦ୍ଧାରଣ, ସମ୍ବିଧାନ ସଂଶୋଧନ ବ୍ୟବସ୍ଥା, ତଫସିଲ ଜାତି ଓ ଉପଜାତିର ମଙ୍ଗଳ ବିଧାନ, ପ୍ରତ୍ୟେକ ରାଜ୍ୟର ଅଞ୍ଚଳ ନିର୍ଦ୍ଧାରଣ, ଅର୍ଥନୈତିକ କ୍ଷମତା ବିସ୍ତୃତିକରଣ, ବାଣିଜ୍ୟିକ ବ୍ୟବସ୍ଥା, ଜାମ୍ମୁ–କାଶ୍ମୀର, ଆନ୍ଧ୍ର ପ୍ରଦେଶ, ଗୁଜରାଟ, ନାଗାଲାଣ୍ଡ, ସିକିମ, ମଣିପୁର, ଆସାମ ପ୍ରଭୃତି ରାଜ୍ୟଗୁଡ଼ିକ ବିଷୟରେ ଯଥେଷ୍ଟ ବ୍ୟବସ୍ଥା ରହିଛି । ସର୍ବୋପରି ୪୨ ତମ ସମ୍ବିଧାନ ସଂଶୋଧନରେ ଭାରତକୁ ସମାଜବାଦୀ ରାଷ୍ଟ୍ର ରୂପେ ଘୋଷଣା କରାଯାଇ ମୁଖବନ୍ଧର ସଂଶୋଧନ କରାଯାଇଛି ।

ବାସ୍ତବରେ ଭାରତୀୟ ସମ୍ବିଧାନ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ନିରପେକ୍ଷ ତଥା ଗଣତାନ୍ତ୍ରିକ ସାଧାରଣତନ୍ତ୍ର ହେବ ବୋଲି ଉଦ୍‌ଘୋଷଣା କରିଅଛି । ସମସ୍ତ ନାଗରିକଙ୍କୁ ନ୍ୟାୟ, ସମାନତା ଓ ସ୍ୱତନ୍ତ୍ରତା ପ୍ରଦାନ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଜନ୍ମାଇଛି । ଅଦ୍ୟାବଧି ୧୯୫୦ର ମୂଳ ସମ୍ବିଧାନଟିକୁ ଏକ ହିଲିଅମ ପୂର୍ଣ୍ଣ କାଚବାକ୍ସରେ ନୂଆଦିଲ୍ଲୀରେ ସୁରକ୍ଷିତ ଭାବେ ରଖାଯାଇଅଛି ।

ତେଣୁ ଭାରତର ୭୬ ତମ ସାଧାରଣତନ୍ତ୍ର ଦିବସରେ ନିଷ୍କର୍ଷରେ କେବଳ ଏତିକି କହିହେବ ଦେଶରେ ଶାସନ ପାଇଁ ସମ୍ବିଧାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସିଛି, ଯାହା ସମସ୍ତଙ୍କ ଆଗ୍ରହ ଓ ଆବଶ୍ୟକତା ପ୍ରତି ଧ୍ୟାନ ରଖିଥାଏ । ଭାରତ ଏଭଳି ଏକ ବିବିଧତାର ଦେଶ ଯେଉଁଠି କାଶ୍ମୀର ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବ୍ୟାପିଥିବା ଏହି ବିଶାଳ ଦେଶରେ ବିଭିନ୍ନ ପ୍ରକାର ଭାଷା, ଉପଭାଷା, ପୋଷାକ, ଖାଦ୍ୟ ପାନୀୟ ଓ ଅନ୍ୟାୟ ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ଏପରି ସ୍ଥିତିରେ ସମ୍ବିଧାନ ହେଉଛି ଏମିତି ଏକ ବିଚାରଧାରା ଯାହା ପ୍ରତ୍ୟେକ ଭାରତୀୟ ନାଗରିକଙ୍କୁ ଏକତ୍ର ବାନ୍ଧି ରଖିଥାଏ । ସମ୍ବିଧାନ ଦେଶର ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ପ୍ରଦାନ କରେ ଓ ସେମାନଙ୍କୁ ସମାନ ନିୟମରେ ବାନ୍ଧି ରଖିଥାଏ । ଆମେ ନିଜର କର୍ତ୍ତବ୍ୟକୁ ବୁଝି ଦେଶକୁ ଉନ୍ନତି ଆଡ଼କୁ ଅଗ୍ରସର କରିବା ପାଇଁ ତଥା ଦେଶର ରକ୍ଷା କରିବା ଲାଗି ପ୍ରତିଜ୍ଞା କରିବା ଉଚିତ । ଆମେ ଆମ ସମ୍ବିଧାନ ପ୍ରତି ନିଷ୍ଠାପର ରହିବା ଉଚିତ ।

**ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ – ୪.**
**ମୋ–୯୦୪୦୧୫୧୪୭୫**

# ଜାତୀୟ ମତଦାତା ଦିବସର ଅନୁଚିନ୍ତା

**ମୋହନ ଚରଣ ବିଷି**

ଏକ ନିର୍ଦ୍ଦିଷ୍ଟ ବୟସ ହେଲେ ମତଦାନ ଅଧିକାର ମିଳିଥାଏ । ସେଥିପାଇଁ ନାଗରିକଙ୍କୁ ଅପେକ୍ଷା କରିବାକୁ ପଡିଥାଏ । ସାବାଳକ ଭୋଟର ହେବା ପାଇଁ ମତଦାନ ଯୋଗ୍ୟ ହେବା ଦରକାର । ଜଣେ ଭୋଟର ହିଁ ଦେଶର ଭାଗ୍ୟ ନିର୍ମାଣ ପାଇଁ ପ୍ରାର୍ଥୀ ଚୟନ ପ୍ରକିୟାରେ ସହର୍ଷ ଯୋଗଦାନ କରିଥାଏ । ଭୋଟରଙ୍କ ବୟସ ସେଥିପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।

ଭାରତରେ ଜାତୀୟ ମତଦାତା ଦିବସ ପ୍ରତିବର୍ଷ ଜାନୁଆରୀ ୨୫ ତାରିଖରେ ପାଳନ କରାଯାଏ । ଏହି ତାରିଖରେ ନିର୍ବାଚନ ଆୟୋଗ ଗଠିତ ହୋଇଥିଲା । ପ୍ରଥମ ଥର ୨୫ ଜାନୁଆରୀ ୨୦୧୧ରେ ଜାତୀୟ ମତଦାନ ଦିବସ ପାଳନ ହୋଇଥିଲା । ଭାରତରେ ସାବାଳକ ଭୋଟ ଦାନ ବ୍ୟବସ୍ଥା ପ୍ରଚଳିତ । ବୟସ ପରିବର୍ତ୍ତନ ହେଲାପରେ ସମ୍ବିଧାନ ଧାରା ୩୨୬ରେ ୨୧ ବର୍ଷକୁ ୧୮ ବର୍ଷରେ ପରିବର୍ତ୍ତିତ କରାଗଲା । ଭାରତର ପ୍ରଥମ ନିର୍ବାଚନ ୨୫ ଅକ୍ଟୋବର ୧୯୫୧ ଠାରୁ ୨୧ ଫେବୃଆରୀ ୧୯୫୨ ମଧ୍ୟରେ ହୋଇଥିଲା । ନିର୍ବାଚନରେ ଭୋଟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ଭୋଟର ହିଁ ପ୍ରାର୍ଥୀ ନିର୍ବାଚିତ କରିଥାଏ । ଗଣତନ୍ତ୍ର ପ୍ରଚଳନ ହେବାପରେ ରାଷ୍ଟ୍ରରେ ମତଦାନ ସାବାଳକ ଭୋଟରଙ୍କୁ ଉତ୍ସାହିତ କରିଥାଏ । ବିଶେଷ କରି ଯୁବ ଭୋଟରମାନେ ମତଦାନରେ ଅଂଶଗ୍ରହଣ କରିବା ପାଇଁ ଅଧିକ ଉତ୍ସାହିତ ହୋଇଥାନ୍ତି ।

ଆମ ଦେଶରେ ୨୧ବର୍ଷ ହେଲେ ଜଣେ ସାବାଳକ ଭୋଟର ଭାବରେ ମତଦାନ ଅଧିକାର ସାବ୍ୟସ୍ତ କରିପାରୁଥିଲେ । ଭୋଟଦାନର ବୟସ ସୀମା ୨୧ରୁ ୧୮ ବୟସକୁ ୬୧ତମ ସମ୍ବିଧାନ ସଂଶୋଧନ ବିଲ ୧୯୮୮ରେ ପରିବର୍ତ୍ତନ ହେଲା । ସେହି ସମୟରୁ ୧୮ ବର୍ଷ ହେଲେ ଜଣେ ଭାରତୀୟ ମତଦାନର ଅଧିକାରୀ ହୋଇପାରିଲା । ବୟସ କମିବା ଦ୍ୱାରା ଅନେକ ଯୁବ ଭୋଟର ମତଦାନରେ ସାମିଲ ହୋଇପାରିଲେ ଓ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିପାରିଲେ ।

ପୃଥିବୀର ବିଭିନ୍ନ ରାଷ୍ଟ୍ରକୁ ଯଦି ଦେଖିବା ଭୋଟରଙ୍କ ବୟସକୁ ନେଇ ଭିନ୍ନ ଭିନ୍ନ ମତ ରହିଅଛି । ୟୁନାଇଟେଡ୍ ଆରବ ଏମିରଟରେ ୨୫ ବର୍ଷ ହେଲେ ମତଦାନ କରିପାରିବେ । ୨୧ବର୍ଷରେ ମତଦାନ ଅଧିକାର ଲେବାନନ, ଓମାନ, କୁଏତ, ସୋମା, ଟୋଙ୍ଗା, ସିଙ୍ଗାପୁରରେ ରହିଛି । ୨୦ବର୍ଷରେ କେମରନ, ତାଇଓ୍ୱାନ,ବାହାରିନ, ଆଦି ଦେଶରେ ଥିବାବେଳେ, ୧୯ ବର୍ଷ ସୋଲୋମନ ଆଇସଲ୍ୟାଣ୍ଡରେ ରହିଛି । ୧୮ ବର୍ଷରେ ଭାରତ, ଚୀନ, ଆମେରିକା, ପାକିସ୍ତାନ, ରୁଷିଆ, ନାଇଜେରିଆ, ବାଙ୍ଗାଲାଦେଶ, ଇଥିଓପିଆ, ମେକ୍ସିକୋ, ଜାପାନ, ଇଜିପ୍ଟ, ଫିଲିପାଇନ୍ସ, ଇରାନ, ତୁର୍କୀ, ଜର୍ମାନୀ, ଭିଏତନାମ, ଥାଇଲ୍ୟାଣ୍ଡ, ତାଞ୍ଜାନିଆ, ଫ୍ରାନ୍ସ, ଇଟାଲୀ, କେନିୟା, ମିଆମାର, ଦକ୍ଷିଣ କୋରିଆ, ସ୍ପେନ, ଇରାକ୍, କେନିଆ, ପୋଲାଣ୍ଡ, ମୋରୋକ୍କୋ, ୟୁକାରିନ୍, ୟେମେନ, ମାଲେସିଆ, ଘାନା,ପେରୁ, ସାଉଦି ଆରବ, ନେପାଳ, ଅଷ୍ଟ୍ରେଲିଆ, ସିରିଆ, ଶ୍ରୀଲଙ୍କା, ନାଇଜେରିଆ, ଭେନିଜୁଆଲା, ଚିଲି, ରୋମାନିଆ, ସୋମାଲିଆ, ବେଲଜିଅମ, ଜୋରଡାନ, ହଙ୍ଗେରୀ, ବେଲାରୁଷ, ସ୍ୱିଜରଲ୍ୟାଣ୍ଡ, ଡେନ୍ମାର୍କ ପ୍ରଭୃତି ରାଷ୍ଟ୍ର । ୧୭ବର୍ଷରେ ଇଣ୍ଡୋନେସିଆ, ଦକ୍ଷିଣ କୋରିଆ, ଗ୍ରୀସ୍, ଟିମର ଲିଷ୍ଟ, ବ୍ରାଜିଲ ଇତ୍ୟାଦି । ୧୬ ବର୍ଷ ଆର୍ଜେଣ୍ଟିନା, ଇକ୍ୟାଡୋର, କ୍ୟୁବା, ଅଷ୍ଟ୍ରିଆ, ନିକାରଗୁଆ, ମାଲଦା, ଜର୍ସି, ଗୁରେନ୍ସି, ଇସଲେ ଅଫମେନ୍ ପ୍ରଭୃତି ରାଷ୍ଟ୍ର ମତଦାନ ବୟସ ରହିଛି । ୧୬ ବର୍ଷ ହେଉଛି ସବୁଠାରୁ କମ୍ ବୟସରୁ ଭୋଟଦାନ କ୍ଷମତା ।

ପୃଥିବୀର ବିଭିନ୍ନ ରାଷ୍ଟ୍ରକୁ ଯଦି ଦେଖିବା ଅଧିକାଂଶ ଦେଶ ୧୮ ବର୍ଷ ବୟସକୁ ଭୋଟଦାନର ବୟସ ଭାବରେ ଗ୍ରହଣ କରିଛନ୍ତି । ଏହାର ବିଭିନ୍ନ କାରଣ ହେଇପାରେ । ପ୍ରାୟତଃ ସ୍ନାତକ ଶିକ୍ଷା ସମାପ୍ତି ପରେ ଜଣେ ନାଗରିକ ପ୍ରାର୍ଥୀ ଚୟନରେ ପରିପକ୍ୱତା ହାସଲ କରିଥାଏ । କମ୍ ବୟସରେ ପ୍ରଭାବିତ ହେବାର ସମ୍ଭାବନା ଥିବାବେଳେ ଅଧିକ ବୟସ ମଧ୍ୟ ନାଗରିକମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିଥାଏ । ତେଣୁ ମତଦାନ ବୟସ ଏମିତି ହେବା କଥା, ଯେମିତି କି ଯୁବ ବର୍ଗ ମତଦାନରେ ସାମିଲ ହେଇ ପାରୁଥିବେ । ଯୁବ ବର୍ଗ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଅଧିକରୁ ଅଧିକ ସାମିଲ ହେଲେ ମତଦାନ ବ୍ୟବସ୍ଥା ସଶକ୍ତ ଓ ଅଧିକ ଲୋକାଭିମୁଖୀ ହୋଇଥାଏ ।

ଭାରତରେ ସେଥିପାଇଁ ୨୧ରୁ ୧୮ ବର୍ଷକୁ ପରିବର୍ତ୍ତନ କରାଯାଇ ଅଧିକ ଯୁବପିଢିଙ୍କୁ ମତଦାନ ପ୍ରକ୍ରିୟାରେ ସାମିଲ କରାଗଲା । ପ୍ରତିବର୍ଷ ଭୋଟର ତାଲିକା ସଂଶୋଧନ କରି ନୂଆ ଭୋଟରଙ୍କୁ ସାମିଲ କରାଯାଏ । ନୂଆ ଭୋଟରମାନେ ନିଜ ନାମ ପଞ୍ଜିକରଣ କରିବା ପାଇଁ ସହଜ ଓ ସୁବିଧା ବ୍ୟବସ୍ଥା କରାଯାଏ । ଯେମିତି ଅଧିକ ଯୁବ ଭୋଟର ନାମ ପଞ୍ଜୀକରଣ କରିବେ, ସେଥିପାଇଁ ସରକାରଙ୍କ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥାଏ । ଭାରତରେ ପ୍ରତିବର୍ଷ ନୂଆ ଭୋଟର ସାମିଲ ହେବା ସହ ନିର୍ବାଚନରେ ଭାଗ ନେଇଥାନ୍ତି । ବାସ୍ତବିକ୍ ଯୁବ ଭୋଟର ପ୍ରଥମ ଥର ନିର୍ବାଚନ ବ୍ୟବସ୍ଥାରେ ସାମିଲ ହେବା ଯେତିକି ଆନନ୍ଦ ଦେଇଥାଏ, ସେତିକି ଭୋଟର ସଚେତନ ମଧ୍ୟ ହୋଇଥାଏ ।

ଭୋଟ ପରି କିଛି ଆଉ ନାହିଁ, ଭୋଟ ନିଶ୍ଚିୟ ଦେବ । ସମସ୍ତ ସାବାଳାକ ଭୋଟର ଦେଶର ନିର୍ବାଚନ ପ୍ରକ୍ରିୟାରେ ଭାଗନେବା ଉଚିତ । ଗଣତନ୍ତ୍ର ଶାସନ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ପାଇଁ ନିଜର ବହୁମୂଲ୍ୟ ମତାଦାନକୁ ବ୍ୟବହାର କରି ଉପଯୁକ୍ତ ପ୍ରାର୍ଥୀଙ୍କୁ ସମର୍ଥନ ଓ ଚୟନ କରିବା । ଯଦି ଆମେ ଉପଯୁକ୍ତ ନେତୃତ୍ୱକୁ ଚୟନ କରିବା ତେବେ ଦେଶ ପ୍ରଗତିରେ ସହାୟକ ହୋଇପାରିବେ ।

ଆସନ୍ତୁ ଯେଉଁମାନଙ୍କର ୧୮ବର୍ଷ ହେଇଛି, ସେମାନେ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରି ଦେଶର ସର୍ବବୃହତ୍ ବ୍ୟବସ୍ଥା ନିର୍ବାଚନରେ ମତଦାନ କରି ସାମିଲ ହେବା ।

**ଗଡରାମାଲ, କୋକସରା, କଳାହାଣ୍ଡି**
**ମୋ–୯୭୭୭୪୬୮୮୪୧**

# ଗୁରୁ ହିଁ ଭଗବାନ

ଗୁରୁଙ୍କ ମାଧ୍ୟମରେ କିପରି ଭଗବାନଙ୍କୁ ପ୍ରାପ୍ତ ହେବା? ଏହି ପ୍ରଶ୍ନଟି, ଆମ୍ଭମାନଙ୍କର ପ୍ରାୟତଃ ଅନେକଙ୍କ ମନରେ ଉଙ୍କି ମାରିଥାଏ । ସେହିପରି ଅନେକଙ୍କ ଭିତରେ ପ୍ରଶ୍ନ ଉଠେ ଯେ ଭଗବାନଙ୍କ ସାନ୍ନିଧ ପାଇବା ପାଇଁ ଆମମାନଙ୍କୁ ଜ୍ଞାନର

ଅମୃତବାଣୀ

କେତେ ଭାବର ଗଭୀରତା ଭିତରକୁ ଯିବାକୁ ପଡ଼ିବ ? ଏହିପରି ଅନେକ ଜଟିଳ ପ୍ରଶ୍ନ ଆମ୍ଭମାନଙ୍କ ଜୀବନକୁ ଆନ୍ଦୋଳିତ କଲାବେଳେ ଆଜିର ଆଧ୍ୟାତ୍ମିକ ଆଲୋଚନା । ଇନ୍ଦ୍ରିୟପ୍ରାପ୍ତ ଜ୍ଞାନ ବଳରେ ମାନସିକ କଳ୍ପନା କରିବା କିମ୍ବା ବଡ଼ ବଡ଼ ପୁସ୍ତକ ଲେଖିବା ସମ୍ଭବ । ମାତ୍ର ପରମ ପୁରୁଷ ଭଗବାନଙ୍କୁ ଜାଣିବା ହୁଏତ ଅସମ୍ଭବ । ଏ କଥା ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଆମର ଶକ୍ତି ସୀମିତ ଏବଂ ଆମେ ଭଗବାନଙ୍କ ଅଧୀନ । କେହି ଭଗବାନଙ୍କ ସହ ସମାନ ହୋଇପାରିବେ ନାହିଁ କିମ୍ବା ତାଙ୍କ ଠାରୁ ବଡ଼ ହୋଇପାରିବେ ନାହିଁ । ତେଣୁ ବିନୟୀ ହେବା । ପରମ ପୁରୁଷ ଭଗବାନ, ସେମାନଙ୍କର ଦିବ୍ୟ ଗୁଣ ଓ ଗୌରବମାନ ଶ୍ରବଣ କରିବା । ଅର୍ଜୁନଙ୍କ ଭଳି ଭଗବାନଙ୍କୁ ବୁଝା ବିଶିଷ୍ଟ ଆଚାର୍ଯ୍ୟଗଣ ଯେଉଁ ପଥମାନ ଦେଖାଇଯାଇଛନ୍ତି, ତାହା ଅନୁସରଣ କରିବା । ତା' ହେଲେ ଆମ୍ଭେମାନେ ସବୁ କିଛି ଜାଣିପାରିବା ଯେ ଭଗବାନ ସର୍ବ କାରଣର କାରଣ । ଦିବ୍ୟ ଜ୍ଞାନ ପ୍ରାପ୍ତି ପାଇଁ ଭଗବାନଙ୍କର ଶରଣ ନିଅ । ଯିଏ ପ୍ରକୃତ ଜ୍ଞାନର ଅଧିକାରୀ, ତାଙ୍କ ମାଧ୍ୟମରେ ଭଗବାନଙ୍କୁ ଜାଣିବା । ଏପରି ଜଣେ ଅଧିକାରୀଙ୍କୁ ବାଛିବା ଯିଏ ପ୍ରକୃତ ଗୁରୁ ଏବଂ ଯାହାଙ୍କୁ ପରମ ତତ୍ତ୍ୱ ଜଣା । ଯଦି ଏ ପ୍ରକାର ଆଚାର୍ଯ୍ୟଙ୍କୁ ପାଇବା ତାଙ୍କର ସେବା କରିବା ଏବଂ ତାଙ୍କରି ଶରଣରେ ରହିବା ଅର୍ଥ ଭଗବାନଙ୍କ ଶରଣାଧୀନ ହେବା ।



ଆମ୍ଭେମାନେ ଭୁଲିଯିବା ଅନୁଚିତ ଯେ ଆମ୍ଭମାନଙ୍କ ସାମ୍ନାରେ ଅନନ୍ତ ଆକାଶ ନିଜର କର୍ମ, ନିଜର ନିଷ୍ପତ୍ତି ଓ ତାହାରି ଉପରେ ଆଧାରିତ ଫଳାଫଳ ପାଇଁ ନିଜକୁ ହିଁ ଦାୟୀ କରିବା । ବିପଦ ସାମ୍ନାରେ ଛିଡ଼ା ହୋଇ କଠିନ ପରିସ୍ଥିତିର ଆଲିଙ୍ଗନରେ ଅଣନିଃଶ୍ୱାସୀ ନ ହୋଇ ଆନନ୍ଦ ଉତ୍ସସିତ ବିଜୟର ନିଆରା ଅନୁଭୂତି ଅନୁଭବ କରିବା । ବିଷାଦ ଓ ଚିନ୍ତାର ସମୟ ନଷ୍ଟ କରି ତୁରନ୍ତ ସତ୍କର୍ମରେ ମନ ନିବେଶ କରିବା ଓ ସଠିକ ଭାବରେ ଜୀବନ ନିର୍ବାହ କରିବା । ଜୀବନର ପ୍ରତ୍ୟେକ ପ୍ରତିକୂଳ ପରିସ୍ଥିତିକୁ ଆମ୍ଭେମାନେ ମୁକାବିଲା କରି ପାରିବା । କୁରୁକ୍ଷେତ୍ର ରଣାଙ୍ଗନରେ ବିଷାଦଗ୍ରସ୍ତ ଅର୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ ବୁଝାଇବାକୁ ଯାଇ କହିଥିଲେ– 'କ୍ଲୈବ୍ୟଂ ମା ସ୍ମ ଗମଃ ପାର୍ଥ ନୈତତ୍ତ୍ୱୟ୍ୟୁପପଦ୍ୟତେ' – ନୈତକ୍ୱୋନ୍ନିଷ୍ଠ ପରନ୍ତପ ।'

**ଦେବଦତ୍ତ ବିଶ୍ୱାଳ**
**ରାମନିଗମେଶ୍ୱର ମନ୍ଦିର,**
**ଚହଟା, କଟକ, ମୋ–୯୮୬୧୯୪୪୫୯୪**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିକାଶ...

ସେମାନଙ୍କ ମତାମତ ଦେବା ପାଇଁ ବ୍ୟବସ୍ଥା କରାଯାଇଛି ।

ଲୋକଙ୍କ ସରକାରରେ ଲୋକଙ୍କ ମତାମତକୁ ଗୁରୁତ୍ୱ ଦିଆଯିବ ଏବଂ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଯୋଜନା ପ୍ରସ୍ତୁତ କରାଯିବ । ବିଶେଷ କରି ବଜେଟ୍ ରେ ଗ୍ରାମାଞ୍ଚଳବାସୀ ଓ ଅର୍ଥନୈତିକ ଅନଗ୍ରସର ଲୋକମାନଙ୍କୁ ଫୋକସ କରାଯାଉଛି । ଏଥି ସହିତ ରାଜସ୍ୱ ବୃଦ୍ଧି, ଆଇ.ଟି, ସେମିକଣ୍ଡକ୍ଟର, ପେଟ୍ରୋକେମିକାଲ, ଷ୍ଟିଲ, ଅକ୍ଷୟ ଶକ୍ତି, ଟେକ୍ସଟାଇଲ, ଆଗ୍ରୋ ଇଣ୍ଡଷ୍ଟ୍ରି ଭଳି ଶିଳ୍ପ ସହିତ ପର୍ଯ୍ୟଟନକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି । କୃଷକ ମାନଙ୍କ ଆୟ ବୃଦ୍ଧି ସହିତ ଶୀତଳ ଭଣ୍ଡାର ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ଗ୍ରାମାଞ୍ଚଳରେ ରୋଜଗାର ବୃଦ୍ଧି ସହିତ ଭିତ୍ତିଭୂମି ସୁଦୃଢ ପାଇଁ ବିକଶିତ ଗାଁ, ବିକଶିତ ଓଡ଼ିଶା କାର୍ଯ୍ୟକାରୀ କରାଯିବ । ନିଯୁକ୍ତି କ୍ଷେତ୍ରକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି, ବର୍ତ୍ତମାନ ସୁଦ୍ଧା ୨୦ ହଜାର ନିଯୁକ୍ତି ଦିଆସରିଛି, ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୪୦ ହଜାର ନିଯୁକ୍ତି ଦିଆଯିବ । ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଆମ ସରକାର ୬୫ ହଜାର ନିଯୁକ୍ତି ଦେବାର ଲକ୍ଷ୍ୟ ରଖିଛନ୍ତି । ଶିଳ୍ପ କ୍ଷେତ୍ରରେ ବର୍ତ୍ତମାନ ସୁଦ୍ଧା ଅଢେଇ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପାଇଁ ଅନୁମୋଦନ କରାଯାଇଛି, ଯାହା ଦ୍ୱାରା ୧ ଲକ୍ଷ ୧୦ ହଜାର ନିଯୁକ୍ତି ସୃଷ୍ଟି ହେବ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବଜେଟ୍ ପାଇଁ ଯେଉଁ ମତାମତ ଆସିଛି ତନ୍ମଧ୍ୟରୁ ଲୋକ ହିତକାରୀ ମତାମତ ଗୁଡିକୁ ଫିସକାଲ ରେସ୍ପନ୍ସ ଟିମ୍ ଗୁରୁତ୍ୱ ଦେବ ଏବଂ ଏହି ବଜେଟ୍ ସମୃଦ୍ଧ ଓଡିଶା ଗଠନ ପାଇଁ ନିଶ୍ଚିତ ଭାବେ ଏକ ପୂର୍ଣ୍ଣାଙ୍ଗ ରୂପରେ ଆସିବ ବୋଲି ସେ କହିଥିଲେ ।

## ଆମେରିକାରେ...

ଭେଟିବେ । ଉଭୟ ପକ୍ଷରେ ଯେଉଁ ସମସ୍ୟା ରହିଛି ସେ ସମ୍ପର୍କରେ ଆଲୋଚନା କରାଯିବ । ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ପରେ ଏହା ଜଣାପଡିବ । ଆମେ ମଧ୍ୟ କିଛି ସ୍ୱତନ୍ତ୍ର ପ୍ରତିନିଧିମାନଙ୍କ ସହ ବୈଠକ କରିବୁ । ବୈଦେଶିକ ମନ୍ତ୍ରୀସ୍ତରୀୟ ଆଲୋଚନା ହେବ ସେତେ ବେଳେ କଣ ଘଟିଲା କହିହେବ । ଉଭୟ ଦେଶର ସ୍ୱାର୍ଥ ସମ୍ବଳିତ ପ୍ରଶ୍ନକୁ ଆଲୋଚନା କରାଯିବ ।

## ୨.୫୮ କୋଟି...

ମସିହା ଅଗଷ୍ଟ ୯ ତାରିଖରେ ବୈଜ୍ଞାନିକଙ୍କ ପାଖକୁ କଲ୍ ଆସିଥିଲା । ସେ କଲ୍ ରିସିଭ୍ କରିବା ପରେ ତାଙ୍କୁ ଫୋନ୍ କରିଥିବା ଠକ କହିଥିଲା ଯେ, ମୋ ନାଁରେ ଡିଏଚ୍‌ଏଲ୍ କୋରିଅର ମାଧ୍ୟମରେ ୫ ପାସ୍‌ପୋର୍ଟ, ୩ କ୍ରେଡିଟ୍ କାର୍ଡ, ୨୦୦ ଗ୍ରାମ ଡ୍ରଗ୍ସ, ୪କେଜି ଲୁଗାପଟା, ଗୋଟିଏ ଲାପ୍‌ଟପ୍ ଓ ୩୫ ହଜାର ଟଙ୍କା ମଗାଇଥିଲେ । ତେଣୁ ମୁମ୍ବାଇ କ୍ରାଇମ୍‌ବ୍ରାଞ୍ଚ ନାର୍କୋଟିକ୍ସ ବିଭାଗରେ ଏଫ୍‌ଆଇଆର୍ ପଞ୍ଜୀକୃତ ହୋଇଛି । ତେଣୁ ମୁମ୍ବାଇ କ୍ରାଇମ୍‌ବ୍ରାଞ୍ଚ ସହ ଭିଡିଓ କଲ୍‌ରେ ତୁରନ୍ତ କଥା ହୁଅ । ଏହା ଶୁଣି ବୈଜ୍ଞାନିକ ଏକ ନମ୍ବରରେ ଭିଡିଓ କଲ୍ କରିଥିଲେ । ସେପଟୁ ଆଇପିଏସ୍ ଅଫିସର ଡ୍ରେସ୍ ପିନ୍ଧିଥିବା ସାଇବର ଠକ କଲ୍ ରିସିଭ୍ କରି ନିଜକୁ ମୁମ୍ବାଇ କ୍ରାଇମ୍‌ବ୍ରାଞ୍ଚର ଡିସିପି ବୋଲି କହିଥିଲା । କିଛି ସମୟ କଥା ହେବା ପରେ ଅଭିଯୁକ୍ତ କହିଥିଲା ଯେ, ଆପଣଙ୍କ ବିରୋଧରେ ହୋଇଥିବା ଏଫ୍‌ଆଇଆର୍ ମୁଁ କ୍ୟାନସଲ କରିଦେଲି, ସେଥିପାଇଁ ଯାହା ଆବଶ୍ୟକ ଦେବେ । ଏହି କଥା କହିବା ପରେ ବୈଜ୍ଞାନିକ ଭୟଭୀତ ହୋଇ ତାଙ୍କ କଥା ମାନି ବିଭିନ୍ନ ପର୍ଯ୍ୟାୟରେ ତାଙ୍କୁ ୨.୫୮ କୋଟି ଟଙ୍କା ଦେବା ପରେ ଜାଣିଥିଲେ ଯେ, ସେ ଦୁଇଜଣ ସାଇବର ଠକ । ତେଣୁ ବୈଜ୍ଞାନିକ କ୍ରାଇମ୍‌ବ୍ରାଞ୍ଚରେ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁଯାୟୀ କ୍ରାଇମ୍‌ବ୍ରାଞ୍ଚ ମଧ୍ୟପ୍ରଦେଶରୁ ସଚିନ ଓ ସମୀରକୁ ଗିରଫ କରି ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣିଛି ।

## ଗୁଳିଗୋଳା...

ଦୁଃଖ ପ୍ରକାଶ କରିଛନ୍ତି । ଯେଉଁମାନେ କ୍ଷତିଗ୍ରସ୍ତ ସେମାନଙ୍କୁ ସହାୟତା ଯୋଗାଇ ଦିଆଯାଉଛି । ଯେଉଁମାନେ ମୃତ୍ୟୁବରଣ କରିଛନ୍ତି ସେମାନଙ୍କ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ସେ ଜ୍ଞାପନ କରିଛନ୍ତି । ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ କହିଛନ୍ତି ଯେ ୧୩ରୁ ୧୪ ଶ୍ରମିକ କାର୍ଯ୍ୟ କରୁଥିଲେ । ପୋଲିସ କହିବା ଅନୁଯାୟୀ ଏଲ୍‌ଟିପି ସେକସନରେ ଦୁର୍ଘଟଣା ଘଟିଛି । ତେବେ ଜିଲ୍ଲାପାଳଙ୍କ କହିବା ଅନୁଯାୟୀ ୧୩ରୁ ୧୪ ଜଣ ଦୁର୍ଘଟଣା ଘଟିଲା ବେଳେ ଉପସ୍ଥିତ ଥିଲେ ।

## ୧୦ ବିରୋଧୀ...

ଚିଠା ବିଧେୟକକୁ ପଢ଼ିବା ପାଇଁ ପର୍ଯ୍ୟାପ୍ତ ସମୟ ଦିଆଯାଇନାହିଁ । ତେବେ କାଶ୍ମୀରର ଧାର୍ମିକ ମୁଖ୍ୟ ମୀରୱାଜ ଉମାର ଫାରୁକ୍‌ଙ୍କୁ ଡାକିବା ପୂର୍ବରୁ ଆଲୋଚନା ହେବା ଆବଶ୍ୟକ ଥିଲା । ବିରୋଧୀଙ୍କ ହଙ୍ଗାମାଙ୍କୁ ବିଜେପି ସଦସ୍ୟମାନେ ବିରୋଧ କରିଥିଲେ । ବିରୋଧ ଅଭିଯୋଗ କରିଥିଲେ ଯେ ଦିଲ୍ଲୀ ନିର୍ବାଚନ ପାଇଁ ଏହି ବିଲ୍‌କୁ ତୁରନ୍ତ ଗ୍ରହଣୀୟ କରିବା ପାଇଁ ବିଜେପି ଚାପ ପକାଉଛି । ତୃଣମୂଳ ସଦସ୍ୟ କଲ୍ୟାଣ ବାନାର୍ଜୀ ଓ କଂଗ୍ରେସ ସଦସ୍ୟ ନାସିର ହୁସେନ ବୈଠକ ପରେ ଗଣମାଧ୍ୟମକୁ କହିଛନ୍ତ ଯେ କମିଟିରେ ନିଆଯାଉଥିବା ପଦକ୍ଷେପ ଏକ ଫାର୍ସ । ସେମାନେ ଦାବି କରୁଛନ୍ତି ଯେ ଆସନ୍ତା ୨୭ରେ ବୈଠକ ବସୁ । ସବୁ ତଥ୍ୟକୁ ଯାଞ୍ଚ କରାଯାଉ । ଯାହାକୁ ଆସନ୍ତା ୩୦ ଓ ୩୧କୁ ଘୁଞ୍ଚାଇ ଦିଆଯାଇଛି । ବିରୋଧୀ ସଂସଦୀୟଙ୍କ ଅଭିଯୋଗ ଶୁଣା ଯାଉନାହିଁ । ନିଲମ୍ବନ ହେଲା ପରେ ଜେପିସି ସଦସ୍ୟମାନେ ବାଚସ୍ପତିଙ୍କୁ ଚିଠି ଲେଖି ଜେପିସି ଅଧ୍ୟକ୍ଷ ବିରୋଧରେ ଅଭିଯୋଗ କରିଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ ଅଧ୍ୟକ୍ଷ ସେମାନଙ୍କୁ ଅପମାନିତ କରୁଛନ୍ତି । ଅଧ୍ୟକ୍ଷ ଶ୍ରୀ ପାଲ ଫୋନ୍‌ରେ କଥା ହେବା ପରେ ସେମାନଙ୍କୁ ନିଲମ୍ବିତ କରିଥିଲେ । ଅଧ୍ୟକ୍ଷ ସବୁ ବେଳେ ସେମାନଙ୍କ ସ୍ୱରକୁ ଚାପି ଦେବାକୁ ବସିଛନ୍ତି ।

## ପେଟ...

ସହାୟତାରେ ଗୁରୁବାର ଆମ୍ବୁଲାନ୍ସ ଯୋଗେ ଘରେ ପହଞ୍ଚିଥିଲା ରଜନୀକାନ୍ତଙ୍କ ଶବ। ରଜନୀକାନ୍ତଙ୍କ ପତ୍ନୀ ଜନତା କୁଅଁର କହିଛନ୍ତି, ଏଠାରେ କିଛି କାମଧନ୍ଦା ମିଳିଲା ନାହିଁ। ସେଥିପାଇଁ ସେ ଦାଦନ ଖଟିବାକୁ ବାହାରକୁ ଯାଇଥିଲେ। ସେଠାରେ କାମ କରି ଟଙ୍କା ପଠାଇବେ ବୋଲି କହିଥିଲେ। କିନ୍ତୁ କିଛି ଟଙ୍କା ପଠାଇ ନଥିଲେ। କ'ଣ ହେଲା, ଆମେ କିଛି ଜାଣିପାରୁଲି ନାହିଁଛ ଏଠାରେ କାମ ମିଳିଥିଲେ ଦାଦନ ଖଟିବାକୁ ସେ ଯାଇନଥାଆନ୍ତେ। ଯାହା ରୋଜଗାର ହୋଇଥାଆନ୍ତା, ପିଲାଛୁଆଙ୍କୁ ନେଇ କୌଣସି ପ୍ରକାରେ ଚଳି ଯାଇଥାଆନ୍ତୁ।

ଏଭଳି ଏକ ଘଟଣା କେବଳ ରଜନୀକାନ୍ତଙ୍କ ସହିତ ଘଟିନାହିଁ । ଗତ ୧୪ ତାରିଖରେ ଆମ୍ବୁଲାନ୍ସ ଯୋଗେ ବଲାଙ୍ଗିର ସହରର ହାତୀଶାଳପଡ଼ାକୁ ଫେରିଥିଲା ଦୁଇ ଜଣ ଯୁବକଙ୍କ ଶବ। ସେମାନେ ହେଉଛନ୍ତି ଉମେଶ ପାଣ୍ଡେ ଓ କୁନୁ ବନଛୋର। ଦୁହେଁ ସାଙ୍ଗ ଥିଲେ। ଅର୍ଥ ଉପାର୍ଜନ କରିବାକୁ ଦୁଇ ବନ୍ଧୁ ଦାଦନ ଖଟିବାକୁ ତାମିଲନାଡୁ ଯାଇଥିଲେ। ଜାନୁଆରୀ ୧ ତାରିଖରେ ସେମାନେ ଚେନ୍ନାଇ ଯାଇଥିବା ବେଳେ ଜାନୁଆରୀ ୧୧ ତାରିଖରେ ଆସିଥିଲା ସେମାନଙ୍କ ମୃତ୍ୟୁ ଖବର। ମୃତଦେହ ଆଣିବାକୁ ଉମେଶ ଓ କୁନୁଙ୍କ ପରିବାର ଲୋକଙ୍କ ପାଖରେ ସମ୍ବଳ ନଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ପୌରାଧ୍ୟକ୍ଷା ପରିବାର ଲୋକଙ୍କୁ ଭେଟି ଜିଲ୍ଲା ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଶାସନର ସହଯୋଗରେ ପରିବାର ଲୋକେ ଶବ ଫେରାଇ ଆଣିଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଶ୍ରମ ବିଭାଗ ଆମ୍ବୁଲାନ୍ସ ଭଡ଼ା ବାବଦକୁ ୬୨ ହଜାର ଟଙ୍କା ଦେଇଥିଲା।

ଉମେଶ ଓ କୁନୁଙ୍କ ମୃତଦେହ ଫେରାଇ ଆଣିବା ପାଇଁ ସେମାନଙ୍କ ପରିବାର ଲୋକେ ଚେନ୍ନାଇ ଯାଇଥିଲେ । ସେଠାରେ ସେମାନେ ଉଭୟ ଶବରେ କଟା ଦାଗ ଥିବା ଦେଖିଥିଲେ। ତେଣୁ ସେମାନଙ୍କୁ ହତ୍ୟା କରାଯାଇଥିବା, ସେମାନେ ସନ୍ଦେହ କରିଥିଲେ । ସେମାନେ ସେଠାରେ ରେଲୱେ ପୁଲିସକୁ ହତ୍ୟା ମାମଲା ରୁଜୁ କରିବାକୁ ଅନୁରୋଧ କରିଥିଲେ । କିନ୍ତୁ ରେଲୱେ ପୁଲିସ ଶୁଣି ନଥିଲା। ଓଲଟି ମୃତ ଉମେଶ ଓ କୁନୁଙ୍କ ପରିବାର ଲୋକଙ୍କୁ ସେମାନେ ଧମକାଇଥିଲେ ବୋଲି ଅଭିଯୋଗ ହୋଇଛି। ଏତଲା ଦେଲେ ଶବ ନେଇ ଯାଇପାରିବ ନାହିଁ ବୋଲି ରେଲୱେ ପୁଲିସ କହିଥିଲା। ଓଡ଼ିଶା ସରକାର ତାମିଲନାଡୁ ସରକାରଙ୍କ ସହିତ ଯୋଗାଯୋଗ କରି ଉମେଶ ଓ କୁନୁଙ୍କ ମୃତ୍ୟୁ ଘଟଣାର ତଦନ୍ତ କରିବାକୁ ସେମାନଙ୍କ ପରିବାର ଲୋକେ ଅନୁରୋଧ କରିଛନ୍ତି।

ସେହିପରି ଆଉ ଜଣେ ହେଉଛନ୍ତି ଝସକେତନ ମାଝୀ(୨୧) । ତାଙ୍କ ଘର ବଲାଙ୍ଗିର ସହରର ୧୮ ନମ୍ବର ୱାର୍ଡର ବିଜାଖମନରେ। ମାସେ ତଳେ ସେ ଦାଦନ ଖଟିବାକୁ ତାମିଲନାଡୁର ଆଥିପେଟ ଅଞ୍ଚଳକୁ ଯାଇଥିଲେ। ତାଙ୍କର ମୃତ୍ୟୁ ହୋଇଥିବା ନେଇ ସପ୍ତାହେ ତଳେ ଖବର ଦେଇଥିଲେ ତାଙ୍କୁ ସେଠାକୁ ନେଇଥିବା ସର୍ଦ୍ଦାର। ତାଙ୍କର ମୃତ୍ୟୁ କେମିତି ଘଟିଲା, ତାହା ସ୍ପଷ୍ଟ ହୋଇପାରି ନଥିବା ବେଳେ ତାଙ୍କ ବିଧବା ମା' ଇନ୍ଦୁମତି ମାଝୀ ହତ୍ୟା ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ ପୁଅର ଶବ ଫେରାଇ ଆଣିବାକୁ ସେ ଅସମର୍ଥ । ପ୍ରଶାସନ ପକ୍ଷରୁ ମଧ୍ୟ ଏଯାଏ କୌଣସି ପଦକ୍ଷେପ ନିଆଯାଇନାହିଁ । ସେ କହିଛନ୍ତି, ସେଠାରୁ ଶବ ଫେରାଇ ଆଣିବା ପାଇଁ ଲକ୍ଷେ ଟଙ୍କା ଦରକାର। ମୁଁ ଏତେ ଟଙ୍କା କେଉଁଠାରୁ ଆଣିବ। ସେଥିପାଇଁ କିଛି ଟଙ୍କା ଯୋଗାଡ଼ କରି ଦୁଇ ଜଣଙ୍କୁ ତାମିଲନାଡୁ ପଠାଇଛି। ସେଠାରେ ପୁଅର ଶବକୁ ପୋଡ଼ି ଦେବାକୁ ସେମାନଙ୍କୁ କହିଛି।

ଏହି ୪ ଦାଦନଙ୍କ ମୃତ୍ୟୁ ସନ୍ଦେହଜନକ ପରିସ୍ଥିତିରେ ଘଟିଛି। ସମସ୍ତଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିବା ବେଳେ, ସେମାନଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିନାହିଁ। ସେମାନଙ୍କ ମୃତ୍ୟୁ ପଛରେ ସଂପୃକ୍ତ ସର୍ଦ୍ଦାର ଅବା ସେମାନେ କାମ କରୁଥିବା ସଂସ୍ଥାର ମାଲିକମାନଙ୍କର ହାତ ନାହିଁ ତ? ଏହି ଦାଦନଙ୍କ ମୃତ୍ୟୁକୁ ନେଇ ଏମିତି ଅନେକ ପ୍ରଶ୍ନ ଉଙ୍କି ମାରୁଛି। ଅନ୍ୟପକ୍ଷରେ ଅଦ୍ୟାବଧି ପ୍ରଶାସନ ବା ସରକାରଙ୍କ ପକ୍ଷରୁ ଏନେଇ କୌଣସି ପଦକ୍ଷେପ ନିଆଯାଇ ନଥିବା ଜଣାପଡ଼ିଛି।

ଏଠାରେ ଆଉ ଗୋଟିଏ କଥା ମଧ୍ୟ ଗୁରୁତ୍ୱ ବହନ କରୁଛିଛ କାମଧନ୍ଦା ନପାଇ ବଲାଙ୍ଗିର ଜିଲ୍ଲାରୁ ଲୋକେ ବାହାର ରାଜ୍ୟକୁ ଦାଦନ ଖଟିଯିବା କିଛି ନୂଆ କଥା ନୁହେଁଛ ସାଧାରଣତଃ ଜିଲ୍ଲାର ବିଭିନ୍ନ ଉପାନ୍ତ ଗାଁରୁ ଲୋକେ ଦାଦନ ଖଟିବାକୁ ଯାଆନ୍ତିଛ କିନ୍ତୁ ଦାଦନ ଖଟିବାକୁ ଯାଇ ପ୍ରାଣ ହରାଇଥିବା ଏହି ୪ ଜଣ ହେଉଛନ୍ତି ବଲାଙ୍ଗିର ସହରର ବା ଏହାର ଉପକଣ୍ଠ ଅଞ୍ଚଳରଛ ଏହା ନିଶ୍ଚିତ ଭାବେ ଏକ ଚିନ୍ତାଜନକ । ଆଗରୁ ବି ବଲାଙ୍ଗିର ସହର ବା ଏହା ଉପକଣ୍ଠ ଅଞ୍ଚଳରୁ ଲୋକେ ଦାଦନ ଖଟିବାକୁ ଯାଉଥିଲେ। ତେବେ ଏବେ ଏହି ସଂଖ୍ୟା ବଢ଼ିଥିବା ଜଣାପଡ଼ିଛି।

ଏହି ସବୁ ଘଟଣାରୁ ପୁଣି ପ୍ରମାଣିତ ହୋଇଛି ଯେ ଦାଦନ ସର୍ଦ୍ଦାରମାନେ ସରକାରଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି। ସେମାନେ ଖୋଲାଖୋଲି ଲୋକଙ୍କୁ ଦାଦନ ଖଟାଇବା ପାଇଁ ବାହାର ରାଜ୍ୟକୁ ନେଇଯାଉଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବର୍ଷକୁ ପ୍ରାୟ ୨୫ରୁ ୩୦ ହଜାର ଲୋକ ପଞ୍ଜୀକରଣ କରି ଜିଲ୍ଲାରୁ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଆନ୍ତି। କିନ୍ତୁ ବେସରକାରୀ ଭାବେ ଏହି ସଂଖ୍ୟା ୧ .୫ ଲକ୍ଷରୁ ଅଧିକ ବୋଲି ଜଣାପଡ଼ିଛି। ଏଭଳି ଘଟଣା ପଶ୍ଚିମ ଓଡ଼ିଶାର ନୂଆପଡ଼ା, ବରଗଡ଼ ଜିଲ୍ଲାରେ ଅଧିକ ଘଟୁଥିବା ଅଭିଯୋଗ ରହିଛି ।

## ମହାକୁମ୍ଭରେ...

ଭାରତରେ ଥିବା ସାଂସ୍କୃତିକ ଏହି ବିବିଧତାର ସୋକେସ୍‌ରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁ ଶ୍ରଦ୍ଧାଳୁଙ୍କୁ ନିମନ୍ତ୍ରଣ କରିଛି । ମୁଖ୍ୟତଃ ବିଶ୍ୱାସ ଏଠି ମୂଳ ପିଣ୍ଡ ହୋଇଛି । ବିଶ୍ୱରେ ଏହାକୁ ସର୍ବାଧିକ ଧାର୍ମିକ ସମାବେଶ ବୋଲି ସ୍ୱୀକୃତି ମିଳିଛି । କର୍ମ, ମେଡିଟେସନ୍, ଦର୍ଶନ ଓ ବିଶ୍ୱାସ ଏହାର ମୂଳ ଉପାଦାନ । ମହାକୁମ୍ଭକୁ ଆମେରିକା, କାନାଡା, ଜର୍ମାନ, ଋଷ୍, ଫିଜି, ମାଲେସିଆ, ଅଷ୍ଟ୍ରେଲିଆରୁ ଆଦି ପର୍ଯ୍ୟଟକମାନେ ଆସିଛନ୍ତି । ଗଙ୍ଗା କୂଳରେ ଏକ ବିଶ୍ୱ ଗାଁ ଭଳି ସ୍ଥିତି ସୃଷ୍ଟି ହୋଇଥିଲା ।

## ଏଚ୍‌ଏଲ୍‌ସିଏରେ...

ଲୋକଙ୍କୁ ସିଧା ସଳଖ ଲାଭ ଦେବ । ଆମର ଲକ୍ଷ୍ୟ ହେଉଛି ଯେ ଓଡ଼ିଶା ନିବେଶକାରୀଙ୍କ ପ୍ରଥମ ପସନ୍ଦ ସ୍ଥଳ ହେବାସହ ଲୋକଙ୍କ ବିକାଶରେ ସହଯୋଗ ହେଉ ।

ଏହି ପ୍ରକଳ୍ପ ଗୁଡ଼ିକ ଖୋର୍ଦ୍ଧା, ଜଗତସିଂହପୁର, ଗଞ୍ଜାମ, ସମ୍ବଲପୁର ଓ ଭଦ୍ରକ ଜିଲ୍ଲାରେ ପ୍ରତିଷ୍ଠା କରାଯିବ । ଓଡ଼ିଶାର ଶିଳ୍ପାୟନକୁ ସମୃଦ୍ଧ କରିବାରେ ଏହା ସାହାଯ୍ୟ କରିବ । ଅନୁମୋଦନ ପ୍ରକଳ୍ପ ମଧ୍ୟରେ ରହିଛି କସ୍ମା ଗ୍ରୀନ୍ ଏନର୍ଜି ଟେକ୍ନୋଲୋଜି, ଧୂନ୍‌ସୋରୀ ଭେନ୍‌ଚର ଲିମିଟେଡ୍, ୟୁନାଇଟେଡ୍ ପେଟ୍ରୋ ସିପିଂ ଲିମିଟେଡ୍, ୟୁପିଏଲ୍ ଲିମିଟେଡ୍, ଡିସିଏମ୍ ଶ୍ରୀରାମ ଲିମିଟେଡ୍, ହିଣ୍ଡାଲକୋ ଇଣ୍ଡଷ୍ଟ୍ରି ଲିମିଟେଡ୍, ଏଫ୍‌ଏସ୍ ଗ୍ରୀନ୍ ଏନର୍ଜି ପ୍ରା.ଲି. ରତ୍ନଗିରି ମେଟାଲ୍ସ ଆଣ୍ଡ ଟ୍ୟୁବ୍ସ ଲିମିଟେଡ୍ ।

## ଚୋରା କାଠ ସହ ବାଇକ ଜବତ : ବ୍ୟବସାୟୀ ଗିରଫ

ନୀଳଗିରି,(ସବ୍ୟୁ) : ନୀଳଗିରି ବ୍ଲକ ବଣସୀମା ଅଞ୍ଚଳରେ ଗତକିଛିଦିନ ହେବ ବେଧଡ଼କ ଭାବେ ଗଛକଟା ଚାଲିଥିବା ଖବର ନୀଳଗିରି ବନବିଭାଗ ନିକଟରେ ପହଞ୍ଚିଥିଲା । ୨୩ତାରିଖ ରାତି ସମୟରେ ନୀଳଗିରି ବନାଞ୍ଚଳର କର୍ମଚାରୀମାନେ ସାନ ନୂଆଗାଁ ଗ୍ରାମ୍ୟରାସ୍ତା ଧାରରେ ଥିବା ସରକାରୀ ଜମିରେ ବେଆଇନ ଭାବେ ଗଚ୍ଛିତ ଥିବା ସିମିଳି, ପିଆଶାଳ, ଅସନ, ଆମ୍ବ ଆଦି ୩୫ଖଣ୍ଡ କାଠଗଣ୍ଡି ଜବଦ କରିଥିଲେ । ଯାହାର ଆନୁମାନିକ ମୂଲ୍ୟ ୯୦ ହଜାର ଟଙ୍କା ହେବ । ଏହି କାଠକୁ ଜଗିରହିଥିବା ଗୋହିରା ଗ୍ରାମର ସମରେନ୍ଦ୍ର ଭୂୟାଁକୁ ଘଟଣାସ୍ଥଳରୁ ଜଙ୍ଗଲବିଭାଗ କର୍ମଚାରୀମାନେ କାବୁକରି ବନାଞ୍ଚଳ କାର୍ଯ୍ୟାଳୟକୁ ବାଇକ ସହ ଆଣିଥିଲେ । ପରେ ଅଭିଯୁକ୍ତ ସମରେନ୍ଦ୍ରଙ୍କ ବିରୋଧରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବେଳେ ଘଟଣାର ତଦନ୍ତ ଜାରି ରହିଛି ।

### ଦ.ପୂ ରେଳପଥ

**ସଂଶୋଧନ**

ଟେଣ୍ଡର ନୋଟିସ ନଂ. ଇ-ଡିଆରଏମ-ଇଞ୍ଜିନିୟରିଂ-ଆଦ୍ରା-୦୨-୨୫ ତାରିଖ : ୦୩.୦୧.୨୦୨୫ରେ ସଂଶୋଧନ କରାଯାଇଛି ଯାହାକି ୦୩.୦୨.୨୦୨୫ରେ ଖୋଲାଯିବ । ଉପରୋକ୍ତ ଟେଣ୍ଡରର ଆନୁମାନିକ ମୂଲ୍ୟ : ଟ. ୨୦,୨୭,୬୯,୦୯୫ ପରିବର୍ତ୍ତେ ଟ. ୨୦,୨୭,୯୩,୯୬୭.୮୪ ଭାବେ ପଢ଼ାଯିବ । ମୂଳ ଟେଣ୍ଡର ନୋଟିସ୍‌ର ଅନ୍ୟ ସମସ୍ତ ଚୁକ୍ତି ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ । (PR-1056/C)

### AFFIDAVIT

I G. Omkar S/o G. Ramesh R/o 00, Bandhugaon, Koraput, Odisha - 764027, have changed my name to Gembali Omkar

### NOTICE

By virtue of an affidavit sworn before Notary Public, Bhubaneswar on dated. 08.01.25 I P. Gitanjali Subudhi, Address : Building No. 10/2, Plot-B-20, Rupali Square, Saheed Nagar Bhubaneswar, Khordha, Odisha declare that I have changed my name from Gitanjali Subudhi to P. Gitanjali Subudhi. Henceforth I shall be known as P. Gitanjali Subudhi for all purposes.

Sd/- P. Gitanjali Subudhi

### AFFIDAVIT

Kuni Pradhan, W/o- Subas Pradhan residing at-Ankula, Po-Khuntukata, Via-Athagarh, Dist-Cuttack, 754029 declared vide affidavit dated. 23.08.24 that my name Kuni Pradhan and Minati Pradhan are one and same person. Now onwards I shall be known as Kuni Pradhan for the purposes.

### OFFICE OF THE SUPERINTENDENT BHIMA BHOI MEDICAL COLLEGE & HOSPITAL, BALANGIR

E-706

AT/Po/Dist : Balangir, (Odisha) PIN-767001
E.mail : gmchospitalbalangir1@gmail.com
No. 517 / Estt (BBMC&H)25 Date. 22.01.2025

**ADVERTISEMENT FOR SUPPLY THERMAL PAPER ROLL TO THE BHIMA BHOI MEDICAL COLLEGE & HOSPITAL, BALANGIR**

Sealed Tender is invited from organization/firms/ Agencies for Supply of Thermal Paper Roll to the Bhima Bhoi Medical College & Hospital, Balangir. The Tender Paper completed in all respect should be submitted separately for the services to the undersigned on or before dt. 13.02.2025 up to 05.00 P.M. in the office of the Superintendent, BBMC&H, Balangir. The details and terms & condition can be downloaded from **https://bbmchbalangir.nic.in**, **www.dmetodisha.gov.in** & **https://balangir.odisha.gov.in**

Sd/- Superintendent
Bhima Bhoi Medical College & Hospital, Balangir

OIPR : 10141/11/0031/2425

### GOVERNMENT OF ODISHA, DEPARTMENT OF WATER RESOURCES

A-942

Office of the Addl. Chief Engineer, Mechanical Circle, Bhubaneswar
Email Address: semechcircle104@gmail.com

**e-Procurement Notice- Bid Identification No.- ACEM/MDB-34/2024-25**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : ACEM/MDB-34/2024-25
5. Estimated Cost : Rs. 15,42,468/-
6. Period of Completion : 01 (One) calendar months.
7. Date & time of availability of bid documents in the Portal : From dt.27.01.2025 (10.00 AM) to dt.06.02.2025(5.30 PM)
8. Last date/ time for receipt of bid In the Portal : dt.06.02.2025 (up to 5.30 PM)
9. Date and Place of opening of Bid : dt.07.02.2025(12.00 Noon onwards in the O/O the undersigned)
10. Name of the Officer inviting bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal **https://tendersodisha.gov.in.** Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Sd/- Addl. Chief Engineer,
Mechanical Circle Bhubaneswar

OIPR : 32405/11/0039/2425

### GOVERNMENT OF ODISHA, DEPARTMENTOF WATER RESOURCES

A-941

Office of the Addl. Chief Engineer, Mechanical Circle, Bhubaneswar
Email Address: semechcircle104@gmail.com

**e-Procurement Notice- Bid Identification No.- ACEM/MDB-38/2024-25**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : ACEM/MDB-38/2024-25
5. Estimated Cost : Rs. 17,82,972/-
6. Period of Completion : 01 (One) calendar months.
7. Date & time of availability of bid documents in the Portal : From dt.27.01.2025 (10.00 AM) to dt.06.02.2025 (5.30 PM)
8. Last date/ time for receipt of bid In the Portal : dt.06.02.2025 (upto5.30 PM)
9. Date and Place of opening of Bid : dt.07.02.2025(12.00 Noon onwards in the O/O the undersigned)
10. Name of the Officer inviting bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal **https://tendersodisha.gov.in.** Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Sd/- Addl. Chief Engineer,
Mechanical Circle Bhubaneswar

OIPR : 32405/11/0038/2425

### GOVERNMENT OF ODISHA, "e "-PROCUREMENT NOTICE

**Bid Identification No. E.E. GTN (R&B) - 24/2024 25**

B-862

E-mail address- eeghatagaon2015@gmail.com

Letter No. 1116 dt.20.01.2025

1. The Executive Engineer, Ghatagaon (R&B) Division on behalf of Governor of Odisha invites percentage rate Bids in **Single Cover** system in online mode from the eligible contractor for El works as mentioned below.
2. Nature of the work: : El Works
3. Numbers of work : 01 (One) No.
4. Estimated cost: : Rs.49.19 Lakhs
5. Period of completion : 02 (Two) Calendar Months.
6. Date & Time of availability of bid document in the portal : **From** 11.30 **A.M of dt.**28.01.2025 **to** 05.00 **P.M of dt.**04.02.2025
7. Last Date/ Time for receipt of bids in the portal : 05.00 **P.M of dt.** 04.02.2025
8. Date of opening of Bid : **11.00 A.M of dt.**05.02.2025
9. Further details can be seen from the **e**-procurement portal **https://tendersodisha.gov.in.** Any addendum / corrigendum / cancellation of tender can als6 be seen in the same website only.

Sd/- Executive Engineer
Ghatagaon (R&B) Division

OIPR : 34140/11/0010/2425

### OFFICE OF THE EXECUTIVE ENGINEER RURAL WORKS DIVISION, BALLIGUDA

O-1330

Government of Odisha e-Procurement Notice
Bid Identification No. Online Tender-05 /EERWD BLG/2024-25
rw_balliguda@yahoo. com
Letter No:185 //RWDBLG Date: 21.01.2025

| | | | |
|---|---|---|---|
| 1 | Name of the work | : | Road Works |
| 2 | Estimated cost | : | Rs.**2.76** Lakhs to **9.43** lakhs |
| 3 | Period of Completion | : | As per Annexure |
| 4 | Date & Time of availability of Bid documents in the Portal | : | From 28.01.2025 at 10.00 AM to 03.02.2025 up to 5.00 PM |
| 5 | Last Date/ Time for receipt of Bids in the Portal | : | 03.02.2025 up to 5.00 PM |
| 6 | Name and address of the Officer Inviting Bid | : | Executive Engineer, Rural Works Division, Balliguda |

The Bidders have to participate in **ONLINE** bidding only. Further details can be displayed from the e-procurement portal website **https://www.tendersodisha.gov.in .** Any addendum / corrigendum / cancellation of tender can also be seen in the said website only.

Sd/- Executive Engineer
Rural Works Division Balliguda

OIPR : 25164/11/0006/2425

### GOVERNMENT OF ODISHA : OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNDARGARH

O-1332

AT/PO-SANKARA, SUNDARGARH-770020, E-mail address-serw_sundargarh@yahoo.com
No. Tender Online-RWCCESNG-18 of 2024-25, Letter No. 110 / Dted. 21.01.2025

**e-Procurement NOTICE**

1. Name of the work : Roads (DMF)
2. Class of Contractor : As specified in the column-6 of the Annexure
3. Time of Completion : As specified in the column-5 of the Annexure
4. Detail Projects : As per Annexure attached.
5. Estimated Cost : As specified in the column-4 of the Annexure
6. Other details :

| Procurement Officer | Bid Identification No | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG-18 of 2024-25 | 29.01.2025 11.00 A.M. | 12.02.2025 5.00 P.M. | 11.02.2025 5.00 P.M. | 13.02.2025 11.00 A.M. | Will be intimated separately |

Further details can be seen from the website **www.tendersorissa.gov.in**

Sd/- Chief Construction Engineer (I/C)
Rural Works Circle, Sundargarh

OIPR:25133/11/0032/2425

### CAD-2254

idco ODISHA NEW OPPORTUNITIES

**OFFICE OF THE DIVISIONAL HEAD, IDCO ROURKELA DIVISION ROURKELA -769004**

Tender Call Notice No. IDCO/RKL/ CIV/E/184 2/2024-2025/103 DTD: 17.01.2025

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

| Sl. No. | Name of work | Value of work (Approx.) | Period of Completion |
|---|---|---|---|
| 1 | Providing Apprach Road and drain to IDCO Plot No. 18,19,20 & 20/1 at Mandiakudar I/E, Sundargarh, Odisha | Rs. 21.83 Lakhs | 03 (Three) Calendar Months. |

1. Other details

| Procurement Officer | Bid Reference No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Divisional Head IDCO, Rourkela Division, Rourkela | Bid Ref. No-DH/RKL/CIVI//E-06/ 2024-25 | 17.00 Hours of dt. 29.01.2025 | 17.00 Hours of dt. 10.02.2025 |

Further details can be seen from the e- Procurement Portal **www.tendersodisha.gov.in** .Corrigendum or addendum If any will not be published In news papers and can only be seen in the e-procurement portal **www.tenderodisha.gov.in** as well as IDCO website **www.idco.in.**

Sd/- Divisional Head
IDCO, Rourkela Division

OIPR : 14003/11/0100/2425

### GOVT OF ODISHA : OFFICE OF THE SUPERINTENDING ENGINEER, RURAL WORKS DIVISION, NAYAGARH

O-1338

At/Po-Nabaghanpur. Dist-Nayagarh, Ph-06753-252049 E-mail-nayagarhrw2006@yahoo.in
No:-Tender - Online - Nayagarh Divn. -12/2024-25 Date :

**e-Procurement Notice**

1. Name of the work : Building works
2. Total No. of Projects : 16 (Sixteen) Nos of Project
3. Class of contractor
   a) Estimated cost above Rs. 20.00 Lakhs & up to Rs.3.00 Crore : B Class ( of Odisha PWD) or relevant class of other licensing authorities.
   b) Estimated cost up to Rs. 40.00 Lakhs : C Class( of Odisha PWD) or relevant class of other licensing authorities
   c) Estimated cost up to Rs. 20.00 Lakhs : D Class ( of Odisha PWD) or relevant class of other licensing authorities.
4. Estimated cost put to tender : Rs.1.68 Lakhs to Rs.4.22 lakhs
5. Time for completion : 01 (One) Calendar Month
6. Other details :

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Nayagarh | No : Tender-Online-Divn, NAYAGARH-12/2024-25 | 30.01.2025 at 10.00 A.M. | 10.02.2025 upto 5.30 P.M. | 11.02,2025 at 11.00 A.M. |

Further details can be seen from the website **www.tendersorissa.gov.in**

Sd/- Executive Engineer,
Rural Works Division, Nayagarh

OIPR : 25106/11/0018/2425

### ODISHA LIFT IRRIGATION CORPORATION LTD.

(A Government of Odisha Undertaking)
Plot No. N-17/2, Nayapalli, Bhubaneswar-751 012
Phone No. : (0674)2390195 (Off), Fax No. (0674) 2395844,
E-Mail ID : olicltd123@bsnl.in. olicltd@ymail.com http://odishalift.com

**NATIONAL COMPETITIVE BIDDING THROUGH e-Procurement**

No. IT- 04 /2025 - 782 / OLIC, Dated. 24.01.2025

**CAD- 2268** : The Managing Director, OLIC Ltd., Bhubaneswar invites online tender in percentage rate through e-procurement for installation, electrification, energisation & commissioning of deep bore wells in Nabarangapur district of Odisha state. Interested Bidders may visit website: www.tendersodisha.gov.in to view and download Detailed Tender Call Notice and bid documents. The bids should be submitted only online in the website www.tendersodisha.gov.in.

**Important features of this NCB are as under :**

A. Brief description of Work : Installation, electrification, energisation & commissioning of Deep borewells in Nabarangapur district. (05 Packages)
B. Estimated cost of works : Varies from Rs. 1277.19 Lakhs to Rs. 1605.05 Lakhs
C. Date and time of availability of bid document in the portal : From dt. 28.01.2025 to dt. 24.02.2025 (up to 17.00 Hours)
D. Last date / time for receipt of bid in the Portal : dt. 24.02.2025 up to 17.00 Hours
E. Last date of seeking clarification : dt. 11.02.2025 up to 17.00 Hours
F. Technical Bid will be opened on : dt. 25.02.2025 at 11.00 Hours.

Any Addendum/ corrigendum/ Cancellation of tender will be available in the said website.

Authority reserves the right to accept /reject any or all the tenders, increase or decrease the quantities of work put to bidding without assigning any reasons thereof.

Sd/- MANAGING DIRECTOR
OLIC LTD, BHUBANESWAR

OIPR : 32135/11/0005/2425

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।




ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଭୁବନେଶ୍ୱର ଗାନ୍ଧିମାର୍ଗରେ ଫୁଲଡ୍ରେସ୍ ରିହଲସଲ୍

### ୨୪ରୁ ୨୬ ପର୍ଯ୍ୟନ୍ତ ସାଧାରଣତନ୍ତ୍ର ଦିବସ ବିକ୍ରି

## ଘୋଷଣା କଲା ନେକ୍ସସ ଏସପ୍ଲାନେଡ୍

ଭୁବନେଶ୍ୱର, (ସବ୍ୟୁ) : ଚଳିତମାସ ୨୪ରୁ ଆରମ୍ଭ ହୋଇଥିବା ଓ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବହୁ ପ୍ରତୀକ୍ଷିତ ସାଧାରଣତନ୍ତ୍ର ଦିବସ ସେଲ୍ ଘୋଷଣା କରି ଭୁବନେଶ୍ୱରର ସବୁଠାରୁ ପସନ୍ଦର ସପିଂ ଡେ ଡେ ସେଲ୍ ଘୋଷଣା କରି ନେକ୍ସସ ଏସପ୍ଲାନେଡ୍ ଖୁସି ଅନୁଭବ କରୁଛି । ଗ୍ରାହକମାନେ ଏଠାରେ ନିଜ ପସନ୍ଦର ବ୍ରାଣ୍ଡଉପରେ ସର୍ବୋତମ ରିହାତି ପାଇପାରିବେ ଏବଂ ଫ୍ଲାଟ୍ ୫୦% ସହ ଏହା ସହରର ସମସ୍ତଙ୍କ ପାଇଁ ଚୂଡ଼ାନ୍ତ ସପିଂ ସୁଯୋଗ ପାଲଟିଛି । ଶୀର୍ଷ ଅନ୍ତର୍ଜାତୀୟ ଏବଂ ଭାରତୀୟ ବ୍ରାଣ୍ଡଗୁଡ଼ିକ ଅଂଶଗ୍ରହଣ କରୁଥିବାରୁ ଏହି ସେଲ୍ ରେ ଫ୍ୟାସନ, ସୌନ୍ଦର୍ଯ୍ୟ, ଜୋତା ଏବଂ ଏଫ୍ ଆଣ୍ଡବିରେ ୧୦୦ରୁ ଅଧିକ ବ୍ରାଣ୍ଡ୍ ଉପରେ ଅତୁଳନୀୟ ଡିଲ୍ ଉପଲବ୍ଧ ହେଉଛି, ଯାହା ସମସ୍ତଙ୍କ ପାଇଁ କିଛି ନା କିଛି ସୁନିଶ୍ଚିତ କରିବ। ଜାନୁଆରୀ ୨୬ରେ ଆସଲି ହାପିନେସ୍ ୱାଲା ସେଲ୍ ଶେଷ ହେବାର ଶେଷ ତିନି ଦିନ ପୂର୍ବରୁ ଜାନୁଆରୀ ୨୪ରୁ ୨୬। ସାଧାରଣତନ୍ତ୍ର ଦିବସ ସେଲ୍ ହେଉଛି ଗ୍ରାହକମାନଙ୍କୁ ଅସାଧାରଣ ମୂଲ୍ୟ ଏବଂ ଏକ ସ୍ମରଣୀୟ ସପିଂ ଅନୁଭୂତି ପ୍ରଦାନ କରିବା ପାଇଁ ନେକ୍ସସ୍ ସିଲେକ୍ଟ ମଲ୍ ଗୁଡ଼ିକର ନିରନ୍ତର ପ୍ରୟାସର ଏକ ଅଂଶ । ଜୀବନ୍ତ ମଲ୍ ସଜ୍ଜା, ଆକର୍ଷଣୀୟ କାର୍ଯ୍ୟକଳାପ ଏବଂ ସ୍ୱତନ୍ତ୍ର ଚୁକ୍ତି ସହିତ, ଏହା ସାଧାରଣତନ୍ତ୍ର ଦିବସ ଭାବନାକୁ ପାଳନ କରିବାର ଏକ ଉପଯୁକ୍ତ ଉପାୟ ହେବ ବୋଲି ପ୍ରତିଶ୍ରୁତି ଦେଇଛି। ସପିଂ ଅନୁଭବ କରିବା ପାଇଁ ନେକ୍ସସ ଏସପ୍ଲାନେଡ୍ ପରିଦର୍ଶନ କରନ୍ତୁ ଯାହା ପୂର୍ବରୁ କେବେ ହୋଇନଥିଲା ।

## ମହାନଦୀ ବିହାର ଶିଶୁ ବିଦ୍ୟାମନ୍ଦିରର ୩୬ତମ ବାର୍ଷିକ ଉତ୍ସବ

କଟକ, (ସ୍ୱପ୍ର): ମହାନଦୀବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୬ତମ ବାର୍ଷିକ ଉତ୍ସବ ପରିଚାଳନା ସମିତିର ସଭାପତି ସୁଶ୍ରୀ ପ୍ରତିମା ଶତପଥୀଙ୍କ ପୌରୋହିତରେ ଅନୁଷ୍ଠିତ ହୋଇଯାଇଛି। କ୍ୟାପଟେନ ଆଶୁତୋଷ ତ୍ରିପାଠୀ ଅଫିସର କମାଣ୍ଡିଙ୍ଗ୍, ଏନ.ସି.ସି.(୧) ମେଡ଼ିକାଲ କମ୍ପାନୀ ମୁଖ୍ୟ ଅତିଥିରୂପେ ଯୋଗଦେଇ ଶିଶୁ ମନ୍ଦିର ଯୋଜନାର ଭୂୟସୀ ପ୍ରଶଂସା କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପୂର୍ବ ପ୍ରାନ୍ତର ପ୍ରାନ୍ତ କାର୍ଯ୍ୟବାହ ଅବସରପ୍ରାପ୍ତ ଅଧକ୍ଷ ଡଃ ଅନୀଲ୍ କୁମାର ମିଶ୍ର ମୁଖ୍ୟବକ୍ତା ଭାବରେ ଯୋଗଦେଇ ସମଗ୍ର ସମାଜ ଗଠନରେ ଶିଶୁ ମନ୍ଦିର ପରିବାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ପରିଚାଳନା ସମିତିର ସମ୍ପାଦକ ବିଷ୍ଣୁ ଚରଣ ନାୟକ ମଞ୍ଚାସୀନ ଅତିଥିମାନଙ୍କର ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ବେହେରା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ଭାଗିରଥୀ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷା ଓ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସଭାକାର୍ଯ୍ୟ ପରେ ଶିଶୁ ଭାଇଭଉଣୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରିଚାଳନା ସମିତିର ଉପସଭାପତି ଡଃ ଦେବବ୍ରତ ପୃଷ୍ଟି, ଯୁଗ୍ମ ସମ୍ପାଦିକା ସତ୍ୟଭାମା ମହାନ୍ତି ଓ ସଦସ୍ୟ ଦୁଷ୍ମନ୍ତ କୁମାର ଦଳାଇ ଉପସ୍ଥିତ ରହି ଶିଶୁ, ଅଭିଭାବକ, ଆଚାର୍ଯ୍ୟ ଆଚାର୍ଯ୍ୟା ଓ ସେବକ ସେବିକାମାନଙ୍କୁ ଉତ୍ସାହିତ କରିଥିଲେ। ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ସେବକ ସେବିକାଙ୍କ ସହଯୋଗରେ କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇଥିଲା।




### ଜୀବନ ଜ୍ୟୋତି କ୍ଲବ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ଜୟନ୍ତି ପାଳନ

କଟକ, (ସବ୍ୟୁ):ରାଉସାପାଟଣା ଜୀବନ ଜ୍ୟୋତି କ୍ଲବ ଆନୁକୂଲ୍ୟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏ ଙ୍କ ଜନ୍ମ ଜୟନ୍ତୀ ସଭାପତି ସଞ୍ଜୀବ କୁମାର ଦାସଙ୍କ ଅଧ୍ୟକ୍ଷତାରେ ପାଳନ କରାଯାଇଥିଲ। ଔ ଉକ୍ତ ଉତ୍ସବରେ କଟକ କ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, କୋଷାଧ୍ୟକ୍ଷ ନରେଶ ସାହୁ, କାର୍ଯ୍ୟକାରି ସଭାପତି ପ୍ରଦୀପ ପ ସିହ୍ନା (ହାବୁ ଦା), ନୃସିଂହ ଚୈଧୁରୀ, ସଂଗଠନ ସମ୍ପାଦକ ଦେବାଶିଷ ରାୟ, କର୍ପୋରେଟର ଇତିଶ୍ରୀ ଦାସ ଓ ନେତାଜୀ ସ୍ମୃତି ସଦନ ସାଧାରଣ ସମ୍ପାଦକ ଧ୍ରୁବ ଚରଣ ସାହୁ ଓ ସାହିର ଅଧିକାରୀ ଅତୁଲ ଚନ୍ଦ୍ର ନନ୍ଦୀ, ନାରାୟଣ ସେନ, ସଭାପତି ଦିଲ୍ଲୀପ ଦାସ, ସୁବାଷ ସେନ,ଜୟ ପ୍ରକାଶ ଘୋଷ, ସମ୍ପାଦକ ସମ୍ପ ମୀନକେତନ ଦାସ, ଚିନ୍ମୟ ନନ୍ଦୀ, ଗ୍ରାମର ମହନ୍ତ ସୁଦର୍ଶନ ଦାସ ଆଦି ସ୍ମୃତି ଚାରଣ କରିବା ବା ସହିତ ପୁରସ୍କାର ପ୍ରଦାନ କରିଥିଲେ ।

### ଏମ୍ସ ଆଇସିୟୁ ପୁନର୍ବାସ ପାଇଲଟ୍ ପ୍ରକଳ୍ପ ସଫଳତାର ସହ ସମାପ୍ତ

## ୪୦୦ ଦୀର୍ଘକାଳୀନ ଅସୁସ୍ଥ, ଶଯ୍ୟାଶାୟୀ ରୋଗୀ ଉପକୃତ

ଭୁବନେଶ୍ୱର, (ସବ୍ୟୁ): ଏମ୍ସ ଭୁବନେଶ୍ୱରରେ ଏମ୍ସ ଆଇସିୟୁ ପୁନର୍ବାସ (ଏଆଇଆର୍) ପାଇଲଟ୍ ପ୍ରକଳ୍ପ ସଫଳତାର ସହ ସମ୍ପନ୍ନ ହୋଇଛି । ଏହି ଅନନ୍ୟ ପ୍ରକଳ୍ପ ଆଇସିୟୁ ପରବର୍ତ୍ତୀ ଯତ୍ନ ଏବଂ ଗୁରୁତର ରୋଗୀଙ୍କ ପୁନର୍ବାସ ଉପରେ କେନ୍ଦ୍ରିତ ଏକ ପରିବର୍ତ୍ତନକାରୀ ଚାରି ବର୍ଷର ପ୍ରୟାସର ପରିଣାମ, ଯାହା ୪୦୦ ରୁ ଅଧିକ ଦୀର୍ଘକାଳୀନ ଅସୁସ୍ଥ, ଶୟ୍ୟାଶାୟୀ ରୋଗୀ ଏବଂ ସେମାନଙ୍କ ପରିବାରକୁ ଲାଭ ପହଞ୍ଚାଇଛି । ଏମ୍ସରେ ଅନୁଷ୍ଠିତ ଚୂଡ଼ାନ୍ତ ଅଂଶୀଦାରମାନଙ୍କ ବୈଠକରେ ଏହି ପ୍ରକଳ୍ପକୁ ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ସଫଳତାର ସହିତ କାର୍ଯ୍ୟାନ୍ୱୟନ କରିଥିବାରୁ ସମସ୍ତେ ପ୍ରଶଂସା କରିଥିଲେ । ଏହି ଏଆଇଆର୍ ପ୍ରକଳ୍ପ ରୋଗୀ ଏବଂ ଜନସାଧାରଣଙ୍କ ସମ୍ପୃକ୍ତି ଏବଂ ନିବେଶ (ପିପିଆଇ) ମଡେଲ୍ ପ୍ରଚଳନ ଏବଂ କାର୍ଯ୍ୟକାରୀ କରିଛି । ଏହା ଏକ ଅଗ୍ରଣୀ ପଦ୍ଧତି ଯାହା ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ଜନସାଧାରଣଙ୍କ ମଧ୍ୟରେ ଥିବା ଦୂରତାକୁ କମ କରିବା ସହିତ, ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଗୋଷ୍ଠୀର ସକ୍ରିୟ ଯୋଗଦାନକୁ ସଶକ୍ତ କରିଥାଏ । ଏମ୍ସ ଭୁବନେଶ୍ୱର



କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ, କାର୍ଯ୍ୟକ୍ରମର ଉଦ୍‌ଘାଟନ ଅବସରରେ, ରୋଗୀ ଏବଂ ସେମାନଙ୍କ ପରିବାର ସହିତ ସିଧାସଳଖ ଆଲୋଚନା କରି ପ୍ରକଳ୍ପର ପ୍ରଭାବ ବିଷୟରେ ପ୍ରତ୍ୟକ୍ଷ ଅନ୍ତର୍ଦୃଷ୍ଟି ସଂଗ୍ରହ କରିଥିଲେ । ସେ ଡ. ସ୍ୱାଗତା ତ୍ରିପାଠୀଙ୍କ ନେତୃତ୍ୱରେ ଏଆଇଆର୍ ଟିମ୍‌କୁ ପ୍ରଶଂସା କରିଥିଲେ । ଡ. ବିଶ୍ୱାସ ଏହି ପଦକ୍ଷେପର ବ୍ୟାପକତା ସମ୍ପର୍କରେ ମତବ୍ୟକ୍ତ କରିବା ସହିତ ରୋଗୀଙ୍କ ପରିବାର ସଦସ୍ୟଙ୍କୁ ଟ୍ରାକିଓଷ୍ଟୋମି କେୟାର, ନାସାଲ୍ ଫିଡିଂ, ଫିଜିଓଥେରାପି, କ୍ୟାଥେଟର୍ ପରିଚାଳନା ଏବଂ କ୍ଷତ ଯତ୍ନ ଭଳି ଜଟିଳ ଯତ୍ନ ପ୍ରକ୍ରିୟାରେ ତାଲିମ ପ୍ରଦାନ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ସହିତ ପ୍ରତ୍ୟେକ୍ଷ ଏବଂ ଘରୋଇ ପରିଦର୍ଶନ ସହିତ ଯତ୍ନ ପ୍ରଦାନ କରାଯାଉଥିବା ସେ ଉଲ୍ଲେଖ କରିଥିଲେ । ଏହି ପ୍ରକଳ୍ପ ହସ୍ପିଟାଲରୁ ସୃଷ୍ଟ ସଂକ୍ରମଣ ଏବଂ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ହ୍ରାସ କରିବା ସହିତ ତ୍ୱରିତ ଯତ୍ନ ସମ୍ବଳର ଉତ୍ତମ ବ୍ୟବହାର ସୁନିଶ୍ଚିତ କରିବ । ସେହିପରି ତୃଣମୂଳସ୍ତରରେ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଦଳ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟସେବା କର୍ମୀଙ୍କୁ ଆଇସିୟୁ ପରବର୍ତ୍ତୀ ଯତ୍ନ ପ୍ରକ୍ରିୟା ବିଷୟରେ ଶିକ୍ଷା ଦେବା ଏହାର ପ୍ରାଥମିକତା ରହିଛି । ଜାତୀୟ ସ୍ୱାସ୍ଥ୍ୟ ମିସନର ଟିମ୍ ଲିଡର ଡ. ଦିନବନ୍ଧୁ ସାହୁ, ହବ୍-ଏଣ୍ଡ-ସ୍ପୋକ୍ ମଡେଲ୍ ବ୍ୟବହାର କରି ଓଡ଼ିଶାର ସମସ୍ତ ମେଡିକାଲ୍ କଲେଜରେ ଏଆଇଆର୍ ପ୍ରକଳ୍ପକୁ ବିସ୍ତାର କରିବା ପାଇଁ ସରକାରଙ୍କ ଦୃଷ୍ଟିକୋଣ ଉପରେ ଗୁରୁତ୍ୱାରୋପ କରିଥିଲେ ।

## ଓଡ଼ିଶାରେ ବେଦାନ୍ତ ଆଲୁମିନିୟମର ଦ୍ୱିତୀୟ ବେଦକ୍ଷତା କୌଶଳ ତାଲିମ କେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ବେଦାନ୍ତ ଆଲୁମିନିୟମ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲାର କୋଲାବିରା ବ୍ଲକର ପତ୍ରାପାଲିରେ ଏକ ନୂତନ ଦକ୍ଷତା ତାଲିମ କେନ୍ଦ୍ର ବେଦକ୍ଷତା ପ୍ରତିଷ୍ଠା କରିଛି । ଏହି ତାଲିମ କେନ୍ଦ୍ରର ଲକ୍ଷ୍ୟ ହେଉଛି ଝାରସୁଗୁଡ଼ା ଓ ଏହା ନିକଟବର୍ତ୍ତୀ ଅଂଚଳର ଅବହେଳିତ ଯୁବକମାନଙ୍କୁ ପ୍ଲେସମେଂଟ ଲିଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ସଶକ୍ତ କରିବା । ମାନସ କୁମାର, ଜିଲ୍ଲା ନିୟୋଜନ ଅଧିକାରୀ, ଝାରସୁଗୁଡ଼ାଙ୍କ ଦ୍ୱାରା ଏହାକୁ ଉଦଘାଟନ କରାଯାଇଥିଲା । ଏହି ଉତ୍ସବରେ ବହୁ ବିଶିଷ୍ଟ ଅତିଥି ଓ ସ୍ଥାନୀୟ ଗୋଷ୍ଠୀ ସଦସ୍ୟ ଉପସ୍ଥିତ ଥିଲେ।

ଏହି ପରିବର୍ତନମୂଳକ ପଦକ୍ଷେପକୁ ଆଗକୁ ବଢ଼ାଇବା ଲାଗି ବେଦାନ୍ତ ଆଲୁମିନିୟମ ଗ୍ରାମ ତରଙ୍ଗ ଏବଂ ଓଡ଼ିଶା ସରକାରଙ୍କ ସହିତ ସହଭାଗୀ ହୋଇଛି। ଏହି କେନ୍ଦ୍ର ସ୍ମାର୍ଟଫୋନ ମରାମତି ଓ ଖାଦ୍ୟ ଓ ପାନୀୟ ସେବା କ୍ଷେତ୍ରରେ ନିଯୁକ୍ତି ସମ୍ବନ୍ଧୀୟ ଦକ୍ଷତା ତାଲିମ ପାଠ୍ୟକ୍ରମ ପ୍ରଦାନ କରିବ। ଆଗାମୀ ତିନି ବର୍ଷ ମଧ୍ୟରେ ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ୫୦୦ ଗ୍ରାମୀଣ ଯୁବକଙ୍କୁ ଦକ୍ଷତା ପ୍ରଦାନ କରିବା, ଯାହା ଦ୍ୱାରା ସ୍ଥାୟୀ ଜୀବିକା ପାଇଁ ପଥ ସୃଷ୍ଟି ହୋଇପାରିବ। ଏହି କେନ୍ଦ୍ରଟି ଅତ୍ୟାଧୁନିକ ଭିତିଭୂମିରେ ସଜ୍ଜିତ, ଯେଉଁଥିରେ ଏକ ବହୁମୁଖୀ ହଲ, ଡିଜିଟାଲ ତାଲିମ କକ୍ଷ, ଟ୍ରେଡ ଉପଯୋଗୀ ସ୍ଥାନ ଓ ପୁଅ-ଝିଅଙ୍କ ଲାଗି ସ୍ୱତନ୍ତ୍ର ହଷ୍ଟେଲ ବ୍ୟବସ୍ଥା ରହିଛି।

'ବେଦକ୍ଷତା' ପୂର୍ବରୁ ଗୋଷ୍ଠୀ ଦ୍ୱାରା ସ୍ୱୀକୃତ ହୋଇ ସାରିଛି। ଏହି ସଦ୍ୟତମ ପ୍ରୟାସଟି ସୁନ୍ଦରଗଡ଼ ଜିଲ୍ଲାର ବିଲେଇମୁଣ୍ଡାରେ ଡିସେମ୍ବର ୨୦୨୪ରେ ପ୍ରତିଷ୍ଠିତ ପ୍ରଥମ ବେଦକ୍ଷତା କେନ୍ଦ୍ର ଦ୍ୱାରା ସ୍ଥାପନ କରାଯାଇଥିବା ଭିତିଭୂମି ଉପରେ ନିର୍ମିତ। ବିଲେଇମୁଣ୍ଡା କେନ୍ଦ୍ର ଏହାର ପ୍ରଥମ ବ୍ୟାଚରେ ୧୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ସିଲେଇ ମେସିନ ପରିଚାଳନା, ବୈଦ୍ୟୁତିକ ରକ୍ଷଣାବେକ୍ଷଣ ଓ ଖାଦ୍ୟ, ପାନୀୟ ସେବା ଉପରେ ସଫଳତାର ସହ ତାଲିମ ପ୍ରଦାନ କରୁଛି। ଏହି ପଦକ୍ଷେପ ସଂପର୍କରେ ସୁନୀଲ ଗୁପ୍ତା, ବେଦାନ୍ତ ଆଲୁମିନିୟମର ସିଓଓ କହିଛନ୍ତି ଯେ ବେଦାନ୍ତ ଆଲୁମିନିୟମରେ ଆମେ ଆମର କାର୍ଯ୍ୟ ପରିସର ଓ ଆଖପାଖରେ ଥିବା ଗୋଷ୍ଠୀର ଯୁବକମାନଙ୍କ ଆକାଂକ୍ଷାକୁ ପୋଷଣ କରିବାକୁ ପ୍ରତିବଦ୍ଧ। ଏହି ପଦକ୍ଷେପ ଉପରେ ମାନସ କୁମାର ଝାରସୁଗୁଡ଼ାର ଜିଲ୍ଲା ନିୟୋଜନ ଅଧିକାରୀ କହିଛନ୍ତି ଯେ ବେଦକ୍ଷତା ଏହି ଅଂଚଳର ଯୁବପୀଢ଼ିଙ୍କୁ ସଶକ୍ତ କରିବାରେ ସାହାଯ୍ୟ କରିବ। ମୁଁ ବେଦାନ୍ତର ଏହି ପ୍ରୟାସକୁ ଧନ୍ୟବାଦ ଜଣାଉଛି ।

### ଉପମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓଙ୍କ ନେତୃତ୍ୱରେ ମହାରାଷ୍ଟ୍ରର ସହ୍ୟାଦ୍ରୀ ଫାର୍ମ ପରିଦର୍ଶନରେ ୫୭ କୃଷକ ଉତ୍ପାଦକ ଗୋଷ୍ଠୀ

ଭୁବନେଶ୍ୱର, (ସବ୍ୟୁ): ସରକାରଙ୍କ ୫୭ ଜଣିଆ ପ୍ରତିନିଧୀ ଦଳ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ନେତୃତ୍ୱରେ ମହାରାଷ୍ଟ୍ର ନାସିକସ୍ଥିତ ସହ୍ୟାଦ୍ରୀ ଫାର୍ମରେ ପାଞ୍ଚଦିନିଆ ପ୍ରଶିକ୍ଷଣ ନେବାକୁ ଯାଇଛନ୍ତି । କୃଷି ଓ କୃଷକ ସଶକ୍ତିକରଣ, ଖାଦ୍ୟ ଉତ୍ପାଦନ, ଉଦ୍ୟାନ କୃଷି, ମିଶନ୍ ଶକ୍ତି, ସହିତ ଅନ୍ୟ ୫ ଟି ଟିମ୍ ର କୃଷକ ଉତ୍ପାଦକ ଗୋଷ୍ଠୀ ପ୍ରତିନିଧି ଏଥିରେ ସାମିଲ ଅଛନ୍ତି । ନାସିକସ୍ଥିତ ଏହି ଫାର୍ମ କୌଣସି ସରକାରୀ ସହାୟତା ବିନା ମାତ୍ର ୧୧ କୋଟି ଟଙ୍କା ବ୍ୟୟରେ ଆରମ୍ଭ ହୋଇ ଆଜିର ସମୟରେ ୨୦୦୦ କୋଟିରୁ ଉର୍ଦ୍ଧ୍ୱର ବାର୍ଷିକ ଆୟ କରୁଛି । ପ୍ରଶିକ୍ଷାର୍ଥୀଙ୍କୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ, 'ଏଠାରୁ ଯେଉଁ ଜ୍ଞାନ କୌଶଳ ସବୁ ଆପଣମାନେ ଶିଖିକରି ଫେରିବେ, ଓଡ଼ିଶା ଯାଇ ତାହାର ଉପଯୋଗ କରନ୍ତୁ । ଓଡ଼ିଶାର କୃଷି ଅର୍ଥନୀତିକୁ ଆହୁରି ସଶକ୍ତ କରିବାରେ ସହଭାଗୀ ହୁଅନ୍ତୁ । ଆହୁରି ମଧ୍ୟ, ଆଗାମୀ ଦିନରେ ଓଡ଼ିଶାରୁ ଅନ୍ୟ କୃଷକ ଉତ୍ପାଦକ ଗୋଷ୍ଠୀ ଏବଂ କୃଷକଙ୍କୁ ମଧ୍ୟ ପ୍ରଶିକ୍ଷଣ ଦିଆଯିବା ଯୋଜନା ରହିଛି । ଏହା ସହ ଅନ୍ୟ ରାଜ୍ୟର କୃଷି ଉଦ୍ୟୋଗୀମାନେ ମଧ୍ୟ ଓଡ଼ିଶା ଆସନ୍ତୁ ଓ ଓଡ଼ିଶାରେ ନିବେଶ କରନ୍ତୁ ବୋଲି ଶ୍ରୀ ସିଂହଦେଓ କହିଥିଲେ । ପ୍ରତିନିଧୀଙ୍କ କ୍ଷେତ୍ର ପରିଦର୍ଶନ ସମୟରେ ସହ୍ୟାଦ୍ରୀ ଫାର୍ମର ସିଏମଡି ବିଳାସ ସିନ୍ଦେ ଓ ପ୍ରୋଗ୍ରାମ କୋରଡିନେଟର ଆଗ୍ରି ଭୋଲ୍ଟାକ ପ୍ରୋଜେକ୍ଟ ସଂପର୍କରେ ବିବରଣୀ ପ୍ରଦାନ କରିଥିଲେ । ମହାରାଷ୍ଟ୍ରର କୃଷି ମନ୍ତ୍ରୀ ଶ୍ରୀ ମାଣିକରାଓ କୋକଟେ ମଧ୍ୟ ଆସି ପ୍ରଶିକ୍ଷାର୍ଥୀଙ୍କୁ ସମ୍ବୋଧିତ କରିଥିଲେ । ଏହି ପ୍ରଶିକ୍ଷଣର ସମସ୍ତ ଖର୍ଚ୍ଚ ଓଡ଼ିଶା ସରକାର ବହନ କରୁଛନ୍ତି । ଏହି ପରିଦର୍ଶନରେ ଉପମୁଖ୍ୟମନ୍ତ୍ରୀ ସିଂହଦେଓଙ୍କ ସହିତ କୃଷି ଓ କୃଷକ ସଶକ୍ତିକରଣ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପୱନ କଲ୍ୟାଣ ପ୍ରମୁଖ ଉପସ୍ଥିତ ଥିଲେ ।

## ଭୁବନେଶ୍ୱର ଆଇଏମଆଇରେ ଗ୍ଲୋବାଲ ବିଜ୍‌ନେସ୍ ଏନଭାର୍ଣ୍ଣମେଣ୍ଟ ଅନ୍ତର୍ଜାତୀୟ ସମ୍ମିଳନୀ

ଭୁବନେଶ୍ୱର, (ସବ୍ୟୁ): ଇଣ୍ଟରନ୍ୟାସନାଲ ମ୍ୟାନେଜମେଣ୍ଟ ଇନଷ୍ଟିଚ୍ୟୁଟ(ଆଇଏମଆଇ),ଭୁବନେଶ୍ୱର ପକ୍ଷରୁ ଇଗାଡେ(ଇଜିଏଡିଇ) ବିଜ୍‌ନେସ୍ ସ୍କୁଲ ମେକ୍ସିକୋର ମିଳିତ ସହଯୋଗରେ ୨୦୨୫ ଜାନୁଆରୀ ୨୪-୨୫ରେ ଗ୍ଲୋବାଲ ବିଜ୍‌ନେସ୍ ଏନଭାର୍ଣ୍ଣମେଣ୍ଟ (ବିଶ୍ୱବ୍ୟବସାୟ ପରିବେଶ)ଉପରେ ୧୦ମ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜନ ହୋଇଛି । ଏହି ସମ୍ମିଳନୀର ବିଷୟବସ୍ତୁ ଥିଲା, ଇଣ୍ଟରନ୍ୟାସନାଲ ବିଜ୍‌ନେସ୍ ଡିପ୍ଲୋମାସି, ଗ୍ଲୋବାଲ ଟ୍ରେଡ୍ ଆଣ୍ଡ ଇକୋନୋମିକ୍ ଡେଭଲପମେଣ୍ଟ ଇନ୍ ଡେଭଲପିଙ୍ଗ୍‌କଣ୍ଟ୍ରିଜ୍(ବିକାଶଶୀଳ ଦେଶଗୁଡ଼ିକରେ ଅନ୍ତର୍ଜାତୀୟ ବ୍ୟବସାୟ କୂଟନୀତି, ବିଶ୍ୱବାଣିଜ୍ୟ ଏବଂ ଅର୍ଥନୈତିକ ବିକାଶ)। ଏହି ଅବସରରେ ଏଫପିଏସବି ଇଣ୍ଡିଆର ସିଇଓ କ୍ରିଷନ୍ ମିଶ୍ର, ଆଇଏମଆଇ ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ପ୍ରତାପ ଚନ୍ଦ୍ର ବିଶ୍ୱାଳ, ପ୍ରଫେସର ରାଜଗୋପାଳ, ନ୍ୟାସନାଲ ରିସର୍ଚ୍ଚର ମେକ୍ସିକୋରଇ ଗେଡ୍(ଇଜିଏଡିଇ) ବିଜ୍‌ନେସ୍ ସ୍କୁଲର ପ୍ରଫେସର ଶ୍ରୀକାନ୍ତ ପଟ୍ଟନାୟକ, ଆଇଆଇଏମଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ସୌରଭଶର୍ମା।ଏବଂ ପ୍ରଫେସରରିତରାୟ ଘଟକ ପ୍ରତିନିଧିମାନଙ୍କୁସ୍ୱାଗତକରିଥିଲେ।




ପ୍ରଫେସର ପି.ସି.ବିଶ୍ୱାଳ ସମ୍ମିଳନୀରେ ବକ୍ତବ୍ୟ ପ୍ରଦାନ କରି ସାମ୍ପ୍ରତିକ ବିଶ୍ୱ ପରିସ୍ଥିତି ଉପରେ ଆଲୋକପାତ କରିଥିଲେ । ପ୍ରଫେସର ରାଜ ଗୋପାଳ ସମ୍ମିଳନୀ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ ଏବଂ ବିକଶିତ ଏବଂ ବିକାଶଶୀଳ ଦେଶମାନେ ସମ୍ମୁଖୀନ ହେଉଥିବା ଦୀର୍ଘସ୍ଥାୟୀତ୍ୱ, ଭୂମି, ଶ୍ରମ ତଥା ପୁଞ୍ଜି ସହ ଜଡ଼ିତ ସମସ୍ୟାଗୁଡ଼ିକୁ ଉଠାଇଥିଲେ । ବିଭିନ୍ନଖ୍ୟାତିସମ୍ପନ୍ନ ପ୍ରତିଷ୍ଠାନ ଏବଂବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଗବେଷଣାବିଦ୍ୱାନ ଏବଂଛାତ୍ରଛାତ୍ରୀମାନେ ଏହିକାର୍ଯ୍ୟକ୍ରମରେଯୋଗ ଦେଇଥିଲେ ।

## ଉତ୍କଳ ହସ୍ପିଟାଲରେ ସଫଳତାର ସହ ପ୍ରଥମ ଟିଏଭିଆଇ ଅସ୍ତ୍ରୋପଚାର



ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ସ୍ଥିତ ଉତ୍କଳ ହସ୍ପିଟାଲରେ ହୃଦ୍‌ରୋଗ ଚିକିତ୍ସା ପାଇଁ ବିଭାଗୀୟ ମୁଖ୍ୟ ତଥା ବରିଷ୍ଠ ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ ଡାକ୍ତର ସୁଶାନ୍ତ ପ୍ରଧାନ ଓ ତାଙ୍କ ଟିମ୍ ହସ୍ପିଟାଲର ପ୍ରଥମ ଟ୍ରାନ୍ସକ୍ୟାଥେଟର ଏଓର୍ଟିକ ଭାଲ୍ଭ ଇମ୍ପ୍ଲାଟେସନ୍ (ଟିଏଭିଆଇ) ପ୍ରକ୍ରିୟାକୁ ସଫଳତାର ସହ ସମ୍ପାଦନ କରିଛନ୍ତି। ଗୁରୁତର ଏଓର୍ଟିକ ଷ୍ଟେନୋସିସ୍ (ଏଏସ୍) ଥିବା ଜଣେ ୫୯ ବର୍ଷୀୟା ମହିଳା ରୋଗୀଙ୍କ ଉପରେ ଏହି ଅସ୍ତ୍ରୋପଚାର କରାଯାଇଥିଲା, ଯାହା ଡାକ୍ତରଖାନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଟଷ୍ଟ ଏବଂ ଏହି ଅଞ୍ଚଳର ଚିକିତ୍ସା କ୍ଷମତାବୃଦ୍ଧି କରିଥିଲା । ଏହି ରୋଗୀଙ୍କର କାର୍ସିନୋମା ରେକ୍ଟୋସିଗ୍ମୋଇଡ୍‌ର ଇତିହାସ ଥିଲା ଏବଂ ଅସ୍ତ୍ରୋପଚାର ପରେ କେମୋଥେରାପି ଏବଂ ରେଡିଓଥେରାପି କରାଯାଇଥିଲା, ବାରମ୍ବାର ପ୍ରି-ସିନସ୍କୋପ୍ ଏବଂ ତୃତୀୟ ଶ୍ରେଣୀ ଏନଜାଇନା ଦିଆଯାଇଥିଲା, ଯାହା ତାଙ୍କୁ ଅଧିକ ଚିକିତ୍ସା ପାଇଁ ସୀମିତ ବିକଳ୍ପ ଦେଇଥିଲା । ତାଙ୍କର ଜଟିଳ ଡାକ୍ତରୀ ପୃଷ୍ଠଭୂମି ଏବଂ ଉଚ୍ଚ ବିପଦକୁ ଦୃଷ୍ଟିରେ ରଖି, ଟିଏଭିଆଇ ସବୁଠାରୁ ଉପଯୋଗୀ ବିକଳ୍ପ ଭାବରେ ଉଭା ହୋଇଥିଲା, ଯାହା ଏକ ସର୍ବନିମ୍ନ ଆକ୍ରମଣାତ୍ମକ ସମାଧାନ ପ୍ରଦାନ କରିଥିଲା ଯାହା ଜଟିଳତାର ସମ୍ଭାବନାକୁ ବହୁତ ହ୍ରାସ କରିଥିଲା । ଇଣ୍ଟରଭେନସନାଲ କାର୍ଡିଓଲୋଜିରେ ପାରଦର୍ଶିତା ପାଇଁ ଜଣାଶୁଣା ଡାକ୍ତର ପ୍ରଧାନ ଏହି ଅତ୍ୟନ୍ତ ସ୍ୱତନ୍ତ୍ର ପ୍ରକ୍ରିୟାକୁ ସଫଳତାର ସହ ସମ୍ପାଦନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

### ଜାତୀୟ କନ୍ୟା ଶିଶୁ ଦିବସ ପାଳିତ

ଭୁବନେଶ୍ୱର (ସବ୍ୟୁ): ଜାତୀୟ କନ୍ୟା ଶିଶୁ ଦିବସ ୨୪ ଜାନୁଆରୀ, ୨୦୨୫ ଅବସରରେ ଏକ ଜିଲ୍ଲାସ୍ତରୀୟ ସହଭାଗୀ ପରାମର୍ଶ ବୈଠକ କନ୍ଧମାଳ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ (ଡିସିପିୟୁ) ଏବଂ ହମାରା ବଚପନ ଟ୍ରଷ୍ଟ ଦ୍ୱାରା ଗାନ୍ଧୀ ସ୍ମୃତି ଭବନ, ଫୁଲବାଣୀଠାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସରକାରୀ ଅଧିକାରୀ, ଶିଶୁ ସୁରକ୍ଷା ବିଶାରଦ, ସ୍କୁଲ ଓ କଲେଜ ଛାତ୍ର ଛାତ୍ରୀ, ଗୋଷ୍ଠୀ ସଦସ୍ୟ ଏବଂ ବିଭିନ୍ନ ସଂଗଠନର ପ୍ରତିନିଧିଙ୍କ ସମେତ ପ୍ରାୟ ୨୦୦ ଜଣ ଅଂଶଗ୍ରହଣ କରିଥିଲେ। ଫୁଲବାଣୀର ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ ଏବଂ ଉପସ୍ଥିତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ (ଡିଏସ୍‌ଡବ୍ଲ୍ୟୁଓ), ସୁରକ୍ଷା ଅଧିକାରୀ (ପିଓ), ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି)ର ଚେୟାରପର୍ସନ ଏବଂ ସଦସ୍ୟବୃନ୍ଦ, ବାଳ ଅପରାଧ ନ୍ୟାୟ ବୋର୍ଡ (ଜେଜେବି)ର ସଦସ୍ୟ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ୟାଙ୍କ ଅଫ୍ ବରୋଦା ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ଦ୍ୱାରା

## ଋଣ ସଂପର୍କ କାର୍ଯ୍ୟକ୍ରମ ଆୟୋଜିତ

ଭୁବନେଶ୍ୱର, (ସବ୍ୟୁ): କୋରାପୁଟ ଜିଲ୍ଲାର ଗାନ୍ଧୀଛକସ୍ଥିତ ସଂନ୍ଧ୍ୟା କଲ୍ୟାଣ ମଣ୍ଡପଠାରେ ବ୍ୟାଙ୍କ ଅଫ୍ ବରୋଦା



ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ଦ୍ୱାରା ଏକ ଋଣ ସମ୍ପର୍କ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ଯେଉଁଥିରେ ବ୍ୟାଙ୍କ ଅଫ୍ ବରୋଦା ଦ୍ୱାରା ୩୦୦ରୁ ଉର୍ଦ୍ଧ୍ୱ ଗ୍ରାହକମାନଙ୍କୁ ଋଣ ମଞ୍ଜୁରୀ ପତ୍ର ପ୍ରଦାନୟ କରାଯାଇଥିଲା । ଏଥିରେ ଚାଷୀ, ଏସ୍‌ଏଚ୍‌ଜି ଗ୍ରୁପ୍, ସୂକ୍ଷ୍ମ ଏବଂ ଲଘୁ ଉଦ୍ୟୋଗୀମାନେ ସାମିଲ ଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ବିଓବିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବୀଣା ୱାହିଦ୍ ଏବଂ ବ୍ୟାଙ୍କର ମହାପ୍ରବନ୍ଧକ ତଥା ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧାୟ, କ୍ଷେତ୍ରୀୟ ମୁଖ୍ୟୟ ଦେବୀ ପ୍ରସାଦ ମହାନ୍ତି, ଉପ କ୍ଷେତ୍ରୀୟ ମୁଖ୍ୟ କେଦାରନାଥ ବେହେରା, କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଶାଖାର ଶାଖା ପ୍ରବନ୍ଧକ ଏବଂ କ୍ଷେତ୍ରୀୟ କାର୍ଯ୍ୟାଳୟ ଓ ଶାଖାର ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ବୀଣା ୱାହିଦ୍ କହିଥିଲେ ଯେ, ଦେଶର ବିଭିନ୍ନ ସ୍ଥାନରେ ବ୍ୟାଙ୍କ ତରଫରୁ ଏହି ପରି କାର୍ଯ୍ୟକ୍ରମ କରାଯାଉଛି । ଦେଶର ଅର୍ଥ ବ୍ୟବସ୍ଥାରେ କୃଷକମାନଙ୍କ ଯୋଗଦାନକୁ ଉତ୍ସାହପୂର୍ଣ୍ଣ ପ୍ରଶଂସା ତଥା ବିଭିନ୍ନ ସରକାରୀ ଯୋଜନା ଓ ଋଣ ବାବଦରେ କୃଷକ ଓ ଉଦେ୍ୟାଗୀମାନଙ୍କୁ ଅବଗତ କରାଇବା ହେଲା ଏହିପରି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। କୃଷକମାନଙ୍କୁ କମ୍ ଦାମରେ ଋଣଯୋଗାଇବା ଏବଂ ସେମାନଙ୍କୁ ଆର୍ଥିକ ରୂପେ ସଶକ୍ତ କରାଇବା ପାଇଁ ବ୍ୟାଙ୍କ ସର୍ବଦା ଚେଷ୍ଟିତ ବୋଲି ବୀଣା ୱାହିଦ୍ କହିଥିଲେ।

# ଟ୍ରମ୍ପଙ୍କ ନିର୍ଦ୍ଦେଶନାମା ଉପରେ ରହିତାଦେଶ



**ୱାଶିଂଟନ:** ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ନିର୍ଦ୍ଦେଶନାମା ଉପରେ କୋର୍ଟ ରହିତାଦେଶ ଲଗାଇଛନ୍ତି । ଜନ୍ମ ଅନୁସାରେ ନାଗରିକତ୍ୱ ବନ୍ଦ କରିବାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶକୁ ଗୁରୁବାର ଦିନ ଆମେରିକାର ଏକ କୋର୍ଟ ଖଣ୍ଡନ କରିଛନ୍ତି । ଜଜ୍ ଜନ୍ କଫନର୍ ଟ୍ରମ୍ପଙ୍କ କାର୍ଯ୍ୟନିର୍ବାହୀ ଆଦେଶକୁ ଅବରୋଧ କରିଛନ୍ତି । ଏହା ମଧ୍ୟ 'ସ୍ପଷ୍ଟ ଭାବେ ଅସାମ୍ବିଧାନିକ' ଘୋଷଣା କରିଛନ୍ତି ଏବଂ ନୀତି କାର୍ଯ୍ୟକାରୀ ନହେବା ପାଇଁ ଏକ ଅସ୍ଥାୟୀ ପ୍ରତିବନ୍ଧକ ଜାରି କରିଛନ୍ତି ।ଏହାର ଅର୍ଥ ହେଉଛି, ବର୍ତ୍ତମାନ ଆମେରିକାରେ ଜନ୍ମିତ ପିଲାମାନଙ୍କୁ ସେଠାକାର ନାଗରିକତା ମିଳିବ । ଟ୍ରମ୍ପ ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ଦିନ ଜାନୁଆରୀ ୨୦ ରେ ଏହି ଆଦେଶରେ ସ୍ୱାକ୍ଷର କରିଥିଲେ । ଚାରୋଟି ଡେମୋକ୍ରାଟିକ୍ ଶାସିତ ରାଜ୍ୟ ଟ୍ରମ୍ପଙ୍କ ଏହି ଆଦେଶ ବିରୋଧରେ ଏକ ପିଟିସନ ଦାଖଲ କରିଥିଲେ । ୱାଶିଂଟନ୍, ଆରିଜୋନା, ଇଲିନୋଇସ୍ ଏବଂ ଓରେଗନ୍ ଭଳି ଗଣତାନ୍ତ୍ରିକ ଶାସିତ ରାଜ୍ୟ ଏହି ଆବେଦନକୁ ବିରୋଧ କରି ଦାବି କରିଥିଲେ ଯେ, ଟ୍ରମ୍ପଙ୍କ ଆଦେଶ ଆମେରିକାର ସମ୍ବିଧାନର ୧୪ ତମ ସଂଶୋଧନରେ ଦିଆଯାଇଥିବା ନାଗରିକତ୍ୱ ଅଧିକାରକୁ ଉଲ୍ଲଂଘନ କରୁଛି । ଆମେରିକାର ଜିଲ୍ଲା ଜଜ୍ ଜନ୍ କଫନର ଏହି ଆବେଦନ ଉପରେ ଶୁଣାଣି କରୁଥିଲେ । ଗୁରୁବାର ଦିନ ସେ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ବନ୍ଦ କରିବାକୁ ଟ୍ରମ୍ପ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ।

**ଜଜ୍ କଫନର କ'ଣ କହିଥିଲେ ?**

ଜଜ୍ କଫନର କହିଛନ୍ତି, 'ମୁଁ ବୁଝିପାରୁନାହିଁ ଯେ କୌଣସି ଆଇନଜୀବୀ କିପରି କହିପାରିବେ ଯେ ଏହି ଆଦେଶ ସାମ୍ବିଧାନିକ ଅଟେ । ଏହା ମୋର ବୁଝିବା ବାହାରେ । ମୁଁ ଚାରି ଦଶନ୍ଧିରୁ ଅଧିକ ସମୟ ଧରି ବେଞ୍ଚରେ ଅଛି ଛ ମୋର ଅନ୍ୟ କେଣସି ମାମଲା ମନେ ନାହିଁ ଯାହା ସ୍ପଷ୍ଟ ଭାବରେ ଏହି ପ୍ରସଙ୍ଗରେ ପ୍ରଶ୍ନ ସୃଷ୍ଟି କରେ । ଏହା ସ୍ପଷ୍ଟ ଭାବରେ ଏକ ଅସାମ୍ବିଧାନିକ ଆଦେଶ ଅଟେ ।

## ଫିଲ୍ମ ଇମର୍ଜେନ୍ସିକୁ ନେଇ ବ୍ରିଟେନରେ ହିଂସା




**ନୂଆଦିଲ୍ଲୀ :** କଙ୍ଗନା ରଣାଓ୍ୱତଙ୍କ ଫିଲ୍ମ 'ଏମର୍ଜେନ୍ସି'ର ପ୍ରଦର୍ଶନକୁ ନେଇ ବ୍ରିଟେନରେ ହିଂସାତ୍ମକ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।ଏହାକୁ ନେଇ ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଶୁକ୍ରବାର ଚିନ୍ତା ପ୍ରକଟ କରିଛି । ଅନୁମତିପ୍ରାପ୍ତ କାର୍ଯ୍ୟକଳାପରେ ବାଧା ସୃଷ୍ଟି କରୁଥିବା ଲୋକଙ୍କ ପାଇଁ ବ୍ରିଟେନ ସରକାର ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବେ ବୋଲି ବୈଦେଶିକ ମନ୍ତ୍ରଣାଳୟ ଆଶା ପ୍ରକାଶ କରିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଆମେ ଅନେକ ଖବର ଦେଖିଛୁ ଯେ ଅନେକ ପ୍ରେକ୍ଷାଳୟରେ ଫିଲ୍ମ ପ୍ରଦର୍ଶିତ ହେଉଛି, କିନ୍ତୁ ଏହାର ପ୍ରଦର୍ଶନରେ ବାଧା ରହିଛ । ଭାରତ ବିରୋଧୀ ତତ୍ତ୍ୱ ଏବଂ ଧମକଦେବା ଘଟଣା କୁ ନେଇ ଆମେ ବ୍ରିଟେନ ସରକାରଙ୍କ ସହ ନିରନ୍ତର ଆଲୋଚନା କରୁଛୁ । ଯେଉଁମାନେ ଫିଲ୍ମର ପ୍ରଦର୍ଶନରେ ବାଧା ସୃଷ୍ଟି କରୁଛନ୍ତି ସେମାନଙ୍କୁ ଦାୟୀ କରାଯିବା ଉଚିତ ।

ବ୍ରିଟିଶ ଶିଖ୍ ଗୋଷ୍ଠୀଙ୍କ ବିରୋଧ ଯୋଗୁଁ ବର୍ମିଂହାମ, ୱୁଲଭରହାମ୍ପଟନ୍ ଏବଂ ପଶ୍ଚିମ ଲଣ୍ଡନର କିଛି ଅଞ୍ଚଳରେ ସିନେମା ହଲ୍ ଗୁଡ଼ିକ ପ୍ରଦର୍ଶନ ବନ୍ଦ କରିବାକୁ ବାଧ ହୋଇଥିଲେ । ଏହି ଚଳଚ୍ଚିତ୍ରକୁ ଶିଖ୍ ବିରୋଧୀ ପ୍ରଚାର ବୋଲି ସମାଲୋଚନା କରାଯାଇଛି ଏବଂ ଚଳିତ ସପ୍ତାହ ଶେଷରେ ଅନ୍ୟ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ଯୋଜନା କରାଯାଇଛି ।

## ୨୫ବର୍ଷ ପରେ ସ୍ୱଦେଶ ଫେରିଲେ ମମତା



**ନୂଆଦିଲ୍ଲୀ:** ବଲିଉଡର ଅଭିନେତ୍ରୀ ମମତା କୁଲକର୍ଣ୍ଣି ଅନେକ ସଫଳ ସିନେମାରେ ଅଭିନୟ କରିଛନ୍ତି । ମମତାଙ୍କ କ୍ୟାରିୟର ଶୀର୍ଷରେ ଥିବା ବେଳେ ହଠାତ ତାଙ୍କର ନିଷ୍ପତ୍ତି ସମସ୍ତଙ୍କୁ ଚକିତ କରି ଦେଇଥିଲା । ସେ ଅଭିନୟରୁ ଦୂରେଇ ଯାଇ ଭାରତ ଛାଡ଼ି ଦେଇଥିଲେ । କିଛିଦିନ ପରେ ମମତା କୁଲକର୍ଣ୍ଣିଙ୍କୁ ସ୍ୱାଧୀ ବେଶରେ ଦେଖିବାକୁ ମିଳିଥିଲା । ମମତା କୁଲକର୍ଣ୍ଣି କିନ୍ନର ଆଖାଡାରେ ମହାମଣ୍ଡଳେଶ୍ୱର ହେବେ । ଆଜି ସେ ସଙ୍ଗମରେ ପିଣ୍ଡଦାନ କରିବେ । କିନ୍ନର ଆଖାଡ଼ାରେ ତାଙ୍କର ପଟ୍ଟାଭିଷେକ ହେବ । ଅଭିନେତ୍ରୀ ମମତା କୁଲକର୍ଣ୍ଣି ଦୀର୍ଘ ୨୫ବର୍ଷ ପରେ ଭାରତ ଫେରି ଆସିବା ଖବର ପାଇବା ପରେ ତାଙ୍କ ଫ୍ୟାନ୍ସମାନେ ଖୁବ ଖୁସି ହୋଇଯାଇଥିଲେ । ୨୦୨୪ ଡିସେମ୍ବରରେ ମମତା କୁଲକର୍ଣ୍ଣିଙ୍କୁ ମୁମ୍ବାଇ ବିମାନବନ୍ଦରରେ ଦେଖିବାକୁ ମିଳିଥିଲା । ଅଭିନେତ୍ରୀଙ୍କୁ ଦୀର୍ଘବର୍ଷ ପରେ ଦେଖି ତାଙ୍କ ଫ୍ୟାନ୍ସମାନେ ଆଶାବାନ୍ଧି ଦେଇଥିଲେ କି ଆଗାମୀ ବିଗବସ ୧୮ରେ ପ୍ରବେଶ ପାଇଁ ବୋଧ ହୁଏ କୁଲକର୍ଣ୍ଣିଂ ଭାରତ ଫେରିଛନ୍ତି । ମମତା କହିଛନ୍ତି, 'ମୁଁ ପ୍ରୟାଗରାଜର ୨୦୨୫ ମହାକୁମ୍ଭରେ ସାମିଲ ହେବା ପାଇଁ ଭାରତ ଆସିଛ ।'୨୦୦୦ ମସିହାରେ ମମତା କୁଲକର୍ଣ୍ଣି ମୁମ୍ବାଇ ସହିତ ଭାରତ ଛାଡ଼ି ଚାଲି ଯାଇଥିଲେ । ଭାରତ ଫେରିବା ପରେ କୁଲକର୍ଣ୍ଣି ସୋସିଆଲ ମିଡିଆରେ ଏକ ଭିଡିଓ ସେୟାର କରି କହିଛନ୍ତି, 'ଭାରତ ମାଟିରେ ପାଦ ଦେଇ ମୁଁ ଖୁବ ଖୁସି ।

## ଏ ବର୍ଷ ୨ଟି ଚନ୍ଦ୍ରଗ୍ରହଣ: ଭାରତରେ ଦେଖାଯିବ ଗୋଟିଏ



**ନୂଆଦିଲ୍ଲୀ :** ଜ୍ୟୋର୍ତିବିଜ୍ଞାନରେ ରୁଚି ରଖୁଥିବା ଲୋକଙ୍କ ପାଇଁ ଚନ୍ଦ୍ରଗ୍ରହଣ ଏକ ଚମତ୍କାର ମହାକାଶୀୟ ଘଟଣା , ଯାହାକୁ ଲୋକେ ଉତ୍ସୁକତାର ସହ ଅପେକ୍ଷା କରିଥାନ୍ତି । ୨୦୨୫ ରେ ୨ଟି ଚନ୍ଦ୍ରଗ୍ରହଣ ହେବ ଓ ୨ଟି ସୂର୍ଯ୍ୟପରାଗ ହେବ । କିନ୍ତୁ ସେଥିମଧ୍ୟରୁ କେବଳ ଗୋଟିଏ ଚନ୍ଦ୍ରଗ୍ରହଣ ଭାରତରେ ଦୃଶ୍ୟମାନ ହେବ । ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ ଏକ 'ପୂର୍ଣ୍ଣ ଚନ୍ଦ୍ରଗ୍ରହଣ' ହେବ । ଏହି ଜ୍ୟୋର୍ତିବିଜ୍ଞାନିକ ଘଟଣା ଭାରତୀୟ ସମୟ ଅନୁସାରେ ମାର୍ଚ୍ଚ ୧୪ ତାରିଖରେ ଘଟିବ । କିନ୍ତୁ ଭାରତରେ ଏହି ଚନ୍ଦ୍ରଗ୍ରହଣ ଦେଖିବାକୁ ମିଳିବ ନାହିଁ । ଏହି ଚନ୍ଦ୍ରଗ୍ରହଣ ଆମେରିକା, ପଶ୍ଚିମ ୟୁରୋପ, ପଶ୍ଚିମ ଆଫ୍ରିକା ଏବଂ ଉତ୍ତର ଓ ଦକ୍ଷିଣ ଆଟଲାଣ୍ଟିକ ମହାସାଗର ଭଳି ଅଞ୍ଚଳରେ ଦୃଶ୍ୟମାନ ହେବ । ସେହିପରି ୨୯ ମାର୍ଚ୍ଚରେ ଏକ ଆଂଶିକ ସୂର୍ଯ୍ୟପରାଗ ହେବ । ତାହା ମଧ୍ୟ ଭାରତରେ ଦୃଶ୍ୟମାନ ହେବନାହିଁ । ବର୍ଷର ୨ୟ ଚନ୍ଦ୍ରଗ୍ରହଣ ସେପ୍ଟେମ୍ବର ୭ରେ ହେବ । ଏହା ଏକ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ହେବ ଓ ଏହା ଭାରତରେ ଦୃଶ୍ୟମାନ ହେବ । ଏହା ଆଣ୍ଟାର୍କଟିକା, ପଶ୍ଚିମ ପ୍ରଶାନ୍ତ ମହାସାଗରୀୟ ଅଂଚଳ ଓ ଅଷ୍ଟ୍ରେଲିଆରେ ଦୃଶ୍ୟମାନ ହେବ । ବର୍ଷର ୨ୟ ସୂର୍ଯ୍ୟପରାଗ ସେପ୍ଟେମ୍ବର ୨୧-୨୨ରେ ହେବ । କିନ୍ତୁ ତାହା ଭାରତରେ ଦୃଶ୍ୟମାନ ହେବନାହିଁ ।

## ଲସ ଏଞ୍ଜେଲସ ନିଆଁରେ ୧୦ ହଜାର ଏକର ଜଙ୍ଗଲ ପୋଡି



**ୱାଶିଂଟନ:** କେବେ ଲିଭିବ ଆମେରିକା ଲସ ଆଞ୍ଜେଲସର ନିଆଁ । କାଲିଫର୍ଣ୍ଣିଆ ଲସ୍ ଆଞ୍ଜେଲସରେ ଭୟଙ୍କର ବେଗରେ ବ୍ୟାପୁଛି ନିଆଁ । କ୍ରମାଗତ ଭାବେ ଦୀର୍ଘ ୩ ସପ୍ତାହ ହେଲାଣି ଜଳୁଛି ଜଙ୍ଗଲ । ତୃତୀୟ ସପ୍ତାହରେ ୧୦ ହଜାର ଏକର ଜଙ୍ଗଲ ଜଳିସାରାଲାଣି । ଜଙ୍ଗଲ ନିଆଁ ଲାଗି ଏବେ ପ୍ରାୟ ୫୦ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି । ସମସ୍ତଙ୍କୁ ଘର ଖାଲିକରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜଙ୍ଗଲ ନିଆଁ ଧିରେ ଧିରେ ଜନବସତି ମୁହାଁ ହୋଇଛି ଛ ହେଲିକପ୍ଟର ସାହାଯ୍ୟରେ ପାଣି ସିଞ୍ଚନ କରାଯାଉଛି । ଲସ ଆଞ୍ଜେଲସ ଉତ୍ତର ପାର୍ବତୀୟ ଅଞ୍ଚଳରେ ଲାଗିଥିବା ନିଆଁ ଜୋରରେ ବ୍ୟାପିବାରେ ଲାଗିଛି । ସେପଟେ ପୂର୍ବରୁ ଦକ୍ଷିଣ କାଲିଫର୍ଣ୍ଣିଆ ଅଞ୍ଚଳର ହ୍ୟୁଜେସରେ ଲାଗିଥିବା ନିଆଁ ଆହୁରି ତେଜିବାରେ ଲାଗିଛି । କିଛି ଘଣ୍ଟା ମଧ୍ୟରେ ୩୯ ବର୍ଗ କିଲୋମିଟରରୁ ଅଧିକ ଅଞ୍ଚଳରେ ବ୍ୟାପି ଯାଇଛି ଏହି ନିଆଁ । ଗଛପତ୍ର ପୋଡି ପାଉଁଶ ହୋଇଯାଉଛି । ସେପଟେ କାଷ୍ଟିକ ହ୍ରଦ ଉପରେ କଳା ଧୂଆଁର ଆସ୍ତରଣ ଦେଖିବାକୁ ମିଳିଛି । ୧୫ ଦିନରୁ ଅଧିକ ଦିନ ହେବ ଲାଗିଛି ଏହି ନିଆଁ । ନିଆଁକୁ ଆୟତ୍ତ କରିବାରେ ଲାଗିଛନ୍ତି ଅଗ୍ନିଶମ ବାହିନୀ । ନିଆଁରେ ପ୍ରାୟ ୧୪ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି । ହଜାର ହଜାର ଘର ପୋଡି ନଷ୍ଟ ହୋଇଯାଇଛି । ଆମେରିକା ଇତିହାସରେ ବର୍ତ୍ତମାନ ସୁଦ୍ଧା ସବୁଠାରୁ ଭୟଙ୍କର ନିଆଁ ବୋଲି କୁହାଯାଉଛି ।

## ପ୍ରୟାଗରାଜରେ ମୋନାଲିସାଙ୍କୁ ମିଳିଲା ଫିଲ୍ମ ଅଫର



**ପ୍ରୟାଗରାଜ:** ମହାକୁମ୍ଭ ମେଳାରେ ରୁଦ୍ରାକ୍ଷ ମାଳ ବିକ୍ରି କରୁଥିବା ମୋନାଲିସାଙ୍କୁ ଫିଲ୍ମରେ କାମ କରିବାର ପ୍ରସ୍ତାବ ମିଳିଛି । ଚଳଚ୍ଚିତ୍ର ନିର୍ମାତା ସନୋଜ ମିଶ୍ର ତାଙ୍କୁ ତାଙ୍କର ଆଗାମୀ ଚଳଚ୍ଚିତ୍ର ଦି ଡାଏରୀ ଅଫ୍ ମଣିପୁରରେ ମୁଖ୍ୟ ଅଭିନେତ୍ରୀ ଭାବରେ କାମ କରିବାକୁ ଅଫର ଦେଇଛନ୍ତି । ପରିବାରର ଅନୁମତି ପରେ ମୋନାଲିସା ଏହି ଫିଲ୍ମ କରିବାକୁ ରାଜି ହୋଇଛନ୍ତି ବୋଲି କୁହାଯାଉଛି । ଏହି ଫିଲ୍ମରେ ମୋନାଲିସା ଜଣେ ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ଝିଅ ଭୂମିକାରେ ଅଭିନୟ କରିବେ । ଫିଲ୍ମର ସୁଟିଂ ଏପ୍ରିଲରୁ ଜୁନ୍ ପର୍ଯ୍ୟନ୍ତ ଉତ୍ତର-ପୂର୍ବ ଭାରତର ବିଭିନ୍ନ ସ୍ଥାନରେ ହେବ । ଏହି ଫିଲ୍ମ ଅକ୍ଟୋବର କିମ୍ବା ନଭେମ୍ବରରେ ମୁକ୍ତିଲାଭ କରିବ ବୋଲି କୁହାଯାଉଛି । ମିଳିଥିବା ସୂଚନା ମୁତାବକ, ସୁଟିଂ ପୂର୍ବରୁ ମୋନାଲିସାଙ୍କୁ ତିନି ମାସ ପାଇଁ ମୁମ୍ବାଇରେ ଅଭିନୟ ତାଲିମ ଦିଆଯିବ । ତେବେ ମହାକୁମ୍ଭରେ କିଛି ଲୋକଙ୍କ ଦ୍ୱାରା ନିରନ୍ତର ନିର୍ଯାତନାର ଶିକାର ହେବାରୁ ମୋନାଲିସା ଏବଂ ତାଙ୍କ ବାପା ମଧ୍ୟପ୍ରଦେଶର ମହେଶ୍ୱରରେ ଥିବା ନିଜ ଘରକୁ ଚାଲିଯାଇଛନ୍ତି । ଚଳଚ୍ଚିତ୍ର ନିର୍ଦ୍ଦେଶକ ସନୋଜ ମିଶ୍ର ଏବଂ ତାଙ୍କ ଦଳ ଦୁଇ ଦିନ ପରେ ମହେଶ୍ୱର ପହଞ୍ଚିବେ ଏବଂ ମୋନାଲିସା ଓ ତାଙ୍କ ପରିବାରକୁ ଭେଟିବେ । ମହେଶ୍ୱରରେ ହିଁ ସେମାନଙ୍କ ସହିତ ଫିଲ୍ମ ପାଇଁ ଚୁକ୍ତିନାମା ସ୍ୱାକ୍ଷର କରାଯିବ ବୋଲି ଜଣାପଡ଼ିଛି ।

## ନିଜ ଭୋଟକୁ ବିକ୍ରି କର ନାହିଁ : କେଜରିୱାଲ

**ନୂଆଦିଲ୍ଲୀ:** ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ପ୍ରଚାର ଏବେ ଜୋରସୋରରେ ଚାଲିଛି । ଭୋଟରମାନଙ୍କୁ ଆକୃଷ୍ଟ କରିବାକୁ ବିଭିନ୍ନ ଦଳର ନେତାମାନେ ବିଭିନ୍ନ ଲୋଭନୀୟ ପ୍ରତିଶ୍ରୁତି ଦେବାରେ ଲାଗିଛନ୍ତି । ତେବେ ନିଜର ଭୋଟ ବିକ୍ରି କରିବା ବଦଳରେ ବିକାଶ ପାଇଁ ଭୋଟ ଦେବାକୁ ଆମ୍ ଆଦମୀ ପାର୍ଟି (ଆପ୍)ର ଆବାହକ ଅରବିନ୍ଦ କେଜ୍ରିଓ୍ୱାଲ ଦିଲ୍ଲୀବାସୀଙ୍କୁ ନିବେଦନ କରିଛନ୍ତି । ସେ କହିଛନ୍ତି, ଜୋତା, କମ୍ବଳ ଓ ମାତ୍ର ୧୧୦୦ ଟଙ୍କା ବଦଳରେ ଭୋଟ୍ ବିକ୍ରି କରନାହିଁ । ବାବାସାହେବ ଆମ୍ବେଦକର ଆପଣଙ୍କୁ ଭୋଟ୍ ଦେବାର ଅଧିକାର ଦେଇଛନ୍ତି । ତାଙ୍କୁ ସମ୍ମାନ ଦିଅନ୍ତୁ । ଆପଣ ଯାହାକୁ ଚାହିଁବେ ତାଙ୍କୁ ଭୋଟ୍ ଦିଅନ୍ତୁ, କିନ୍ତୁ ଆପଣଙ୍କ ଭୋଟ୍ କିଣିବାକୁ ଚେଷ୍ଟା କରୁଥିବା ବ୍ୟକ୍ତିଙ୍କୁ ଭୋଟ୍ ଦିଅନ୍ତୁ ନାହିଁ । କେଜ୍ରିଓ୍ୱାଲ କହିଛନ୍ତି ଯେ ଦିଲ୍ଲୀରେ ଭୋଟ୍ ହାତେଇବା ପାଇଁ ଶାଢ଼ି, ଜୋତା, କମ୍ବଳ, ଜ୍ୟାକେଟ୍ ବଣ୍ଟନ କରାଯାଉଛିଛ ରାସନ ଓ ସୁନା ଚେନ୍ ବଣ୍ଟନ କରାଯାଉଛିଛ ଗାଳିଗୁଲଜ କରୁଥିବା ଦଳର କିଛି ନେତା ଏହି ବଣ୍ଟନ କରୁଛନ୍ତିଛ ଏତେ ଟଙ୍କା କେଉଁଠୁ ଆସୁଛି? ଏସବୁ ଦୁର୍ନୀତିରୁ ମିଳିଥିବା ଟଙ୍କାଛ ଦେଶର ଲୋକଙ୍କୁ ଲୁଟି ସେମାନେ ଏହି ଟଙ୍କା ରୋଜଗାର କରିଛନ୍ତି । କେଜ୍ରିଓ୍ୱାଲ ଦିଲ୍ଲୀବାସୀଙ୍କୁ ନିବେଦନ କରିଛନ୍ତି ଯେ ସେମାନେ ଯାହା ବଣ୍ଟନ କରୁଛନ୍ତି ତାହା ନିଅନ୍ତୁ, କିନ୍ତୁ ଗୋଟିଏ କଥା ମନେରଖନ୍ତୁ, ଆପଣଙ୍କ ଭୋଟ୍ ବିକ୍ରି କରନ୍ତୁ ନାହିଁ ।

## ହଟିଲା ଜେଡ୍ ପ୍ଲସ୍ ସୁରକ୍ଷା

**ନୂଆଦିଲ୍ଲୀ:** ହଟିଲା କେଜ୍ରିଓ୍ୱାଲଙ୍କ ଜେଡ୍ ପ୍ଲସ୍ ସୁରକ୍ଷା । ଦିଲ୍ଲୀ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ପଞ୍ଜାବ ପୋଲିସ ଦେଇଥିବା ଜେଡ୍ ପ୍ଲସ୍ ସୁରକ୍ଷା ହଟିଲା । ଦିଲ୍ଲୀରେ ପଞ୍ଜାବ ପୋଲିସ ସୁରକ୍ଷା ଦେଇପାରିବ ନାହିଁ ବୋଲି କହିଛି ଦିଲ୍ଲୀ ପୋଲିସ । ଦିଲ୍ଲୀରେ ପଞ୍ଜାବ ପୋଲିସର ସୁରକ୍ଷା ବ୍ୟବସ୍ଥା ନେଇ ଆପତ୍ତି ଉଠାଇଥିଲା ଦିଲ୍ଲୀ ପୋଲିସ । ଏହାପରେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ସୁରକ୍ଷା ହଟାଇ ଦିଆଯାଇଛି । ଦିଲ୍ଲୀ ବିଧାନସଭା ନିର୍ବାଚନରେ ପଞ୍ଜାବ ପୋଲିସ ପକ୍ଷରୁ ସୁରକ୍ଷା ପ୍ରଦାନ କରାଯାଉଥିଲା । ପଞ୍ଜାବ ପୋଲିସ ଡିଜି ଗୌରବ ଯାଦବ କେଜ୍ରିଓ୍ୱାଲଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇଥିଲେ । ତେବେ ସୁରକ୍ଷା ବ୍ୟବସ୍ଥା ହଟିବା ପରେ ଏହାକୁ ନେଇ ଆପତ୍ତି ଉଠାଇଛନ୍ତି ପଞ୍ଜାବ ପୋଲିସ ଡିଜି । ସେପଟେ ଜୋରଜବରଦସ୍ତ କେଜ୍ରିଓ୍ୱାଲଙ୍କ ସୁରକ୍ଷା ହଟାଇ ଦିଆଯାଇଥିବା କହିଛନ୍ତି ଆପ ନେତା ସଂଜୟ ସିଂହ । ନିର୍ବାଚନ କମିଶନ ଏବଂ ଦିଲ୍ଲୀ ପୋଲିସର ଆପତ୍ତି ପରେ ସୁରକ୍ଷା ବ୍ୟବସ୍ଥା ହଟାଇ ଦିଯାଆଇଛି । ସେପଟେ ସୁରକ୍ଷା ପ୍ରସଙ୍ଗରେ ଗୁରୁତର ଅଭିଯୋଗ ଆଣିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ । ଜାଣିଶୁଣି ଦିଲ୍ଲୀ ପୋଲିସ ତାଙ୍କର ନିର୍ବାଚନ ଶୋଭାଯାତ୍ରାରେ ବିରୋଧୀଙ୍କୁ ପଶିବାକୁ ସୁଯୋଗ ଦେଇଥିଲା । ଏବଂ ଏଥିଯୋଗୁ ବିରୋଧୀ ତାଙ୍କ ଉପରକୁ ଆକ୍ରମଣ କରିବାକୁ ପଛାଇ ନଥିଲେ ବୋଲି କହିଛନ୍ତି ଆମ ଆଦମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ।

### ସୈଫ ଅଲ୍ଲୀଙ୍କ ଉପରେ ଆକ୍ରମଣ ଘଟଣା

## ଗିରଫ ଅଭିଯୁକ୍ତର ବାପା କହିଲେ ଏମିତି...



**ମୁମ୍ବାଇ:** ବଲିଉଡ ଷ୍ଟାର ସୈଫ ଅଲ୍ଲୀ ଖାନଙ୍କୁ ଛୁରାମାଡ଼ ଘଟଣାରେ ଆସିପାରେ ନୂଆ ମୋଡ଼ । ସିସିଟିଭିରେ ନଜର ଆସିଥିବା ଆକ୍ରମଣକାରୀ ଗିରଫ ଅଭିଯୁକ୍ତ ଶୈଫଲି ଇସଲାମ ନୁହଁ ବୋଲି କହିଛନ୍ତି ସୈଫ ଅଲ୍ଲୀଙ୍କ ବାପା । ସିସିଟିଭିରେ ଦେଖାଯାଉଥିବା ଯୁବକ ତାଙ୍କ ପୁଅ ନୁହେଁ ବୋଲି କହିଛନ୍ତି ସୈଫର ବାପା ରୁହୁଲ ଅମୀନ । ରୁହୁଲ ଅମୀନଙ୍କ ଏହି ବୟାନ ପରେ ଘଟଣା ନୂଆ ମୋଡ଼ ନେଇପାରେ । ଅନ୍ୟପଟେ ସୈଫ ଅଲ୍ଲୀ ଖାନଙ୍କ ଘରେ ପଶିଥିବା ଦୁର୍ବୃତ୍ତ ଏବଂ ଧରାପଡ଼ିଥିବା ଅଭିଯୁକ୍ତ ଜଣେ ବୋଲି କହୁଛି ମୁମ୍ବାଇ ପୋଲିସ ।

ଅଭିଯୁକ୍ତ ମହମ୍ମଦ ସରିଫୁଲ ଇସଲାମଙ୍କ ପିତା କହିଛନ୍ତି - ସିସିଟିଭିରେ ଯିଏ ଦେଖାଯାଉଛି ସେ ମୋ ପୁଅ ନୁହେଁ, ମୋ ପୁଅ କେବେ ବି ଲମ୍ବା କେଶ ରଖେ ନାହିଁ । ମୋ ପୁଅକୁ ଫସେଇ ଦିଆଯାଇଛି । ସେ ବାଂଲାଦେଶ ଛାଡି କେବଳ ଗୋଟିଏ କାରଣ ପାଇଁ ଭାରତ ଆସିଥିଲେ - ବାଂଲାଦେଶରେ ରାଜନେତିକ ଅସ୍ଥିରତା । ସେ ବାଂଲାଦେଶରେରେ କାମ କରୁଥିଲେ ଏବଂ ଭଲ ଦରମା ପାଇଥିଲେ ଏବଂ ତାଙ୍କୁ ନିଯୁକ୍ତିଦାତା ମଧ୍ୟ ପୁରସ୍କୃତ କରିଥିଲେ । ପୋଲିସ ସିସିଟିଭିର ସାହାଯ୍ୟ ନେଇ ଶରିଫୁଲକୁ ଧରିଥିଲା । କିଛି ଦିନ ତଳେ ପୋଲିସ ଠାଣେରୁ ସୈଫ ଅଲ୍ଲୀ ଖାନଙ୍କ ଉପରେ ହମଲା କରିଥିବା ଅଭିଯୁକ୍ତ ଶୈଫଲି ଇସଲାମକୁ ଧରିଥିଲା । ସେ ଜଣେ ବାଂଲାଦେଶୀ ନାଗରିକ । ଭାରତରେ ଅବୈଧ ଭାବରେ ନାମ ବଦଳାଇ ନିଜକୁ ବିଜୟ ଦାସ ଭାବେ ପରିଚୟ ଦେଇ ରହୁଥିଲା । ଗତ ୧୬ ଜାନୁଆରୀରେ ସୈଫ ଅଲ୍ଲୀ ଖାନଙ୍କ ଉପରକୁ ଆକ୍ରମଣ ହୋଇଥିଲା । ଚୋରି ଉଦ୍ଦେଶ୍ୟରେ ଘରେ ପଶି ସୈଫ ଅଲ୍ଲୀ ଖାନଙ୍କୁ ହମଲା କରିଥିଲା ଆକ୍ରମଣକାରୀ ।

ସେଫ ଅଲ୍ଲି ଖାନ ମଙ୍ଗଳବାର ଦିନ ଲୀଳାବତୀ ହସ୍ପିଟାଲରୁ ଡିସଚାର୍ଜ ହୋଇଛନ୍ତି । ବର୍ତ୍ତମାନ ତାଙ୍କ ଅବସ୍ଥା ପୂର୍ବ ଅପେକ୍ଷା ଭଲ ଅଛି । ତେବେ ଫୋରେନସିକ ରିପୋର୍ଟ ଅନୁଯାୟୀ ଗିରଫ ଅଭିଯୁକ୍ତଙ୍କ ଫିଙ୍ଗରପ୍ରିଣ୍ଟସ ମହମ୍ମଦ ଶୈଫଲି ଙ୍କ ଫିଙ୍ଗରପ୍ରିଣ୍ଟ ସହ ମେଳ ଖାଉଛି । ସେଫଙ୍କ ପୁଅ ଜାହାଙ୍ଗୀରଙ୍କ ରୁମ କବାଟ, ବାଥରୁମ କବାଟ ଏବଂ ପାଇପଲାଇନରେ ମିଳିଥିବା ଫିଙ୍ଗର ପ୍ରିଣ୍ଟ ସହିତ ମେଳ ଖାଉଛି । ଏଥିସହ ପୋଲିସ ଶୈଫଲିଙ୍କ ବାଂଲାଦେଶୀ ଆଇଡି କାର୍ଡ ଏବଂ ଡ୍ରାଇଭିଂ ଲାଇସେନ୍ସ ଜବତ କରିଛି ।

## ଆଜି ଦ୍ୱିତୀୟ ଟି-୨୦

# ୨-୦ ଲକ୍ଷ୍ୟରେ ଟିମ୍ ଇଣ୍ଡିଆ



ଚେନ୍ନାଇ,୨୪।୧ (ଏଜେନ୍ସି):ପ୍ରଥମ ମ୍ୟାଚରେ ଜମାଣିଆ ବିଜୟ ସହ ଶୃଙ୍ଖଳା ଆରମ୍ଭ କରିଥିବା ଟିମ୍ ଇଣ୍ଡିଆ ଶନିବାର ଦ୍ୱିତୀୟ ଟି-୨୦ରେ ଇଂଲଣ୍ଡକୁ ଭେଟିବାକୁ ଯାଉଛି । ଚେନ୍ନାଇର ଆଇକନିକ୍ ଏମ୍ଏ ଚିଦାମ୍ବରମ୍ ଷ୍ଟାଡିୟମରେ ଏହି ମ୍ୟାଚ ଶନିବାର ସନ୍ଧ୍ୟା ୭ଟାରେ ଆରମ୍ଭ ହେବ । ଘରୋଇ ଭାରତୀୟ ଦଳ ୨-୦ରେ ଶୃଙ୍ଖଳାରେ ଆଗୁଆ ରହିବାକୁ ଯୋଜନା କରିଥିବା ବେଳେ ଇଂଲଣ୍ଡ ସଫଳ ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟ ରହିଛି ।

ଏମ୍ଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ର ପିଚ ସର୍ବଦା ସ୍ପିନରଙ୍କୁ ସୁହାଇଥାଏ । ଏଠାରେ ଯେତେ ମ୍ୟାଚ ଖେଳାଯାଇଛି, ପିଚ ଧିମା ରହିବା ସହ ବ୍ୟାଟରଙ୍କ ପାଇଁ ସର୍ବଦା ଚ୍ୟାଲେଞ୍ଜ ହୋଇଥାଏ । କିନ୍ତୁ ଗତ ଆଇପିଏଲ୍ ମ୍ୟାଚ ଗୁଡିକରେ ଚିଦାମ୍ବରମ୍ ଷ୍ଟାଡିୟମ୍ ପିଚ ବ୍ୟାଟିଂ ଫେଣ୍ଡଲି ଥିଲା । ଏଦୃଷ୍ଟିରୁ ଶନିବାର ମ୍ୟାଚ ହାଇସ୍କୋରିଂ ହେବ ବୋଲି ଆଶା କରାଯାଉଛି । ତେବେ ଦର୍ଶକଙ୍କ ପାଇଁ ବଡ଼ ଆଶ୍ୱସ୍ତି ଆଣି ଦେଇଛି ପାଣିପାଗ ବିଭାଗ । ଶନିବାର ବର୍ଷାର ସମ୍ଭାବନା ନାହିଁ । ତାପମାତ୍ର ୨୩ରୁ ୨୯ ଡିଗ୍ରୀ ମଧ୍ୟରେ ରହିବ । ଏଦୃଷ୍ଟିରୁ ସମ୍ପୂର୍ଣ୍ଣ ଅନୁକୂଳ ପାଗରେ ଭାରତ-ଇଂଲଣ୍ଡ ମ୍ୟାଚ ଖେଳାଯିବ ।

ଏହି ମ୍ୟାଚ ପାଇଁ ଇଂଲଣ୍ଡ ଏକାଦଶରେ ପରିବର୍ତ୍ତନ ହୋଇଛି । ଦ୍ରୁତ ବୋଲର ବ୍ରେଣ୍ଡନ କ୍ରେସଙ୍କୁ ସାମିଲ କରାଯାଇଛି । ଦ୍ୱାଦଶ ଖେଳାଳି ଭାବେ ଜେମ୍ ସ୍ମିଥ୍ ଅଛନ୍ତି । ଶୁକ୍ରବାର ଇଂଲଣ୍ଡ ପକ୍ଷରୁ ମ୍ୟାଚ ପାଇଁ ଚୂଡାନ୍ତ ଏକାଦଶ ଘୋଷଣା ହୋଇଥିଲା । କୋଲକାତାର ଇଡେନ୍ ମାର୍ଡେନରେ ଖେଳାଯାଇଥିବା ପ୍ରଥମ ଟି-୨୦ରେ ଇଂଲଣ୍ଡକୁ ଅତି ସହଜରେ ଧରାଶାୟୀ କରିଥିଲା ଭାରତୀୟ ଦଳ । ଇଂଲଣ୍ଡ ପକ୍ଷରୁ ବେସ ମହଙ୍ଗା ସାବ୍ୟସ୍ତ ହୋଇଥିବା ଗସ ଏଟକିନ୍‌ସନ୍‌ଙ୍କୁ ବାଦ ଦିଆଯାଇଥିବା ବେଳେ ବ୍ରେଣ୍ଡନଙ୍କୁ ସାମିଲ କରାଯାଇଛି ।

**ସମ୍ଭାବ୍ୟ ଭାରତୀୟ ଦଳ:** ଅଭିଶେକ ଶର୍ମା, ସଞ୍ଜୁ ସାମସନ, ସୂର୍ଯ୍ୟ କୁମାର ଯାଦବ, ତିଲକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ରିଙ୍କୁ ସିଂ, ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, ଅର୍ଶଦୀପ ସିଂ, ମହମ୍ମଦ ସାମି ଓ ବରୁଣ ଚକ୍ରବର୍ତ୍ତୀ ।

**ଇଂଲଣ୍ଡ ଦଳ:** ଫିଲ୍ ସ୍ଲଟ, ବେନ ଡକେଟ, ଜୋସ ବଟ୍ଟଲର, ହ୍ୟାରି ବ୍ରୁକ, ଲିଆମ୍ ଲିଭିଂ ଷ୍ଟୋନ୍, ଜାକବ ବେଥଲ, ଜାମି ଓଭରଟନ୍ ରେହାନ ଅହମ୍ମଦ ଜୋଫ୍ରା ଆର୍ଚର, ଆଦିଲ ରସିଦ ଓ ମାର୍କ ଉଡ ।

## ରଣଜୀ ଟ୍ରଫି: ମୁମ୍ବାଇର ମଙ୍ଗ ଧରିଲେ ସାର୍ଦ୍ଦୁଲ





ମୁମ୍ବାଇ,୨୪।୧ (ଏଜେନ୍ସି): ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍ ମ୍ୟାଚରେ ସାର୍ଦ୍ଦୁଲ ଠାକୁର ଶତକୀୟ ଇନିଂସ ଖେଳି ମୁମ୍ବାଇର ମଙ୍ଗ ଧରିଛନ୍ତି । ଭାରତୀୟ ଦଳର ଏକାଧିକ ବ୍ୟାଟର ଫେଲ୍ ମାରିବା ପରେ ସାର୍ଦ୍ଦୁଲ ଠାକୁର ଚମତ୍କାର ବ୍ୟାଟିଂ କରିଛନ୍ତି । ସେ ଜମ୍ମୁ-କାଶ୍ମୀର ବିପକ୍ଷରେ ପ୍ରଥମ ଇନିଂସରେ ଅର୍ଦ୍ଧଶତକ ଓ ଦ୍ୱିତୀୟ ଇନିଂସରେ ଶତକୀୟ ପାଳି ଖେଳିଛନ୍ତି । ସେ ପ୍ରଥମ ପାଳିରେ ୫୭ ବଲ୍‌ରୁ ୫୧ ରନ୍ ଓ ଦ୍ୱିତୀୟ ପାଳିରେ ୧୧୯ ବଲ୍‌ରୁ ୧୧୩ ରନ୍ କରି ଅପରାଜିତ ଅଛନ୍ତି । ଏହି ଇନିଂସରେ ସେ ୧୭ଟି ଚୌକା ମାରିଛନ୍ତି । ଦ୍ୱିତୀୟ ଦିନ ଖେଳ ଶେଷ ସୁଧା ମୁମ୍ବାଇ ୨୪୭ ରନ୍ ସଂଗ୍ରହ କରି ୧୮୮ ରନ୍‌ର ଅଗ୍ରଣୀ ହୋଇଛି । ମୁମ୍ବାଇ ଓ ଜମ୍ମୁ-କାଶ୍ମୀର ମଧ୍ୟରେ ରଣଜୀ ମୁକାବିଲା ଜାରି ରହିଛି । ପ୍ରଥମ ପାଳି ଭଳି ଦ୍ୱିତୀୟରେ ମଧ ରୋହିତ, ଜୟଶ୍ୱାଲ, ଶ୍ରେୟାସ ଏବଂ ଅଧିନାୟକ ରାହାଣେ ଫେଲ୍ ମାରିଥିଲେ । ମୁମ୍ବାଇ ୧୨୦ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଦ୍ୱିତୀୟ ପାଳିରେ ପ୍ରାରମ୍ଭିକ ବ୍ୟାଟିଂ ବିପକ୍ଷରେ ସମ୍ମୁଖୀନ ହୋଇଥିଲା ଦଳ । ଏପରିକି ୯୧ ରନ୍‌ରେ ୬ ୱିକେଟ୍ ଏବଂ ୧୦୧ ରନ୍‌ରେ ସପ୍ତମ ୱିକେଟ୍ ପଡିଥିଲା । ଅଷ୍ଟମ ୱିକେଟ୍ ଓ ସାର୍ଦ୍ଦୁଲ ଠାକୁର ଓ ତନୁଶ କୋଟିଆନ୍ ପାଳି ସମ୍ଭାଳିଥିଲେ । ସାର୍ଦ୍ଦୁଲ ୧୧୯ ବଲ୍‌ରୁ ୧୧୩ ରନ୍ କରି ଅପରାଜିତ ଅଛନ୍ତି ।

### ଓଡ଼ିଶାର ବଡ଼ ଅଗ୍ରଣୀ

ମେଘାଳୟ ବିପକ୍ଷରେ ଓଡ଼ିଶା ଦଳ ବଡ଼ ଅଗ୍ରଣୀ ହାସଲ କରିଛି । ପ୍ରଥମ ପାଳିରେ ମେଘାଳୟ ୧୯୮ ରନ୍ କରିଥିବା ବେଳେ ଓଡ଼ିଶା ଦଳ ଦ୍ୱିତୀୟ ଦିବସ ଷ୍ଟମ୍ପଅପସାରଣ ସୁଧା ୧୦୮ ଓଭରରେ ୭ ୱିକେଟ୍ ହରାଇ ୫୨୩ ରନ୍ କରିଛି । ଗୋବିନ୍ଦ ପୋଦ୍ଦାର ୧୨୧ ରନ୍‌ର ଜମାଣିଆ ଶତକୀୟ ଇନିଂସ ଖେଳିଥିବା ବେଳେ ସ୍ୱସ୍ତିକ ସାମିଲ ୮୦, ଶାନ୍ତନୁ ମିଶ୍ର ୩୭, ସନ୍ଦୀପ ପଟ୍ଟନାୟକ ୭୮, କାର୍ତ୍ତିକ ବିଶ୍ୱାଲ ୬୮, ଆଶୀର୍ବାଦ ସ୍ୱାଇଁ ୩୪ ରନ୍ କରିଥିଲେ । ରାଜେଶ ଧୂପର ଅପରାଜିତ ୮୦ ଓ ସୁନୀଲ ରାଉଳ ୪ ରନ୍ କରି ଅପରାଜିତ ଥିଲେ । ମେଘାଳୟର ନଫିସ ସିଦିକ ସର୍ବାଧିକ ୩ଟି ଓ ଆକାଶ ଚୌଧୁରୀଙ୍କୁ ଦୁଇ ୱିକେଟ୍ ସଫଳତା ମିଳିଥିଲା ।

## ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ



ବାହାନଗା,୨୪।୧ (ସବ୍ୟୁ): ବାହାନଗା ବ୍ଲକ ପଣପଣା ପଞ୍ଚାୟତରେ ଥିବା ମେଲଣ ପଡ଼ିଆରେ ଶୁକ୍ରବାର ଦିନ ପଣପଣା ଯୁବ ପରିଷଦ ପକ୍ଷରୁ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟକୁ ସ୍ଥାନୀୟ ସରପଞ୍ଚ ରମାକାନ୍ତ ମଳିକଙ୍କ ଉପସ୍ଥିତିରେ ସମାଜସେବୀ ବୈରାଗୀ ଚରଣ ବେହେରା ଫିତାକାଟି ଉଦ୍‌ଘାଟନ କରିଥିଲେ । ଖେଳକୁ ଅନୁଧ୍ୟାନ କରିବା ପାଇଁ ରେଫେରୀ ସଂଜିତ ଭଟ୍ଟାଚାର୍ଯ୍ୟ, ଶମ୍ଭୁ ସିଂ ଓ ତ୍ରିଲୋଚନ ସିଂ ଉପସ୍ଥିତ ଥିଲେ । ମୋଟ ୮ଟି ଟିମ୍ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିବା ବେଳେ ପ୍ରଥମେ ଖନ୍ତାପଡ଼ା ଓ ସୋର ଦଳଙ୍କ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ଖନ୍ତାପଡ଼ା ସେମି ଫାଇନାଲପରେ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା । ଅପରାହ୍ନରେ ଉଦ୍‌ଯାପନୀ ସଭାରେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତାଭାବେ ବାଲେଶ୍ୱର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିବା ସହିତ ଗୋଲ ପୋଷ୍ଟରେ ଫୁଟବଲ ଖେଳିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବୈରାଗୀ ଚରଣ ବେହେରା, ରମାକାନ୍ତ ମଳିକ, ଦୟାନିଧି ଗିରି, ପ୍ରଦୀପ କୁମାର ବେହେରା, ପ୍ରଶାନ୍ତ କୁମାର ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ପ୍ରତିଯୋଗୀତାରେ ଫାଇନାଲକୁ ମାବାସୁଳି ଫାଇଟର ବଡୁଆ ଓ ଖନ୍ତାପଡ଼ା ଉତ୍ତୀର୍ଣ୍ଣ ହୋଇ ସେମାନଙ୍କ ମଧ୍ୟରେ ପ୍ରତିଯୋଗୀତା ହୋଇଥିଲା । ଖନ୍ତାପଡ଼ା ଟିମ୍ ମାବାସୁଳୀ ଫାଇଟର ବଡୁଆକୁ ୩-୨ରେ ପରାସ୍ତ କରି ଚମ୍ପିୟନ ହୋଇଥିଲା । ଚାମ୍ପିଅନ ଟିମ୍‌କୁ ବିଜୟ ଟ୍ରଫି ସହିତ ୮ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ପରାଜୟ ବରଣ କରିଥିବା ଟିମ୍‌କୁ ଟ୍ରଫି ସହିତ ୭ହଜାର ଟଙ୍କା ପ୍ରଦାନ କରାଯାଇଥିଲା ।

## ଅଷ୍ଟ୍ରେଲିଆ ଓପନ: ଅଧାରୁ ଓହରିଲେ ଜୋକୋଭିକ

ମେଲବୋର୍ଣ୍ଣ,୨୪।୧(ଏଜେନ୍ସି): ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ ଓପନରୁ ସର୍ବିଆର ଷ୍ଟାର ଖେଳାଳି ନୋଭାକ ଜୋକୋଭିକ ଓହରିଯାଇଛନ୍ତି । ଫଳରେ ତାଙ୍କର ଫାଇନାଲରେ ପ୍ରବେଶ କରିବାର ଆଶା ମଉଳି ଯାଇଛି । ଜର୍ମାନୀର ଆଲେକଜାଣ୍ଡର ଭିର୍ଭ ବିପକ୍ଷ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ଜୋକୋଭିକ ଅଧାରୁ ଓହରି ଯାଇଥିଲେ । ଭିର୍ଭ ଏବେ ଫାଇନାଲରେ ପ୍ରବେଶ କରିଛନ୍ତି । ପ୍ରଥମ ସେଟ ଭିର୍ଭ ୭-୬ରେ ଜିତିବା ପରେ ଜୋକୋଭିଚ ନିଜ ବ୍ୟାଗ ଉଠାଇବା ସହ ସେ ଆଉ ଖେଳିପାରିବେ ନାହିଁ ବୋଲି ରେଫରୀ ସୂଚନା ଦେଇଥିଲେ । ଏହି ପୂର୍ବତନ ବିଶ୍ୱର ଏକ ନମ୍ବର ଖେଳାଳି କ୍ୱାର୍ଟର ଫାଇନାଲରେ କାର୍ଲୋସ ଆଲକାରେଜଙ୍କୁ ୪-୬, ୬-୪, ୬-୩ ଓ ୬-୪ ସେଟରେ ପରାସ୍ତ କରିଥିଲେ । ଜୋକୋଭିକ ଆଘାତ ସମସ୍ୟା ଯୋଗୁ ଖେଳିପାରି ନଥିଲେ ବୋଲି ରିପୋର୍ଟ ପ୍ରକାଶ ପାଇଛି । ଭିର୍ଭ ଏବେ ଫାଇନାଲରେ ଜାନିକ ସିନର ଓ ବି ଶେଲ୍ଟନଙ୍କ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲର ବିଜେତାଙ୍କୁ ଭେଟିବେ । ଜୋକୋଭିକ ୨୪ ଗ୍ରାଣ୍ଡସ୍ଲାମ ଜିତିଛନ୍ତି । ସେ ୨୫ ଟାଇଟଲ ଲକ୍ଷ୍ୟରେ ଥିଲେ ସୁଦ୍ଧା ଏବେ ନିରାଶ ହୋଇଛନ୍ତି । ଅପରପକ୍ଷରେ ଭିର୍ଭ ପ୍ରଥମ ଥର ପାଇଁ ଅଷ୍ଟ୍ରେଲିଆନ ଓପନ ଫାଇନାଲରେ ପ୍ରବେଶ କରିଛନ୍ତି ।

## ବାରବାଟୀ ଦିନିକିଆ: ଫେବୃଆରୀ ୨ରୁ ଟିକେଟ୍ ବିକ୍ରି



ଭୁବନେଶ୍ୱର,୨୪।୧(ସବ୍ୟୁ): କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ଫେବୃଆରୀ ୯ ତାରିଖରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ କ୍ରିକେଟ୍ ମ୍ୟାଚ ଖେଳାଯିବ । ବାରବାଟୀ ଦିନିକିଆ ମ୍ୟାଚର ଟିକେଟ ପାଇଁ ଅପେକ୍ଷା କରିଥିବା କ୍ରିକେଟ ପ୍ରେମୀଙ୍କ ପାଇଁ ଆସିଯାଇଛି ଖୁସି ଖବର । ଦର୍ଶକମାନଙ୍କ ପାଇଁ ଆସନ୍ତା ଫେବୃଆରୀ ୨ତାରିଖରେ ଅନଲାଇନ୍‌ରେ ଟିକେଟ ଉପଲବ୍ଧ ହେବ । ସେହିପରି ୫ ଓ ୬ରେ କାଉଣ୍ଟରରେ ଟିକେଟ୍ ମିଳିବ । ଅଫଲାଇନରେ ଟିକେଟ୍ ବିକ୍ରି ସକାଳ ୯ ଟାରୁ ୬ଟା ପର୍ଯ୍ୟନ୍ତ ଚାଲିବ । ଏନେଇ ସୂଚନା ଦେଇଛନ୍ତି କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ଚଳିତ ଥର ଷ୍ଟାଡିୟମରେ ଫ୍ୟାନ୍ ପାର୍କର ବ୍ୟବସ୍ଥା କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ ସୂଚନା ଦେଇଛନ୍ତି ।

ଅନଲାଇନ୍‌ରେ ୪ହଜାର ଟିକେଟ୍ ବିକ୍ରି ହେବ । ଅନଲାଇନ୍ ବୁକ୍ କରିଥିବା ବ୍ୟକ୍ତି ଫେବୃଆରୀ ୭,୮,୯ ତାରିଖରେ ହାର୍ଡ କପି ସଂଗ୍ରହ କରି ପାରିବେ । ଭୁବନେଶ୍ୱର କେମ୍ବ୍ରିଜ ସ୍କୁଲ ଓ କିଟ୍ ବିଶ୍ୱବିଦ୍ୟାଳୟର କାଉଣ୍ଟରରୁ ଅନଲାଇନ୍ ବୁକିଂର ହାର୍ଡ କପି ଟିକେଟ୍ ମିଳିପାରିବ ।

୭ ଓ ୮ ତାରିଖରେ ପୂର୍ବାହ୍ନ ୧୦ ଟାରୁ ୪ଟା ପର୍ଯ୍ୟନ୍ତ କାଉଣ୍ଟର ଏବଂ ୯ ତାରିଖ ଦିନ ସକାଳ ୭ଟାରୁ ୧୨ଟା ପର୍ଯ୍ୟନ୍ତ ଖୋଲା ରହିବ କାଉଣ୍ଟର । ଏହି ଦୁଇଟି ସ୍ଥାନରେ ତିନୋଟି ଲେଖାଏଁ କାଉଣ୍ଟର ରହିବ ।

## ଓଡ଼ିଶା ଏଏମ୍ଏନ୍ଏସ୍ ଇଣ୍ଡିଆ ଖୋ ଖୋ ଏଚ୍‌ପିସି ପ୍ରତିଯୋଗୀଙ୍କ ସଫଳତା

ଭୁବନେଶ୍ୱର,୨୪।୧ (ସବ୍ୟୁ): ଆର୍ସେଲର ମିତଲ ନିପନ ଷ୍ଟିଲ ଇଣ୍ଡିଆ (ଏଏମ୍ଏନ୍ଏସ୍ ଇଣ୍ଡିଆ) ଖୋ ଖୋ ହାଇପରଫରମାନ୍ସ ସେଣ୍ଟର ଯୋଗୁଁ ଖେଳାଳିଙ୍କୁ ଉଚ୍ଚମାନର ପ୍ରଶିକ୍ଷଣ ମିଳିଛି । ଏହାର ସଫଳ ଉଦାହରଣ ସଦ୍ୟ ସମାପ୍ତ ଖୋ ଖୋ ବିଶ୍ୱକପ୍‌କୁ ନିଆଯାଇପାରେ । ଖୋ ଖୋ ବିଶ୍ୱକପ୍‌ରେ ଏଏମ୍ଏନ୍ଏସ୍ ଇଣ୍ଡିଆ ଖୋ ଖୋ ହାଇପରଫରମାନ୍ସ ସେଣ୍ଟର ଦୁଇ ଜଣ ମହିଳାଙ୍କ ସହ ମୋଟ୍ ୩ ଜଣ ଭାରତୀୟ ଦଳରେ ସ୍ଥାନ ପାଇ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ । ଉଭୟ ବର୍ଗରେ ଭାରତ ଚାମ୍ପିଅନ୍ ହୋଇଥିଲା । ଦୁଇ ମହିଳା ଖେଳାଳିଙ୍କ ମଧ୍ୟରେ ମାଗାଇ ମାଝୀ ଓ ଶୁଭଶ୍ରୀ ସିଂ ମହିଳା ଦଳର ପ୍ରତିନିଧିତ୍ୱ କରିଥିଲେ । ଖେଳାଳି ଭାବେ ପବନୀ ଶବର ଭାରତୀୟ ପୁରୁଷ ଦଳରେ ସାମିଲ ଥିଲେ । ବିଶ୍ୱକପ୍‌ରେ ଖେଳାଳିମାନଙ୍କ ସ୍ଥିର ପ୍ରଦର୍ଶନ ସେମାନଙ୍କ ଅସାଧାରଣ ପ୍ରତିଭା, ଗଠିନ ପରିଶ୍ରମ ଏବଂ ସମର୍ପଣକୁ ପ୍ରତିଫଳିତ କରିଥିଲା । ଏହି ସଫଳତା ଏଚ୍‌ପିସିରେ ପ୍ରଦାନ କରାଯାଇଥିବା ବିଶ୍ୱସ୍ତରୀୟ ତାଲିମ ଏବଂ ସାମଗ୍ରିକ ପ୍ରଶିକ୍ଷଣର ପ୍ରମାଣ ବୋଲି କୁହାଯାଇପାରେ । ଓଡ଼ିଶା ଏଏମ୍ଏନ୍ଏସ ଇଣ୍ଡିଆ ଖୋ ଖୋ ଏଚ୍‌ପିସିର ମୁଖ୍ୟ ପ୍ରଶିକ୍ଷକ ସଞ୍ଜୀବ ଶର୍ମା ଏବଂ ସହାୟକ ପ୍ରଶିକ୍ଷକ ଆକାଶ ରାଣାଙ୍କୁ ବିଶ୍ୱକପ୍ ପାଇଁ ଅନ୍ତର୍ଜାତୀୟ ବୈଷୟିକ ଅଧିକାରୀ ଭାବେ ନିମନ୍ତ୍ରଣ କରାଯାଇଥିଲା ।

## ସର୍ବ ଭାରତୀୟ ଏଜି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଫାଇନାଲରେ ଝାଡ଼ଖଣ୍ଡ

କୋରେଇ,୨୪।୦୧(ସବ୍ୟୁ): କୋରେଇ ବ୍ଲକ ଅନ୍ତର୍ଗତ ବଦାଳ ପଞ୍ଚାୟତ ସ୍ଥିତ ଦୁଲାଖାପାଟଣା ମା ମଙ୍ଗଳା ଷ୍ଟାଡ଼ିୟମ ଠାରେ ମା ମଙ୍ଗଳା କ୍ରିକେଟ କ୍ଲବ ଆନୁକୁଲ୍ୟରେ ଅନୁଷ୍ଠିତ ସର୍ବଭାରତୀୟ ଏଜି କପ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ରାଉଣ୍ଡର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୟୁନିୟନ ସ୍ପୋର୍ଟିଂ ଝାଡ଼ଖଣ୍ଡ ସହ ଏଣ୍ଡଏସ କୋଲକତା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଟସ୍ ଜିତି ୟୁନିୟନ ସ୍ପୋର୍ଟିଂ ଝାଡ଼ଖଣ୍ଡ ବୋଲିଂ କରିବାକୁ ନିଷ୍ପତି ନେଇ ଏଣ୍ଡଏସ କୋଲକତାକୁ ବ୍ୟାଟିଂ କରିବାକୁ ନିମନ୍ତ୍ରଣ କରିଥିଲା । ଏଣ୍ଡଏସ କୋଲକତା ନିର୍ଦ୍ଧାରିତ ୨୫ ଓଭରରେ ସମସ୍ତ ୱିକେଟ ହରାଇ ୧୭୦ ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ୟୁନିୟନ ସ୍ପୋର୍ଟିଂ ଝାଡ଼ଖଣ୍ଡ ୧୭୧ ରନ୍‌ର ବିଜୟ ଲକ୍ଷ୍ୟନେଇ ନିର୍ଦ୍ଧାରିତ୨୫ ଓଭରରୁ ୨୧.୧ ଓଭରରେ ୩ ୱିକେଟ ହରାଇ ୧୭୧ ରନ୍ କରି ଫାଇନାଲ ଖେଳିବାକୁ ଉନ୍ନିତ ହୋଇଥିଲା । ଆଜିର ମ୍ୟାଚ୍‌ରେ ବିଜୟ ଦଳର ହର୍ଷ ସିଂ ୬୨ ଟି ବଲ ଖେଳି ୭୬ ରନ୍ ସଂଗ୍ରହ କରିଥିବା ବେଳେ ସେଥି ମଧ୍ୟରୁ ୧୦ ଟି ଚୌକା ୪ ଛକା ମାରି ବହୁତ ସୁନ୍ଦର ବ୍ୟାଟିଂ ପ୍ରଦର୍ଶନ କରିଥିବା ବେଳେ ବୋଲିଂରେ ୫ ଓଭର ବୋଲିଂ କରି ୩୭ ରନ୍ ବିନିମୟରେ ୨ ଟି ୱିକେଟ ନେଇ ଦଳକୁ ବିଜୟ କରିବାରେ ସମର୍ଥ ହୋଇଥିଲେ । ସେଥିପାଇଁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପାଇଁ ବିବେଚିତ କରାଯାଇ ଆଜିର ଅତିଥି ସ୍ଥାନୀୟ ସରପଂଚ ବିଷ୍ଣୁ ଚରଣ ରଥ ଓ ଯୁବ ବ୍ୟବସାୟୀ ଅଭିନାଶ ଦାସଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଆଜିର ମ୍ୟାଚ୍‌କୁ ଆଶୁତୋଷ ପାଣୀ ଓ ସତ୍ୟବ୍ରତ ମହାପାତ୍ର ପରିଚାଳନା କରିଥିଲେ। କିରନ ମନୋହର ମହାନ୍ତି ସ୍କୋରର ରହିଥିବା ବେଳେ ବୁବୁ ସିଂହ୍ନା ଓ ସେକ୍ ଇମ୍ରାନ ଓ ସତ୍ୟରଞ୍ଜନ ମିଶ୍ର ଧାରାବିବରଣୀ ପ୍ରଦାନ କରିଥିଲେ । ରବିବାର ଫାଇନାଲ ମ୍ୟାଚ ଏମଏମସିସି ସମ୍ବଲପୁର ଓ ୟୁନିୟନ ସ୍ପୋର୍ଟିଂ ଝାଡ଼ଖଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇ ଥିବା ବେଳେ ବହୁ ସଂଖ୍ୟାରେ କ୍ରିକେଟ ପ୍ରେମୀ ଯୋଗଦେଇ ଖେଳକୁ ଉପଭୋଗ କରିବା ସହିତ ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ପାଇଁ ନିବେଦନ କରିଛନ୍ତି ।

## ମା ଭଗବତୀ ଆନ୍ତର୍ଜାତୀୟ ଫୁଟବଲ: ମଣିପୁର ବିଜୟୀ

ନିରାକାରପୁର,୨୪।୧ (ସବ୍ୟୁ): ଶୁକ୍ରବାର ଖୋର୍ଦ୍ଧା ଜିଲ୍ଲା ମା ଭଗବତୀ ଫୁଟବଲ ଆସୋସିଏସନ ଛଣଗିରି ଆନୁକୁଲ୍ୟରେ ତୃତୀୟ ବାର୍ଷିକ ଆନ୍ତର୍ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ମ୍ୟାଚ୍ ୟା ଡି ସି ଫୁଟବଲ୍ କ୍ଲବ୍, ମଣିପୁର ଓ ରୁଦ୍ରାକ୍ଷ ଫୁଟବଲ୍ କ୍ଲବ୍ , ରାଜଘାଟ, କଲିକତା ମଧ୍ୟରେ ଅନୁଷ୍ଠିତ ହୋଇଥିଲା।ମଣିପୁର ଓ କଲିକତା ଖେଳର ପ୍ରଥମାର୍ଦ୍ଧରେ ୧-୧ ଗୋଲ କରି ସ୍କୋର ବରାବର କରିଥିଲେ।କିନ୍ତୁ ଦିତୀୟାର୍ଦ୍ଧ ରେ ମଣିପୁର ଆଉ ୨ ଟି ଗୋଲ କରି କଲିକତାକୁ ୩-୧ ଗୋଲରେ ପରାସ୍ତ କରି ବିଜୟ ହୋଇଛି। ଆଜିର ଖେଳକୁ ବିଜୟ କୁମାର ମଙ୍ଗରାଜ, ସରୋଜ କୁମାର ମହାରଣା, ବିପିନ କୁମାର ସାମନ୍ତରାୟ ଓ ଅଭିନାଶ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ। ଅତିଥିଭାବେ ପୂର୍ବତନ ବିଧାୟକ ଦିଲ୍ଲୀପ କୁମାର ଶ୍ରୀଚନ୍ଦନ, ସମାଜସେବୀ ଦେବରାଜ ବାରିସଲ , ସରପଂଚ ପୂର୍ଣ୍ଣିମା ମହାପାତ୍ର ଓ ଶିକ୍ଷକ ନେତା ରମାକାନ୍ତ ମହାପାତ୍ର ଶିକ୍ଷାବିତ୍ କାଳନ୍ଦୀ ଚରଣ ନାୟକ, ଉପଦେଷ୍ଟା ବିରେନ୍ଦ୍ର ଦାସ, ସଭାପତି ମନୋରଞ୍ଜନ,ସଂମ୍ପାଦକ ବିଭୂତି ଭୂଷଣ ଦାଶ ଓ କାର୍ଯ୍ୟକାରୀ ସଭାପତି,ଦୁର୍ଗା ପ୍ରସାଦ ସୁନ୍ଦରାୟ ,ଉପ ସଭାପତି ସେକ ସେରଲି,କୋଷାଧ୍ୟକ୍ଷ ଆନନ୍ଦ ପ୍ରଧାନ, ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ଖେଳକୁ ଉଦଘାଟନ କରିଥିଲେ।


ତୃତୀୟ ଜନ୍ମଦିନର ଶୁଭେଚ୍ଛା



ମୟଙ୍କ କେଶବ ବେହେରା
ବାଳକାଟି (ମହଲା ସାହି), ବାଲିଅନ୍ତା, ଖୋର୍ଦ୍ଧା
ଜନ୍ମଦିନର ଅଭିନନ୍ଦନ ! ଆଜି ଏହି ଶୁଭ ଦିନରେ ଅନେକ ଆନନ୍ଦ ଓ ସୁଖ ମିଳିବା ପାଇଁ ମହାପ୍ରଭୁଙ୍କ ନିକଟରେ କାମନା କରୁଛୁ ।
ଆଶୀର୍ବାଦ ସହ: ପରିବାର ସଦସ୍ୟ ଓ ଆତ୍ମୀୟସ୍ୱଜନ ।


# ଅଲଗା ହେବେ ସେହ୍ୱାଗ-ଆରତୀ !



ନୂଆଦିଲ୍ଲୀ,୨୪।୧ (ଏଜେନ୍ସି): ଟିମ୍ ଇଣ୍ଡିଆର ପୂର୍ବତନ ବିସ୍ଫୋରକ ବ୍ୟାଟର ବ୍ୟକ୍ତିଗତ ଜୀବନ ପାଇଁ ପୁଣି ଚର୍ଚ୍ଚାକୁ ଆସିଛନ୍ତି । ଖେଳ ନୁହେଁ, ବରଂ ୨୦ ବର୍ଷ ପରେ ପତ୍ନୀ ଆରତୀ ଆହାଲୱତଙ୍କ ଠାରୁ ଅଲଗା ହେବା ନେଇ ସୋସିଆଲ ମିଡ଼ିଆ ଓ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି । ଯଦି ଏହା ସମ୍ଭବ ହୁଏ ତେବେ ସେ ହାର୍ଦ୍ଦିକ ପାଣ୍ଡ୍ୟା ଓ ଶିଖର ଧାୱନଙ୍କ ଅଲୋଡା କ୍ଲବ୍‌ରେ ସାମିଲ ହେବେ । ଏବେ ମଧ୍ୟ ଯୁଜଭେନ୍ଦ୍ର ଚହଲଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚା ଲାଗି ରହିଛି । ସେହ୍ୱାଗଙ୍କ ସମ୍ପର୍କିତ ଖବର ହଇଚଇ ସୃଷ୍ଟି କରିଛି । ସୋସିଆଲ ମିଡ଼ିଆରେ ଆରତୀ ଓ ସେହ୍ୱାଗ ପରସ୍ପରକୁ ଅନ୍‌ଫଲୋ କରିବା ଦିନଠୁ ଅଲଗା ହେବା ପ୍ରସଙ୍ଗ ଜୋର ଧରିଛି ।

ହଠାତ କାହିଁକି ସମସ୍ତଙ୍କ ଫୋକସକୁ ଆସିଛନ୍ତି ସେହ୍ୱାଗ । ସୋସିଆଲ ମିଡ଼ିଆରେ ସେହ୍ୱାଗ ଓ ଆରତୀଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଯେଉଁ ବଡ଼ ଦାବି କରାଯାଉଛି, ତାହାର ପ୍ରକୃତ ଘଟଣା ଜାଣିବାକୁ ସମସ୍ତେ ଆଗ୍ରହ ପ୍ରକାଶ କରିଛନ୍ତି । କିନ୍ତୁ ଦୁହେଁ ଏସମ୍ପର୍କରେ କୌଣସି ମତ ଦେଇ ନାହାନ୍ତି ।

ଭାରତ ପାଇଁ ୧୦୪ଟି ଟେଷ୍ଟ ୨୫୧ଟି ଦିନିକିଆ ଖେଳିଥିବା ସେହ୍ୱାଗ ୨୦୦୪ ଡିସେମ୍ବରରେ ଆରତୀଙ୍କୁ ବିବାହ କରିଥିଲେ । ଇତିମଧ୍ୟରେ ଉଭୟଙ୍କ ବିବାହକୁ ୨୦ ବର୍ଷ ବିତି ଗଲାଣି । ୨୦୦୭ରେ ପ୍ରଥମ ପୁଅ ଆର୍ଯ୍ୟବୀର ଏବଂ ୨୦୧୦ରେ ଦ୍ୱିତୀୟ ପୁଅ ବେଦାନ୍ତ ଜନ୍ମ ହୋଇଥିଲେ । ପୁତ୍ର ପତ୍ନୀଙ୍କ ସହ ସେହ୍ୱାଗଙ୍କ ପାରିବାରିକ ସମ୍ପର୍କ ଆଗକୁ ଚାଲିଯାଇଥିଲା । ତେବେ କିଛି ମାସ ହେବେ ସେହ୍ୱାଗ ଓ ଆରତୀଙ୍କ ମଧ୍ୟରେ ସବୁ ଠିକ୍ ଠାକ୍ ଚାଲି ନାହିଁ । କୁହାଯାଉଛି ଯେ, ଦୁହେଁ ଅଲଗା ରହୁଛନ୍ତି । ଖୁବ୍ ଶୀଘ୍ର ଉଭୟଙ୍କ ମଧ୍ୟରେ ବିବାହ ବିଚ୍ଛେଦ ହେବାର ଆଶଙ୍କା ରହିଛି । କିନ୍ତୁ ଏସମ୍ପର୍କରେ ଉଭୟ ଚୁପ୍ ରହିଛନ୍ତି । ସେହ୍ୱାଗ କିଛି ମାସ ହେବ ଆରତୀଙ୍କ ସହ କୌଣସି ଫଟୋ ସୋସିଆଲ ମିଡ଼ିଆରେ ପୋଷ୍ଟ କରୁନାହାନ୍ତି । ତଥାପି ଉଭୟଙ୍କ ଗୋଟିଏ ପୁରୁଣା ଫଟୋ ସେହ୍ୱାଗଙ୍କ ପ୍ରୋଫାଇଲରେ ରହିଛି । ସେହ୍ୱାଗ ଇନ୍‌ଷ୍ଟାଗ୍ରାମ୍‌ରେ ଆରତୀଙ୍କୁ ଅନ୍‌ଫଲୋ କରିଛନ୍ତି । ଆରତୀ ମଧ ସେହ୍ୱାଗଙ୍କୁ ଇନ୍‌ଷ୍ଟାରେ ଅନ୍‌ଫଲୋ କରିଛନ୍ତି । ଏପରି ଖବର ସାମ୍ନାକୁ ଆସିବା ପରେ କ୍ରିକେଟ୍‌ର ଶିଖର ଧାୱନ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିବାହ ବିଚ୍ଛେଦ ଗ୍ରୁପ୍‌ରେ ସେହ୍ୱାଗ ଯୋଡି ହେବାକୁଯାଉଥିବା ଆଶଙ୍କା କରାଯାଉଛି ।

୨୦୧୫ରେ ସେହ୍ୱାଗ କ୍ରିକେଟ୍‌ରୁ ଅବସର ନେଇଥିଲେ । ଏବେ ସେ ଭାଷ୍ୟକାର ଭୂମିକା ତୁଲାଉଛନ୍ତି । ତାଙ୍କର ବିଭିନ୍ନ ସ୍ପୋର୍ଟ୍ସ ଟ୍ରେନିଂ ସେଣ୍ଟର ରହିଛି । ପତ୍ନୀ ଆରତୀଙ୍କ ସମ୍ପର୍କରେ ଅନେକ ଜାଣି ନଥିବେ । ସେହ୍ୱାଗଙ୍କ ପତ୍ନୀ ଆରତୀ ୧୯୮୦ ଡିସେମ୍ବର ୬ରେ ନୂଆଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ଶିକ୍ଷାଗତ ଯୋଗ୍ୟତା ଢ଼େର ଅଧିକ । ତାଙ୍କ ବାପା ସୁରୋଜ ସିଂ ଜଣେ ଓକିଲ । ଭାରତୀୟ ବିଦ୍ୟାଭବନରେ ଆରତୀଙ୍କ ସ୍କୁଲ ଶିକ୍ଷା ଶେଷ ହୋଇଥିଲା । ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ କମ୍ପ୍ୟୁଟର ସାଇନ୍ସରେ ସେ ଡିପ୍ଲୋମା ହାସଲ କରିଥିବା ଜଣେ ବ୍ୟବସାୟିକ ମହିଳା ଭାବେ ବେଶ ପରିଚିତ । ସେ ୪ଟି କମ୍ପାନୀରେ ନିର୍ଦ୍ଦେଶିକା ଅଛନ୍ତି । ୨୦୧୯ରେ ଆରତୀଙ୍କ ବ୍ୟବସାୟିକ ପାର୍ଟନର ନକଲି ଦସ୍ତଗତ ଜରିଆରେ ତାଙ୍କ ନାଁରେ ୪.୫ କୋଟି ଟଙ୍କା ଋଣ ଉଠାଇଥିଲେ । ଆଇନ୍‌ର ଆଶ୍ରୟ ନେବା ସହ ପାର୍ଟନରଙ୍କ ବିରୋଧରେ ଅଭିଯୋଗ ଦାଖଲ କରିଥିଲେ । ଏବେ ବି ଆରତୀ କମ୍ପାନୀ ଚଳାଉଛନ୍ତି ।

ସେହ୍ୱାଗ ଓ ଆରତୀଙ୍କ ମଧ୍ୟରେ ବାହାଘରରେ ଭେଟ ହୋଇଥିଲା । ଏ ସମୟରେ ସେହ୍ୱାଗଙ୍କୁ ପରେ ସେ ଆରତୀଙ୍କୁ ପ୍ରେମ ନିବେଦନ କରିଥିଲେ । ତେବେ ଆରତୀ ପ୍ରେମ ନିବେଦନ ଗ୍ରହଣ କରିଥିଲେ ହେଁ ପ୍ରାଥମିକ ପର୍ଯ୍ୟାୟରେ ଉଭୟଙ୍କ ଘର ଲୋକ ଏଥିରେ ରାଜି ହୋଇନଥିଲେ । ସମୟକ୍ରମେ ଉଭୟ ପରିବାର ରାଜି ହେବାରୁ ୨୦୦୪ରେ ବିବାହ ସମ୍ପନ୍ନ ହୋଇଥିଲା । ଦିବଗଂତ ଅର୍ଥମନ୍ତ୍ରୀଙ୍କ ବାସଭବନରେ ସେହ୍ୱାଗଙ୍କ ବିବାହ ସମ୍ପନ୍ନ ହୋଇଥିଲା ।


ସୂଚନା

ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି। **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି